


ଆଜିର 'ସକାଳ' ସହ 'ସିନ୍ଦୂରା' ପଢ଼ନ୍ତୁ

- RNI REGD NO: 42041/83
- www.sakalaepaper.com
- /sakalanews
- /sakalanews
- www.thesakala.in

# ସକାଳ
THE SAKALA

PRINTED AT BHUBANESWAR ■ JEYPORE ■ SAMBALPUR ■ PANIKOILI

◆VOLUME- 44 ◆ISSUE-04 ◆SUNDAY ◆28 JUNE 2026 ◆PAGE-12+4 ◆₹ 7.00 | BHUBANESWAR | ◆ବର୍ଷ-୪୪ ◆ସଂଖ୍ୟା-୦୪ ◆ରବିବାର ◆୨୮ ଜୁନ୍ ୨୦୨୬ ◆ପୃଷ୍ଠା-୧୨+୪ (ସିନ୍ଦୂରା) ◆ଟ.୭.୦୦


## ଶିମିଳିପାଳର ଶୋଭା ବଢ଼ାଇଲା ଜିନତ୍

**୪ ଶାବକଙ୍କ ସହ ବୁଲୁଛି ମା'**



■ ବାରିପଦା, ୨୭।୬ (ସମିସ): ଶିମିଳିପାଳ ବ୍ୟାଘ୍ର ଅଭୟାରଣ୍ୟରେ ବାଘୁଣୀ ଜିନତ ଓ ତା'ର ୪ଟି ଶାବକ ଏକାଠି ନିର୍ଭୟରେ ବୁଲୁଥିବା ଦେଖିବାକୁ ମିଳିଛି। ଶନିବାର ଦିନ ବନବିଭାଗ ଅଧିକାରୀ ଏହି ବିଷୟରେ ସୂଚନା ପ୍ରଦାନ କରିଛନ୍ତି। ସାମାଜିକ ଗଣମାଧ୍ୟମ 'ଏକ୍ସ'ରେ ଏକ ପୋଷ୍ଟ ମାଧ୍ୟମରେ ଶିମିଳିପାଳ ବ୍ୟାଘ୍ର ଅଭୟାରଣ୍ୟ କର୍ତ୍ତୃପକ୍ଷ ଏହି ଖବରକୁ ନିଶ୍ଚିତ କରିଛନ୍ତି। ବିଭାଗୀୟଅଧିକାରୀଙ୍କ ସୂଚନାନୁସାରେ, ଏହି ଶାବକଙ୍କ ବୟସ ୨ ମାସରୁ କମ୍ ହେବ ଓ ସେମାନେ ନିଜର ପ୍ରାରମ୍ଭିକ ବିକାଶ ପର୍ଯ୍ୟାୟର ଅଂଶସ୍ୱରୂପ ମା' ସହିତ ଜଙ୍ଗଲରେ ବୁଲିବା ଆରମ୍ଭ କରିଛନ୍ତି। ବାଘୁଣୀ ଓ ତା'ର ଶାବକଙ୍କ ଗତିବିଧି ଉପରେ ତୀକ୍ଷ୍ଣ ନଜର ରଖିବା ପାଇଁ ବନ୍ୟପ୍ରାଣୀ କର୍ତ୍ତୃପକ୍ଷ ଅଭୟାରଣ୍ୟ ▶ପୃଷ୍ଠା-୭

**ଉତ୍ତରାଖଣ୍ଡରେ ବାଦଲଫଟା ବର୍ଷା**

## ପୋତି ହୋଇଗଲା ଘରଦ୍ୱାର

■ ନୂଆଦିଲ୍ଲୀ, ୨୭।୬ (ଏଜେନ୍ସି): ଉତ୍ତରାଖଣ୍ଡର ଚାମୋଲି ଜିଲ୍ଲାରେ ଭୟଙ୍କର ବାଦଲଫଟା ବର୍ଷା ଯୋଗୁଁ ବ୍ୟାପକ କ୍ଷୟକ୍ଷତି ଘଟିଛି। ପାହାଡ଼ରୁ ଖସିଥିବା ପଥର ଓ ମାଟି ଅତଡ଼ା ଅନେକ ଘର, ଦୋକାନ ବଜାରକୁ ପୋତି ପକାଇବା ସହ ଅନେକ ଗାଡ଼ିମୋଟର ମଧ୍ୟ ଏହି ଆବର୍ଜନା ମଧ୍ୟରେ ଫସି ରହିଛି। ଅପରପକ୍ଷରେ, ଦେଶର ବିଭିନ୍ନ ସ୍ଥାନରେ ବର୍ଷା ଓ ବଜ୍ରପାତ ଯୋଗୁଁ ୧୮ ଜଣଙ୍କର ମୃତ୍ୟୁ ଘଟିଛି। ମଧ୍ୟପ୍ରଦେଶର ବାଲାଘାଟରେ ବଜ୍ରପାତ ଯୋଗୁଁ ୪ ଜଣ ଏବଂ ଦେବାସରେ ପ୍ରବଳ ବର୍ଷା ଯୋଗୁଁ ଘରର ବାଲକୋନି ଭୁଶୁଡ଼ି ୨ ଜଣ ମହିଳାଙ୍କର ମୃତ୍ୟୁ ହୋଇଛି। ଏହାଛଡ଼ା ବଜ୍ରପାତ ଯୋଗୁଁ ଝାଡ଼ଖଣ୍ଡରେ ୧୦ ଜଣ ଏବଂ ଛତିଶଗଡ଼ରେ ୨ ଜଣ ପ୍ରାଣ ହରାଇଛନ୍ତି। ଇତିମଧ୍ୟରେ ଦେଶର ୨୨ଟି ରାଜ୍ୟକୁ ମୌସୁମୀ ବାୟୁ ଅଗ୍ରସର ହୋଇସାରିଥିବା ବେଳେ ଆସନ୍ତା ▶ପୃଷ୍ଠା-୭



**ବର୍ଷା ଓ ବଜ୍ରପାତରେ ୧୮ ମୃତ**

**୨୨ ରାଜ୍ୟକୁ ଛୁଇଁଲା ମୌସୁମୀ**

**ବର୍ଷା ସତ୍ତ୍ୱେ ଉତ୍ତର ଭାରତରେ ୪୦ ଉପରେ ତାତି**

## କାକୁଡ଼ି ଚାଷ ପାଇଁ କେନ୍ଦ୍ରମନ୍ତ୍ରୀ ନେଇଛନ୍ତି ୯୯ ଲକ୍ଷର ସବ୍‌ସିଡି



■ ନୂଆଦିଲ୍ଲୀ, ୨୭।୬ (ଏଜେନ୍ସି): କେନ୍ଦ୍ର କୃଷି ଓ କୃଷକ କଲ୍ୟାଣ ବିଭାଗ ରାଜ୍ୟମନ୍ତ୍ରୀ ଭାଗୀରଥ ଚୌଧୁରୀ ନିଜ ମନ୍ତ୍ରାଳୟରୁ ପ୍ରାୟ ୯୯.୬ ଲକ୍ଷ ଟଙ୍କାର ସରକାରୀ ସବସିଡି (ରିହାତି) ନେବାକୁ କେନ୍ଦ୍ର କରି ଏକ ବଡ଼ ବିବାଦ ମୁଣ୍ଡଟେକିଛି। ରାଜସ୍ଥାନର ଆଜମେର୍ ଆସନରୁ ସାଂସଦ ଥିବା ଚୌଧୁରୀଙ୍କୁ ନେଇ ଗଣମାଧ୍ୟମ ।।ରେ ପ୍ରକାଶ ପାଇଛି ଯେ, କାକୁଡ଼ି ଚାଷକୁ ପ୍ରୋତ୍ସାହନ ଦେବା ପାଇଁ ତାଙ୍କୁ ଏହି ଅର୍ଥ ମିଳିଛି। ଆଶ୍ଚର୍ଯ୍ୟର କଥା ହେଉଛି, ଯେଉଁ ବୋର୍ଡ ଏହି ସବସିଡି ମଞ୍ଜୁର କରିଛି, ମନ୍ତ୍ରୀ ଚୌଧୁରୀ ନିଜେ ସେହି ବୋର୍ଡର ଉପ-ସଭାପତି ଅଛନ୍ତି। ଏହି ଘଟଣାକୁ ନେଇ କଂଗ୍ରେସ ଏବଂ ଅନ୍ୟ ବିରୋଧୀ ଦଳଗୁଡ଼ିକ ବିଜେପିକୁ ଘେରିଛନ୍ତି ଏବଂ ଏହାକୁ ସ୍ୱାର୍ଥ ସଂଘର୍ଷ (କନ୍‌ଫ୍ଲିକ୍ଟ୍ ଅଫ୍ ଇଣ୍ଟରେଷ୍ଟ) ଓ ଭ୍ରଷ୍ଟାଚାରର ଏକ ନୂଆ ମଡେଲ ବୋଲି ଆଖ୍ୟା ଦେଇଛନ୍ତି। କଂଗ୍ରେସ ନେତା ପବନ ଖେଡ଼ା ଏବଂ ରାଜସ୍ଥାନର ପୂର୍ବତନ ମୁଖ୍ୟମନ୍ତ୍ରୀ ଅଶୋକ ଗେହଲଟ୍ ଏହାକୁ ସରକାରୀ ପାଣ୍ଠିର ଖୋଲା ଲୁଟ୍ ବୋଲି ▶ପୃଷ୍ଠା-୭

## ୨୦ ରାଜ୍ୟରେ ପୁଞ୍ଜି ବ୍ୟୟ ମନ୍ଥର

# ୨ ମାସରେ ଖର୍ଚ୍ଚ ମାତ୍ର ୫.୮୬%

■ ନୂଆଦିଲ୍ଲୀ, ୨୭।୬ (ଏଜେନ୍ସି): ଚଳିତ ଆର୍ଥିକ ବର୍ଷର ପ୍ରଥମ ଦୁଇ ମାସରେ ପୁଞ୍ଜି ବ୍ୟୟରେ ଝୁଣ୍ଟିଲେଣି ରାଜ୍ୟ। ଏପ୍ରିଲ ଏବଂ ମେ' ମାସରେ ଦେଶର ୨୦ଟି ରାଜ୍ୟରେ ପୁଞ୍ଜି ବ୍ୟୟ ଆନୁପାତିକ ଭାବରେ ହ୍ରାସ ପାଇଛି। କମ୍ପ୍ଟ୍ରୋଲର ଆଣ୍ଡ ଅଡିଟର ଜେନେରାଲ ଅଫ୍ ଇଣ୍ଡିଆ ବା ମହାଲେଖା ନିୟନ୍ତ୍ରକ ତଥା ମହା ସମୀକ୍ଷକ (ସିଏଜି)ଙ୍କ ପକ୍ଷରୁ ପ୍ରକାଶିତ ମାସିକ ହିସାବର ବିଶ୍ଳେଷଣ ଅନୁଯାୟୀ, ଏହି ରାଜ୍ୟଗୁଡ଼ିକ ମୋଟ ୧୦ ଲକ୍ଷ କୋଟି ଟଙ୍କାର ବଜେଟ ଆବଣ୍ଟ ମଧ୍ୟରୁ ୫୮,୬୩୬ କୋଟି ଟଙ୍କା ଅର୍ଥାତ ୫.୮୬ ପ୍ରତିଶତ ଅର୍ଥ ବ୍ୟବହାର କରିଛନ୍ତି। ହେଲେ ଗତ ବର୍ଷ ସମାନ ସମୟରେ ରାଜ୍ୟଗୁଡ଼ିକ ସେମାନଙ୍କର ପୁଞ୍ଜି ବ୍ୟୟର ୬.୨୧ ପ୍ରତିଶତ ଖର୍ଚ୍ଚ କରିଥିଲେ। ଏହି ୨୦ ରାଜ୍ୟରେ ପୁଞ୍ଜି ବ୍ୟୟ ୨୦୨୫-୨୬ରେ ୯.୨୯ ଲକ୍ଷ କୋଟି ଟଙ୍କାରୁ ୧୦ ଲକ୍ଷ କୋଟି ଟଙ୍କାକୁ ବୃଦ୍ଧି ପାଇଥିଲେ ସୁଦ୍ଧା ପ୍ରକୃତ ଖର୍ଚ୍ଚ ପ୍ରାୟ ୧.୭ ପ୍ରତିଶତ ବୃଦ୍ଧି ପାଇଛି। ଓଡ଼ିଶା ମଧ୍ୟ ବଜେଟ୍ ଅର୍ଥ ବ୍ୟୟ କ୍ଷେତ୍ରରେ ବହୁ ପଛରେ ପଡିଛି। ୨୦୨୫-୨୬ ଆର୍ଥିକବର୍ଷରେ ଓଡ଼ିଶା ସରକାରଙ୍କ ପୁଞ୍ଜି ବ୍ୟୟ ବୃଦ୍ଧି

**୨୦୨୫-୨୬ରେ ପୁଞ୍ଜି ବ୍ୟୟରେ ବହୁ ପଛରେ ଓଡ଼ିଶା**

**ଏପ୍ରିଲରେ ବ୍ୟୟ ନକାରାତ୍ମକ**

**ମେ'ରେ ଖର୍ଚ୍ଚ ୨,୪୨୫ କୋଟି**

ସାମଗ୍ରିକ ଖର୍ଚ୍ଚ ତୁଳନାରେ ଢ଼େର ପଛରେ ପଡ଼ିଛି। ମାର୍ଚ୍ଚ ଶେଷ ସୁଦ୍ଧା ରାଜ୍ୟ ଏହାର ବଜେଟ୍ ଆକଳନ (ବିଇ)ର ମାତ୍ର ୬୫.୮୮% ଅର୍ଥ ଖର୍ଚ୍ଚ କରିପାରିଛି। ଚଳିତ ଆର୍ଥିକବର୍ଷର ଏପ୍ରିଲ ମାସରେ ଓଡ଼ିଶାର ବ୍ୟୟ ନକାରାତ୍ମକ ରହିଥିବାବେଳେ ମେ' ମାସରେ ଏଥିରେ କିଚିଟା ସୁଧାର ଆସିଛି। ମେ' ମାସରେ ଓଡ଼ିଶା ପ୍ରାୟ ୨,୪୨୫ କୋଟି ଟଙ୍କାର ପୁଞ୍ଜି ବ୍ୟୟ ଦର୍ଶାଇଛି।

ଚଳିତ ଆର୍ଥିକ ବର୍ଷର ଦ୍ୱିତୀୟ ମାସ ଅର୍ଥାତ୍ ମେ'ରେ ରାଜ୍ୟଗୁଡ଼ିକ ସାମୂହିକ ଭାବରେ ପ୍ରାୟ ୩୯୨୬୭ କୋଟି ଟଙ୍କାର ପୁଞ୍ଜି ବ୍ୟୟ କରିଛନ୍ତି, ଯାହା ଗତ ବର୍ଷ ମେ ମାସରେ ହୋଇଥିବା ଖର୍ଚ୍ଚର ପ୍ରାୟ ୩୫୮୬୪ କୋଟି ଟଙ୍କା ତୁଳନାରେ ପ୍ରାୟ ୯.୫% ଅଧିକ। ଏପ୍ରିଲରେ ପୁଞ୍ଜି ବ୍ୟୟରେ ମନ୍ଥର ଗତି ପରେ ମେ' ମାସରେ ରାଜ୍ୟଗୁଡିକ ସାମୂହିକ ଭାବରେ ଖର୍ଚ୍ଚରେ କିଛିଟା ସୁଧାର ଆଣିଛନ୍ତି। ୨୦୨୬-୨୭ର ପ୍ରଥମ ଦୁଇ ମାସରେ କେରଳ ଏହାର ପୁଞ୍ଜି ଖର୍ଚ୍ଚର ୨୯.୩୫% ବ୍ୟବହାର କରି ରାଜ୍ୟଗୁଡିକ ମଧ୍ୟରେ ଶୀର୍ଷରେ ରହିଛି। ହରିୟାଣା ୨୨.୪୬% , ଆନ୍ଧ୍ର ପ୍ରଦେଶ (୧୧.୩୮%) ଏବଂ ହିମାଚଳ ପ୍ରଦେଶ (୧୦.୨୫ %) ଭଳି ରାଜ୍ୟର ପୁଞ୍ଜି ବ୍ୟବହାର ହାର ୧୦ ପ୍ରତିଶତ ଉପରେ ରହିଥିଲା। ▶ପୃଷ୍ଠା-୭

## ଶାନ୍ତି ପ୍ରୟାସରେ ବାଧା

## ପୁଣି ଆମେରିକା-ଇରାନ ମୁହାଁମୁହିଁ



**ଇରାନର କ୍ଷେପଣାସ୍ତ୍ର ଓ ଡ୍ରୋନ୍ ଘାଟି ଉପରେ ବୋମା ବର୍ଷଣ**

**ଆମେରିକା ଘାଟି ଉପରେ ଇରାନର ପାଲଟା ଆକ୍ରମଣ**

■ ୱାସିଂଟନ, ୨୭।୬ (ଏଜେନ୍ସି): ଶାନ୍ତି ବୁଝାମଣା ସତ୍ତ୍ୱେ ଆମେରିକା ଏବଂ ଇରାନ ମଧ୍ୟରେ ପୁଣି ତିକ୍ତତା ଦେଖାଦେଇଛି। ଜୁନ୍ ୨୫ ତାରିଖରେ ହର୍ମୁଜ ପ୍ରଣାଳୀରେ ସିଙ୍ଗାପୁରର ଏକ ମାଲବାହୀ ଜାହାଜ ଉପରେ ହୋଇଥିବା ଡ୍ରୋନ୍ ଆକ୍ରମଣର ଜବାବରେ ଆମେରିକା ଶୁକ୍ରବାର ଦିନ ଇରାନର ସାମରିକ ଘାଟିଗୁଡ଼ିକ ଉପରେ ଜୋରଦାର ଆକ୍ରମଣ କରିଛି। ଆମେରିକାର ଏହି ବୋମାବର୍ଷା ପରେ ଇରାନର 'ଇସଲାମିକ ବିପ୍ଳବୀ ସୁରକ୍ଷା ବାହିନୀ' ମଧ୍ୟ ପ୍ରତିଆକ୍ରମଣ କରି ଏହି ଅଞ୍ଚଳରେ ଥିବା ଆମେରିକୀୟ ସେନା ଛାଉଣୀକୁ ଟାର୍ଗେଟ କରିଛି, ଯାହାଫଳରେ ସମଗ୍ର ପଶ୍ଚିମ ଏସିଆରେ ପୁଣି ଯୁଦ୍ଧର କଳାବାଦଲ ଦେଖାଦେଇଛି।

ଟ୍ରମ୍ପ ଧମକ ଦେବାର କିଛି ସମୟ ପରେ ଆମେରିକାର କେନ୍ଦ୍ରୀୟ ସାମରିକ କମାଣ୍ଡ ପକ୍ଷରୁ ଇରାନ ଭିତରେ ଥିବା କ୍ଷେପଣାସ୍ତ୍ର, ଡ୍ରୋନ ସଂରକ୍ଷଣ ଗୃହ ଏବଂ ▶ପୃଷ୍ଠା-୭

**ଡାକ୍ତରୀ ଛାତ୍ରୀ ଚନ୍ଦ୍ରିକା ମୃତ୍ୟୁ ଘଟଣା**

## ଓଟିଏଏସ୍ ଅଧିକାରୀ ଭୀମସେନ ଟୁଡୁ ବହିଷ୍କୃତ



**ଟ୍ରେନିଙ୍ଗ୍ ସମୟରେ ଗିରଫ ହୋଇଥିଲେ**

■ ଭୁବନେଶ୍ୱର, ୨୭।୬ (ସମିସ): ବହୁ ଚର୍ଚ୍ଚିତ ଡାକ୍ତରୀ ଛାତ୍ରୀ ଚନ୍ଦ୍ରିକା ହେମ୍ବ୍ରମ୍ ମୃତ୍ୟୁ ମାମଲାରେ ରାଜ୍ୟ ସରକାର ବଡ଼ କାର୍ଯ୍ୟାନୁଷ୍ଠାନ ନେଇଛନ୍ତି। ନୂଆ କରି ନିଯୁକ୍ତି ପାଇଥିବା ଓଟି ଆଣ୍ଡ ଏଏସ୍ ଅଧିକାରୀ ଭୀମସେନ ଟୁଡୁଙ୍କୁ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ତାଙ୍କୁ ସରକାରୀ ସେବାରୁ ବହିଷ୍କାର କରିଛନ୍ତି। ଭବିଷ୍ୟତରେ ମଧ୍ୟ ଶ୍ରୀ ଟୁଡୁ ଆଉ କୌଣସି ସରକାରୀ ଚାକିରି ପାଇବା ପାଇଁ ଯୋଗ୍ୟ ବିବେଚିତ ହୋଇପାରିବେ ନାହିଁ।

ନୂଆ କରି ଓଟିଏଏସ୍ ପାଇଥିବା ଶ୍ରୀ ଟୁଡୁ ତାଙ୍କ ଇଣ୍ଡକ୍ସନ୍ ଟ୍ରେନିଙ୍ଗ୍ ସମୟରେ ୨୦୨୬ ଜୁନ୍ ୪ ତାରିଖଠାରୁ ଅନୁପସ୍ଥିତ ଥିଲେ। ମଧୁସୂଦନ ଦାସ ରିଜିଓନାଲ୍ ଏକାଡେମୀ ଅଫ୍ ଫାଇନାନ୍ସିଆଲ୍ ମ୍ୟାନେଜମେଣ୍ଟ ରେ ତାଙ୍କ ଶେଷ ପରୀକ୍ଷାରେ ମଧ୍ୟ ଯୋଗ ଦେଇନଥିଲେ। ସେହି ସମୟରେ ସେ ଏକ ମୃତ୍ୟୁ ମାମଲାରେ ବାରଙ୍ଗ ପୁଲିସ ଦ୍ୱାରା ଗିରଫ ହୋଇଥିଲେ ଏବଂ ▶ପୃଷ୍ଠା-୭

## ଏକତରଫା ପ୍ରେମର ଭୟଙ୍କର ପରିଣତି

## ପେଟ୍ରୋଲ ଢାଳି ଯୁବତୀଙ୍କୁ ଜାଳିଦେଲା ପ୍ରେମ ପାଗଳ

■ ରାଉରକେଲା, ୨୭।୬ (ସମିସ): ଏକତରଫା ପ୍ରେମର ଭୟଙ୍କର ପରିଣତି ଦେଖିବାକୁ ମିଳିଛି ସୁନ୍ଦରଗଡ଼ ଜିଲ୍ଲା ବିଶ୍ରା ବ୍ଲକ ଅନ୍ତର୍ଗତ ସନ୍ତୋଷପୁର ଗାଁରେ। ବିଫଳ ପ୍ରେମିକ ଭଲ ପାଉଥିବା ଯୁବତୀଙ୍କୁ ଶୋଇଥିବା ଅବସ୍ଥାରେ ପେଟ୍ରୋଲ ଢାଳି ନିଆଁ ଲଗାଇ ଜାଳି ଦେଇଛି। ଏହି ଚାଞ୍ଚଲ୍ୟକର ଘଟଣା ଘଟିଛି ଶୁକ୍ରବାର ବିଳମ୍ବିତ ରାତିରେ। ଯୁବତୀଙ୍କ ଶରୀରର ୮୦ ପ୍ରତିଶତ ପୋଡ଼ି ଯାଇଥିବା ବେଳେ ରାଉରକେଲାର ଏକ ଘରୋଇ ହସ୍ପିଟାଲରେ ସେ ଏବେ ଜୀବନ ମରଣ ସହ ସଂଘର୍ଷ କରୁଛନ୍ତି। ଝିଅ ବାପାଙ୍କ ଏତଲା ପରେ ବିଶ୍ରା ପୁଲିସ ଏକ ହତ୍ୟା ଉଦ୍ୟମ ମାମଲା ରୁଜୁ କରି ତଦନ୍ତ ଚଳାଇଛି।

**୮୦ ପ୍ରତିଶତ ପୋଡ଼ି ଯାଇଛନ୍ତି ଯୁବତୀ**

**ଘରର ସମସ୍ତ ଆସବାବପତ୍ର ପୋଡ଼ି ପାଉଁଶ**

ପାଗଳ ପ୍ରେମିକ ଘଟଣା ପରେ ଫେରାର ହୋଇଯାଇଛି।

ସୂଚନା ମୁତାବକ, ରାଉରକେଲା ପୁଲିସ ଜିଲ୍ଲା ବିଶ୍ରା ଥାନା ଅନ୍ତର୍ଗତ ସନ୍ତୋଷପୁର ଗ୍ରାମର ଯୁବତୀ ଗ୍ରାଜୁଏସନ ପରେ ବିଶ୍ରା ବ୍ଲକର ଆଧାର କେନ୍ଦ୍ରରେ କାମ କରୁଥିଲେ। ତାଙ୍କ ପଡ଼ୋଶରେ ରହୁଥିବା ସମ୍ପର୍କୀୟ ଭାଇ ରଜତ କିରୋ ଯୁବତୀଙ୍କୁ ଏକତରଫା ପ୍ରେମ କରୁଥିବା ବେଳେ ▶ପୃଷ୍ଠା-୭

**ପିଲାଙ୍କ ପଢ଼ା ବହିରେ ତ୍ରୁଟି**

# ୩୮୦ କୋଟି ସ୍ୱାହା

**ଏସ୍‌ସିଇଆର୍‌ଟି ନିର୍ଦ୍ଦେଶକ ମନୋଜ ପାଢ଼ୀଙ୍କ ନାମରେ ୧୫ ବିଧାୟକ କରିଥିଲେ ଅଭିଯୋଗ**

**ସବୁ ଜାଣି ଦେଢ଼ ବର୍ଷ ହେଲା ନିରବ ଥିଲେ ସରକାର**

■ ଭୁବନେଶ୍ୱର, ୨୭।୬ (ସମିସ): ପିଲାଙ୍କ ପଢ଼ା ବହିରେ ମାଳମାଳ ତ୍ରୁଟି ଘଟଣାରେ ପୂର୍ବତନ ଏସ୍‌ସିଇଆର୍‌ଟି ନିର୍ଦ୍ଦେଶକ ମନୋଜ ପାଢ଼ୀଙ୍କ ସମେତ ମୋଟ୍ ୪ ଜଣ ନିଲମ୍ବିତ ହେବା ପରେ ବିବାଦ ଥମିବା ବଦଳରେ ଆହୁରି ବଢ଼ିଛି। ଶ୍ରୀ ପାଢ଼ୀଙ୍କ ବିରୋଧରେ ୧୫ ଜଣ ବିଧାୟକ ମୁଖ୍ୟମନ୍ତ୍ରୀଙ୍କ ନିକଟରେ ଅଭିଯୋଗ କରିଥିଲେ ମଧ୍ୟ ସରକାର କୌଣସି ତତ୍କାଳ କାର୍ଯ୍ୟାନୁଷ୍ଠାନ ନେଇ ନଥିଲେ। ସମ୍ପ୍ରତି ପୁସ୍ତକ ବିଭ୍ରାଟର ମୁଖ୍ୟ ନାୟକ ବୋଲି କୁହାଯାଉଥିବା ଶ୍ରୀ ପାଢ଼ୀଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇ ନଥିବାରୁ ପୁସ୍ତକ ପ୍ରସ୍ତୁତି କାର୍ଯ୍ୟ ବାଧାପ୍ରାପ୍ତ ହୋଇଥିଲା। ଯାହାର ପ୍ରତିଫଳନ ଦୁଇବର୍ଷ ପରେ ହେବା ସହ ପ୍ରାୟ ୫୭ ଲକ୍ଷ ଛାତ୍ରଛାତ୍ରୀଙ୍କ ଶୈକ୍ଷିକ ଜୀବନ ବାଜିରେ ଲାଗିଥିବା ଅଭିଯୋଗ ହୋଇଛି। ଅପରପକ୍ଷରେ ସରକାର କାହିଁକି ସେହି ସମୟରେ ନିରବ ରହିଥିଲେ, ତାହା ମଧ୍ୟ ସବୁଠାରୁ ବଡ଼ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି।

**୫୭ ଲକ୍ଷ ପିଲାଙ୍କ ଭବିଷ୍ୟତ ସହ ଖେଳ**

ସୂଚନା ଅନୁଯାୟୀ, ଗତ ୨୦୨୪ ଡିସେମ୍ବର ୯ ତାରିଖରେ ୧୫ ଜଣ ବିଧାୟକ ଶ୍ରୀ ପାଢ଼ୀଙ୍କ ବିରୋଧରେ ମୁଖ୍ୟମନ୍ତ୍ରୀଙ୍କୁ ଅଭିଯୋଗ କରିଥିଲେ। ଅଭିଯୋଗରେ ସେମାନେ ଦର୍ଶାଇଥିଲେ ଯେ, ▶ପୃଷ୍ଠା-୭

## ଶିକ୍ଷାବିତ୍‌ଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ କେବେ?

■ ଭୁବନେଶ୍ୱର, ୨୭।୬ (ସମିସ): ପିଲାଙ୍କ ପଢ଼ା ବହିରେ ମାଳମାଳ ତ୍ରୁଟି ଘଟଣାରେ ପୂର୍ବତନ ଏସ୍‌ସିଇଆର୍‌ଟି ନିର୍ଦ୍ଦେଶକ ମନୋଜ ପାଢ଼ୀଙ୍କ ସମେତ ମୋଟ୍ ୪ ଜଣଙ୍କୁ ନିଲମ୍ବନ କରିଛନ୍ତି ସରକାର। ଏହାସହ ୬ ଜଣ ସହକାରୀ ନିର୍ଦ୍ଦେଶକଙ୍କ ଉପରେ ମଧ୍ୟ ଶୃଙ୍ଖଳାଗତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇଛି। ମାତ୍ର ବହି ଲେଖିଥିବା ଶିକ୍ଷାବିତ୍ ଏବଂ ସମୀକ୍ଷକଙ୍କ ଉପରେ କୌଣସି କାର୍ଯ୍ୟାନୁଷ୍ଠାନ ନ ହେବା ସମସ୍ତଙ୍କୁ ଆଶ୍ଚର୍ଯ୍ୟ କରିଛି। ପରିଚାଳନାରେ ଥିବା ଅଧିକାରୀଙ୍କ ଉପରେ କାର୍ଯ୍ୟାନୁଷ୍ଠାନ ହୋଇଥିବା ବେଳେ ବହି ଲେଖିଥିବା ଓ ସମୀକ୍ଷା କରିଥିବା ପଣ୍ଡିତ (!) ଙ୍କୁ ସରକାର କାହିଁକି ▶ପୃଷ୍ଠା-୭

## ବିକଳ୍ପ ଇନ୍ଧନ ଆଣିବ ଜଳ ସଙ୍କଟ

**୧ ଲିଟର ଇଥାନଲ୍ ପାଇଁ ଆବଶ୍ୟକ ୧୦ ହଜାର ଲିଟର ପାଣି**

■ ନୂଆଦିଲ୍ଲୀ, ୨୭।୬ (ଏଜେନ୍ସି): ଇଥାନଲ୍ ଇନ୍ଧନ ପାଇଁ କେନ୍ଦ୍ର ସରକାର ଜୋରଦାର ପ୍ରୟାସ ଚଳାଇଛନ୍ତି। ହେଲେ ସ୍ୱଚ୍ଛ ଶକ୍ତିର ସମାଧାନ କୁହାଯାଉଥିବା ଏହି ବିକଳ୍ପ ଇନ୍ଧନ ଦେଶରେ ଏକ ଭୟଙ୍କର ଜଳ ସଙ୍କଟ ସୃଷ୍ଟି କରିବ। ଏହି ସମସ୍ୟାର ମୂଳରେ ଏପରି କିଛି ଫସଲ ରହିଛି, ଯାହା ଭାରତରେ ଚାଷ ହେଉଥିବା ପ୍ରାୟ ଅନ୍ୟ ଯେକୌଣସି ଫସଲ ଅପେକ୍ଷା ଅଧିକ ପାଣି ବ୍ୟବହାର କରିଥାଏ। ଯେପରିକି ମକା, ଆଖୁ ଏବଂ ଧାନ। ଜଳବାୟୁ ପରିବର୍ତ୍ତନ ଉପରେ ଗଠିତ ଆନ୍ତଃସରକାରୀ କମିଟିର ଅଞ୍ଚଲ ପ୍ରକାଶ କହିଛନ୍ତି, ତେଲରେ ଇଥାନଲ୍ ମିଶ୍ରଣ ଭାରତର ଜଳ ସଙ୍କଟକୁ ଆହୁରି ଖରାପ କରିପାରେ। ଏହାର ମୁଖ୍ୟ କାରଣ ଇଥାନଲ୍ ନିମନ୍ତେ ଆବଶ୍ୟକ ହେଉଥିବା ଅଧିକାଂଶ କଞ୍ଚାମାଲ ଆଖୁ ଏବଂ ଦ୍ରୁତ ବଢ଼ୁଥିବା ମକାରୁ ହୋଇଥାଏ। ଏହି ଦୁଇ ଫସଲ ଚାଷ ଏବଂ ପ୍ରକ୍ରିୟାକରଣ ପାଇଁ



ଅତ୍ୟନ୍ତ ଜଳ-ନିର୍ଭରଶୀଳ।

ଆମଦାନୀ ହେଉଥିବା ଅଶୋଧିତ ତେଲ ଉପରେ ଭାରତର ନିର୍ଭରଶୀଳତା ହ୍ରାସ କରିବା ପାଇଁ ପେଟ୍ରୋଲରେ ଇଥାନଲ୍ ନାମକ ଏକ ଉଦ୍ଭିଦ-ଆଧାରିତ ଆଲକୋହଲର ମିଶ୍ରଣ କରାଯାଉଛି। ଦେଶ ଏହି କାର୍ଯ୍ୟକ୍ରମରେ ଦ୍ରୁତ ଗତିରେ ଆଗକୁ ବଢ଼ୁଛି। ଚାଉଳ ଏହାର ଏକ ପ୍ରମୁଖ କଞ୍ଚାମାଲ ପାଲଟିଛି। ସରକାର ୨୦୨୪-୨୫ ରେ ଇଥାନଲ୍ ଉତ୍ପାଦନ ପାଇଁ ୫.୨ ନିୟୁତ ଟନ୍ ଚାଉଳ ଆବଣ୍ଟନ କରିଥିଲେ, ଏବଂ ବର୍ତ୍ତମାନ ୨୦୨୫-୨୬ ରେ ଏ ନେଇ ଲକ୍ଷ୍ୟ ୯ ନିୟୁତ ଟନ୍ ରଖାଯାଇଛି। ଚାଉଳରୁ ଏକ ଲିଟର ଇଥାନଲ୍ ଉତ୍ପାଦନ କରିବା ପାଇଁ ପ୍ରାୟ ୧୦,୭୯୦ ଲିଟର ପାଣି ଆବଶ୍ୟକ ହୁଏ, ଯେଉଁଥିରେ ଚାଷ ସମୟରେ ଜଳସେଚନ ପାଇଁ ବ୍ୟବହୃତ ପାଣି ମଧ୍ୟ ଅନ୍ତର୍ଭୁକ୍ତ। ଚାଉଳ-ଆଧାରିତ ଇଥାନଲ୍‌ରେ ବ୍ୟବହୃତ ଅଧିକାଂଶ ପାଣି ପ୍ରକ୍ରିୟାକରଣ ନୁହେଁ, ଚାଷରୁ ଆସିଥାଏ। ୧ କିଲୋଗ୍ରାମ ଚାଉଳ ଉତ୍ପାଦନ ପାଇଁ ପ୍ରାୟ ୩ରୁ ୫ ହଜାର ଲିଟର ପାଣି ଆବଶ୍ୟକ ହୁଏ। ପ୍ରାୟ ୨.୫ରୁ ୩ କିଲୋଗ୍ରାମ ଚାଉଳରୁ ଏକ ଲିଟର ଇଥାନଲ୍ ଉତ୍ପାଦନ ହୁଏ, ଯାହା ମୋଟ ଜଳ ବ୍ୟବହାରକୁ ୧୦ ହଜାର ଲିଟରରୁ ଅଧିକ କରିଥାଏ। ଏହା ତୁଳନାରେ, ▶ପୃଷ୍ଠା-୭

## ମହାନଦୀରେ ପାଣି କମୁଛି; ଟ୍ରିବ୍ୟୁନାଲରେ ତାରିଖ ଗଡୁଛି

**ଛତିଶଗଡ଼ର ୨୭ ମିଲିୟନ ଏକର ଫୁଟ ପାଣି ଦାବି ମାନିନେଲେ ଓଡ଼ିଶା ପ୍ରତି ହେବ ଆତ୍ମଘାତୀ**

■ ଭୁବନେଶ୍ୱର, ୨୭।୬ (ସମିସ): ମହାନଦୀ ଜଳ ବିବାଦ ମାମଲାରେ ନ୍ୟାୟ ମିଳିବା ପରିବର୍ତ୍ତେ ଚିରାଚରିତ ଭାବେ ଓଡ଼ିଶାକୁ ଆଉ ଏକ ତାରିଖ ମିଳିଛି। ଶନିବାର ମହାନଦୀ ଜଳ ବିବାଦ ମାମଲାରେ ଗଠିତ ଟ୍ରିବ୍ୟୁନାଲରେ ଶୁଣାଣି ଅନୁଷ୍ଠିତ ହୋଇଥିବା ବେଳେ କୌଣସି ନିଷ୍କର୍ଷ ବାହାରି ପାରିନାହିଁ। ଶୁଣାଣିରେ ଉଭୟ ରାଜ୍ୟ ପକ୍ଷରୁ ଗଠିତ ଯୁଗ୍ମ ବୈଷୟିକ ଟିମ୍‌ର ରିପୋର୍ଟ ଉପସ୍ଥାପିତ ହୋଇଥିବା ବେଳେ ଟ୍ରିବ୍ୟୁନାଲ ପରବର୍ତ୍ତୀ ଶୁଣାଣି ଆସନ୍ତା ୧୧ ତାରିଖକୁ ଧାର୍ଯ୍ୟ କରିଛନ୍ତି।

ବୈଠକ ସମ୍ପର୍କରେ ସୂଚନା ଦେଇ ଆଡଭୋକେଟ ଜେନେରାଲ(ଏଜି) ପୀତାମ୍ବର ଆଚାର୍ଯ୍ୟ କହିଛନ୍ତି ଯେ ବର୍ତ୍ତମାନ ସୁଦ୍ଧା ଉଭୟ ରାଜ୍ୟ ମଧ୍ୟରେ ହୋଇଥିବା ବୈଠକ ସନ୍ତୋଷଜନକ ରହିଛି। ଟ୍ରିବ୍ୟୁନାଲ ମଧ୍ୟ ଏ ଦିଗରେ ଗୁରୁତ୍ୱର ସହ ବିଚାର କରି ସମସ୍ତ ନିଷ୍ପତ୍ତିକୁ ସ୍ୱୀକୃତି ପ୍ରଦାନ କରୁଛନ୍ତି। ଅନେକ ବିଷୟରେ ସହମତି ଧୀରେଧୀରେ ଆଗକୁ ବଢ଼ୁଛି। ଆଗାମୀ ଦିନରେ ଉଭୟ ରାଜ୍ୟର ଶୀର୍ଷ ନେତୃତ୍ୱ ଏ ସମ୍ପର୍କରେ ଚୂଡ଼ାନ୍ତ ନିଷ୍ପତ୍ତି ନେବେ ବୋଲି ଏଜି ଶ୍ରୀ ଆଚାର୍ଯ୍ୟ ସୂଚନା ଦେଇଛନ୍ତି।



**ଅନେକ ବିଷୟରେ ଉଭୟ ରାଜ୍ୟ ସହମତ; ନିଷ୍ପତ୍ତି ନେବେ ଶୀର୍ଷ ନେତୃତ୍ୱ: ଏଜି**

**ବିଶେଷଜ୍ଞଙ୍କ ଦାବି, ଶୁଣାଣିର ଆଲୋଚ୍ୟ ବିଷୟକୁ ସାର୍ବଜନୀନ କରନ୍ତୁ ସରକାର**

ଅପରପକ୍ଷେ ଆଜିର ଶୁଣାଣିକୁ ନେଇ ଜଳ ବିଶେଷଜ୍ଞ ତଥା ବୁଦ୍ଧିଜୀବୀ ମହଲରେ ଆଶଙ୍କା ପ୍ରକାଶ ପାଇଛି। ମହାନଦୀ ବଞ୍ଚାଅ ଆନ୍ଦୋଳନର ଆବାହକ ସୁଦର୍ଶନ ଦାସ କହିଛନ୍ତି ଯେ ଟ୍ରିବ୍ୟୁନାଲର ଆଜିର ଶୁଣାଣି ପରେ ପୀତାମ୍ବର ଆଚାର୍ଯ୍ୟ ଗଣମାଧ୍ୟମରେ ଏନେଇ ପ୍ରତିକ୍ରିୟା ରଖିଛନ୍ତି। ସେ କହିଛନ୍ତି ଯେ ଆଜି ଏକ ଗୁରୁତ୍ୱପୂର୍ଣ୍ଣ ବିଷୟରେ ଟ୍ରିବ୍ୟୁନାଲରେ ଆଲୋଚନା ହୋଇଛି। ଛତିଶଗଡ଼ ଏବଂ ଓଡ଼ିଶାର କେତେ ପାଣି କାହାର ଆବଶ୍ୟକତା ରହିଛି, ତାହା ଉପରେ ଆଲୋଚନା କରିଛନ୍ତି। ଆମେ ଏନେଇ ଏଜିଙ୍କୁ ପ୍ରଶ୍ନ କରିବାକୁ ଚାହୁଁଛୁ ଯେ ମହାନଦୀରୁ ଛତିଶଗଡ଼ ପ୍ରାୟ ୨୭ ମିଲିୟନ ଏକର ଫୁଟ ପାଣି ଦାବି କରୁଛି। ମାତ୍ର ମହାନଦୀରେ ୨୪ ମିଲିୟନ ଏକର ଫୁଟ ପାଣି ଉପଲବ୍ଧ ଥିବା ▶ପୃଷ୍ଠା-୭



# ଭେନେଜୁଏଲାରେ ଭଗ୍ନସ୍ତୂପ ତଳେ ଜୀବନ ଖୋଜା

**ଏକ ହଜାର ମୃତଦେହ ଉଦ୍ଧାର, ୫୦ ହଜାରରୁ ଅଧିକ ନିଖୋଜ**

କାରାକାସ, ୨୭ ।୬(ଏଜେନ୍ସି): ଦକ୍ଷିଣ ଆମେରିକୀୟ ଦେଶ ଭେନେଜୁଏଲାରେ ଗତ ବୁଧବାର ସନ୍ଧ୍ୟାରେ ଆସିଥିବା ଦୁଇ ଦୁଇଟି ଶକ୍ତିଶାଳୀ ଭୂକମ୍ପ (ତୀବ୍ରତା ୭.୨ ଏବଂ ୭.୫) ଯୋଗୁଁ ସେଠାରେ ଏକ ଶତାବ୍ଦୀର ସବୁଠାରୁ ବଡ଼ ପ୍ରାକୃତିକ ବିପର୍ଯ୍ୟୟ ଦେଖାଦେଇଛି । ଏହି ମହାବିପର୍ଯ୍ୟୟରେ ବର୍ତ୍ତମାନ ସୁଦ୍ଧା ମୃତ୍ୟୁସଂଖ୍ୟା ୯୨୦ରେ ପହଞ୍ଚିଥିବା ବେଳେ ୫୦ ହଜାରରୁ ଅଧିକ ଲୋକ ନିଖୋଜ ଅଛନ୍ତି । କାରାକାସ ଏବଂ ଲା ଗ୍ୱାଇରା ସମେତ ବିଭିନ୍ନ ଅଞ୍ଚଳରେ ୩, ୩୬୦ରୁ ଅଧିକ ଲୋକ ଆହତ ହୋଇଛନ୍ତି ଏବଂ ଶତାଧିକ ଲୋକ ଏବେ ମଧ୍ୟ ଭଙ୍ଗା ଘରର ସ୍ଲାବ୍ ତଳେ ଚାପି ହୋଇ ରହିଛନ୍ତି । ସରକାରୀ ସାହାଯ୍ୟ ମିଳିବାରେ ବିଳମ୍ବ ହେଉଥିବାରୁ ସ୍ଥାନୀୟ ବାସିନ୍ଦାମାନେ ନିଜେ ଦଳ ଗଠନ କରି ଖାଲି ହାତରେ ଏବଂ ସାଧାରଣ ଯନ୍ତ୍ରପାତି ସାହାଯ୍ୟରେ ସେମାନଙ୍କ ପ୍ରିୟଜନଙ୍କୁ ଉଦ୍ଧାର କରିବା ପାଇଁ ଭଙ୍ଗାସ୍ତୂପ ଖୋଳୁଛନ୍ତି । ଅନ୍ୟପଟେ, ଭେନେଜୁଏଲାର ଏହି ସଙ୍କଟ ସମୟରେ ବିଶ୍ୱର ବିଭିନ୍ନ ଦେଶ ଏବଂ ମିଳିତ ଜାତିସଂଘ ସାହାଯ୍ୟର ହାତ ବଢ଼ାଇଛନ୍ତି । ଆମେରିକା, ମେକ୍ସିକୋ, କଲୋମ୍ବିଆ, ସ୍ୱିଜରଲ୍ୟାଣ୍ଡ ପରି ପ୍ରାୟ ୧୭ଟି ଦେଶରୁ ୧, ୦୦୦ରୁ ଅଧିକ ଉଦ୍ଧାରକାରୀ ଦଳ ଭେନେଜୁଏଲାରେ ପହଞ୍ଚି କାର୍ଯ୍ୟ ଆରମ୍ଭ କଲେଣି । ଭାରତ, ଚୀନ୍ ଏବଂ ବ୍ରାଜିଲ ଭଳି ଦେଶ ମଧ୍ୟ ସହାୟତା ପାଇଁ ପ୍ରତିଶ୍ରୁତି ଦେଇଛନ୍ତି । ଭେନେଜୁଏଲାର ମଧ୍ୟବର୍ତ୍ତୀକାଳୀନ ରାଷ୍ଟ୍ରପତି ଡେଲସି ରୋଡ୍ରିଗଜ୍ ଆମେରିକା ପ୍ରଶାସନ ସହ ଯୋଗାଯୋଗ କରି ସ୍ଥିତି ସୁଧାରିବାକୁ ଚେଷ୍ଟା କରୁଛନ୍ତି, କିନ୍ତୁ ଭୂକମ୍ପ ପରବର୍ତ୍ତୀ ୪୮ ରୁ ୭୨ ଘଣ୍ଟା ଅତିକ୍ରମ କରିଯାଇଥିବାରୁ ଧ୍ୱଂସାବଶେଷ ତଳୁ ଆଉ କାହାକୁ ଜୀବିତ ଉଦ୍ଧାର କରିବା ଆଶା କ୍ଷୀଣ ହେବାରେ ଲାଗିଛି ।

## ଆସନ୍ତା ବର୍ଷ ଭାରତ ଆସିପାରନ୍ତି ଟ୍ରମ୍ପ

ନୂଆଦିଲ୍ଲୀ/ୱାସିଂଟନ, ୨୭ ।୬(ଏଜେନ୍ସି): ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ ଆସନ୍ତା ବର୍ଷ ପ୍ରାରମ୍ଭରେ ଭାରତ ଗସ୍ତ କରିପାରନ୍ତି । ଆମେରିକାର ବୈଦେଶିକ ସଚିବ ମାର୍କୋ ରୁବିଓଙ୍କ ସୂଚନା ଅନୁସାରେ, ଏହି ଗସ୍ତ ସଫଳ ହେଲେ ଏହା ଟ୍ରମ୍ପଙ୍କ ଦ୍ୱିତୀୟ ଭାରତ ଗସ୍ତ ହେବ । ଏହା ପୂର୍ବରୁ ସେ ୨୦୨୦ରେ ଭାରତ ଆସି ଅହମଦାବାଦରେ 'ନମସ୍ତେ ଟ୍ରମ୍ପ' କାର୍ଯ୍ୟକ୍ରମରେ ଯୋଗ ଦେଇଥିଲେ । ଏହି ସମ୍ଭାବ୍ୟ ଗସ୍ତ ପୂର୍ବରୁ ଭାରତର ହାଇଦ୍ରାବାଦରେ ଏକ ପ୍ରମୁଖ ସଡ଼କକୁ ଟ୍ରମ୍ପଙ୍କ ନାମରେ ନାମିତ କରାଯାଇଛି, ଯାହା ପାଇଁ ସେ ଭାରତକୁ ଧନ୍ୟବାଦ ଜଣାଇଛନ୍ତି । ଆମେରିକାର ଦୁଇ ଶହ ପଚାଶତମ ସ୍ୱାଧୀନତା ଦିବସ ଅବସରରେ ହାଇଦ୍ରାବାଦ ସ୍ଥିତ ଆମେରିକୀୟ ଦୂତାବାସ ନିକଟସ୍ଥ ଏକ ସଡ଼କକୁ 'ଡୋନାଲ୍ଡ ଟ୍ରମ୍ପ ଆଭେନ୍ୟୁ' ଭାବେ ନାମିତ କରାଯାଇଛି । ଏହି କାର୍ଯ୍ୟକ୍ରମରେ ଆମେରିକାର ରାଷ୍ଟ୍ରଦୂତ ସେର୍ଗିଓ ଗୋର ଏବଂ ତେଲେଙ୍ଗାନାର ଉପମୁଖ୍ୟମନ୍ତ୍ରୀ ମଲ୍ଲୁ ଭଟ୍ଟି ବିକ୍ରମାର୍କ ପ୍ରମୁଖ ଉପସ୍ଥିତ ଥିଲେ । ଏହି ସମ୍ମାନ ପାଇଁ ଖୁସି ବ୍ୟକ୍ତ କରି ଟ୍ରମ୍ପ ନିଜର ସାମାଜିକ ଗଣମାଧ୍ୟମ ପ୍ଲାଟଫର୍ମରେ ଲେଖିଛନ୍ତି, 'ଏଭଳି ସମ୍ମାନ ପାଇବାରେ ମୁଁ ପ୍ରଥମ ଆମେରିକୀୟ ରାଷ୍ଟ୍ରପତି । ଭାରତକୁ ଅନେକ ଧନ୍ୟବାଦ ।'

## ଡିଏମ୍‌କେମେଣ୍ଟ ଛାଡ଼ିଲା ଏମ୍‌ଡିଏମ୍‌କେ

ଚେନ୍ନଇ, ୨୭ ।୬(ଏଜେନ୍ସି): ତାମିଲନାଡୁ ରାଜନୀତିରେ ଏକ ବଡ଼ ଓଲଟପାଲଟ ଦେଖିବାକୁ ମିଳିଛି । ବାଇକୋଙ୍କ ନେତୃତ୍ୱାଧୀନ ଏମଡିଏମକେ ଦଳ ଏମକେ ଷ୍ଟାଲିନଙ୍କ ଡିଏମକେ ସହ ଥିବା ନିଜର ୯ ବର୍ଷର ପୁରୁଣା ମେଣ୍ଟକୁ ଆନୁଷ୍ଠାନିକ ଭାବେ ଶେଷ କରିଦେଇଛି । ଦଳର ସାଧାରଣ ପରିଷଦ ବୈଠକରେ ଏହି ଗୁରୁତ୍ୱପୂର୍ଣ୍ଣ ନିଷ୍ପତ୍ତି ନିଆଯାଇଛି । ଏମଡିଏମକେ ଅଭିଯୋଗ କରିଛି ଯେ ଡିଏମକେ ପକ୍ଷରୁ ସେମାନଙ୍କ ଦଳକୁ ଦୁର୍ବଳ କରିବା ପାଇଁ କ୍ରମାଗତ ଚେଷ୍ଟା କରାଯାଉଥିଲା, ଯେଉଁଥିପାଇଁ ମେଣ୍ଟରେ ରହିବା ଆଉ ସମ୍ଭବ ନଥିଲା । ଅପରପକ୍ଷରେ ଡିଏମକେ ଏହି ଅଭିଯୋଗକୁ ପ୍ରତ୍ୟାଖ୍ୟାନ କରି କହିଛି ଯେ ବାଇକୋ ନିଜ ପୁଅକୁ ଦଳରେ ଉଚ୍ଚ ପଦବୀ ଦେବା ଯୋଗୁଁ ସେମାନଙ୍କ ଦଳ ନିଜେ ଦୁର୍ବଳ ହେବାରେ ଲାଗିଛି । ଏହି ମେଣ୍ଟ ଭାଙ୍ଗିବା ପରେ ଏମଡିଏମକେ ଏବେ ରାଜ୍ୟର ଶାସକ ଟିଭିକେ ଦଳ ଆଡ଼କୁ ଢଳୁଥିବା ସଙ୍କେତ ମିଳିଛି । ତେବେ ଏମଡିଏମକେର ଦୁଇଜଣ ବିଧାୟକ ଏହି ବୈଠକକୁ ବାସନ୍ଦ କରି ଡିଏମକେ ସହ ରହିବାକୁ ନିଷ୍ପତ୍ତି ନେଇଛନ୍ତି । ଏହି ଘଟଣା ପରେ ତାମିଲନାଡୁର ଆଗାମୀ ରାଜନୈତିକ ସମୀକରଣ ବଦଳିବା ସହ ଶାସକ ଓ ବିରୋଧୀ ଦଳ ମଧ୍ୟରେ ପ୍ରତିଦ୍ୱନ୍ଦ୍ୱିତା ଆହୁରି ତୀବ୍ର ହେବା ନିଶ୍ଚିତ ହୋଇଯାଇଛି ।

## ୧୩ଟି ହୋଟେଲ: କୋଚିଂ ସେଣ୍ଟର ସିଲ୍

ଅହମଦାବାଦ, ୨୭ ।୬(ଏଜେନ୍ସି): ଅଗ୍ନି ନିରାପତ୍ତା ନିୟମକୁ ବେଖାତିର କରିବା ଅଭିଯୋଗରେ ଗୁଜରାଟର ଅହମଦାବାଦ ସହରରେ ଅଗ୍ନିଶମ ବାହିନୀ ପକ୍ଷରୁ ଏକ ବଡ଼ଧରଣର କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇଛି । ସୁରକ୍ଷା ବ୍ୟବସ୍ଥାରେ ଗୁରୁତର ତ୍ରୁଟି ଯୋଗୁଁ ୧୩ଟି ହୋଟେଲ ଏବଂ ଗୋଟିଏ ପ୍ରମୁଖ କୋଚିଂ ସେଣ୍ଟରକୁ ସିଲ୍ କରାଯାଇଛି । ଅହମଦାବାଦ ଅଗ୍ନିଶମ ଏବଂ ଜରୁରୀକାଳୀନ ସେବା ବିଭାଗ ପକ୍ଷରୁ ସହରର ବିଭିନ୍ନ ବ୍ୟବସାୟିକ, ଶିକ୍ଷାନୁଷ୍ଠାନ ଓ ହୋଟେଲଗୁଡ଼ିକରେ ବ୍ୟାପକ ଚଢ଼ାଉ କରାଯାଇଥିଲା । ଏହି ଯାଞ୍ଚ ସମୟରେ ନିୟମ ଉଲ୍ଲଂଘନ କରିଥିବା ୧୫୪ଟି ହୋଟେଲ ଏବଂ ୬୨ଟି କୋଚିଂ ସେଣ୍ଟରକୁ କାରଣ ଦର୍ଶାଅ ନୋଟିସ୍ ଜାରି କରାଯାଇଛି । ସହରର ପଶ୍ଚିମ ଜୋନ୍‌ରେ ସବୁଠାରୁ ଅଧିକ କାର୍ଯ୍ୟାନୁଷ୍ଠାନ ହୋଇଛି, ଯେଉଁଠାରେ ୭ଟି ହୋଟେଲ ସମେତ ନବକାର୍ ଇନଷ୍ଟିଚ୍ୟୁଟ୍ ନାମକ ଏକ ଶିକ୍ଷାନୁଷ୍ଠାନକୁ ସିଲ୍ କରାଯାଇଛି । ସେହିପରି ଉତ୍ତର-ପଶ୍ଚିମ ଜୋନ୍‌ରେ ନିରାପତ୍ତା ଅଭାବରୁ ହୋଟେଲ ଫିଜା, ହୋଟେଲ ଫାଉଣ୍ଟେନ୍ ଓ ଆପୋଲୋ ହୋଟେଲ ସମେତ ୬ଟି ପ୍ରତିଷ୍ଠାନକୁ ବନ୍ଦ କରିଦିଆଯାଇଛି । ଆଗାମୀ ଦିନରେ ମଧ୍ୟ ଏହିଭଳି ଚଢ଼ଉ ଜାରି ରହିବ ଏବଂ ଅଗ୍ନି ନିରାପତ୍ତା ପ୍ରମାଣପତ୍ର ନଥିବା ପ୍ରତିଷ୍ଠାନଗୁଡ଼ିକ ବିରୋଧରେ କଠୋର ଆଇନଗତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ବିଭାଗ ପକ୍ଷରୁ ଚେତାବନୀ ଦିଆଯାଇଛି ।

**ରାମ ମନ୍ଦିର ଚାନ୍ଦା ଅର୍ଥ ଘୋଟାଲା**

# ସିସିଟିଭି ଗାଏବ୍, ଡ୍ରାଇଭର ହାତରେ ହୁଣ୍ଡି ଚାବି

**୬ ଜଣଙ୍କ ଠାରୁ ମିଳିଲାଣି ୮୦ ଲକ୍ଷ ଟଙ୍କା, ବିଦେଶୀ ମୁଦ୍ରା**

ଲକ୍ଷ୍ନୌ, ୨୭।୬ (ଏଜେନ୍ସି): ଅଯୋଧ୍ୟା ରାମ ମନ୍ଦିରରେ ହୁଣ୍ଡି ଟଙ୍କା ଘୋଟାଲାକୁ ନେଇ ବିସ୍ଫୋରକ ତଥ୍ୟ ଆସିବାରେ ଲାଗିଛି । ହୁଣ୍ଡି ଦାନ ଅର୍ଥରୁ ୭ରୁ ସାଢ଼େ ସାତ କୋଟି ଟଙ୍କା ଚୋରି ହୋଇଥିବା ନେଇ ଅଭିଯୋଗ ହେଉଥିବା ବେଳେ ବର୍ତ୍ତମାନ ସୁଦ୍ଧା ୮୦ ଲକ୍ଷ ଟଙ୍କା ଏବଂ ବିଦେଶୀ ମୁଦ୍ରା ଉଦ୍ଧାର ହେଲାଣି । ଏହି ଘୋଟାଲାରେ

**ଟ୍ରଷ୍ଟ କର୍ମକର୍ତ୍ତାଙ୍କୁ ସୁରକ୍ଷା କାହିଁକି: ବିରୋଧୀ**

ମନ୍ଦିର ଟ୍ରଷ୍ଟର ୮ ଜଣ କର୍ମଚାରୀଙ୍କୁ ଗିରଫ କରାଯାଇଥିବା ବେଳେ ୬ ଜଣଙ୍କ ଠାରୁ ୮୦ ଲକ୍ଷ ଟଙ୍କା ଜବତ ହୋଇଛି । ଗଣତି କୋଠରିର ପାଖରେ ଥିବା ୱାସରୁମରେ ଲୁଚାଇ ରଖାଯାଇଥିବା ଅଢ଼େଇ ଲକ୍ଷ ଟଙ୍କା ମଧ୍ୟ ଜବତ ହୋଇଛି । ଏବେ ଯାଞ୍ଚ ଓ ଚଢ଼ଉ ଜାରି ରହିଥିବାରୁ ଆହୁରି ଟଙ୍କା ମିଳିବ ବୋଲି କୁହାଯାଉଛି । ତେବେ ଏହି ଘୋଟାଲାରେ କେବଳ ଛୋଟ ଛୋଟ କର୍ମଚାରୀଙ୍କୁ ଗିରଫ କରାଯାଇ ବଡ଼ ବଡ଼ କର୍ମକର୍ତ୍ତାଙ୍କୁ ସୁରକ୍ଷା ଦିଆଯାଉଛି ବୋଲି ବିରୋଧୀ ଦଳ ଅଭିଯୋଗ କରିବା ସହିତ ଟ୍ରଷ୍ଟର ବରିଷ୍ଠ କର୍ମକର୍ତ୍ତାଙ୍କୁ ତଦନ୍ତର ପରିସରଭୁକ୍ତ କରିବା ଲାଗି ଦାବି କରିଛନ୍ତି ।

ଘୋଟାଲାର ତଦନ୍ତ କରୁଥିବା ଏସ୍‌ଆଇଟି (ସ୍ୱତନ୍ତ୍ର ତଦନ୍ତକାରୀ ଟିମ୍) ଯେତେ ଯାଞ୍ଚ ପ୍ରକ୍ରିୟା ଆଗକୁ ବଢ଼ାଉଛି, ସେଥିରେ ବିସ୍ଫୋରକ ତଥ୍ୟ ମିଳିବାରେ ଲାଗିଛି । ଭକ୍ତମାନେ ଦାନ କରୁଥିବା ଟଙ୍କାକୁ ଗଣିବା ବେଳେ ଏହାକୁ ଲୁଟ୍ କରିବା ଲାଗି ଅଭିଯୁକ୍ତମାନେ ସୁଚିନ୍ତିତ ଢଙ୍ଗରେ ଯୋଜନା ଚଳାଇଥିଲେ । ଦାନ ଅର୍ଥ ଗଣିବା ଲାଗି ମନ୍ଦିର ପରିସରରେ ଏକ ସ୍ୱତନ୍ତ୍ର କୋଠରି ରହିଛି । ଏଥିରେ ସିସିଟିଭି ଲଗାଯିବା ସହିତ ସୁରକ୍ଷା ଗାର୍ଡଙ୍କ ଉପସ୍ଥିତିରେ ୧୪ ଜଣ କର୍ମଚାରୀ ଅର୍ଥ ଗଣିବା କାର୍ଯ୍ୟରେ ନିୟୋଜିତ ହେଉଛନ୍ତି । ଏଥିରେ ଭାରତୀୟ ଷ୍ଟେଟ ବ୍ୟାଙ୍କର ୧୧ ଜଣ ଏବଂ ଟ୍ରଷ୍ଟର ତିନି ଜଣ କର୍ମଚାରୀ ଅଛନ୍ତି । ଏମାନଙ୍କ ପାଇଁ ସ୍ୱତନ୍ତ୍ର ପୋଷାକ ପିନ୍ଧିବାର ବ୍ୟବସ୍ଥା ରହିଛି, ଯେଉଁଥିରେ କି ପକେଟ୍ ନଥିବ । ଗଣତି କୋଠରି ଭିତରକୁ ପ୍ରବେଶ କରିବା ସମୟରେ ଏବଂ ବାହାରିବା ସମୟରେ ଏହି କର୍ମଚାରୀଙ୍କୁ ତନ୍ନ ତନ୍ନ କରି ଗାର୍ଡ ଯାଞ୍ଚ କରିବାର ପ୍ରାବଧାନ ରହିଛି । ପୁଣି ସେଠାରେ ଯେଉଁ ସିସିଟିଭି ଲାଗିଛି ତାହାକୁ ୧୮୦ ଦିନ ପାଇଁ ସୁରକ୍ଷିତ ରଖାଯିବାର ବ୍ୟବସ୍ଥା ମଧ୍ୟ ରହିଛି । କିନ୍ତୁ ଗଣତି ବେଳେ ଏହିସବୁ ଏସ୍‌ଓପି ଆଦୌ ପାଳନ କରାଯାଉ ନଥିଲା ବୋଲି ଏସଆଇଟି ଯାଞ୍ଚ ବେଳେ ଜଣାପଡ଼ିଛି । କର୍ମଚାରୀମାନେ ସ୍ୱତନ୍ତ୍ର ପୋଷାକ ପିନ୍ଧୁ ନଥିଲେ କି ସୁରକ୍ଷା ଗାର୍ଡ ଦ୍ୱାରା ସେମାନଙ୍କର ଯାଞ୍ଚ ମଧ୍ୟ କରାଯାଉନଥିଲା । କେବଳ ଏତିକି ନୁହେଁ, ସିସିଟିଭି ଫୁଟେଜ୍‌କୁ ୧୬୦ ଦିନ ପାଇଁ ସୁରକ୍ଷିତ ରଖିବା ବଦଳରେ ୪୫ ଦିନରେ ଏହାକୁ ନଷ୍ଟ କରାଯାଥିଲା । ଏହାକୁ ନେଇ ତଦନ୍ତକାରୀ ଟିମ୍ ଆଶ୍ଚର୍ଯ୍ୟ ପ୍ରକଟ କରିଛନ୍ତି । ମନ୍ଦିରରେ ୪ଟି ଦାନ ବାକ୍ସ ଥିବା ବେଳେ ଏହାର ଚାବି ରହୁଥିଲା ଟ୍ରଷ୍ଟର ସଂପାଦକ ଚମ୍ପତ ରାୟଙ୍କ ଡ୍ରାଇଭର ତଥା ଅଭିଯୁକ୍ତ ଟିନ୍ନୁ ଯାଦବ ହାତରେ । ଡ୍ରାଇଭର ହାତରେ କାହିଁକି ଚାବି ରଖାଯାଇଥିଲା ବୋଲି ସେମାନେ ପ୍ରଶ୍ନ କରିଛନ୍ତି । ମାମଲାର ଅନ୍ୟତମ ଅଭିଯୁକ୍ତ ସୁଭାଷ ଶ୍ରୀବାସ୍ତବ ଗଣତି କାମରେ ନିୟୋଜିତ ଥିବା ବେଳେ ଟ୍ରଷ୍ଟର ଜଣେ ବରିଷ୍ଠ କର୍ମକର୍ତ୍ତାଙ୍କ ପରାମର୍ଶରେ ତାକୁ ନିଯୁକ୍ତି ମିଳିଥିଲା । ତେଣୁ ଏଥିରୁ ସ୍ପଷ୍ଟ ହେଉଛି ଯେ ଏହି ଘୋଟାଲାରେ ଟ୍ରଷ୍ଟର ଅନେକ ବରିଷ୍ଠ କର୍ମକର୍ତ୍ତା ମଧ୍ୟ ସାମିଲ ଅଛନ୍ତି ।

ସୂଚନାଯୋଗ୍ୟ ଯେ ଦିନକୁ ୭୦ ହଜାରରୁ ୮୦ ହଜାର ଭକ୍ତ ମନ୍ଦିର ଦର୍ଶନ କରନ୍ତି । ଗତବର୍ଷ ମନ୍ଦିର ହୁଣ୍ଡିକୁ ମିଳିଥିଲା ୩୨୭ କୋଟି ଟଙ୍କାର ଦାନ ଅର୍ଥ ।



## ବୈଠକରେ ଶୋଇପଡ଼ିଲେ କି ଟ୍ରମ୍ପ?



ୱାସିଂଟନ, ୨୭ ।୬(ଏଜେନ୍ସି): ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ ପୁଣିଥରେ ଏକ ସରକାରୀ ବୈଠକ ସମୟରେ ଆଖି ବନ୍ଦ କରି ବସିଥିବାର ଦେଖିବାକୁ ମିଳିଛି, ଯାହାକୁ ନେଇ ସୋସିଆଲ ମିଡିଆରେ ଚର୍ଚ୍ଚା ଜୋର ଧରିଛି । ହ୍ୱାଇଟ୍ ହାଉସର ଓଭାଲ ଅଫିସଠାରେ ଆୟୋଜିତ 'ଧାର୍ମିକ ସ୍ୱାଧୀନତା କମିଶନ' ବୈଠକ ସମୟରେ ଏହି ଘଟଣା ଘଟିଛି । କନଜରଭେଟିଭ୍ ଖ୍ରୀଷ୍ଟିଆନ ସଦସ୍ୟମାନଙ୍କୁ ନେଇ ଗଠିତ ଏହି କମିଶନର ବୈଠକ ବେଶ୍ ଗୁରୁତ୍ୱପୂର୍ଣ୍ଣ ଥିଲା । ବୈଠକରେ ଚର୍ଚ୍ଚ ଏବଂ ରାଷ୍ଟ୍ର ମଧ୍ୟରେ ଥିବା ପାର୍ଥକ୍ୟକୁ ହଟାଇବା ଭଳି ସମ୍ବେଦନଶୀଳ ପ୍ରସଙ୍ଗରେ ଆଲୋଚନା ଚାଲିଥିଲା । ତେବେ ଟେକ୍ସାସର ଲେଫ୍ଟନାଣ୍ଟ ଗଭର୍ଣ୍ଣର ଡ୍ୟାନ୍ ପାଟ୍ରିକ ଗଣମାଧ୍ୟମକୁ ସମ୍ବୋଧିତ କରୁଥିବା ସମୟରେ, ଟ୍ରମ୍ପ କିଛି ସମୟ ପାଇଁ ଆଖି ବନ୍ଦ କରି ଶୋଇପଡ଼ିଥିବା ଭଳି ଭିଡିଓରେ ଦେଖାଯାଇଥିଲା । ପରେ ଅନ୍ୟ ଜଣେ ବକ୍ତା କହିବା ଆରମ୍ଭ କରିବା ପରେ ସେ ଆଖି ଖୋଲି ଚାହିଁଥିଲେ । ଟ୍ରମ୍ପ ବୈଠକରେ ଶୋଇପଡ଼ିବା ନେଇ ଏହା ପ୍ରଥମ ଘଟଣା ନୁହେଁ । ଚଳିତ ବର୍ଷ ଫେବ୍ରୁଆରୀ ମାସରେ 'ବୋର୍ଡ ଅଫ୍ ପିସ୍' ବୈଠକ ସମୟରେ ମଧ୍ୟ ସେ ଶୋଇପଡ଼ିଥିବାର ଏକ ଭିଡିଓ ଭାଇରାଲ ହୋଇଥିଲା । ସେହିପରି ମେ' ମାସରେ ଘଟିଥିବା ଏକ ସମାନ ଘଟଣାରେ ହ୍ୱାଇଟ୍ ହାଉସ ପକ୍ଷରୁ ସଫେଇ ଦିଆଯାଇଥିଲା ଯେ, ରାଷ୍ଟ୍ରପତି ଶୋଇନଥିଲେ ବରଂ ସେ କେବଳ ଦୀର୍ଘ ସମୟ ଧରି ଆଖି ପିଛାଡୁଥିଲେ । ଏହି ନୂଆ ଭିଡିଓ ସାମ୍ନାକୁ ଆସିବା ପରେ ସୋସିଆଲ ମିଡିଆ ବ୍ୟବହାରକାରୀମାନେ ଟ୍ରମ୍ପଙ୍କୁ ଥଟ୍ଟା କରିବା ସହ 'ତାଙ୍କୁ କେହି ଜଣେ ଶୋଇବାରୁ ଉଠାଇ ଦିଅନ୍ତୁ' ବୋଲି ମନ୍ତବ୍ୟ ଦେଇଛନ୍ତି । ଏହି ଘଟଣାକୁ ନେଇ ପ୍ରଶ୍ନ ଉଠିବା ପରେ ହ୍ୱାଇଟ୍ ହାଉସର ମୁଖପାତ୍ର ଡେଭିସ୍ ଇଙ୍ଗଲ୍ ଏହାକୁ ସମ୍ପୂର୍ଣ୍ଣ ପ୍ରତ୍ୟାଖ୍ୟାନ କରିଛନ୍ତି । ସେ କହିଛନ୍ତି ଯେ, ଟ୍ରମ୍ପ ଆମେରିକା ଇତିହାସର ସବୁଠାରୁ ଅଧିକ ସକ୍ରିୟ ଏବଂ ଶକ୍ତିଶାଳୀ ରାଷ୍ଟ୍ରପତି, ଯିଏ ଦେଶର ସମସ୍ୟା ସମାଧାନ ପାଇଁ ନିରନ୍ତର କାମ କରୁଛନ୍ତି । ଏଥିସହ ସେ ପୂର୍ବତନ ରାଷ୍ଟ୍ରପତି ଜୋ ବାଇଡେନଙ୍କ ଶାରୀରିକ ଓ ମାନସିକ ସ୍ଥିତିକୁ ନେଇ କଟାକ୍ଷ ମଧ୍ୟ କରିଛନ୍ତି ।

## କେତନ ହତ୍ୟାର ରହସ୍ୟ ଖୋଲିଲା ସିୟା ଗୋୟଲ



**■ 'ବିବାହ ଭାଙ୍ଗିବା ବଦଳରେ ହତ୍ୟା କରିବା ସହଜ ଥିଲା'**
**■ ଗୁଗୁଲ ଦେଖି ହତ୍ୟା ଯୋଜନା କରିଥିଲେ: ପୁଲିସ**

ପୁଣେ, ୨୭ ।୬(ଏଜେନ୍ସି): ମହାରାଷ୍ଟ୍ରର ପୁଣେରେ ହୋଇଥିବା ବହୁଚର୍ଚ୍ଚିତ କେତନ ଅଗ୍ରୱାଲ ହତ୍ୟା ମାମଲାରେ ମୁଖ୍ୟ ଅଭିଯୁକ୍ତ ସିୟା ଗୋୟଲଙ୍କ ଏକ ଚାଞ୍ଚଲ୍ୟକର ସ୍ୱୀକାରୋକ୍ତି ସାମ୍ନାକୁ ଆସିଛି । କେତନ ସହିତ ବିବାହ ପାଇଁ ପରିବାର ସ୍ଥିର କରିଥିଲେ ମଧ୍ୟ ସେ ତାଙ୍କୁ ବାହା ହେବାକୁ ଚାହୁନଥିଲା । ତେଣୁ ପରିବାର ଲୋକଙ୍କ ସମ୍ମାନ ରକ୍ଷା କରିବା ପାଇଁ ସେ ବିବାହ ଭାଙ୍ଗିବା ବଦଳରେ ନିଜ ଭାବି ସ୍ୱାମୀକୁ ହତ୍ୟା କରିବାକୁ ସହଜ ମଣିଥିଲା ବୋଲି ପୁଲିସ ଆଗରେ ପ୍ରକାଶ କରିଛି । କେତନଙ୍କୁ ହତ୍ୟା କରିବାର ଦୁଇ ତିନି ବର୍ଷ ପରେ ସେ ପ୍ରେମିକ ଚେତନକୁ ବିବାହ କରିବାକୁ ଯୋଜନା କରିଥିଲା ।

ସୂଚନାଯୋଗ୍ୟ ଯେ ଜୁନ୍ ୧୮ ତାରିଖରେ ଜଣେ ଜମି ଦଲାଲ କେତନ ଅଗ୍ରୱାଲଙ୍କର ଲୋହଗଡ଼ ଦୁର୍ଗ ପାହାଡ଼ରୁ ଖସି ମୃତ୍ୟୁ ହୋଇଥିଲା । ପୁଲିସ ତଦନ୍ତରୁ ଜଣାପଡ଼ିଛି ଯେ, ସିୟା ନିଜ ପ୍ରେମିକ ଚେତନ ଚୌଧୁରୀଙ୍କ ସହ ମିଶି କେତନଙ୍କୁ ପାହାଡ଼ରୁ ଠେଲି ହତ୍ୟା କରିଥିଲା । ଆସନ୍ତା ନଭେମ୍ବର ମାସରେ ସେମାନଙ୍କର ବିବାହ ହେବାର ଥିଲା, ମାତ୍ର ସିୟା ଏହି ବିବାହ ଚାହୁଁନଥିଲେ । ପୁଲିସ ସୂଚନା ଅନୁଯାୟୀ, ଜାନୁଆରୀ ମାସରୁ ସିୟା ଏବଂ ଚେତନଙ୍କ ମଧ୍ୟରେ ୨ ହଜାରରୁ ଅଧିକ ଥର ଫୋନରେ କଥାବାର୍ତ୍ତା ହୋଇଛି । ସେମାନେ ୨୩୮ ଘଣ୍ଟା କଥାବାର୍ତ୍ତା କରିଥିବା କଲ ରେକର୍ଡରୁ ଜଣାପଡ଼ିଛି । ଏହି କଥାବାର୍ତ୍ତାରୁ ଅନେକ ରହସ୍ୟ ଉନ୍ମୋଚିତ ହେବ ବୋଲି ପୁଲିସ ବିଶ୍ୱାସ କରୁଛି । ଏହି ସମ୍ବେଦନଶୀଳ ମାମଲାର ଯାଞ୍ଚ ପାଇଁ ପୁଲିସର ୬ଟି ଦଳ ଗଠନ କରାଯାଇଛି ଏବଂ ବର୍ତ୍ତମାନ ସିୟାଙ୍କ ପରିବାର ଲୋକଙ୍କୁ ଜେରା କରାଯାଉଛି । ପୁଲିସ ଏବେ ଉଭୟ ଅଭିଯୁକ୍ତଙ୍କ ମୋବାଇଲରୁ ଡିଲିଟ୍ ହୋଇଯାଇଥିବା ତଥ୍ୟ ଉଦ୍ଧାର କରିବା ସହ ଏହି ହତ୍ୟା ଷଡ଼ଯନ୍ତ୍ରର ଅଧିକ ପ୍ରମାଣ ସଂଗ୍ରହ କରୁଛି । ହତ୍ୟା କେମିତି କରାଯିବ ଏବଂ ଧରାପଡ଼ିଲେ ପୁଲିସକୁ କିପରି ଜବାବ ଦେବେ, ସେ ସଂପର୍କରେ ସେମାନେ ଗୁଗୁଲରେ ସର୍ଚ୍ଚ କରିଥିଲେ ବୋଲି ପୁଲିସ କହିଛି ।

## ରୁଷ କ୍ଷେପଣାସ୍ତ୍ର କାରଖାନାରେ ୟୁକ୍ରେନର ବୋମାମାଡ଼



କିଭ୍, ୨୭ ।୬(ଏଜେନ୍ସି): ଦୀର୍ଘ ୫ ବର୍ଷ ଧରି ଚାଲିଥିବା ରୁଷ-ୟୁକ୍ରେନ ଯୁଦ୍ଧ ମଧ୍ୟରେ ୟୁକ୍ରେନ ସେନା ରୁଷକୁ ଏକ ବଡ଼ ଝଟକା ଦେଇଛି । ୟୁକ୍ରେନ ପକ୍ଷରୁ ରୁଷର ଭୋଲଗୋଗ୍ରାଡ୍ ସହରରେ ଥିବା ଏକ ପ୍ରମୁଖ ସାମରିକ ଉଦ୍ୟୋଗ 'ଟାଇଟାନ-ବାରିକାଡି' ଉପରେ ଶକ୍ତିଶାଳୀ ମିସାଇଲ ଆକ୍ରମଣ କରାଯାଇଛି । ୟୁକ୍ରେନ ରାଷ୍ଟ୍ରପତି ଭୋଲୋଡିମିର ଜେଲେନସ୍କିଙ୍କ ସୂଚନା ଅନୁଯାୟୀ, 'ଏଫ୍‌ପି-୫ ଫ୍ଲେମିଙ୍ଗୋ' ମିସାଇଲ ସାହାଯ୍ୟରେ ଏହି କାରଖାନାକୁ ଟାର୍ଗେଟ କରାଯାଇଛି, ଯେଉଁଠାରେ ରୁଷ ତା'ର ଘାତକ 'ଇସ୍କାନ୍ଦର-ଏମ୍' ମିସାଇଲ ସିଷ୍ଟମର ବିଭିନ୍ନ ଯନ୍ତ୍ରାଂଶ ଏବଂ ସାମରିକ ଗାଡ଼ି ନିର୍ମାଣ କରୁଥିଲା । ଏହି ଆକ୍ରମଣରେ ପ୍ରାୟ ୧୦ ଜଣ ଆହତ ହୋଇଥିବା ବେଳେ କାରଖାନାର ବ୍ୟାପକ କ୍ଷତି ଘଟିଛି । ରୁଷକୁ ଆର୍ଥିକ ଓ ସାମରିକ ସ୍ତରରେ ଦୁର୍ବଳ କରିବା ପାଇଁ ୟୁକ୍ରେନ ଏହିଭଳି ଦୂରଗାମୀ ଆକ୍ରମଣକୁ ଜୋରଦାର କରିଛି । ଅନ୍ୟପଟେ, ରୁଷ ମଧ୍ୟ ୟୁକ୍ରେନ ଉପରେ ପାଲଟା ଡ୍ରୋନ ଆକ୍ରମଣ ଜାରି ରଖିଛି । ଗତ ରାତିରେ ୟୁକ୍ରେନର ଉତ୍ତର-ପୂର୍ବ ସୁମି ଅଞ୍ଚଳରେ ରୁଷର ଏକ ଡ୍ରୋନ ଆକ୍ରମଣ ଯୋଗୁଁ ଜଣେ ୬୬ ବର୍ଷୀୟ ସାଧାରଣ ନାଗରିକଙ୍କ ମୃତ୍ୟୁ ଘଟିଛି । ୟୁକ୍ରେନର ଡ୍ରୋନ୍ ଆକ୍ରମଣର ଜବାବ ଦେବାକୁ ଯାଇ ରୁଷ ପ୍ରତିରକ୍ଷା ମନ୍ତ୍ରଣାଳୟ ଦାବି କରିଛି ଯେ ସେମାନେ ଗୋଟିଏ ରାତିରେ ପ୍ରାୟ ୬୬୦ଟି ୟୁକ୍ରେନୀୟ ଡ୍ରୋନ୍‌କୁ ଆକାଶରେ ଖସାଇ ଦେଇଛନ୍ତି । ରୁଷକୁ ଯୁଦ୍ଧ ଶେଷ କରିବା ପାଇଁ ବାଧ୍ୟ କରିବାକୁ ରାଷ୍ଟ୍ରପତି ଜେଲେନସ୍କି ଏକ '୪୦ ଦିନିଆ ସାମରିକ ଅଭିଯାନ'ର ନିର୍ଦ୍ଦେଶ ଦେଇଛନ୍ତି, ଯାହାଫଳରେ ଆଗାମୀ ଦିନରେ ଏହି ଆକ୍ରମଣ ଆହୁରି ତୀବ୍ର ହେବାର ଆଶଙ୍କା କରାଯାଉଛି ।

## ଟ୍ରମ୍ପଙ୍କୁ ଶୁଣୁନି ଇସ୍ରାଏଲ; ଲେବାନନ୍‌ରେ ଡ୍ରୋନ୍ ଆକ୍ରମଣ



ବେରୁଟ୍, ୨୭ ।୬(ଏଜେନ୍ସି): ଇସ୍ରାଏଲ ଏବଂ ଲେବାନନ୍ ମଧ୍ୟରେ ସୀମା ବିବାଦ ହ୍ରାସ କରିବା ପାଇଁ ଆମେରିକା ମଧ୍ୟସ୍ଥତାରେ ଏକ ସୁରକ୍ଷା ଚୁକ୍ତି ସ୍ୱାକ୍ଷରିତ ହେବାର ମାତ୍ର ଗୋଟିଏ ଦିନ ପରେ ପୁଣି ହିଂସା ଦେଖାଦେଇଛି । ଶନିବାର ଦିନ ଦକ୍ଷିଣ ଲେବାନନର ନବାତିୟା ଅଞ୍ଚଳରେ ଇସ୍ରାଏଲ ପକ୍ଷରୁ ଏକ ଡ୍ରୋନ୍ ଆକ୍ରମଣ କରାଯାଇଥିବା ନେଇ ଲେବାନନର ସରକାରୀ ଗଣମାଧ୍ୟମ ସୂଚନା ଦେଇଛି । ୱାଶିଂଟନରେ ଚାରି ଦିନର ଆଲୋଚନା ପରେ ଶୁକ୍ରବାର ଦିନ ହିଁ ଦୁଇ ଦେଶ ମଧ୍ୟରେ ଏହି ଚୁକ୍ତି ହୋଇଥିଲା, ଯାହାକୁ ଆମେରିକା ବୈଦେଶିକ ସଚିବ ମାର୍କୋ ରୁବିଓ ଆଞ୍ଚଳିକ ଶାନ୍ତି ଦିଗରେ ଏକ ପ୍ରାଥମିକ ପଦକ୍ଷେପ ବୋଲି କହିଥିଲେ । ତେବେ ଏହି ଆଲୋଚନାରେ ଇରାନ ସମର୍ଥିତ ହିଜବୁଲ୍ଲା ଗୋଷ୍ଠୀ ସାମିଲ ନଥିଲେ । ଜୁନ୍ ୧୭ ରେ ଆମେରିକା ଓ ଇରାନ ମଧ୍ୟରେ ହୋଇଥିବା ବୁଝାମଣା ପରେ ଅସ୍ତ୍ରବିରତି ପାଇଁ ଚେଷ୍ଟା ଚାଲିଥିବା ବେଳେ, ଏହି ତାଜା ଆକ୍ରମଣ ନୂତନ ସୁରକ୍ଷା ଚୁକ୍ତିର ସ୍ଥାୟୀତ୍ୱ ଉପରେ ପ୍ରଶ୍ନବାଚୀ ସୃଷ୍ଟି କରିଛି ଏବଂ ଆଞ୍ଚଳିକ ସ୍ଥିତିକୁ ଅଧିକ ଜଟିଳ କରିଦେଇଛି ।

## ଜୋନାଥନ୍‌କୁ ଦେଖିଲେ ମୋଦୀ



**ସେଶେଲ୍ସରେ ବିଶ୍ୱର ସବୁଠାରୁ ବୟସ୍କ ଜୀବ**

ଭିକ୍ଟୋରିଆ, ୨୭ ।୬(ଏଜେନ୍ସି): ସେଶେଲ୍ସ ଗସ୍ତରେ ଥିବା ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଆଜି ସେଠାକାର ଜାତୀୟ ଉଦ୍ଭିଦ ଉଦ୍ୟାନ ପରିଦର୍ଶନ କରି ବିଶ୍ୱର ସବୁଠାରୁ ବୟସ୍କ ସ୍ଥଳଭାଗ ଜୀବ 'ଜୋନାଥନ' (ଏକ ବିଶାଳକାୟ କଇଁଛ)କୁ ଭେଟିଛନ୍ତି । ଭାରତ ଏବଂ ସେଶେଲ୍ସ ମଧ୍ୟରେ କୂଟନୈତିକ ସମ୍ପର୍କର ୫୦ ବର୍ଷ ପୂର୍ତ୍ତି ଅବସରରେ ପ୍ରଧାନମନ୍ତ୍ରୀଙ୍କୁ ସେଠାକାର ଜାତୀୟ ଦିବସ ସମାରୋହରେ ମୁଖ୍ୟ ଅତିଥି ଭାବେ ଆମନ୍ତ୍ରଣ କରାଯାଇଛି । ଏହି ଗସ୍ତ ସମୟରେ ମୋଦୀ ଉଦ୍ୟାନରେ ଏକ ବୃକ୍ଷ ରୋପଣ ମଧ୍ୟ କରିଛନ୍ତି । ଗିନିଜ୍ ବୁକ୍ ଅଫ୍ ୱାର୍ଲ୍ଡ ରେକର୍ଡସ ଅନୁଯାୟୀ, ଜୋନାଥନର ବୟସ ପ୍ରାୟ ୧୯୪ ବର୍ଷ ଏବଂ ତାଙ୍କର ଜନ୍ମ ୧୮୩୨ ମସିହାରେ ହୋଇଥିବା ଅନୁମାନ କରାଯାଏ । ବାର୍ଦ୍ଧକ୍ୟ ଜନିତ କାରଣରୁ ତାର ଦୃଷ୍ଟିଶକ୍ତି ଓ ଶୁଙ୍ଘିବା ଶକ୍ତି କମିଯାଇଥିଲେ ସୁଦ୍ଧା ସେ ଏବେ ମଧ୍ୟ ସମ୍ପୂର୍ଣ୍ଣ ସୁସ୍ଥ ଅଛି ଏବଂ ସେଶେଲ୍ସର ସବୁଠାରୁ ବଡ଼ ଆକର୍ଷଣ ପାଲଟିଛି । ଏହି ଗସ୍ତ ଦ୍ୱାରା ଦୁଇ ଦେଶ ମଧ୍ୟରେ ସାମୁଦ୍ରିକ ସୁରକ୍ଷା, ପରିବେଶ ସଂରକ୍ଷଣ ଏବଂ ଆର୍ଥିକ ସହଯୋଗ ଆହୁରି ସୁଦୃଢ଼ ହେବ ବୋଲି ଆଶା କରାଯାଉଛି ।

## ୫୯ ବର୍ଷ ଜମି ବିବାଦର ଅନ୍ତ ଘଟାଇଲେ ସୁପ୍ରିମକୋର୍ଟ



ନୂଆଦିଲ୍ଲୀ, ୨୭ ।୬(ଏଜେନ୍ସି): ଉତ୍ତରାଖଣ୍ଡର ହରିଦ୍ୱାର ଜିଲ୍ଲାରେ ପ୍ରାୟ ସାତ ଦଶନ୍ଧି ଧରି ଚାଲିଥିବା ଏକ ଜମି ବିବାଦର ସର୍ବୋଚ୍ଚ ଅଦାଲତ ସୁପ୍ରିମକୋର୍ଟ ଅନ୍ତ ଘଟାଇଛନ୍ତି । ଜଷ୍ଟିସ ପ୍ରଶାନ୍ତ କୁମାର ମିଶ୍ର ଏବଂ ଜଷ୍ଟିସ ଏନଭି ଅଞ୍ଜାରିଆଙ୍କୁ ନେଇ ଗଠିତ ଏକ ଖଣ୍ଡପୀଠ ୧୯୬୭ ମସିହାରେ ହୋଇଥିବା ଏକ ଜମି ବିକ୍ରି ଦଲିଲ୍‌କୁ ବୈଧ ଘୋଷଣା କରି ଏହି ଐତିହାସିକ ରାୟ ଶୁଣାଇଛନ୍ତି । ହରିଦ୍ୱାରର ନରସିପୁର କଲାନ୍ ଗାଁରେ ପ୍ରାୟ ୧୫.୫ ବିଘା ଜମିକୁ ନେଇ ଆବେଦନକାରୀ ଶରାଫତ ଅଲୀଙ୍କ ପୂର୍ବପୁରୁଷମାନେ ୧୯୬୭ ଜୁନ୍ ୪ରେ ଏକ ପଞ୍ଜିକୃତ ଦଲିଲ୍ ମାଧ୍ୟମରେ କିଣିଥିଲେ ଏବଂ ସେହି ଦିନଠାରୁ ସେମାନେ ଏହି ଜମିକୁ ନିଜ ଦଖଲରେ ରଖିଥିଲେ । ୧୯୮୪ ରେ ଏହି ଜମି ସେମାନଙ୍କ ନାମରେ ନାମଜାରୀ (ମ୍ୟୁଟେସନ) ହୋଇଥିଲା । ତେବେ ପରବର୍ତ୍ତୀ ସମୟରେ ଅନ୍ୟ ସହ-ଅଂଶୀଦାରମାନଙ୍କ ଆପତ୍ତି କାରଣରୁ ମାମଲା ପୁଣି ଖୋଲିଥିଲା । ୧୯୯୯ ରେ ଚକବନ୍ଦୀ ଅଧିକାରୀ ଏବଂ ପରେ ୨୦୧୭ ରେ ହାଇକୋର୍ଟ ଏହି ଦଲିଲ୍‌କୁ ଅବୈଧ ଘୋଷଣା କରି ଆବେଦନକାରୀଙ୍କ ଦାବିକୁ ଖାରଜ କରିଦେଇଥିଲେ । ଏହି କ୍ରମରେ ହାଇକୋର୍ଟଙ୍କ ନିଷ୍ପତ୍ତିକୁ ରଦ୍ଦ କଲେ ସୁପ୍ରିମକୋର୍ଟ । ତଳ କୋର୍ଟ ଏବଂ ହାଇକୋର୍ଟଙ୍କ ରାୟକୁ ସମ୍ପୂର୍ଣ୍ଣ ଭୁଲ୍ ଦର୍ଶାଇ ସୁପ୍ରିମକୋର୍ଟ କହିଛନ୍ତି ଯେ, ଏହି ଜମି ବିକ୍ରି ଦଲିଲ୍ ଜାଲ୍ କିମ୍ବା ପ୍ରତାରଣାମୂଳକ ଥିଲା ବୋଲି ବିରୋଧୀ ପକ୍ଷ କେବେ ହେଲେ କୋର୍ଟରେ ଦାବି କରିନାହାନ୍ତି । ସାକ୍ଷୀଙ୍କ ରହୁଥିବା ସ୍ଥାନର ନାମରେ ଥିବା ସାମାନ୍ୟ ତ୍ରୁଟିକୁ ଆଧାର କରି ଏକ ପଞ୍ଜିକୃତ ଆଇନଗତ ଦଲିଲ୍‌କୁ ଅବୈଧ କୁହାଯାଇପାରିବ ନାହିଁ ।

# ଗୋଟିଏ ରାତିରେ ୪ଜଣଙ୍କୁ ହତ୍ୟା

## ମାଆ-ଝିଅଙ୍କୁ କାଟିଦେଲେ

ମହୁଲଡିହା,୨୭ ।୬ (ସମିସ): ମୟୂରଭଞ୍ଜ ଜିଲ୍ଲା ମହୁଲଡିହା ଥାନା ଅନ୍ତର୍ଗତ ତରାମରା ପଞ୍ଚାୟତ ଡକେଇପାଳ ଗ୍ରାମର ମୁକ୍ତାଝରୀ ସାହିରେ ଡବଲ ମର୍ଡର ହୋଇଛି । କେହି ଦୁର୍ବୃତ୍ତ ମାଆ-ଝିଅଙ୍କୁ ଧାରୁଆ ଅସ୍ତ୍ରରେ ହତ୍ୟା କରିଛନ୍ତି । ମୁକ୍ତାଝରୀ ସାହିର ଚୈତନ ଟୁଡୁ (୩୫) ଆଜି ଦିନ ୧୦ଟା ବେଳେ କୋଦାଳ ଧାର କରିବା ପାଇଁ ବିନ୍ଧାଣି ପାଖକୁ ଯାଇଥିଲେ । ଅପରାହ୍ନ ପ୍ରାୟ ୨ଟାରେ ଫେରି ଦେଖିବା ବେଳକୁ ଘରର କବାଟ ବନ୍ଦ ଅଛି । ଡାକିଲେ ମଧ୍ୟ କେହି ଶୁଣି ନ ଥିଲେ । ଶୋଇବା ଘର ଭିତର ପଟୁ ବନ୍ଦ ଥିଲା । ସିଡି ଲଗାଇ ସ୍କାଇ ଲାଇଟ ପଟେ ଉଠି ଦେଖିଥିଲେ ଯେ ସ୍ତ୍ରୀ ସୀତାମଣି ଟୁଡୁ (୩୦) ଓ ଝିଅ ଜବାମଣି ଟୁଡୁ ( ୮) ତଳେ ମରି ପଡିଥିଲେ । ଭିତର ପଟୁ କବାଟ ଖୋଲି ଦେଖନ୍ତି ତ ଝିଅ ବେକ ଧାରୁଆ ଅସ୍ତ୍ରରେ କଟାଯାଇଛି ଓ ସ୍ତ୍ରୀ ସୀତାର ମଧ୍ୟ ଧାରୁଆ ଅସ୍ତ୍ରରେ ଆକ୍ରମଣ ପରେ ପ୍ରଚୁର ରକ୍ତସ୍ରାବ ପରେ ମୃତ୍ୟୁ ହୋଇଛି । ସେ ପୁଲିସକୁ ଖବର ଦେବାରୁ ମହୁଲଡିହା ଥାନା ଅଧିକାରୀ ସଦଳବଳେ ଘଟଣାସ୍ଥଳରେ ପହଞ୍ଚି ଶବ ଜବତ କରି ତଦନ୍ତ ଆରମ୍ଭ କରିଥିବାବେଳେ କରଞ୍ଜିଆ ଏସଡିପିଓ ନବକୃଷ୍ଣ ନାୟକ ଘଟଣାସ୍ଥଳକୁ ଯାଇ ପରିଦର୍ଶନ କରିଛନ୍ତି । ରବିବାର ସକାଳେ ବାରିପଦାରୁ ସାଇଣ୍ଟିଫିକ ଟିମ ଆସିବା ପରେ ଶବ ବ୍ୟବଚ୍ଛେଦ ପାଇଁ ପଠାଯିବ ବୋଲି ଆଇଆଇସି ତୁଷାର ନାୟକ ସୂଚନା ଦେଇଛନ୍ତି । ହତ୍ୟାକାଣ୍ଡର କାରଣ କ'ଣ ଓ କିଏ ହତ୍ୟାକାରୀ, ସେ ସମ୍ପର୍କରେ ଅଧିକ ତଦନ୍ତ ଜାରି ରହିଛି ।

## ବିୟର ବୋତଲରେ ଯୁବକଙ୍କ ତଣ୍ଟି କାଟି ହତ୍ୟା

ଶଗଡା/ମନମୁଣ୍ଡା, ୨୭ ।୬(ସମିସ): ବୌଦ୍ଧ ଜିଲ୍ଲା ମନମୁଣ୍ଡା ଥାନା ଅଧୀନ ଡିଗି ଗ୍ରାମର ଗୁଲୁ ଫାଷ୍ଟଫୁଡ୍ ଦୋକାନ ପାଖ ମୁହାଣ (ନାଳ) ନିକଟରେ ଏକ ଜଘନ୍ୟ ହତ୍ୟାକାଣ୍ଡ ଘଟିଛି । ମୃତ ଯୁବକ ଜଣକ ହେଲେ ରକ୍ଷିବନ୍ଧ ଗ୍ରାମର କପିଳ ନାୟକ (୩୦) । କାଠ ଫାଳିଆରେ ମାଡ଼ ମାରି ବିଅର ବୋତଲରେ ତଣ୍ଟି କାଟିବା ପରେ ପଥରରେ ତାଙ୍କ ମୁଣ୍ଡ ଛେଚି ଅତି ଅମାନୁଷିକ ଭାବେ ହତ୍ୟା କରାଯାଇଛି । ପୁଲିସ ଶବ ଜବତ କରି ମନମୁଣ୍ଡା ଡାକ୍ତରଖାନାରେ ବ୍ୟବଚ୍ଛେଦ ପରେ ପରିବାରବର୍ଗଙ୍କୁ ହସ୍ତାନ୍ତର କରିଛି । କପିଳଙ୍କ ବାପା ରମେଶ ନାଏକଙ୍କ ଅଭିଯୋଗ ଆଧାରେ ପୁଲିସ ଏକ ହତ୍ୟା ମାମଲା ରୁଜୁ କରିଛି । ବିଳମ୍ବିତ ରାତିରେ ଏହି ଘଟଣା ଘଟିଥିଲା । ସକାଳୁ ଲୋକେ ମୃତଦେହ ଦେଖି ପରିବାର ଲୋକ ଓ ମନମୁଣ୍ଡା ପୁଲିସକୁ ଖବର ଦେଇଥିଲେ । ପୁଲିସ ପହଞ୍ଚି ମୃତଦେହକୁ ଚିହ୍ନଟ କରି ଅଧିକ ତଦନ୍ତ ଆରମ୍ଭ କରିଛି । ତେବେ ତାଙ୍କୁ କିଏ ଓ କାହିଁକି ହତ୍ୟା କଲା ତାହା ସ୍ପଷ୍ଟ ହୋଇନାହିଁ । ଏହି ଘଟଣା ଏବେ ସାରା ଅଞ୍ଚଳରେ ଚାଞ୍ଚଲ୍ୟ ଖେଳାଇ ଦେଇଛି । କପିଳ ଟ୍ରାକ୍ଟର ଚଳାନ୍ତି । ସେ ବାକି ଟଙ୍କା ମାଗିବାକୁ ସନ୍ଧ୍ୟାରେ ମାଲିକଙ୍କ ଘରକୁ ଯାଇଥିଲେ । ଫେରିବା ବେଳକୁ ଫାଷ୍ଟଫୁଡ ସେଣ୍ଟର ନିକଟରେ କିଛି ସାଙ୍ଗଙ୍କ ସହ ବଚସା ହୋଇ ଏଭଳି ଘଟଣା ଘଟିଥିବା ଅନୁମାନ କରାଯାଇଛି ।

## ଘରେ ଶୋଇଥିବା ବୃଦ୍ଧଙ୍କୁ ଗଳାକାଟି ହତ୍ୟା

ବୈପାରିଗୁଡ଼ା,୨୭।୬(ସମିସ): କୋରାପୁଟ ଜିଲ୍ଲାର ବୈପାରିଗୁଡା ବ୍ଲକ ଅନ୍ତର୍ଗତ ଚିପାକୁର ପଞ୍ଚାୟତର କାଉକୁଣ୍ଡ ଗ୍ରାମରେ ବିଳମ୍ବିତ ରାତିରେ ଶୋଇଥିବା ବୃଦ୍ଧଙ୍କୁ ନିର୍ମମ ଭାବେ ହତ୍ୟା କରାଯାଇଥିବା ଅଭିଯୋଗ ହୋଇଛି । ମୃତକ ସେହି ଗାଁର ଲକ୍ଷ୍ମଣ ଗୋଲରୀ(୬୫) । ସୂଚନା ଅନୁଯାୟୀ, ସେ ଘର ଅଗଣାରେ ଏକ ଖଟିଆରେ ଶୋଇଥିବା ସମୟରେ କେହି ଦୁର୍ବୃତ୍ତ ଧାରୁଆ ଅସ୍ତ୍ରରେ ତାଙ୍କ ଗଳା କାଟି ହତ୍ୟା କରିଥିବା ସନ୍ଦେହ କରାଯାଉଛି । ସକାଳେ ଉଠି ପରିବାର ଲୋକେ ଘଟଣା ଜାଣିବା ପରେ ଅଞ୍ଚଳରେ ଚାଞ୍ଚଲ୍ୟ ଖେଳିଯାଇଥିଲା । ମୃତକଙ୍କ ପୁଅ ରତି ଗୋଲରୀ ବୈପାରିଗୁଡା ଥାନାରେ ଏନେଇ ଲିଖିତ ଏତଲା ଦେଇଛନ୍ତି । ଖବର ପାଇ ପୁଲିସ ଘଟଣାସ୍ଥଳରେ ପହଞ୍ଚି ମୃତଦେହକୁ ଜବତ କରିବା ସହ ପ୍ରାଥମିକ ତଦନ୍ତ ଆରମ୍ଭ କରିଛି । ସାଇଣ୍ଟିଫିକ ଟିମ ଏବଂ ସନ୍ଧାନୀ କୁକୁର ମଧ୍ୟ ଘଟଣାସ୍ଥଳରୁ ବିଭିନ୍ନ ସାକ୍ଷ୍ୟ ଓ ପ୍ରମାଣ ସଂଗ୍ରହ କରୁଛି । ହତ୍ୟାର ପ୍ରକୃତ କାରଣ ଏପର୍ଯ୍ୟନ୍ତ ସ୍ପଷ୍ଟ ହୋଇନଥିବା ବେଳେ, ବ୍ୟକ୍ତିଗତ ଶତ୍ରୁତା, ପାରିବାରିକ ବିବାଦ କିମ୍ବା ଅନ୍ୟ କୌଣସି କାରଣ ରହିଛି କି ନାହିଁ, ସେହି ସବୁ ଦିଗକୁ ନଜରରେ ରଖି ପୁଲିସ ତଦନ୍ତ ଚଳାଇଛି । ଏହି ଘଟଣା ପରେ କାଉକୁଣ୍ଡ ଗ୍ରାମ ସମେତ ସମଗ୍ର ଅଞ୍ଚଳରେ ଭୟ ଓ ଉତ୍ତେଜନାର ପରିବେଶ ସୃଷ୍ଟି ହୋଇଛି । ଶବ ବ୍ୟବଚ୍ଛେଦ କରାଇ ପରିବାର ଲୋକଙ୍କୁ ହସ୍ତାନ୍ତର କରାଯାଇଛି । ତଦନ୍ତ ଶେଷ ହେବା ପରେ ହତ୍ୟା ପଛର ପ୍ରକୃତ କାରଣ ଏବଂ ଦୋଷୀଙ୍କ ସମ୍ପର୍କରେ ସ୍ପଷ୍ଟ ସୂଚନା ମିଳିବ ବୋଲି ବୈପାରିଗୁଡା ଥାନା ଓଆଇସି ଡମ୍ବରୁଧର ବାତ୍ରିଆ ସୂଚନା ଦେଇଛନ୍ତି ।

ରଥଖଳାରୁ...

## ତିନି ରଥରେ ବେଦୀ ନିର୍ମାଣ ଶେଷ

ପୁରୀ,୨୭।୬(ସମିସ): ରଥଯାତ୍ରା ନିମନ୍ତେ ଖୁବ୍ ଜୋର୍‌ରେ ଆଗେଇ ଚାଲିଛି ରଥ ନିର୍ମାଣ । ଶନିବାର ତିନିରଥରେ ପଟା ପଡ଼ି ବେଦୀ ନିର୍ମାଣ ଶେଷ କରିବା ସହ ତିନିରଥର ବେଦୀ ସିଂହାସନ ମୁହାଁଟି ବେଦୀରେ ଫିଟିଙ୍ଗ୍ କାର୍ଯ୍ୟ ଶେଷ କରିଛନ୍ତି । ଚାରମାଳ ବନ୍ଧା ପାଇଁ ଗୋଟିଏ ୩୦ ଫୁଟିଆ ଶାଳ ମାଲ କାଠର ଚଉପଟ କାର୍ଯ୍ୟ ଶନିବାର ଶେଷ ହେବା ପରେ ଚାରମାଳ ବନ୍ଧା କାର୍ଯ୍ୟ ପାଇଁ ଉକ୍ତ ଚଉପଟ ଶାଳ ମାଲ କାଠକୁ କୋଠା ସୁଆଁସିଆ ସେବକମାନଙ୍କୁ ଯୋଗାଇ ଦିଆଯାଇଛି । ତିନିରଥର ୪ଟି ଲେଖାଏଁ ୧୨ଟି ଦୁଆରବେଢ଼ାରେ ଚିତ୍ରକାର ସେବକମାନେ ଦୁଆରବେଢ଼ାଗୁଡିକରେ ରାହୁ ମୁଣ୍ଡ ରୂପ ଚିତ୍ର ସହ ସେଥିରେ



ଛାୟା, ମାୟା ରଙ୍ଗ ଚିତ୍ର କାର୍ଯ୍ୟ ଶେଷ ହୋଇଛି । ମୁଖ୍ୟ ରୂପକାର ସେବକ ଏବଂ ସହଯୋଗୀ ରୂପକାର ସେବକମାନେ ମିଶି ତିନିରଥର ପ୍ରଭାରେ ରୂପ ଖୋଦେଇ କାର୍ଯ୍ୟ ଜାରି ରଖିଛନ୍ତି । ସେହିପରି ଚିତ୍ରକାର ସେବକମାନେ ତିନିରଥର ଠେକେରା ବାଡ଼, ଶୁଆ, ଅଁଳା, ରଷି ପଟା, ହାତୀ ପଟା, ସଖୀଗୁଡ଼ିକରେ ରଙ୍ଗ କାର୍ଯ୍ୟ ଶେଷ କରି ନାଟଗୋଡ଼, ରଥ ପାର୍ଶ୍ୱ ମୂର୍ତ୍ତି, କନ୍ୟା ପଟା, କଳସ ଇତ୍ୟାଦିରେ ରଙ୍ଗ କାର୍ଯ୍ୟ ସହ ତିନିରଥର ସାରଥୀରେ ପ୍ରାଇମର୍ ପରେ ରଙ୍ଗ କାର୍ଯ୍ୟ ଜାରି ରହିଛି । ଏଥିସହ ତିନିରଥର ବାହ୍ୟ ଅଂଶଗୁଡ଼ିକର ରଙ୍ଗ କାର୍ଯ୍ୟ ଜାରି ରହିଛି । ଦୋଳବେଦୀ ଅସ୍ଥାୟୀ କମାରଶାଳରେ ଓଝା କମାର ସେବକମାନେ ତିନିରଥର ବେଦୀ ସିଂହାସନ ପାଇଁ ୧୦ଟି ଲେଖାଏଁ କଣ୍ଟା ଶେଷ କରି ଧ୍ୱଜ ବତା କଣ୍ଟା, ଧୂଳିଦଣ୍ଡା କଣ୍ଟା, ପ୍ରଭା କଣ୍ଟା ନିର୍ମାଣ ଜାରି ରଖିଛନ୍ତି । ଅପରପକ୍ଷରେ ପାହି ମହାରଣାମାନେ ଅଣସର ପାଇଁ କାଠ, ବାଉଁଶ ନିର୍ମିତ ସରଞ୍ଜାମ ନିର୍ମାଣ ଶେଷ କରି ରଥଯାତ୍ରାରେ ସେବା ପୂଜା ନୀତି ପାଇଁ କାଠ ନିର୍ମିତ ସରଞ୍ଜାମ ନିର୍ମାଣ ଜାରି ରଖିଛନ୍ତି ।

କଣ୍ଟେନର ପଛରେ ପିଟିହେଲା ପୁଲିସ୍ ଭ୍ୟାନ୍

## ୨ ଡିଏସ୍‌ପିଙ୍କ ସମେତ ୩ ଗୁରୁତର

ବାଲେଶ୍ୱର/ବାରିପଦା,୨୭।୬(ସମିସ): କଣ୍ଟେନର ପଛରେ ଧକ୍କା ଦେଲା ପୁଲିସ ଭ୍ୟାନ । ଦୁଇ ପୁଲିସ ଅଧିକରୀ ଗୁରୁତର ଆହତ ହୋଇଥିବା ବେଳେ ଡ୍ରାଇଭର ଶୋଚନୀୟ ଅବସ୍ଥାରେ ରେମୁଣା ମେଡ଼ିକାଲ କଲେଜରେ ଭର୍ତ୍ତି ହୋଇଛନ୍ତି । ବାଲେଶ୍ୱର ରେମୁଣା ୧୬ ନମ୍ବର ଜାତୀୟ ରାଜପଥ ନୂଆଗାଁ ଛକ ନିକଟରେ ଭଦ୍ରକରୁ ବାରିପଦା ଯାଉଥିବା ସମୟରେ ନୂଆଗାଁ ଛକ ନିକଟରେ ଏକ କଣ୍ଟେନର ପଛରେ ପୁଲିସ୍ ଭ୍ୟାନ ପିଟି ହୋଇଥିଲା । ଫଳରେ ଏହି ଭୟଙ୍କର ଦୁର୍ଘଟଣାରେ ଭ୍ୟାନ ଭିତରେ ଥିବା ଡ୍ରାଇଭର ଓ ଦୁଇ ପୁଲିସ ଅଧିକାରୀଙ୍କୁ ଗୁରୁତର ଅବସ୍ଥାରେ ଉଦ୍ଧାର କରାଯାଇ ରେମୁଣା ମେଡିକାଲ କଲେଜରେ ଭର୍ତ୍ତି କରାଯାଇଛି ।

ବାରିପଦାରେ କାର୍ଯ୍ୟରତ ଏଚଆରପିଏସ ଡ଼ିଏସପି ପାସ୍କେଲ ଏକ୍କା ଓ କ୍ରାଇମ ଡ଼ିଏସପି ନିରୁପମା ମଲ୍ଲିକ ଭଦ୍ରକ ମହରମ ଡିଉଟିରେ ଯାଇଥିବା ବେଳେ ଆଜି ବାରିପଦା ଫେରୁଥିବା ସମୟରେ ଅପରାହ୍ନରେ ତାଙ୍କ ଭ୍ୟାନ ବାଲେଶ୍ୱର ଜିଲ୍ଲା ୧୬ନଂ ଜାତୀୟ ରାଜପଥର ନୂଆଗାଁ ଛକ ନିକଟରେ ଦୁର୍ଘଟଣାଗ୍ରସ୍ତ ହୋଇଥିଲା । କଣ୍ଟେନର ପଛରେ ଧକ୍କା ହୋଇ ଭ୍ୟାନଟି ସମ୍ପୂର୍ଣ୍ଣ ଭାଙ୍ଗିରୁଜି ଯାଇଥିବା ବେଳେ ସ୍ଥାନୀୟ ଲୋକ ୨ଡ଼ିଏସପିଙ୍କ ସମେତ ଚାଳକ ବାଦଲ ପ୍ରଧାନଙ୍କୁ ଗୁରୁତର ଅବସ୍ଥାରେ ଉଦ୍ଧାର କରି ରେମୁଣା ମେଡିକାଲ କଲେଜରେ ଭର୍ତ୍ତି କରିଛନ୍ତି । ବାଲେଶ୍ୱର ଶିଳ୍ପାଞ୍ଚଳ ପୁଲିସ ଘଟଣା ସ୍ଥଳରେ ପହଞ୍ଚି ତଦନ୍ତ ଜାରି ରଖିଛି । ତେବେ ଚାଳକ ବାଦଲଙ୍କ ଅବସ୍ଥା ସଙ୍କଟାପନ୍ନ ଥିବା ଜଣାଯାଇଛି । ବାରିପଦାରୁ ଅତିରିକ୍ତ ଏସ୍‌ପିଙ୍କ ସମେତ ଅନ୍ୟାନ୍ୟ ବରିଷ୍ଠ ଅଧିକାରୀ ରେମୁଣା ମେଡିକାଲ କଲେଜରେ ପହଞ୍ଚି ସ୍ଥିତି ଅନୁଧ୍ୟାନ କରୁଛନ୍ତି ।

ଉଦ୍ୟମୀ ଓଡ଼ିଶା ଏମଏସଏମଇ କାର୍ଯ୍ୟକ୍ରମରେ ଯୋଗଦେଲେ ମୁଖ୍ୟମନ୍ତ୍ରୀ

## ମହିଳା ଉଦ୍ୟମିତା ପ୍ଲାଟଫର୍ମ ଓଡ଼ିଶା ଅଧ୍ୟାୟର ଶୁଭାରମ୍ଭ



**ବାଲେଶ୍ୱରରେ ରାଇସ୍ ମିଲିଙ୍ଗ୍ ଓ ପାହାଳରେ ରସଗୋଲା କ୍ଲଷ୍ଟର ସହ ଗଞ୍ଜାମ ଓ କଳାହାଣ୍ଡିରେ ଉଦ୍‌ଘାଟିତ ହେଲା ୨ଟି ମଲ୍ଟି-ପ୍ରଡକ୍ଟ ଏମଏସଏମଇ ପାର୍କ**

**ସମୃଦ୍ଧ ଓଡ଼ିଶାରେ ଆମର ମା ମାନେ ବିକାଶର ନେତୃତ୍ୱ ମଧ୍ୟ ନେବେ: ମୁଖ୍ୟମନ୍ତ୍ରୀ**

ଭୁବନେଶ୍ୱର,୨୭।୬(ସମିସ): ମହିଳାମାନଙ୍କୁ ଉଦ୍ୟୋଗ କ୍ଷେତ୍ରରେ ପ୍ରୋତ୍ସାହିତ କରିବା ପାଇଁ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଓଡ଼ିଶା ରାଜ୍ୟ ମହିଳା ଉଦ୍ୟମିତା ପ୍ଲାଟଫର୍ମର ଶୁଭାରମ୍ଭ କରିଛନ୍ତି । ନୀତି ଆୟୋଗର ସହାୟତାରେ ଆରମ୍ଭ ହୋଇଥିବା ଏହି ପ୍ଲାଟଫର୍ମ କେବଳ ଏକ ଅନୁଷ୍ଠାନ ନୁହେଁ, ବରଂ ଓଡ଼ିଶାର ବିକାଶ ଯାତ୍ରାରେ ମହିଳାମାନଙ୍କ ଅର୍ଥନୈତିକ ନେତୃତ୍ୱର ଏକ ମହା-ଅଭିଯାନ ବୋଲି ମୁଖ୍ୟମନ୍ତ୍ରୀ କହିଛନ୍ତି ।

ଶନିବାର ସ୍ଥାନୀୟ ଲୋକସେବା ଭବନ କନଭେନସନ୍ ସେଣ୍ଟରରେ ଆୟୋଜିତ 'ଉଦ୍ୟମୀ ଓଡ଼ିଶା ଏମଏସଏମଇ କାର୍ଯ୍ୟକ୍ରମ' ତଥା ଅନ୍ତର୍ଜାତୀୟ ଏମଏସଏମଇ ଦିବସ କାର୍ଯ୍ୟକ୍ରମରେ ମୁଖ୍ୟମନ୍ତ୍ରୀ ଯୋଗ ଦେଇଥିଲେ । ମୁଖ୍ୟମନ୍ତ୍ରୀ କହିଥିଲେ ଯେ ଆମର ଲକ୍ଷ୍ୟ ହେଉଛି ଆମେ ଏମିତି ଏକ ଓଡ଼ିଶା ଗଠନ କରିବୁ, ଯେଉଁଠାରେ ମହିଳାମାନେ ଚାକିରି ଖୋଜିବେ ନାହିଁ, ବରଂ ଚାକିରି ସୃଷ୍ଟି କରିବେ । ବିଭିନ୍ନ ଉତ୍ପାଦର କେବଳ ଉପଭୋକ୍ତା ହେବେ ନାହିଁ, ବରଂ ଉତ୍ପାଦକୁ ନିଜେ ସୃଷ୍ଟି କରିବେ, ସେମାନେ ବିକାଶର କେବଳ ଅଂଶୀଦାର ହେବେ ନାହିଁ, ବରଂ ବିକାଶର ନେତୃତ୍ୱ ନେବେ । ଏହି ଅବସରରେ ମୁଖ୍ୟମନ୍ତ୍ରୀ ମହିଳା ଉଦ୍ୟମିତା ପ୍ଲାଟଫର୍ମ(ଡବ୍ଲ୍ୟୁଇପି)ର ଏକ ବର୍ଷର ଆକ୍ସନ ପ୍ଲାନ୍‌ର ମଧ୍ୟ ଶୁଭାରମ୍ଭ କରିଥିଲେ । ଏହି ଅବସରରେ ହସ୍ତତନ୍ତ, ସ୍କିଲ୍, ହୋମ୍ ଷ୍ଟେ ଏବଂ ଟେକ୍ନୋଲୋଜି କ୍ଷେତ୍ରରେ ଅନେକ ନୂତନ ପାର୍ଟନରସିପ୍ ଓ କୋଲାବରେସନ୍ ମଧ୍ୟ ଆଜି ଆରମ୍ଭ କରାଯାଇଛି । ସେହିପରି ବାଲେଶ୍ୱରଠାରେ ୨୪ କୋଟି ୧୮ ଲକ୍ଷ ଟଙ୍କା ବ୍ୟୟରେ ନିର୍ମିତ ଏକ 'ରାଇସ୍ ମିଲିଙ୍ଗ୍ କ୍ଲଷ୍ଟର'ର ଉଦ୍‌ଘାଟନ କରାଯାଇଛି, ଯାହା ରାଇସ୍ ବ୍ରାନ୍ ଅଏଲ୍ ଉତ୍ପାଦନକୁ ପ୍ରୋତ୍ସାହିତ କରିବ । ପାରମ୍ପରିକ ସୁସ୍ୱାଦୁ ଖାଦ୍ୟର ପ୍ରସାର ପାଇଁ ପାହାଳଠାରେ ୧୭ କୋଟି ୭୦ ଲକ୍ଷ ଟଙ୍କା ବ୍ୟୟରେ ଏକ 'ରସଗୋଲା କ୍ଲଷ୍ଟର' ପାଇଁ ଶିଳାନ୍ୟାସ କରାଯାଇଛି । ଏହାଦ୍ୱାରା ପାହାଳର ଦୈନିକ ଉତ୍ପାଦନ କ୍ଷମତା ୭ ହଜାର କେଜିରୁ ୧୧ ହଜାର କେଜିକୁ ବୃଦ୍ଧି ପାଇବ । ଏହା ବ୍ୟତୀତ ଗଞ୍ଜାମର ବରପାଲ୍ଲି ଓ କଳାହାଣ୍ଡିର କେସିଙ୍ଗାଠାରେ ୧୦ କୋଟି ଟଙ୍କା ଲେଖାଏଁ ବ୍ୟୟରେ ୨ଟି 'ମଲ୍ଟି-ପ୍ରଡକ୍ଟ ଏମଏସଏମଇ ପାର୍କ'ର ଉଦ୍‌ଘାଟନ କରାଯାଇଛି । ଆଗାମୀ ଦିନରେ ଏକ ଇଞ୍ଜିନିୟରିଙ୍ଗ୍ କ୍ଲଷ୍ଟର, ମୁଦ୍ରଣ ଓ ପ୍ୟାକେଜିଙ୍ଗ୍ କ୍ଲଷ୍ଟର ଏବଂ କାଜୁ କ୍ଲଷ୍ଟରର ଶୁଭାରମ୍ଭ କରାଯିବ ମୁଖ୍ୟମନ୍ତ୍ରୀ ସୂଚନା ଦେବା ସହ ରାଜ୍ୟର ପ୍ରତ୍ୟେକ ଜିଲ୍ଲାରେ ଗୋଟିଏ ଗୋଟିଏ ମଲ୍ଟି ପ୍ରଡକ୍ଟ ଏମଏସଏମଇ ପାର୍କ ସ୍ଥାପନ କରାଯାଉଛି ବୋଲି ସେ କହିଥିଲେ । ରାଜ୍ୟରେ ଏମଏସଏମଇ ପାଇଁ ନିଆଯାଉଥିବା ପଦକ୍ଷେପ ସମ୍ପର୍କରେ ସୂଚନା ଦେଇ ମୁଖ୍ୟମନ୍ତ୍ରୀ କହିଥିଲେ ଯେ କେନ୍ଦ୍ର ଓ ରାଜ୍ୟ ସରକାରଙ୍କ ମିଳିତ ଉଦ୍ୟମରେ ଓଡ଼ିଶାର ୪ ଲକ୍ଷ ୩୨ ହଜାରରୁ ଅଧିକ ଏମଏସଏମଇ ଉପକୃତ ହୋଇଛନ୍ତି । ପିଏମଇଜିପି ଜରିଆରେ ୪,୯୦୦ କ୍ଷୁଦ୍ର ଉଦ୍ୟୋଗକୁ ୧୪୬ କୋଟି ଟଙ୍କାର ସବସିଡି ପ୍ରଦାନ କରାଯାଇଛି, ଯେଉଁଥିରେ ୪୨.୫ ପ୍ରତିଶତ ହିତାଧିକାରୀ ହେଉଛନ୍ତି ମହିଳା ।

କାର୍ଯ୍ୟକ୍ରମରେ ଯୋଗଦେଇ ନୀତି ଆୟୋଗର ଉପାଧ୍ୟକ୍ଷ ଡକ୍ଟର ଅଶୋକ ଲାହିରୀ କହିଛନ୍ତି, ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ପୂର୍ବୋଦୟ ଯୋଜନା ଅଧୀନରେ ଓଡ଼ିଶା ଆଜି ବିକାଶର ଏକ ନୂଆ କିରଣ ସାଜିବା ସହ ଏକ ଉଦୀୟମାନ ତାରକା ଭାବେ ଉଭା ହୋଇଛି ।

■ ମୋରଡ଼ା ଥାନା ଅଧିକାରୀଙ୍କ ଧମକରେ ନାବାଳିକା ଅଚେତ ପ୍ରସଙ୍ଗ

## ମୟୂରଭଞ୍ଜ ଏସ୍‌ପିଙ୍କୁ ରିପୋର୍ଟ ତଲବ କଲେ ମାନବାଧିକାର ଆୟୋଗ

ବାରିପଦା, ୨୭ ।୬ (ସମିସ): ମୟୂରଭଞ୍ଜ ଜିଲ୍ଲା ମୋରଡା ଥାନାକୁ ନ୍ୟାୟ ମାଗିବାକୁ ଯାଇ ଥାନା ଅଧିକାରୀଙ୍କ ନାଲି ଆଖି ଓ ଧମକ ପରେ ଜଣେ ନାବାଳିକା ୪ଘଣ୍ଟା ଅଚେତ ହେବା ଘଟଣାରେ ଓଡ଼ିଶା ମାନବିକ ଅଧିକାର ଆୟୋଗ (ଓଡ଼ିଶା ହ୍ୟୁମାନ ରାଇଟ୍ସ କମିଶନ) ମୟୂରଭଞ୍ଜ ଜିଲ୍ଲା ଆରକ୍ଷୀ ଅଧୀକ୍ଷକଙ୍କୁ ରିପୋର୍ଟ ତଲବ କରିଛନ୍ତି । ଏହି ମାମଲାର ପରବର୍ତ୍ତୀ ଶୁଣାଣି ଆଗାମୀ ସେପ୍ଟେମ୍ବର ୨୫ ତାରିଖରେ କରାଯିବାକୁ ଦିନ ଧାର୍ଯ୍ୟ ହୋଇଛି । ସୂଚନା ମୁତାବକ, ଜଣେ ଯୁବକଙ୍କ ଦ୍ୱାରା ବାରମ୍ବାର ଅଭଦ୍ରୋଚିତ ତଥା ଅଶାଳୀନ ବ୍ୟବହାରରେ ଅତିଷ୍ଠ ହୋଇ ଗତ ମେ' ମାସ ୧୬ ତାରିଖ ଶନିବାର ଦିନ ୧୫ ବର୍ଷୀୟା ଜଣେ ନାବାଳିକା ମୋରଡା ଥାନାକୁ ନ୍ୟାୟ ପାଇଁ ଯାଇଥିଲେ । ମାତ୍ର ସେ ନ୍ୟାୟ ପାଇବା ପରିବର୍ତ୍ତେ ଥାନା ଅଧିକାରୀ ସୁମିତ ସୋରେନଙ୍କ ନାଲି ଆଖି ଓ ୭ ବର୍ଷ କାରାଦଣ୍ଡ ଭଳି ଧମକର ସାମ୍ନା କରିଥିଲେ । ଫଳରେ ନାବାଳିକା ଜଣକ ଅତି ମାତ୍ରାରେ ଭୟଭୀତ ହୋଇ ଦୀର୍ଘ ୪ ଘଣ୍ଟା ଧରି ଚେତାଶୂନ୍ୟ ଅବସ୍ଥାକୁ ଯାଇ ଡାକ୍ତରଖାନାରେ ଚିକିତ୍ସିତ ହୋଇଥିଲେ । ଏହି ସମ୍ବେଦନଶୀଳ ଖବର "ସକାଳ"ରେ ପ୍ରକାଶିତ ହେବା ପରେ ମାନବିକ ଅଧିକାର କର୍ମୀ ତଥା ଆଇନଜୀବୀ ପ୍ରବୀର କୁମାର ଦାସ ଓଡ଼ିଶା ମାନବିକ ଅଧିକାର ଆୟୋଗଙ୍କଠାରେ ଏକ ମାମଲା ରୁଜୁ କରିଥିଲେ । ଶ୍ରୀ ଦାସ ଦର୍ଶାଇଥିଲେ ଯେ, ଜଣେ ନାବାଳିକା ପୀଡ଼ିତାଙ୍କୁ ଥାନାରେ ନିର୍ଯାତନା ପ୍ରସଙ୍ଗ ମାନବିକ ଅଧିକାର ଉଲ୍ଲଂଘନ ହୋଇଥିବାରୁ ସରକାର ସଂପୃକ୍ତ ଅଧିକାରୀଙ୍କ ବିରୋଧରେ ଉପଯୁକ୍ତ କାର୍ଯ୍ୟାନୁଷ୍ଠାନ ସହିତ ପୀଡ଼ିତାଙ୍କୁ ୧୦ ଲକ୍ଷ ଟଙ୍କାର କ୍ଷତିପୂରଣ ଦେବାକୁ ଅନୁରୋଧ କରିଥିଲେ । ଏହି ମାମଲାରେ ଓଡ଼ିଶା ମାନବିକ ଅଧିକାର ଆୟୋଗଙ୍କ ହସ୍ତକ୍ଷେପ ଲୋଡି ଶ୍ରୀ ଦାସ ଆୟୋଗଙ୍କ ନିଜସ୍ୱ ତଦନ୍ତକାରୀ ସଂସ୍ଥା ଦ୍ୱାରା ତଦନ୍ତ କରାଇ ଥାନା ଅଧିକାରୀଙ୍କ ବିରୋଧରେ ତୁରନ୍ତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା ସହିତ ପୀଡ଼ିତାଙ୍କୁ କ୍ଷତିପୂରଣ ଦେବା ଆବଶ୍ୟକ ବୋଲି ଦର୍ଶାଇଥିଲେ । ଦାଖଲ ହୋଇଥିବା କେସ ନଂ୧୮୭୭ ଆଧାରରେ ଓଡ଼ିଶା ମାନବିକ ଅଧିକାର ଆୟୋଗ ଅଧ୍ୟକ୍ଷ ଜଷ୍ଟିସ ଏସ ପୂଜାରୀ ଜିଲ୍ଲା ଆରକ୍ଷୀ ଅଧୀକ୍ଷକଙ୍କୁ ରିପୋର୍ଟ ମାଗିବା ସହ ପରବର୍ତ୍ତୀ ଶୁଣାଣି ଆଗାମୀ ସେପ୍ଟେମ୍ବର ୨୫ରେ ହେବ ବୋଲି ରାୟ ଦେଇଛନ୍ତି । ଘଟଣା ଘଟିବା ପରେ ପୀଡ଼ିତା ପରିବାର ଏସପି, ଜିଲ୍ଲାପାଳ, ମୁଖ୍ୟମନ୍ତ୍ରୀଙ୍କୁ ସାକ୍ଷାତ କରି ନ୍ୟାୟ ଚାହିଁଥିବାବେଳେ ରାଷ୍ଟ୍ରପତିଙ୍କୁ ନିବେଦନ କରିଥିଲେ ହେଁ ଅଭିଯୁକ୍ତ ଥାନା ଅଧିକାରୀ ବର୍ତ୍ତମାନ ସୁଦ୍ଧା ଉପରିସ୍ଥ ଅଧିକାରୀଙ୍କ ସୁରକ୍ଷାରେ ନିଜ ଥାନାରେ କାର୍ଯ୍ୟ ତୁଲାଉଛନ୍ତି ।

**ସେପ୍ଟେମ୍ବର ୨୫ରେ ପରବର୍ତ୍ତୀ ଶୁଣାଣି**

■ ଚୁକ୍ତିଭିତ୍ତିକ ପ୍ରୋଗ୍ରାମ ମ୍ୟାନେଜରଙ୍କୁ ମିଳିଲା ନ୍ୟାୟ

## ୪ ମାସରେ ଚାକିରି ନିୟମିତ କର: ହାଇକୋର୍ଟ

କଟକ,୨୭।୬(ସମିସ): ରାଜ୍ୟର ଜିଲ୍ଲା ଗ୍ରାମ୍ୟ ଉନ୍ନୟନ ସଂସ୍ଥା(ଡିଆରଡିଏ)ରେ ନିଯୁକ୍ତ ହୋଇ ପରବର୍ତ୍ତୀ ସମୟରେ ଜିଲ୍ଲା ପରିଷଦଗୁଡିକରେ କାର୍ଯ୍ୟରତ ଚୁକ୍ତିଭିତ୍ତିକ ପ୍ରୋଜେକ୍ଟ ମ୍ୟାନେଜରଙ୍କୁ ହାଇକୋର୍ଟରୁ ମିଳିଛି ନ୍ୟାୟ । ଦୀର୍ଘ ବର୍ଷ ଧରି କାର୍ଯ୍ୟ କରୁଥିବା ଏହି ଚୁକ୍ତିଭିତ୍ତିକ କର୍ମଚାରୀଙ୍କ ସେବାକୁ ସ୍ଥାୟୀ ବା ନିୟମିତ ନ କରି ସେମାନଙ୍କୁ ସମାନ କାର୍ଯ୍ୟ ପାଇଁ ସ୍ଥାୟୀ ସୁରକ୍ଷା ନ ଦେବା ଏକପ୍ରକାର ଶୋଷଣ



ବୋଲି ଅଦାଲତ କହିଛନ୍ତି । ହିମାଂଶୁ ଭୂଷଣ ମହାରଣା ଓ ଅନ୍ୟମାନଙ୍କ ଦ୍ୱାରା ଦାୟର ଏକ ମାମଲାର ଶୁଣାଣି କରି ଜଷ୍ଟିସ ରାଧାକ୍ରିଷ୍ଣ ପଟ୍ଟନାୟକ ଆସନ୍ତା ୪ ମାସରେ ଆବେଦନକାରୀଙ୍କ ଚାକିରି ନିୟମିତ କରିବାକୁ ରାଜ୍ୟ ସରକାରଙ୍କୁ ନିର୍ଦ୍ଦେଶ ଦେଇଛନ୍ତି । ଡିଆରଡିଏଗୁଡ଼ିକ ସୋସାଇଟି ହୋଇଥିଲେ ମଧ୍ୟ, ୨୦୨୨ରେ ସେଗୁଡ଼ିକର ଜିଲ୍ଲା ପରିଷଦ ସହ ସମ୍ପୂର୍ଣ୍ଣ ମିଶ୍ରଣ ସରିଛି । ସମ୍ବିଧାନର ଧାରା ୧୨ ଅନୁଯାୟୀ ଜିଲ୍ଲା ପରିଷଦ ସ୍ଥାନୀୟ କର୍ତ୍ତୃପକ୍ଷ ଭାବେ ପରିସରଭୁକ୍ତ । ତେଣୁ ଏଠାରେ କାର୍ଯ୍ୟରତ କର୍ମଚାରୀଙ୍କୁ ସେମାନଙ୍କର ପ୍ରାପ୍ୟ ଅଧିକାରରୁ ବଞ୍ଚିତ କରାଯାଇପାରିବ ନାହିଁ ବୋଲି ହାଇକୋର୍ଟ କହିଛନ୍ତି ।

ମାମଲାରୁ ପ୍ରକାଶ ଯେ ଗତ ୨୦୧୦ ମସିହାରେ ରାଜ୍ୟ ପଞ୍ଚାୟତିରାଜ ବିଭାଗ ଅଧୀନରେ ଥିବା ବିଭିନ୍ନ ଜିଲ୍ଲା ଗ୍ରାମ୍ୟ ଉନ୍ନୟନ ସଂସ୍ଥାରେ ଆବେଦନକାରୀମାନେ ସହକାରୀ ପ୍ରୋଜେକ୍ଟ ଡାଇରେକ୍ଟର (ଏପିଡି) ଭାବେ ଚୁକ୍ତିଭିତ୍ତିକ ନିଯୁକ୍ତି ପାଇଥିଲେ । ପରବର୍ତ୍ତୀ ସମୟରେ ଏହି ପଦକୁ ପ୍ରୋଗ୍ରାମ ମ୍ୟାନେଜର ଭାବେ ନାମିତ କରାଯାଇଥିଲା । ୨୦୨୨ରେ ସରକାର ଡିଆରଡିଏଗୁଡ଼ିକୁ ଜିଲ୍ଲା ପରିଷଦ ସହ ମିଶ୍ରଣ କରିଦେଇଥିଲେ ଏବଂ ଏହି କର୍ମଚାରୀମାନେ ସେଠାରେ କାର୍ଯ୍ୟ ଜାରି ରଖିଥିଲେ । ଦୀର୍ଘ ୬ ବର୍ଷରୁ ଅଧିକ (ପ୍ରାୟ ଏକ ଦଶନ୍ଧି) ସେବା ସମ୍ପୂର୍ଣ୍ଣ କରିସାରିଥିବାରୁ, ସରକାରଙ୍କ ୨୦୧୩ ଓ ୨୦୧୪ର ଚୁକ୍ତିଭିତ୍ତିକ ନିଯୁକ୍ତି ନିୟମାବଳୀ ଅନୁଯାୟୀ ଚାକିରି ନିୟମିତ କରିବା ସହ ନିୟମିତ ଦରମା ପ୍ରଦାନ ପାଇଁ ସେମାନେ ହାଇକୋର୍ଟଙ୍କ ଦ୍ୱାରସ୍ଥ ହୋଇଥିଲେ । ରାଜ୍ୟ ସରକାର ଏହି ନିୟମିତକରଣକୁ ବିରୋଧ କରି ଯୁକ୍ତି ଦର୍ଶାଇଥିଲେ ଯେ ଡିଆରଡିଏଗୁଡ଼ିକ ସୋସାଇଟି ଆକ୍ଟ ଅଧୀନରେ ପଞ୍ଜିକୃତ ଥିଲେ, ତେଣୁ ସରକାରୀ ନିୟମ ସେମାନଙ୍କ ପାଇଁ ଲାଗୁ ହେବ ନାହିଁ ଓ ଆବେଦନକାରୀମାନେ କୌଣସି ନିୟମିତ ପ୍ରତିଯୋଗିତାମୂଳକ ସରକାରୀ ପରୀକ୍ଷା ମାଧ୍ୟମରେ ଆସିନାହାନ୍ତି । ସରକାରଙ୍କ ଅନୁମୋଦନକ୍ରମେ ବିଧିବଦ୍ଧ ବିଜ୍ଞପ୍ତି ପ୍ରକାଶ ପାଇ ଜିଲ୍ଲାପାଳଙ୍କ ଅଧ୍ୟକ୍ଷତାରେ ଗଠିତ କମିଟି ମାଧ୍ୟମରେ ମେଧା ଆଧାରରେ ଏହି ନିଯୁକ୍ତି ହୋଇଥିଲା । ଏହାକୁ ସର୍ବାଧିକ ଅନିୟମିତ କୁହାଯାଇପାରେ, କିନ୍ତୁ କୌଣସି ପରିସ୍ଥିତିରେ 'ବେଆଇନ' କୁହାଯାଇପାରିବ ନାହିଁ ବୋଲି ଅଦାଲତ ସ୍ପଷ୍ଟ କରିଛନ୍ତି ।

ବିଜେଡିର ପ୍ରଶ୍ନ

## କେବେ ସୁଧୁରିବ ରାଜ୍ୟର ଆଇନଶୃଙ୍ଖଳା ସ୍ଥିତି

### ରାଜ୍ୟରେ ବଢୁଛି ଅପରାଧୀଙ୍କ ଦୌରାତ୍ମ୍ୟ; ପୁଲିସ ଉପରୁ ଆସ୍ଥା ହରାଇଲେଣି ସାଧାରଣଜନତା



**ଅପରାଧୀଙ୍କ ସୁରକ୍ଷାକବଚ ସାଜୁଛନ୍ତି ବିଜେପି ନେତା**

ଭୁବନେଶ୍ୱର,୨୭।୬(ସମିସ): ଓଡ଼ିଶା ଏବେ ଘଡିସନ୍ଧି ମୁହୂର୍ତ୍ତ ଦେଇ ଗତି କରୁଛି । ବିଜେପି ରାଜ୍ୟର ଶାସନ ଭାର ନେବା ଦିନଠାରୁ ଦୁଇ ବର୍ଷ ହେଲାଣି ରାଜ୍ୟର ଆଇନଶୃଙ୍ଖଳା ବିପର୍ଯ୍ୟସ୍ତ ହୋଇଛି । କେବଳ ଆଇନଶୃଙ୍ଖଳା ନୁହେଁ, ପ୍ରତ୍ୟେକ କ୍ଷେତ୍ରରେ ଓଡ଼ିଶା ଦୁର୍ଦ୍ଦଶାର ସମ୍ମୁଖୀନ ହେଉଛି । ମହିଳା ବିରୋଧୀ ହିଂସା, ଚାଷୀ ଅବ୍ୟବସ୍ଥା, ପାଠ୍ୟ ପୁସ୍ତକରେ ସାଂଘାତିକ ତ୍ରୁଟି, ସାରା ରାଜ୍ୟରେ ମାଫିଆରାଜ, ବିଜେପି ନେତାଙ୍କ ଗୁଣ୍ଡାଗର୍ଦ୍ଦି ଆଦି ଘଟଣାମାନ ଏବେ ରାଜ୍ୟବାସୀଙ୍କୁ ଅଣନିଶ୍ୱାସୀ କରିଦେଉଛି ବୋଲି କ୍ଷୋଭ ପ୍ରକାଶ କରିଛି ବିଜେଡି । ବାରମ୍ବାର ଘଟୁଥିବା ହିଂସାତ୍ମକ ଅପରାଧ ଯୋଗୁଁ ରାଜ୍ୟବାସୀଙ୍କ ମନରେ ଭୟ ଓ ଅସୁରକ୍ଷାର ପରିବେଶ ସୃଷ୍ଟି ହୋଇଛି ବୋଲି ବିଜେଡି ଅଭିଯୋଗ କରିଛି ।

ଶନିବାର ଶଙ୍ଖ ଭବନଠାରେ ଅନୁଷ୍ଠିତ ସାମ୍ବାଦିକ ସମ୍ମିଳନୀରେ ପୂର୍ବତନ ମନ୍ତ୍ରୀ ତଥା ବିଧାୟକ ତୁଷାରକାନ୍ତି ବେହେରା କହିଥିଲେ ଯେ ସହଦେବଖୁଣ୍ଟା ଥାନାଠାରୁ ମାତ୍ର ୬୦୦ ମିଟର ଦୂରରେ ଦୁର୍ବୃତ୍ତମାନେ ୮ ରାଉଣ୍ଡ ଗୁଳି ଚଳାଇ ଦିନ ଦ୍ୱିପ୍ରହରରେ ବାଲେଶ୍ୱରର ବ୍ୟବସାୟୀ ଶେଖ ହମିଦଙ୍କୁ ନିର୍ମମ ହତ୍ୟା କରିଛନ୍ତି । ସେହିପରି ପୁରୀରେ ଜଣେ ହୋଟେଲ ମାଲିକଙ୍କୁ ତାଙ୍କ ମ୍ୟାନେଜର ଓ ସହଯୋଗୀମାନେ ହତ୍ୟା କରିଥିଲେ । ପୁରୀରେ ଏଭଳି ଘଟଣା କେବଳ ଜନସୁରକ୍ଷା ପ୍ରତି ବିପଦ ସୃଷ୍ଟି କରୁନାହିଁ, ବରଂ ପର୍ଯ୍ୟଟକ ଓ ସମ୍ଭାବ୍ୟ ନିବେଶକଙ୍କ ନିକଟରେ ଓଡ଼ିଶାର ଭାବମୂର୍ତ୍ତିକୁ ମଧ୍ୟ କ୍ଷୁର୍ଣ୍ଣ କରୁଛି । ଏ ସମସ୍ତ ଘଟଣାରୁ ସ୍ପଷ୍ଟ ହେଉଛି ରାଜ୍ୟରେ ଆଇନଶୃଙ୍ଖଳା ବିପର୍ଯ୍ୟସ୍ତ ହୋଇଥିଲା ବେଳେ ପୁଲିସ ବିଭାଗ କୋମାକୁ ଚାଲିଯାଇଛି । ମାଣିଆବନ୍ଧ ଏକ ଶାନ୍ତିପୂର୍ଣ୍ଣ ଅଞ୍ଚଳ ଭାବେ ପରିଚିତ ଥିଲା ଏବଂ ପୂର୍ବରୁ ଏପରି ଅପରାଧିକ ଘଟଣା କେବେ ଘଟିନଥିଲା । ଶାଢ଼ୀ ପାଇଁ ସାରା ଦେଶରେ ପ୍ରସିଦ୍ଧ ଏହି ଅଞ୍ଚଳ ଆଜି ଏହି ଘଟଣା ପରେ ଉତ୍ତେଜନାପୂର୍ଣ୍ଣ ପରିସ୍ଥିତିରେ ପହଞ୍ଚିଛି ଏବଂ ସ୍ଥାନୀୟ ଲୋକଙ୍କ ମନରେ ଭୟ ଓ ଅସୁରକ୍ଷାର ଭାବନା ସୃଷ୍ଟି ହୋଇଛି ବୋଲି ସେ କ୍ଷୋଭ ପ୍ରକାଶ କରିଥିଲେ । ବିଜୁ ଜନତା ଦଳ ସଂଖ୍ୟାଲଘୁ ସେଲର ଜୋନାଲ ସହସଂଯୋଜକ ଏସ୍ ।କେ.ନିଜାମୁଦ୍ଦିନ କହିଥିଲେ ଯେ ରାଜ୍ୟରେ ଆଇନଶୃଙ୍ଖଳା ବଜାୟ ରଖିବା ଯେକୌଣସି ସରକାରଙ୍କର ସର୍ବପ୍ରଥମ ଦାୟିତ୍ୱ । ଓଡ଼ିଶାବାସୀ ସୁରକ୍ଷା, ନିରାପତ୍ତା ଓ ନ୍ୟାୟ ପାଇବାର ଅଧିକାରୀ । ସଂଖ୍ୟାଲଘୁ ବର୍ତ୍ତମାନ ରାଜ୍ୟରେ ସୁରକ୍ଷିତ ନାହାନ୍ତି । ବାଲେଶ୍ୱରରେ ବ୍ୟବସାୟୀ ହମିଦଙ୍କୁ ନିର୍ମମ ଭାବେ ହତ୍ୟା କରାଯାଇଛି । ରାଜ୍ୟରେ ଘଟୁଥିବା ସଂଗଠିତ ଅପରାଧକୁ ସରକାର ଯଦି ରୋକିନପାରିବେ ଆଗାମୀ ଦିନରେ ଭୟଙ୍କର ବିରୋଧର ସମ୍ମୁଖୀନ ହେବେ ବୋଲି ସେ ଚେତାଇ ଦେଇଥିଲେ । ଦଳର ମୁଖପାତ୍ର ତଥା ଗଣମାଧ୍ୟମ ସଂଯୋଜକ ଡ. ଲେନିନ୍ ମହାନ୍ତି ରାଜ୍ୟ ସରକାରଙ୍କୁ ପ୍ରଶ୍ନ କରି କହିଥିଲେ ଯେ ଗତ ୨୩ ତାରିଖରେ ରାଜ୍ୟର ଆଇନମନ୍ତ୍ରୀ ପ୍ରଭୁ ଶ୍ରୀଜଗନ୍ନାଥଙ୍କ ରଥଯାତ୍ରାକୁ ସୁଚାରରୂପେ ପରିଚାଳନା ନିମନ୍ତେ ସମୀକ୍ଷା ବୈଠକ କରି ଗଣମାଧ୍ୟମକୁ କହିଥିଲେ, ପ୍ରସିଦ୍ଧ ରଥଯାତ୍ରାକୁ ଶୃଙ୍ଖଳିତ ଭାବେ କରିବା ପାଇଁ ରାଜ୍ୟ ସରକାର ସମସ୍ତ ପଦକ୍ଷେପ ନେବା ସହିତ ଭକ୍ତମାନଙ୍କ ସୁରକ୍ଷାରେ କୌଣସି ଅବହେଳା କରାଯିବ ନାହିଁ । କିନ୍ତୁ ପରଦିନ ଅପରାଧୀମାନେ ଆଇନମନ୍ତ୍ରୀଙ୍କ କଥାକୁ ଖାତିର ନକରି ପୁରୀର ଜଣେ ହୋଟେଲ ବ୍ୟବସାୟୀଙ୍କୁ ନିର୍ମମ ଭାବେ ହତ୍ୟା କରି ଖସିଯିବାରେ ସଫଳ ହେଲେ । ସେହିପରି ବଡମ୍ବାର ମାଣିଆବନ୍ଧ ସରପଞ୍ଚଙ୍କ ସ୍ୱାମୀଙ୍କୁ ସର୍ବସମ୍ମୁଖରେ ତାଙ୍କ ପୁଅଙ୍କ ଉପସ୍ଥିତିରେ ଗୁଳି ମାରି ହତ୍ୟା କରିବାକୁ ଉଦ୍ୟମ କରିଥିବା ଆସାମୀମାନଙ୍କୁ ଧରିବାରେ ଏପର୍ଯ୍ୟନ୍ତ ପୁଲିସ ସକ୍ଷମ ହୋଇନାହିଁ । ରାଜ୍ୟରେ ଏଭଳି ଅପରାଧମାନ କେତେ ଦିନ ଚାଲିବ ବୋଲି ଡ. ମହାନ୍ତି ସରକାରଙ୍କୁ ପ୍ରଶ୍ନ କରିଛନ୍ତି ।

## ୧୪ ଦିନ ଅଣସରରେ ରହିବେ ଚତୁର୍ଦ୍ଧା ମୂରତି

# ଦ୍ୱିତୀୟ ଶ୍ରୀକ୍ଷେତ୍ର ପାଲଟେ ଶ୍ରୀଅଲାରନାଥଙ୍କ ପୀଠ

ବ୍ରହ୍ମଗିରି,୨୭।୬(ଶଙ୍କର୍ଷଣ ସାହୁ)

ଶ୍ରୀଜଗନ୍ନାଥ ମହାପ୍ରଭୁଙ୍କ ପବିତ୍ର ସ୍ନାନଯାତ୍ରା ପରେ ସ୍ନାନ ମଣ୍ଡପରୁ ଶ୍ରୀବିଗ୍ରହମାନେ ପହଣ୍ଡି ହୋଇ ଅନବସର ଗୃହରେ ରୁହନ୍ତି। ଜ୍ୟେଷ୍ଠ ପୂର୍ଣ୍ଣିମା ପରଦିନଠାରୁ ଆଷାଢ଼ ମାସ ଅମାବାସ୍ୟା ପର୍ଯ୍ୟନ୍ତ ଦୀର୍ଘ ୧୪ ଦିନ ପର୍ଯ୍ୟନ୍ତ ଜଗନ୍ନାଥଙ୍କୁ କୌଣସି ଭକ୍ତ ତଥା ସର୍ବସାଧାରଣ ଦର୍ଶନ କରିପାରନ୍ତି ନାହିଁ। ଭକ୍ତ ପ୍ରାଣ ବ୍ୟାକୁଳିତ ହୋଇ ଉଠେ ଏହାକୁ ପ୍ରଶମିତ କରିବା ପାଇଁ। ଶ୍ରୀକ୍ଷେତ୍ର ଛାଡ଼ି ଭକ୍ତମାନେ ଛୁଟି ଆସନ୍ତି ବ୍ରହ୍ମଗିରିରେ ବିରାଜମାନ କରିଥିବା ପ୍ରଭୁ ଶ୍ରୀଅଲାରନାଥଙ୍କ ପୀଠକୁ। ଏହି ୧୪ ଦିନ ବ୍ରହ୍ମଗିରିର ଶ୍ରୀଅଲାରନାଥଙ୍କ ପୀଠ ଦ୍ୱିତୀୟ ଶ୍ରୀକ୍ଷେତ୍ର ପାଲଟିଯାଏ।

ଅନବସର ସମୟରେ ପ୍ରଭୁ ଶ୍ରୀଅଲାରନାଥଙ୍କୁ ଦର୍ଶନ କରିବାର ପ୍ରାମାଣିକ ତଥ୍ୟ ଦୁଇଟି ଗ୍ରନ୍ଥରୁ ମିଳିଥାଏ। ଗୋଟିଏ ପୁରୁଷୋତ୍ତମ ଚନ୍ଦ୍ରିକା ଓ ଅନ୍ୟଟି ଚୈତନ୍ୟ ଚରିତାମୃତ। ଶ୍ରୀ ପୁରୁଷୋତ୍ତମ ଚନ୍ଦ୍ରିକାରେ ଗ୍ରନ୍ଥ ପ୍ରମାଣ ଅନୁଯାୟୀ, ଦ୍ୱାଦଶ ଶତାବ୍ଦିରେ ଦକ୍ଷିଣ ଭାରତର ଆଲବନ୍ଦାଚାର୍ଯ୍ୟ ନାମକ ଜଣେ ପରମ ତାନ୍ତ୍ରିକ ବ୍ରାହ୍ମଣ ଭକ୍ତ ଅନବସର ସମୟରେ ଶ୍ରୀଜଗନ୍ନାଥଙ୍କୁ ଦର୍ଶନ କରିବା ନିମନ୍ତେ ଚାଲିଚାଲି ଶ୍ରୀକ୍ଷେତ୍ରରେ ପହଞ୍ଚିଥିଲେ। ସେହି ସମୟ ଥିଲା ପ୍ରଭୁଙ୍କ ଅନବସର ସମୟ ଏବଂ ଭକ୍ତ ତାଙ୍କୁ ଦର୍ଶନ କରିପାରିବେନି ବୋଲି ଜାଣିବାକୁ ପାଇଥିଲେ। ଠାକୁରଙ୍କ ଦର୍ଶନ ବନ୍ଦ ଥିବାରୁ ତନ୍ତ୍ର ବଳରେ ନିଜକୁ ଏକ ମହୁମାଛି ରୂପରେ ରୂପାନ୍ତରିତ କରି ଗର୍ଭଗୃହକୁ ପ୍ରବେଶ କରିଥିଲେ। ମହାପ୍ରଭୁଙ୍କ ରତ୍ନସିଂହାସନ ଉପରେ ଗୋଟିଏ ଅଷ୍ଟଦଳ ପଦ୍ମ ପ୍ରସ୍ଫୁଟିତ ହୋଇଥିବାର ଦେଖି ପଦ୍ମପୁଷ୍ପକୁ ଆଘ୍ରାଣ କରିବାକୁ ପ୍ରୟାସ କରିବାକୁ ଅଗ୍ରସର ହେବା ସମୟରେ ପଦ୍ମପୁଷ୍ପଟିର ଆଠଟି ପାଖୁଡ଼ା ଆଠଟି ସୁନ୍ଦରୀ ତରୁଣୀ ଭାବରେ ରୂପାନ୍ତରିତ ହୋଇ ଆଚାର୍ଯ୍ୟଙ୍କୁ ମିଳିତ ଭାବରେ ହାସ୍ୟରୋଳରେ ଅପଦସ୍ତ କରାଇଲେ। ନିଜର ତନ୍ତ୍ର ଶକ୍ତିର ପରାଜୟକୁ ସ୍ୱୀକାର କରିବା ସହିତ ମହାପ୍ରଭୁଙ୍କ ଦର୍ଶନ ସମ୍ଭବ ହୋଇପାରିଲା ନାହିଁ। ଭକ୍ତ ଆଚାର୍ଯ୍ୟ ଧୈର୍ଯ୍ୟଚ୍ୟୁତ ହୋଇ ନିଜର ଶରୀରକୁ ବିସର୍ଜନ କରିବା ନିମନ୍ତେ ସ୍ଥିରକରି ଦକ୍ଷିଣାଭିମୁଖୀ ହୋଇ ମହୋଦଧି କୂଳକୁ ଯାତ୍ରା କଲେ। ଅମ୍ବା ବିସର୍ଜନ କରିବା ସିଦ୍ଧାନ୍ତ ନେଇଥିବା ଭକ୍ତର ପଶ୍ଚାତ ଭାଗରେ ଏକ ବିରାଟକାୟ ବାନର ଲମ୍ଫ ପ୍ରଦାନ କଲା। ଆଚାର୍ଯ୍ୟ ଦକ୍ଷିଣାଭିମୁଖୀ ହୋଇ ମହୋଦଧି କୂଳକୁ ଯାଉଥିବା ସମୟରେ ପଶ୍ଚାତଭାଗରେ ବାନରକୁ ଦେଖି ଇତସ୍ତତଃ ହୋଇ ପଶ୍ଚିମାଭିମୁଖୀ ହୋଇ ଦୌଡ଼ିବାକୁ ଲାଗିଲେ। ଏହିପରି ଅନେକ ଦୂର ଅତିକ୍ରମ କଲା ପରେ ଆଚାର୍ଯ୍ୟ ଜଣକ ଅଚେତ ଅବସ୍ଥାରେ ତଳେ ପଡ଼ିଗଲେ। କିଛି ସମୟ ପରେ ଚେତା ଆସିବା ପରେ ଅଚାର୍ଯ୍ୟ ଦେଖିବାକୁ ପାଇଲେ ତାଙ୍କ ସମ୍ମୁଖରେ ଦଣ୍ଡାୟମାନ ଶୀଳାବ୍ରହ୍ମ ଚତୁର୍ଭୂଜ ନାରାୟଣ ବିଗ୍ରହ। ଅଚାର୍ଯ୍ୟ ତନ୍ତ୍ର ପରିତ୍ୟାଗ କରି ଭକ୍ତିଭାବରେ ନାରାୟଣ ବିଗ୍ରହକୁ ପୂଜାର୍ଚ୍ଚନା କଲେ। ଅଲବନ୍ଦ ଆଚାର୍ଯ୍ୟଙ୍କ ନାମାନୁସାରେ ପ୍ରଭୁଙ୍କ ନାମ ଆଲବନ୍ଦାରନାଥରୁ ଅପ୍ରଭଂଶ ହୋଇ ଅଲାରନାଥ ହୋଇଛି। ସେହିଦିନଠାରୁ ଅନବସର ସମୟରେ ଭକ୍ତମାନେ ଦାରୁବ୍ରହ୍ମ ଜଗନ୍ନାଥଙ୍କୁ ଶ୍ରୀକ୍ଷେତ୍ରରେ ଦର୍ଶନ ନ ପାଇ ପ୍ରଭୁ ଶ୍ରୀଅଲାରନାଥଙ୍କୁ ଦର୍ଶନ କରି ସମଫଳ ପ୍ରାପ୍ତ ହୋଇଥା'ନ୍ତି।



ଅନବସରକୁ ପରିଛେଦ କରାଗଲେ ନ-ଅବସର ବା ଅନବସର। ଏହାକୁ କେହି କେହି ଅଣସର ବା ଅଙ୍ଗଫିଟା ସେବା କହିଥା'ନ୍ତି। ଦେବସ୍ନାନ ପୂର୍ଣ୍ଣମୀରେ ଚତୁର୍ଦ୍ଧାମୂର୍ତ୍ତିଙ୍କୁ ସ୍ନାନ ମଣ୍ଡପରେ ବିଜେ କରାଯାଇ ଶ୍ରୀମନ୍ଦିର ବାହାର ବେଢ଼ା ପରିସର ଉତ୍ତରଦ୍ୱାରରେ ବିଜେ କରିଥିବା ଶୀତଳା ଠାକୁରାଣୀଙ୍କ ସମ୍ମୁଖରେ ଥିବା ସ୍ୱର୍ଣ୍ଣ କୂଅରୁ ୧୦୮ ସୁବାସିତ କଳସ ଜଳରେ ମହାପ୍ରଭୁଙ୍କୁ ସମ୍ପୂର୍ଣ୍ଣ ସ୍ନାନ କରାଯାଇ ଗଜାନନ ବେଶ ଅନୁଷ୍ଠିତ ହୁଏ। ପରେ ଠାକୁରମାନେ ଜ୍ୱରାକ୍ରାନ୍ତ ହେତୁ ଅଣସର ଘରେ ବିରାଜମାନ କରନ୍ତି। ଏହି ପନ୍ଦରଦିନ ଶ୍ରୀଜଗନ୍ନାଥଙ୍କ ଦର୍ଶନରୁ ବଞ୍ଚିତ ହେଉଥିବା ଭକ୍ତମାନଙ୍କ ମନରେ ଅସହ୍ୟ ଦୁଃଖ ଅନୁଭୂତ ହୋଇଥାଏ। ଏପରି ଏକ ବିରହ ଦୁଃଖ ଯନ୍ତ୍ରଣାରୁ ମୁକ୍ତ ହେବା ପାଇଁ ଆଶ୍ରୟ ଖୋଜନ୍ତି ଅବତରୀ ପୁରୁଷ ଶ୍ରୀଚୈତନ୍ୟ। ଶ୍ରୀଚୈତନ୍ୟ ଶ୍ରୀକ୍ଷେତ୍ରରେ ଅବସ୍ଥାନ ସମୟରେ ମହାପ୍ରଭୁଙ୍କ ଦେବଦିନ ମଙ୍ଗଳ ଆଳତୀ ଦର୍ଶନ କରିଥା'ନ୍ତି। ସ୍ନାନ ପୂର୍ଣ୍ଣିମା ଦିନ ପ୍ରଭୁଙ୍କ ହାତୀବେଶ ବା ଗଜାନନ ବେଶ ଦର୍ଶନ କରି ପରମ ସନ୍ତୋଷ ଲାଭ କରିବା ପରେ ପରଦିନ ପ୍ରଭୁଙ୍କ ଦର୍ଶନ ନ ପାଇ ତାଙ୍କ ମନରେ ଏକ ବିରହ ଭାବ ଜାଗ୍ରତ ହେଲା। ଏହି ବିରହ ବେଦନାକୁ ପ୍ରଶମିତ କରିବା ପାଇଁ ମହାପ୍ରଭୁଙ୍କ ଶୂନ୍ୟବାଣୀ ନିର୍ଦ୍ଦେଶ ମୁତାବକ ସମୁଦ୍ର ତୀରେ ଚାଲିଚାଲି ଅଲାରନାଥଙ୍କ ପୀଠରେ ପହଞ୍ଚିଥିଲେ। ସୁନ୍ଦରାନନ୍ଦ ବିଦ୍ୟା ବିନରାଦକ ଶ୍ରୀକ୍ଷେତ୍ର ଗ୍ରନ୍ଥ ପ୍ରମାଣ ଅନୁଯାୟୀ, ଶ୍ରୀଚୈତନ୍ୟ ୧୫୧୦ ଖ୍ରୀଷ୍ଟାବ୍ଦରେ ଅଲାରନାଥ ପୀଠ ବ୍ରହ୍ମଗିରିରେ ପହଞ୍ଚିଥିଲେ। ଶ୍ରୀଚୈତନ୍ୟଙ୍କ ଶରୀର ବିରହ ଜ୍ୱାଳାରେ ଏପରି ଉତପ୍ତ ଥିଲା ଯେ, ଶ୍ରୀଅଲାରନାଥଙ୍କୁ ଦର୍ଶନ କରି ଏକ ବିରାଟ ପ୍ରସ୍ତର ଉପରେ ଆତ୍ମହରା ହୋଇ ବାରମ୍ବାର ସାଷ୍ଟାଙ୍ଗ ପ୍ରଣାମ କରିବା ସମୟରେ ଏହି ପ୍ରସ୍ତର ତରଳି ଶ୍ରୀଚୈତନ୍ୟଙ୍କ ସମସ୍ତ ଶରୀର ଛାପା ରହିଯାଇଛି। ଅନବସରରେ ଭକ୍ତମାନେ ପ୍ରଭୁ ଅଲାରନାଥଙ୍କୁ ଦର୍ଶନ କରିବା ସହିତ ଶ୍ରୀଚୈତନ୍ୟଙ୍କ ସର୍ବାଙ୍ଗ ଚିହ୍ନ ପ୍ରସ୍ତରକୁ ଦର୍ଶନ କରି ଶ୍ରୀଜଗନ୍ନାଥ ଦର୍ଶନର ସମଫଳ ପ୍ରାପ୍ତି ହେବାର ବିଶ୍ୱାସ ରହିଛି। ପ୍ରତି ବର୍ଷ ସାଧୁସନ୍ଥମାନଙ୍କର ସମାବେଶ ଅଲାରନାଥ ପୀଠକୁ ଦ୍ୱିତୀୟ ଶ୍ରୀକ୍ଷେତ୍ରରେ ପରିଣତ କରିଥାଏ।

## ବଗିଚାରୁ ଝୁଲନ୍ତା ମୃତଦେହ ଉଦ୍ଧାର

ବ୍ରହ୍ମଗିରି,୨୭।୬(ସମିସ): ବ୍ରହ୍ମଗିରି ଥାନା ଅନ୍ତର୍ଗତ ଚାପମାଣିକ ଗ୍ରାମର ଜଣେ ବ୍ୟକ୍ତି ବେକରେ ରଶି ଲଗାଇ ଆତ୍ମହତ୍ୟା କରିଛନ୍ତି। ତାଙ୍କ ନାମ ରଘୁନାଥ ନାୟକ (୫୦) ବୋଲି ପୁଲିସ ସୂଚନା ଦେଇଛି। ଶନିବାର ସକାଳେ ରଘୁନାଥ ଘରୁ ତାଙ୍କ ବଗିଚାକୁ ବୁଲିବାକୁ ଯାଇଥିଲେ। ଘରକୁ ଫେରିବାରେ ବିଳମ୍ବ ହେବାରୁ ପରିବାର ଲୋକେ ଖୋଜାଖୋଜି କରିଥିଲେ। ଏକ ଲଙ୍କାଆମ୍ବ ଗଛରେ ବେକରେ ରଶି ଲଗାଇ ଝୁଲୁଥିବା ଦେଖିବାକୁ ପାଇଥିଲେ। ଖବର ପାଇ ବ୍ରହ୍ମଗିରି ପୁଲିସ ଘଟଣାସ୍ଥଳକୁ ଯାଇ ମୃତଦେହକୁ ଜବତ କରିବା ସହ ବ୍ୟବଚ୍ଛେଦ ପାଇଁ ସଦର ମୁଖ୍ୟ ଚିକିତ୍ସାଳୟକୁ ପଠାଇଛି। ପାରିବାରିକ କହଳରୁ ରଘୁନାଥ ଆତ୍ମହତ୍ୟା କରିଥିବା ପୁଲିସ ପ୍ରାଥମିକ ତଦନ୍ତରୁ ଜାଣିବାକୁ ପାଇଛି।

## ପାଇଖାନା ଟାଙ୍କିରେ ପଡ଼ି ରାଜମିସ୍ତ୍ରିଙ୍କ ମୃତ୍ୟୁ

ନିମାପଡ଼ା,୨୭।୬(ସମିସ): ନିମାପଡ଼ା ଏନ୍ଏସି ଅନ୍ତର୍ଗତ ଭୁବନୀପୁର ଗ୍ରାମରେ ରାଜମିସ୍ତ୍ରି ସେକ୍ ମମଜେନ(୫୮)ଙ୍କର ଶନିବାର ପାଇଖାନା ଟାଙ୍କିରେ ପଡ଼ି ମୃତ୍ୟୁ ଘଟିଥିବା ଜଣାପଡ଼ିଛି। ସେକ୍ ମମଜେନଙ୍କ ଘର ହାୱଡ଼ା ଜିଲ୍ଲାରେ ହୋଇଥିବାବେଳେ ସେ ଦୀର୍ଘ ଦିନ ହେବ ନିମାପଡ଼ାରେ ରହି ରାଜମିସ୍ତ୍ରି କାମ କରୁଥିଲେ। ସେ ଶନିବାର ଭୁବନୀପୁର ଗ୍ରାମରେ ଏକ ପାଇଖାନାର ସେଣ୍ଟ୍ରି ଖୋଲୁଥିବା ସମୟରେ ଟାଙ୍କି ଭିତରକୁ ଖସି ପଡ଼ିଥିଲେ। ସ୍ଥାନୀୟ ଲୋକମାନେ ସେଠାରୁ ତାଙ୍କୁ ଉଦ୍ଧାର କରି ନିମାପଡ଼ା ସ୍ୱାସ୍ଥ୍ୟ କେନ୍ଦ୍ରକୁ ପଠାଇଥିଲେ। କିନ୍ତୁ ଡାକ୍ତର ତାଙ୍କୁ ସେଠାରେ ମୃତ ଘୋଷଣା କରିଥିଲେ। ଖବର ପାଇ ସ୍ଥାନୀୟ ପୁଲିସ ସ୍ୱାସ୍ଥ୍ୟକେନ୍ଦ୍ରରେ ପହଞ୍ଚି ଏକ ମାମଲା ରୁଜୁ କରିବା ସହ ଶବକୁ ଜବତ କରି ବ୍ୟବଚ୍ଛେଦ ପାଇଁ ପଠାଇଛି।

### ● ସାମ୍ବାଦିକ ପେନ୍ସନ ମାମଲା

## ହାଇକୋର୍ଟଙ୍କ ନିର୍ଦ୍ଦେଶକୁ କାର୍ଯ୍ୟକାରୀ କରିବାକୁ ଅନୁରୋଧ

ପୁରୀ,୨୭।୬(ସମିସ): ବରିଷ୍ଠ ସାମ୍ବାଦିକ ସଂଘ ଓଡ଼ିଶା, ପୁରୀ ଜିଲ୍ଲା ଶାଖାର ଗୁରୁତ୍ୱପୂର୍ଣ୍ଣ ବୈଠକ ଶଙ୍କରେଶ୍ୱର ମନ୍ଦିର ପ୍ରାଙ୍ଗଣରେ ଜିଲ୍ଲା ସଭାପତି ସରୋଜ କୁମାର ମିଶ୍ରଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଯାଇଛି। ଏଥିରେ ରାଜ୍ୟ ସଂଘର ବରିଷ୍ଠ କର୍ମକର୍ତ୍ତାମାନେ ଯୋଗଦେଇ ଗତ ୨୩ ତାରିଖରେ ହାଇକୋର୍ଟ ରାଜ୍ୟ ସରକାରଙ୍କୁ ବରିଷ୍ଠ ସାମ୍ବାଦିକମାନଙ୍କୁ ପେନ୍ସନ୍ ପ୍ରଦାନ କରିବା ପାଇଁ ୩ ମାସ ମଧ୍ୟରେ ନିଷ୍ପତ୍ତି ନେବା ଲାଗି ଦେଇଥିବା ରାୟ ସମ୍ପର୍କରେ ଆଲୋଚନା ହୋଇଥିଲା। ଓଡ଼ିଶା ବରିଷ୍ଠ ସାମ୍ବାଦିକ ସଂଘ ପକ୍ଷରୁ କରାଯାଇଥିବା ଅଦାଲତ ଅବମାନନା କେସ୍ ଉପରେ ହାଇକୋର୍ଟ ଦେଇଥିବା ଆଦେଶକୁ ରାଜ୍ୟ ସରକାର ନିର୍ଦ୍ଧାରିତ ସମୟ ସୀମା ୩ ମାସ ମଧ୍ୟରେ କର୍ଯ୍ୟକାରୀ କରିବା ପାଇଁ ସରକାରଙ୍କୁ ଅନୁରୋଧ କରାଯାଇଥିଲା। ହାଇକୋର୍ଟରେ ଓଡ଼ିଶା ବରିଷ୍ଠ ସାମ୍ବାଦିକ ସଂଘ ପକ୍ଷରୁ କେସ୍ ପରିଚାଳନା କରିଥିବା ହାଇକୋର୍ଟ ଓକିଲ ପ୍ରତ୍ୟୁଷା ନାଇଡୁଙ୍କୁ ବୈଠକରେ ସଂଘ ପକ୍ଷରୁ ଧନ୍ୟବାଦ ଦିଆଯାଇଥିଲା। ସଭାରେ ରାଜ୍ୟ ସଭାପତି କାହ୍ନୁ ନନ୍ଦ, ଆଇନଜୀବୀ ବିନୟ ନୃସିଂହ ମହାପାତ୍ର, ଉପଦେଷ୍ଟା ଦେବେନ୍ଦ୍ର ସିଂ, ରାଜ୍ୟ ଉପସଭାପତି ପ୍ରଦୀପ୍ତ ଚୌଧୁରୀ, ରାଜ୍ୟ ସମ୍ପାଦକ ଆଶୁତୋଷ ବେହେରା, ରାଜ୍ୟ ସଂଗଠନ ସମ୍ପାଦକ ବିପ୍ଳବ ମହାନ୍ତି, ବରିଷ୍ଠ ସଦସ୍ୟ ବେଣୁଧର ନାୟକ ପ୍ରମୁଖ ଯୋଗ ଦେଇଥିଲେ। ପ୍ରାରମ୍ଭରେ ସାଧାରଣ ସମ୍ପାଦକ ଲକ୍ଷ୍ମୀନାରାୟଣ ପଟ୍ଟନାୟକ ଆଲୋଚନାଚକ୍ରର ଆଭିମୁଖ୍ୟ ବର୍ଣ୍ଣନା କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଜଙ୍ଗେଶ୍ୱର ମହାନ୍ତି, ପଠାଣି ଜେନା, ନୃସିଂହ ଚରଣ ମହାନ୍ତି, ଜୁପିଟର ଦାସ, ଅଶୋକ ମିଶ୍ର, ସଞ୍ଜୟ ଅଗ୍ରୱାଲ, ରୂପକ ସ୍ୱାଇଁ ପ୍ରମୁଖ ଉପସ୍ଥିତ ଥିଲେ।

## ଦାଦାବଟି ମାଗୁଥିବା ୨ ଅପରାଧୀ ଗିରଫ

ପୁରୀ,୨୭।୬(ସମିସ): ଅଟୋ ଚାଳକଙ୍କଠାରୁ ଜୋର୍ଜବରଦସ୍ତ ଦାଦାବଟି ଆଦାୟ କରୁଥିବାବେଳେ ଟାଉନ୍ ଥାନା ପୁଲିସ୍ ଦୁଇଜଣଙ୍କୁ ଗିରଫ କରିଛି। ସେମାନେ ହେଲେ ଯାଜପୁର ଜିଲ୍ଲା ଜେନାପୁରର ପିଣ୍ଟୁ ପାତ୍ର ଏବଂ ଗଞ୍ଜାମ ଜିଲ୍ଲା ପୁରୁଷୋତ୍ତମପୁରର ମନୁ ଓରଫ୍ ମନୋଜ ବେହେରା। ଶୁକ୍ରବାର ରାତି ପ୍ରାୟ ୮ଟା ୩୦ରେ ଏମାନେ ଜଗନ୍ନାଥ ବଲ୍ଲଭ ପୁରୁଣା ପାର୍କିଂ ନିକଟରେ ଯାତ୍ରୀବାହୀ ଅଟୋ ଚାଳକଙ୍କଠାରୁ ଦାଦାବଟି ଆଦାୟ କରୁଥିଲେ। ଖବର ପାଇ ଟାଉନ୍ ଥାନା ପାଟ୍ରୋଲିଂ ଟିମ୍ ପହଞ୍ଚି ଉଭୟଙ୍କୁ କାବୁ କରିଥିଲା। ଯାଞ୍ଚ ବେଳେ ସେମାନଙ୍କ ନିକଟରୁ ଗୋଟିଏ କଟୁରୀ ଓ ୬୦୦ ଟଙ୍କା ଜବତ କରାଯାଇଛି। ଶନିବାର ଉଭୟଙ୍କୁ କୋର୍ଟ ଚାଲାଣ କରାଯାଇଛି। ତଦନ୍ତରୁ ଜଣାପଡ଼ିଛି ଯେ, ଗିରଫ ଦୁଇ ଅଭିଯୁକ୍ତ ପୁରୁଣା ଅପରାଧୀ। ବିଭିନ୍ନ ଥାନା ଅଞ୍ଚଳରେ ଦାଦାବଟି ଆଦାୟ ଓ ଚୋରି ଭଳି ଏକାଧିକ ମାମଲାରେ ସେମାନେ ସମ୍ପୃକ୍ତ ଅଛନ୍ତି।

## ପ୍ରେମ ସିଦ୍ଧ ବାବା ମଧୁସୂଦନଙ୍କ ଆବିର୍ଭାବ ଦିବସ



ନୟାହାଟ,୨୭।୬(ସମିସ): ସର୍ବଧର୍ମ ସମନ୍ୱୟ ପୀଠ ପ୍ରାଚୀ ଗୁରୁ ଧର୍ମ କ୍ଷେତ୍ର ପରିସରରେ ପ୍ରେମାଚାର୍ଯ୍ୟ ବାବା ମଧୁସୂଦନଙ୍କ ୧୦୭ତମ ଜନ୍ମ ଉତ୍ସବ ଆଶ୍ରମ ମୁଖ୍ୟ ବାବାଜୀ ଦାମୋଦର ଦାସଙ୍କ ତତ୍ତ୍ୱାବଧାନରେ ଚମ୍ପକ ଦ୍ୱାଦଶୀ ତିଥିରେ ଶୁକ୍ରବାର ପାଳିତ ହୋଇଯାଇଛି। ମଙ୍ଗଳ ଆଳତି ପରେ ଶ୍ରୀଶ୍ରୀ ଗୁରୁଦେବଙ୍କ ଦର୍ଶନ ଲାଗି ବହୁ ଭକ୍ତ, ଶ୍ରଦ୍ଧାଳୁଙ୍କ ଭିଡ଼ ଲାଗିଥିଲା। ପରେ ପୁଷ୍ପରେ ନିର୍ମିତ ଝୁଲଣ ମଣ୍ଡପକୁ ଶ୍ରୀ ଗୁରୁଦେବଙ୍କ ପାଦୁକା ଓ ଶ୍ରୀ ବିଗ୍ରହ ହରିବୋଲ, ହୁଳହୁଳି, ଶଙ୍ଖ ଧ୍ୱନି, ଓଁ କୃଷ୍ଣ ମଧୁସୂଦନ ବାସୁଦେବ ଜନାର୍ଦ୍ଦନ ନାମ କୀର୍ତ୍ତନରେ ଶହଶହ ଭକ୍ତଙ୍କ ଗହଣରେ ସେଠାକୁ ନିଆଯାଇ ଷୋଡ଼ଶ ଉପଚାରରେ ପୂଜାର୍ଚ୍ଚନା କରାଯାଇଥିଲା। ଏହି ଉପଲକ୍ଷେ ପରମହଂସ ପ୍ରଜ୍ଞାନାନନ୍ଦଜୀ ମହାରାଜ, ପୂଜ୍ୟ ବାବା ବଳିଆ ପ୍ରମୁଖ ଯୋଗ ଦେଇଥିଲେ। ପ୍ରଭୁ ଶ୍ରୀରାମ ଚନ୍ଦ୍ରଙ୍କ ଭକ୍ତ ପିତା ରାଜୀବ ଲୋଚନ ଓ ମାତା ରାଧାମଣୀ କୋଳରେ ୧୯୧୯ ମସିହା ଜ୍ୟେଷ୍ଠ ଶୁକ୍ଳପକ୍ଷ ଚମ୍ପକ ଦ୍ୱାଦଶୀ ତିଥିରେ ଜଗତସିଂହପୁର ଜିଲ୍ଲା ସ୍ୱର୍ଗବ୍ରହ୍ମପୁର ଗ୍ରାମରେ ଜନ୍ମ ଗ୍ରହଣ କରିଥିଲେ ପ୍ରେମାଚାର୍ଯ୍ୟ ମଧୁସୂଦନ। ସେହି ମହାପୁରୁଷ ଲୀଳା କ୍ଷେତ୍ର ଭାବେ ଗ୍ରହଣ କରିଥିଲେ ପ୍ରାଚୀ ଗୁରୁ ଧର୍ମ କ୍ଷେତ୍ର। ଏହି ଉପଲକ୍ଷେ ବାଲ୍ୟ ଲୀଳା, ମାଆମାନଙ୍କ ଦ୍ୱାରା ବାତ୍ସଲ୍ୟ ଭାବରେ କ୍ଷୀରପାନ ଓ ଝୁଲଣ ପ୍ରଭୁଙ୍କୁ କରାଯାଇଥିଲା। ଝୁଲଣ ଗୀତଗୁଡ଼ିକ ସେବିକା ସବିତା ଦାସ, ଅନୁ ମା', ଶକୁନ୍ତଳା ଦାଶ, ଝରଣା ମା', ବାସନ୍ତୀ ମା', ବିନି ମା', ଟିକି ମା', ଶାନ୍ତି ମା'ଙ୍କ ସମେତ ମାଆମାନେ ଗାନ କରିଥିଲେ। ଡ. ରତ୍ନାକର ମହାନ୍ତି, ବାବାଜୀ ଦିବ୍ୟକୃଷ୍ଣ ଦାସ ଗୁରୁଦେବଙ୍କ ଅଲୌକିକ ଘଟଣାମାନ ପ୍ରକାଶ କରିଥିଲେ। ଶ୍ରୀ ଗୁରୁଦେବଙ୍କ ଜନ୍ମ ଉତ୍ସବର ପାଞ୍ଚ ଦିନରେ ପଞ୍ଚୁଆତି ପୂଜା, ଷଷ୍ଠି ପୂଜା ଓ ଏକୋଇଶି ଦିନରେ ନାମକାରଣ ଉତ୍ସବ ପରମ୍ପରା ରୀତିନୀତି ଅନୁଯାୟୀ ପ୍ରତିବର୍ଷ ପରି ପାଳନ କରାଯିବ ବୋଲି ପ୍ରଚାରପ୍ରସାର ସେବକ ପ୍ରୀତି ରଞ୍ଜନ ଦାସ ପ୍ରକାଶ କରିଛନ୍ତି। କାର୍ଯ୍ୟକ୍ରମକୁ ସର୍ବଶ୍ରୀ ମହେଶ ସାହୁ, ନୀଳମଣି ସାହୁ, ପ୍ରୀତି ରଞ୍ଜନ ଦାସ, ସୁରେନ୍ଦ୍ର ପାତ୍ର, ରମେଶ ବିଟି, କୃଷ୍ଣଚନ୍ଦ୍ର ଓଝା, ଗୁରୁଦତ୍ତ ମହାପାତ୍ର, ରତିକାନ୍ତ ଲେଙ୍କା, ଲିଙ୍ଗରାଜ ଦଳେଇ, ଶ୍ରୀଚରଣ ସ୍ୱାଇଁ, ପ୍ୟାରୀମୋହନ ସାହୁ, ବାବାଜୀ ପୂର୍ଣ୍ଣାନନ୍ଦ ଦାସ, ଶଶୀକାନ୍ତ ଖୁଣ୍ଟିଆ, ରମୟ ରାଉତ ପ୍ରମୁଖ ପରିଚାଳନା କରିଥିଲେ।

## ଶିକ୍ଷକଙ୍କୁ ମରଣାନ୍ତକ ଆକ୍ରମଣ; ୪ ଗିରଫ

ଅସ୍ତରଙ୍ଗ,୨୭।୬(ସମିସ): ଅସ୍ତରଙ୍ଗ ଥାନା ଅନ୍ତର୍ଗତ ସରିପୁର ପ୍ରାଥମିକ ବିଦ୍ୟାଳୟର ଶିକ୍ଷକ ଅକ୍ଷୟ କୁମାର ବିଶ୍ୱାଳଙ୍କୁ କେତେକ ଅସାମାଜିକ ବ୍ୟକ୍ତି ମରଣାନ୍ତକ ଆକ୍ରମଣ କରିଥିବା ନେଇ ତାଙ୍କ ସ୍ତ୍ରୀ କାମେନି ବିଶ୍ୱାଳ ଅସ୍ତରଙ୍ଗ ଥାନାରେ ଅଭିଯୋଗ କରିଛନ୍ତି। ଅଭିଯୋଗକୁ ଭିତ୍ତିକରି ପୁଲିସ୍ ୪ ଜଣଙ୍କୁ ଗିରଫ କରିଥିବା ଜଣାପଡ଼ିଛି। ସେମାନେ ହେଲେ ବିଜୟ କୁମାର ବିଶ୍ୱାଳ, ମଧୁସ୍ମିତା ବିଶ୍ୱାଳ, ବିପି ବିଶ୍ୱାଳ ଓ ନନ୍ଦ ସ୍ୱାଇଁ।




ସୂଚନାନୁସାରେ, ଶୁକ୍ରବାର ବିଦ୍ୟାଳୟରେ କୌଣସି ଏକ ମିଟିଂ ଥିଲା। ଏହି ସମୟରେ ଶିକ୍ଷକ ଶ୍ରୀ ବିଶ୍ୱାଳ ପାଠ ପଢ଼ାଉଥିଲେ। ମିଟିଂ ଶେଷ ବେଳକୁ ୪ ଜଣ ବ୍ୟକ୍ତି ହଠାତ୍ ସ୍କୁଲ ଭିତରକୁ ପଶି ଆସି ଅକ୍ଷୟଙ୍କୁ ଆକ୍ରମଣ କରିଥିଲେ। ଏହି ୪ ଜଣ ଯାକ ସ୍କୁଲ ଭିତରେ ପଶି ପ୍ରଥମେ ଅକ୍ଷୟଙ୍କ ମୋବାଇଲ୍ ଛଡ଼ାଇବା ସହ ସ୍କୁଲ ହତା ଭିତରେ ଅଚାନକ ଆକ୍ରମଣ କରିଥିଲେ। ଆକ୍ରମଣବେଳେ ଗାଡ଼ିରୁ କଟୁରୀ, ଚାପଡ଼ ବାହାର କରି ଜୀବନରେ ମାରିଦେବାକୁ ଧମକ ଦେବା, ତଳେ ପକାଇ ବିଧା, ଗୋଇଠା ମାରିବା ଦ୍ୱାରା ଶିକ୍ଷକଙ୍କ ମୁଣ୍ଡ, ପେଟ ଓ ହାତରେ ଆଘାତ ଲାଗିଛି। ଏଭଳି ଘଟଣା ଦେଖି ବିଦ୍ୟାଳୟ ଛାତ୍ରଛାତ୍ରୀ ଓ ଶିକ୍ଷକମାନେ ପାଟି କରିବାରୁ ଦୁର୍ବୃତ୍ତମାନେ ସାଙ୍ଗରେ ଆଣିଥିବା ଏକ କାର୍‌ରେ ଖସି ପଳାଇଥିଲେ। ଖବର ପାଇ ତାଙ୍କ ସ୍ତ୍ରୀ ଘଟଣାସ୍ଥଳରେ ପହଞ୍ଚି ସ୍ୱାମୀଙ୍କୁ ଚିକିତ୍ସା ପାଇଁ ସ୍ୱାସ୍ଥ୍ୟକେନ୍ଦ୍ରକୁ ନେବା ସହ ଘଟଣା ବିଷୟରେ ଶୁକ୍ରବାର ଅସ୍ତରଙ୍ଗ ଥାନାରେ ଅଭିଯୋଗ କରିଥିଲେ। ଅଭିଯୋଗକୁ ଭିତ୍ତିକରି ପୋଲିସ୍ ଉକ୍ତ ୪ଜଣଙ୍କୁ ଗିରଫ କରିଛି। ପୁଲିସ୍ ଜଣେ ଅଭିଯୁକ୍ତକୁ ଗୋଡ଼ାଇବା ପରେ ସେ ରାଇବେରୁଆଁ ଗାଁ ନିକଟରେ ଥିବା ଏକ ଗଛରେ ଚଢ଼ି ଯାଇଥିଲା। କୌଣସିମତେ ଗଛରୁ ଓହ୍ଲେଇ ନ ଥିଲା। ମାଙ୍କଡ଼ ପରି ଏ ଡାଳରୁ ସେ ଡାଳକୁ ଡେଇଁବାରେ ସମସ୍ତେ ଆଶ୍ଚର୍ଯ୍ୟ ହୋଇଥିଲେ। ଘଟଣାସ୍ଥଳରେ ପୁଲିସ ଓ ଅଗ୍ନିଶମ ବାହିନୀ ଏହି ବ୍ୟକ୍ତିଙ୍କୁ ଉଦ୍ଧାର କରିବାକୁ ଶତଚେଷ୍ଟା କରି ନିରାଶ ହେବା ପରେ ବିଳମ୍ବିତ ରାତିରେ ପୁଲିସ ହାତରେ ଧରାପଡ଼ିଥିଲା। ୧୭୧/୨୦୨୬ରେ ଏକ ମାମଲା ରୁଜୁ କରି ପୁଲିସ୍ ଅଭିଯୁକ୍ତମାନଙ୍କୁ କୋର୍ଟ ଚାଲାଣ କରିଥିବା ସୂଚନା ମିଳିଛି।

## ସନ୍ତାନ ନ ହେବାରୁ ପୁଅ-ବୋହୂଙ୍କୁ ହତ୍ୟା ଉଦ୍ୟମ

ବଳଙ୍ଗା,୨୭।୬(ସମିସ): ବଳଙ୍ଗା ଥାନା ନିକଟସ୍ଥ ସମରେଶ ଶାସନ ଗ୍ରାମର ପ୍ରଶାନ୍ତ ଦାସ ୪ ବର୍ଷ ତଳେ ମିତାଲି ବେହେରାଙ୍କୁ ବିବାହ କରିଥିଲେ। ୪ ବର୍ଷ ବିତିଯାଇଥିଲେ ମଧ୍ୟ କୌଣସି ସନ୍ତାନ ନ ହେବାରୁ ଶଶୁର ଲକ୍ଷ୍ମୀଧର (୫୦) ରାତିରେ ଘରକୁ ମଦପିଇ ଆସି ଅଶ୍ଳୀଳ ଭାଷାରେ ଗାଳିଗୁଲଜ କରୁଥିବା ନେଇ ବଳଙ୍ଗା ଥାନାରେ ଗତ ୨୧ ତାରିଖରେ ମିତାଲି ଅଭିଯୋଗ କରିଥିଲେ। ଅଭିଯୋଗ ପାଇବା ପରେ ବଳଙ୍ଗା ଥାନା ଅଧିକାରିଣୀ ସସ୍ମିତା ସାହୁ ଶଶୁର ଲକ୍ଷ୍ମୀଧର ଓ ପୁଅ-ବୋହୂଙ୍କୁ ଡାକି ସମାଧାନ କରିବା ସହ ତାଗିଦ୍ କରି ଛାଡ଼ିଥିଲେ। ଶଶୁର ଥାନାରୁ ଆସି ମଦପିଇ ହାତରେ ଏକ ଲୁହା ଛଡ଼ ଧରି ପୁଅକୁ ମାରିବାକୁ ଉଦ୍ୟମ କରିବା ସମୟରେ ବୋହୂ ମିତାଲି ପଛପଟୁ ଆସି ଲୁହା ଛଡ଼କୁ ଛଡ଼ାଇ ଦେବାରୁ ଶଶୁର ସେ ସ୍ଥାନ ଛାଡ଼ି ପଳାଇ ଯାଇଥିଲେ। ଶୁକ୍ରବାର ବିଳମ୍ବିତ ରାତିରେ ସମସ୍ତେ ଶୋଇପଡ଼ିବା ପରେ ପୁଅ-ବୋହୂଙ୍କ କବାଟକୁ ବାହାରୁ ଶିଙ୍କୁଳି ପକାଇଦେଇ ଘରେ ନିଆଁ ଲଗାଇ ଦେଇଥିଲେ। ନିଆଁର ପ୍ରଭାବରେ ଅସହ୍ୟ ଗରମ ହେବାରୁ ସେମାନେ ଉଠି ପଡ଼ି ଦେଖିଲା ବେଳକୁ ଘର ଜଳୁଛି। ତରବର ହୋଇ ଘରୁ ବାହାରକୁ ଆସିବାବେଳକୁ ବାହାରୁ ଶିଙ୍କୁଳି ଦିଆହୋଇଥିଲା। ପାଟି ଶୁଣି ପଡ଼ୋଶୀମାନେ ଉଠି ଶିଙ୍କୁଳି ଖୋଲିବା ସହ ଅଗ୍ନିଶମ ବାହିନୀକୁ ଖବର ଦେଇଥିଲେ। ଅଗ୍ନିଶମ ବାହିନୀ ଘଟଣାସ୍ଥଳରେ ପହଞ୍ଚି ନିଆଁକୁ ଆୟତ୍ତ କରିଥିଲେ। ସେତେବେଳକୁ ଘର ସମ୍ପୂର୍ଣ୍ଣ ପୋଡ଼ି ଯାଇଥିବା ନେଇ ମିତାଲି ତାଙ୍କ ଅଭିଯୋଗରେ ଦର୍ଶାଇଛନ୍ତି। ଅଭିଯୋଗ ପାଇବା ପରେ ବଳଙ୍ଗା ଥାନାଧିକାରିଣୀ ୧୯୭/୨୬ରେ ଏକ ମାମଲା ରୁଜୁ କରିବା ସହ ତଦନ୍ତ ଜାରି ରଖିଛନ୍ତି।

## ଦେବ ଦମ୍ପତିଙ୍କ ମନ୍ଦିର ପ୍ରତ୍ୟାବର୍ତ୍ତନ

ସାକ୍ଷୀଗୋପାଳ,୨୭।୬(ସମିସ): ଆଦ୍ୟ ଶାସନ ବୀରରାମଚନ୍ଦ୍ରପୁର ଗ୍ରାମରେ ପ୍ରସିଦ୍ଧ ଚମ୍ପକ ଦ୍ୱାଦଶୀ ପର୍ବ, ଦେବ ଦମ୍ପତିଙ୍କ ବିବାହ ଉତ୍ସବ ଓ ମନ୍ଦିର ପ୍ରତ୍ୟାବର୍ତ୍ତନ ପାରମ୍ପରିକ ରୀତିନୀତି ଅନୁଯାୟୀ ଅନୁଷ୍ଠିତ ହୋଇଯାଇଛି। ଗତ ଜ୍ୟେଷ୍ଠ ଶୁକ୍ଳପକ୍ଷ ଏକାଦଶୀ ରାତିରେ ଗ୍ରାମର ଇଷ୍ଟଦେବତା ଗୋପୀନାଥ ଦେବଙ୍କ ମନ୍ଦିର ପରିସରରେ, ମୂଳ ଅଳସା ମୌଜାରେ ବିରାଜିତ ବାବା ଅନନ୍ତେଶ୍ୱର ଦେବଙ୍କ ମଧ୍ୟସ୍ଥତାରେ ପ୍ରଭୁ ଶ୍ରୀକୃଷ୍ଣଙ୍କ ସହ ରୁକ୍ମିଣୀଙ୍କ ବିବାହ ଉତ୍ସବ ସମ୍ପନ୍ନ ହୋଇଥିଲା। ଚମ୍ପକ ଦ୍ୱାଦଶୀ ତିଥିରେ ତିନିଟି ସୁସଜ୍ଜିତ ମଣି ବିମାନରେ ଶ୍ରୀକୃଷ୍ଣ, ରୁକ୍ମିଣୀ, ମା' ମଣିନାଗ ଦୁର୍ଗା, କନକ ଦୁର୍ଗା ଏବଂ ବାବା ଅନନ୍ତେଶ୍ୱର ଦେବଙ୍କୁ ବିରାଜମାନ କରାଇ ବାଜା, ରୋଷଣୀ ଶୋଭାଯାତ୍ରାର ଏକ ବିରାଟ ପଟୁଆରରେ ଦ୍ୱାରିଭୋଗ ପୂଜା, ବନ୍ଦାପନା ସହ ଗ୍ରାମ ପରିକ୍ରମା କରାଯାଇଥିଲା। ତ୍ରୟୋଦଶୀ ତିଥି ଅବସରରେ ଅପରାହ୍ଣରେ ମନ୍ଦିର ଅଭିମୁଖେ ଫେରୁଥିବା ଦେବ ଦମ୍ପତି ଠାକୁରଙ୍କୁ ଖୁଣ୍ଟିଲାଗି କରାଯାଇଥିଲା। ଚତୁର୍ଥ ଓ ତୃତୀୟ ଖଣ୍ଡି ମଧ୍ୟରେ ରେଳ ଧାରଣା ନିକଟରେ ଏବଂ ଦ୍ୱିତୀୟ ଓ ପ୍ରଥମ ଖଣ୍ଡି ମଧ୍ୟରେ କେନାଲ ବନ୍ଧ ନିକଟରେ ଖଣ୍ଡି ଗ୍ରାମବାସୀ ଆତସବାଜି ପ୍ରତିଯୋଗିତା କରି ଖୁସି ମନାଇ ନୂଆ ନାଲି ଗାମୁଛା ଉଡ଼ାଇଥିଲେ। ଏହିପରି ଆନନ୍ଦ ଉତ୍ସାହରେ ଚଳିତ ବର୍ଷ ଚମ୍ପକ ଦ୍ୱାଦଶୀ ଯାତ୍ରା ପାଳିତ ହୋଇଯାଇଛି। ପ୍ରସିଦ୍ଧ କାଠଚକ୍ର ବାଣ ପ୍ରଦର୍ଶନ ଓ ଖଣ୍ଡି ମଧ୍ୟରେ କାଠଚକ୍ର ବାଣ ପ୍ରତିଯୋଗିତା ଦେଖିବାପାଇଁ ପ୍ରବଳ ଭିଡ଼ ହୋଇଥିଲା।



### ■ କାର୍ ଚାଳକଙ୍କ ମହାନତା

## ୧୦ ଲକ୍ଷର ସୁନା ସହ ଲକ୍ଷାଧିକ ଟଙ୍କା ଫେରାଇଲେ

ପୁରୀ,୨୭।୬(ସମିସ): ମହାନତା ଦେଖାଇଛନ୍ତି ଜଣେ କାର୍ ଚାଳକ। ଜଣେ ଦମ୍ପତି ତାଙ୍କ କାର୍‌ରେ ଛାଡ଼ିଯାଇଥିବା ପ୍ରାୟ ୧୦ ଲକ୍ଷ ଟଙ୍କାର ସୁନା ଅଳଙ୍କାର ଓ ନଗଦ ୧ ଲକ୍ଷ ୩୦ ହଜାର ଟଙ୍କା ଭର୍ତ୍ତି ବ୍ୟାଗ୍‌କୁ ପ୍ରକୃତ ମାଲିକଙ୍କୁ ଫେରାଇଛନ୍ତି। ଡ୍ରାଇଭର ସନ୍ତୋଷ ମିଶ୍ର ସୁରକ୍ଷିତ ଭାବେ ପୁଲିସ ଜରିଆରେ ପ୍ରକୃତ ମାଲିକଙ୍କୁ ତାଙ୍କ ଜିନିଷ ଫେରାଇ ଦେଇଛନ୍ତି। ଯାହାକୁ ନେଇ ଏବେ ବି ମାନବିକତା ଓ ସଚ୍ଚୋଟତା ବଞ୍ଚିଥିବା ନେଇ ଆଲୋଚନା ହେଉଛି। ସନ୍ତୋଷଙ୍କ କହିବା ଅନୁଯାୟୀ, ସେ ଗାଡ଼ି ନେଇ ଭୁବନେଶ୍ୱରରୁ ପୁରୀ ଆସିବା ସମୟରେ କଳ୍ପନା ଛକରୁ ରମାକାନ୍ତ ବରାଳ ଓ ତାଙ୍କ ସ୍ତ୍ରୀ ସ୍ମରଣିକା ବରାଳ ପୁରୀ ଆସିବା ପାଇଁ ତାଙ୍କୁ କହିଥିଲେ। ସେମାନେ ଭଦ୍ରକରୁ ଏକ ବିବାହ କାର୍ଯ୍ୟରେ ଯୋଗଦେଇ ପୁରୀ ଫେରୁଥିଲେ। ସେମାନେ ତାଙ୍କ ଗାଡ଼ିରେ ଆସି ପୁରୀ ମେଡିକାଲ ଛକରେ ଓହ୍ଲାଇଥିଲେ। କିନ୍ତୁ ଗାଡ଼ିରୁ ବ୍ୟାଗ୍ ନେବା ପାଇଁ ଭୁଲିଯାଇଥିଲେ। ପରେ ସନ୍ତୋଷ ଗାଡ଼ି ନେଇ ପଳାଇ ଯାଇଥିଲେ। ତେବେ ଶନିବାର ସକାଳେ ଗାଡ଼ି ଧୋଇବା ସମୟରେ ଗାଡ଼ିରେ ଏକ ବ୍ୟାଗ୍ ଥିବା ଦେଖିବାକୁ ପାଇଥିଲେ। ସେ ବ୍ୟାଗରୁ ଭଦ୍ରକ ରିଲାଏନ୍ସ ସ୍ମାର୍ଟରୁ କିଛି ଜିନିଷ କିଣାଯାଇଥିବାର ବିଲ୍ ସନ୍ତୋଷ ଦେଖିବାକୁ ପାଇଥିଲେ। ଫଳରେ ସନ୍ତୋଷ ପୁରୀ ରିଲାଏନ୍ସ ସ୍ମାର୍ଟକୁ ଯାଇ ଭଦ୍ରକ ମଲ୍ ସହ ଯୋଗାଯୋଗ କରି ରମାକାନ୍ତଙ୍କ ଫୋନ୍ ନମ୍ବର ଆଣି ତାଙ୍କ ସହ ଯୋଗାଯୋଗ କରିଥିଲେ। ରମାକାନ୍ତ କୁମ୍ଭାରପଡ଼ା ଥାନାରେ ଥିବା ସନ୍ତୋଷଙ୍କୁ ଜଣାଇବା ପରେ ସେ ଥାନାକୁ ଯାଇ ଉକ୍ତ ଜିନିଷ ଫେରାଇଥିଲେ। ଯାହାକୁ ନେଇ ପୁଲିସ ଅଧିକାରୀଙ୍କଠାରୁ ଜିନିଷ ହରାଇଥିବା ଦମ୍ପତି ସନ୍ତୋଷଙ୍କ ଏପରି ସଚ୍ଚୋଟ କାର୍ଯ୍ୟକୁ ପ୍ରଶଂସା କରିଛନ୍ତି।



### ଗହୀର ବିଲରୁ ଅସହାୟ ନାବାଳିକା ଉଦ୍ଧାର

## 'ସ୍ୱେଚ୍ଛାସେବୀ ଅନୁଷ୍ଠାନରେ ରିଙ୍କୁ ସାର୍ ଦେଉଥିଲେ ନିର୍ଯାତନା'

ଡେଲାଙ୍ଗ,୨୭।୬(ସମିସ)

ଡେଲାଙ୍ଗ ଥାନା ଅନ୍ତର୍ଗତ ପିଢ଼ପାଟଣା ଗ୍ରାମ ନିକଟସ୍ଥ ଗହୀର ବିଲରେ ଶୁକ୍ରବାର ସନ୍ଧ୍ୟାରେ ଅସହାୟ ଅବସ୍ଥାରେ ଏଣେତେଣେ ବୁଲୁଥିବା ଜନୈକା ୧୩ ବର୍ଷର ନାବାଳିକାକୁ ସ୍ଥାନୀୟ ଲୋକେ ଉଦ୍ଧାର କରି ପୁଲିସକୁ ହସ୍ତାନ୍ତର କରିଥିବା ଜଣାପଡ଼ିଛି।

ପ୍ରାପ୍ତ ସୂଚନା ଅନୁଯାୟୀ, ପିଢ଼ପାଟଣା ଗ୍ରାମର ଗହୀର ବିଲରେ ସମ୍ପୃକ୍ତ ନାବାଳିକାଟି ଅସହାୟ ଅବସ୍ଥାରେ ଏଣେତେଣେ ବୁଲୁଥିବା ଦେଖି ସ୍ଥାନୀୟ ଲୋକେ ତାକୁ ଉଦ୍ଧାର କରି ଘଟଣା ସମ୍ପର୍କରେ ପଚରାଉଚରା କରିଥିଲେ। ତେବେ ନିକଟସ୍ଥ ଏକ ସ୍ୱେଚ୍ଛାସେବୀ ଅନୁଷ୍ଠାନରେ ନାବାଳିକା ଜଣକ ଅନ୍ତେବାସୀ ଭାବେ ରହିଥିବାବେଳେ ସେହି ଅନୁଷ୍ଠାନର ଜନୈକ ରିଙ୍କୁ ସାର୍ ତାକୁ ଶାରୀରିକ ଏବଂ ମାନସିକ ନିର୍ଯାତନା ଦେଇଥିବା ନେଇ ନାବାଳିକାଟି ଚାଞ୍ଚଲ୍ୟକର ବୟାନ ଦେଇଥିବା ଭିଡିଓ ଏବେ ସୋସିଆଲ ମିଡିଆରେ ଭାଇରାଲ ହେବାରେ ଲାଗିଛି। ଏପରିକି ତା' ଶରୀରର ବିଭିନ୍ନ ସ୍ଥାନରେ ମାଡ଼ ତଥା ଆଘାତ ଲାଗିଥିବା ନେଇ ସେ ଉପସ୍ଥିତ ଲୋକଙ୍କୁ ଦେଖାଇବା ସହ ରିଙ୍କୁ ସାର୍ ତାକୁ ମାଡ଼ମାରି ନିର୍ଯାତନା ଦେଇଛନ୍ତି ବୋଲି ଆରୋପ କରିଛି। ଖବର ପାଇ ଡେଲାଙ୍ଗ ପୁଲିସ୍ ଘଟଣାସ୍ଥଳରେ ପହଞ୍ଚି ନାବାଳିକାକୁ ଉଦ୍ଧାର କରି ଘଟଣା ସମ୍ପର୍କରେ ଅଧିକ ପଚରାଉଚରା କରିବା ପରେ ପୁରୀ ସିଡବ୍ଲୁସିକୁ ହସ୍ତାନ୍ତର କରିଥିବା ଥାନାଧିକାରୀ ପୂର୍ଣ୍ଣଚନ୍ଦ୍ର ସେଠୀ ସୂଚନା ଦେଇଛନ୍ତି। ଏହି ଘଟଣା ସ୍ଥାନୀୟ ଅଞ୍ଚଳରେ ପ୍ରଘଟ ହେବା ପରେ ଡେଲାଙ୍ଗ ବ୍ଲକ୍ ବିଜେଡି ସଭାପତି ବିପନ କୁମାର ପଟ୍ଟନାୟକ, ପୂର୍ବତନ ବ୍ଲକ୍ ଅଧ୍ୟକ୍ଷ ବୈରାଗୀ ଜେନା ଏବଂ ଯୁବନେତା ପ୍ରଦୀପ କୁମାର ସ୍ୱାଇଁ ପ୍ରମୁଖ ଡେଲାଙ୍ଗ ଥାନାରେ ପହଞ୍ଚି ଏ ସଂକ୍ରାନ୍ତରେ ଥାନାଧିକାରୀ ଶ୍ରୀ ସେଠୀଙ୍କ ସହ ପୁଙ୍ଖାନୁପୁଙ୍ଖ ଆଲୋଚନା କରିବା ପରେ ଏଭଳି ସମ୍ବେଦନଶୀଳ ଘଟଣାର ନିରପେକ୍ଷ ତଦନ୍ତ କରି ଦୋଷୀ ପ୍ରତି କଠୋର ଦଣ୍ଡବିଧାନ କରିବାକୁ ଦାବି କରିଛନ୍ତି।

### ନାବାଳିକାକୁ ନିର୍ଯାତନା ଦେଇଥିବା ରିଙ୍କୁ ସାର୍ କିଏ?


### ମାମଲା ରୁଜୁ କରାଯାଇ ନିରପେକ୍ଷ ତଦନ୍ତ ଦାବି କଲା ବିଜେଡି

ପୂର୍ବରୁ ଉକ୍ତ ନାବାଳିକା ଜଣକ ଦୁଷ୍କର୍ମର ଶିକାର ହୋଇଥିବାବେଳେ ୨୦୨୫ ସେପ୍ଟେମ୍ବର ୮ରେ ୩୩୫/୨୫ରେ ଡେଲାଙ୍ଗ ଥାନାରେ ଏକ ମାମଲା ରୁଜୁ କରାଯାଇ ଅଭିଯୁକ୍ତକୁ ଗିରଫ କରାଯାଇ ଜେଲ୍ ପଠାଯାଇଥିଲା। କୋର୍ଟରେ ମାମଲା ବିଚାରାଧୀନ ରହିଛି। ତେବେ ସେ ସମୟରେ ନାବାଳିକାକୁ ଶିଶୁ କଲ୍ୟାଣ କମିଟିକୁ ହସ୍ତାନ୍ତର କରାଯାଇଥିଲା। ତେବେ ନାବାଳିକାଟି କିପରି ଡେଲାଙ୍ଗକୁ ଆସିଲା ତାହା ସ୍ଥାନୀୟ ଅଞ୍ଚଳରେ ବିସ୍ମୟ ସୃଷ୍ଟି କରିଛି। ନାବାଳିକା ଜଣକ ରହୁଥିବା ସ୍ୱେଚ୍ଛାସେବୀ ଅନୁଷ୍ଠାନରୁ ତାଙ୍କ ବାପା ତାକୁ ଗତ ହୋଲି ପର୍ବଠାରୁ ଘରକୁ ଆଣିଥିଲାବେଳେ ସେବେଠାରୁ ସେ ଘରେ ଥିଲା। ପରିବାର ଲୋକେ କୌଣସି କାରଣକୁ ନେଇ ରାଗିବା ପରେ ପିଲାଟି ଘରୁ ରାଗି ଚାଲି ଆସିଥିବା ନେଇ ତାଙ୍କ ବାପା ଥାନାରେ ସଫେଇ ଦେଇଥିଲେ। ହେଲେ ଭାଇରାଲ ଭିଡିଓରେ ନିର୍ଦ୍ଦିଷ୍ଟ ଏକ ସ୍ୱେଚ୍ଛାସେବୀ ଅନୁଷ୍ଠାନ ଓ ସେଠାରେ କାର୍ଯ୍ୟରତ ଥିବା ରିଙ୍କୁ ସାର୍ ତାକୁ ମାନସିକ ଓ ଶାରୀରିକ ନିର୍ଯାତନା ଦେଇଥିବା ଅଭିଯୋଗକୁ ପୁଲିସ ଗୁରୁତର ଭାବେ ଗ୍ରହଣ କରିବା ସହିତ ପରିବାର ସଦସ୍ୟ ଓ କିଏ ଏହି ରିଙ୍କୁ ସାର୍ ତାଙ୍କୁ ଖୋଜି ତଦନ୍ତ ପରିସରଭୁକ୍ତ କରାଯାଇ ଆଇନଗତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ସ୍ଥାନୀୟ ବିଜେଡି ନେତାଙ୍କ ସହିତ ସମାଜସେବୀ ନିରୁପମା ପାତ୍ର ଦାବି କରିଛନ୍ତି।

୨୭/୬/୨୦୨୬ (ଶନିବାର) ଶ୍ରୀଜଗନ୍ନାଥଙ୍କ ହୁଣ୍ଡିରେ ସମର୍ପଣ
ଟ. ୭,୫୩,୫୫୪/- ସୁନା:୦୦.୨୦୦ ଗ୍ରାମ୍ ରୁପା: ୩୬.୦୦୦ ଗ୍ରାମ୍







### ସ୍ନାନପୂର୍ଣ୍ଣିମାରେ ଦର୍ଶନ ବ୍ୟବସ୍ଥା

# ସିଂହଦ୍ୱାରରେ ପ୍ରବେଶ, ଉତ୍ତର ଦ୍ୱାରରେ ପ୍ରସ୍ଥାନ

ପୁରୀ,୨୭।୬(ସମିସ)



### ଟିକଟଧାରୀ ଦକ୍ଷିଣ ଦ୍ୱାର ଦେଇ ମନ୍ଦିରକୁ ଯିବେ

### ଶ୍ରୀମନ୍ଦିରକୁ ସଂଯୋଗ କରୁଥିବା ସବୁ ରାସ୍ତା ନୋ ଭେହିକିଲ୍ ଜୋନ୍

ସୋମବାର ପବିତ୍ର ସ୍ନାନ ପୂର୍ଣ୍ଣିମା। ସ୍ନାନମଣ୍ଡପରେ ମହାପ୍ରଭୁଙ୍କ ପ୍ରତ୍ୟକ୍ଷ ସ୍ନାନ ଏବଂ ହାତୀବେଶ ଦର୍ଶନ ଲାଗି ପୁରୀରେ ଲକ୍ଷାଧିକ ଭକ୍ତଙ୍କ ସମାଗମ ହେବା ସମ୍ଭାବନା ରହିଛି। ଏଥିପାଇଁ ସମସ୍ତ ପ୍ରସ୍ତୁତି ଶେଷ ହୋଇଥିବାବେଳେ ସ୍ନାନ ମଣ୍ଡପକୁ ରଙ୍ଗ ଦିଆଯାଇ ସୁସଜ୍ଜିତ କରାଯାଉଛି। ମହାପ୍ରଭୁଙ୍କ ଏହି ଦିବ୍ୟ ଲୀଳାକୁ ଦର୍ଶନ କରିବା ପାଇଁ ଭକ୍ତମାନେ ଉତ୍କଣ୍ଠାର ସହ ଅପେକ୍ଷା କରିଛନ୍ତି। ତେବେ ଶ୍ରଦ୍ଧାଳୁମାନେ ଯେପରି ଶୃଙ୍ଖଳିତ ଭାବେ ଦର୍ଶନ କରି ଭଲ ଅନୁଭୂତି ନେଇ ଫେରିବେ ତା' ଉପରେ ଗୁରୁତ୍ୱ ଦେଉଛି ପ୍ରଶାସନ। ବଡ଼ଦାଣ୍ଡର ମାର୍କେଟ ଛକରୁ ଶ୍ରୀମନ୍ଦିର ପର୍ଯ୍ୟନ୍ତ ବ୍ୟାରିକେଡ୍ ବ୍ୟବସ୍ଥା କରାଯାଇଛି। ଖରା ବର୍ଷାରେ ଭକ୍ତମାନେ ଯେଭଳି ଅସୁବିଧାର ସମ୍ମୁଖୀନ ନ ହୁଅନ୍ତି ବ୍ୟାରିକେଡ୍‌ରେ ସିଙ୍ଗ କରାଯାଇଛି। ସ୍ୱତନ୍ତ୍ର ଭାବେ ଦର୍ଶନ ବ୍ୟବସ୍ଥା କରାଯାଇଥିବା ବେଳେ ଶାନ୍ତିଶୃଙ୍ଖଳା ରକ୍ଷା ଲାଗି ସ୍ୱତନ୍ତ୍ର ପୁଲିସ ଏବଂ ଟ୍ରାଫିକ୍ ସୁପରିଚାଳନା ବ୍ୟବସ୍ଥା ହୋଇଛି।

ଏସ୍‌ପି ପ୍ରତୀକ୍ ସିଂ କହିଛନ୍ତି, ଆସନ୍ତା ସୋମବାର ପବିତ୍ର ସ୍ନାନ ଯାତ୍ରା। ମହାପ୍ରଭୁଙ୍କ ଦିବ୍ୟ ସ୍ନାନ ଏବଂ ହାତୀବେଶ ଦର୍ଶନ ଲାଗି ପୁରୀକୁ ଲକ୍ଷ ଲକ୍ଷ ଭକ୍ତ ଆସିବେ। ଶୃଙ୍ଖଳିତ ଦର୍ଶନ, ଭକ୍ତଙ୍କ ସୁରକ୍ଷା ପାଇଁ ପୁଲିସ ପକ୍ଷରୁ ବ୍ୟାପକ ବନ୍ଦୋବସ୍ତ କରାଯାଇଛି। ଭକ୍ତମାନେ ମାର୍କେଟ ଛକରୁ ବ୍ୟାରିକେଡ୍‌ରେ ଆସି ସିଂହଦ୍ୱାର ଦେଇ ମନ୍ଦିରକୁ ପ୍ରବେଶ କରିବେ। ସ୍ନାନ ମଣ୍ଡପରେ ମହାପ୍ରଭୁଙ୍କ ଦର୍ଶନ ପରେ ଉତ୍ତର ଦ୍ୱାର ଦେଇ ପ୍ରସ୍ଥାନ କରିବେ। ଟିକଟ କରିଥିବା ଭକ୍ତମାନେ ଦକ୍ଷିଣ ଦ୍ୱାର ଦେଇ ପ୍ରବେଶ କରିବେ। ମାର୍କେଟ ଛକରୁ ଦୋଳମଣ୍ଡପ ସାହି, ମୋଚିସାହି ଛକରୁ ଦୋଳ ମଣ୍ଡପ ସାହି, ସୋଲାଖିଆ ବରଗଛ ଛକରୁ କାକୁଡ଼ି ଖାଇ ଛକ, ବୃଷଭ ଛକରୁ ଗାଣ୍ଡୁଆ ଚଉରା ଛକ, ପାଣ୍ଡେ ଜାଗାରୁ ଗଡ଼ନ୍ତି ଛକକୁ ନୋ ଭେହିକିଲ୍ ଜୋନ୍ କରାଯାଇଛି। ଏହି ରାସ୍ତାରେ ଗାଡ଼ି ଯାତାୟାତ ପାଇଁ ସମ୍ପୂର୍ଣ୍ଣ କଟକଣା ରହିବ। ଭିଡ଼ ନିୟନ୍ତ୍ରଣ ପାଇଁ ଶ୍ରୀମନ୍ଦିର ଭିତରେ ୧୪ଟି ସେକ୍ଟର କରାଯାଇଛି। ସବୁ ସେକ୍ଟରରେ ପୁଲିସ ଅଧିକାରୀ ମୁତୟନ ରହିବେ। ମନ୍ଦିର ଭିତରେ କ୍ଲିୟରାନ୍ସ ଟିମ୍ ରହି ଲୋକଙ୍କ ଭିଡ଼ ହ୍ରାସ କରିବେ। ଶ୍ରୀମନ୍ଦିର ବାହାରେ ମଧ୍ୟ ଅନୁରୂପ ଟିମ୍ ରହି ଭିଡ଼ ହ୍ରାସ ପାଇଁ କାର୍ଯ୍ୟ କରିବେ। ସବୁ ଦ୍ୱାରରେ ଆମ୍ବୁଲାନ୍ସ ରହିବ। ଉଦ୍ଧାର କାର୍ଯ୍ୟ ପାଇଁ ଅଗ୍ନିଶମ ବାହିନୀ ନିୟୋଜିତ ହେବେ। ୨୮ ତାରିଖ ସକାଳୁ ଆମର ସବୁ ବ୍ୟବସ୍ଥା ଆରମ୍ଭ ହେବ। ୩୦ ତାରିଖ ଯାଏ ଭିଡ଼ ନ କମିବା ପର୍ଯ୍ୟନ୍ତ ପୁଲିସର କଟକଣା ବଳବତ୍ତର ରହିବ ବୋଲି ଏସ୍‌ପି ଶ୍ରୀ ସିଂହ କହିଛନ୍ତି।

### ସ୍ନାନଯାତ୍ରା ପାଇଁ ପୁଲିସର ବ୍ରିଫିଙ୍ଗ୍

# 'ଡ୍ୟୁଟି ନୁହେଁ; ସେବା ମନୋଭାବ ନେଇ କାର୍ଯ୍ୟ କର'

ପୁରୀ,୨୭।୬(ସମିସ)





ସ୍ନାନ ପୂର୍ଣ୍ଣିମା ପାଇଁ ପୁଲିସ ପକ୍ଷରୁ ବ୍ୟାପକ ପ୍ରସ୍ତୁତି କରାଯାଇଛି। ଚଳିତ ବର୍ଷ ଅଧିକ ଶ୍ରଦ୍ଧାଳୁଙ୍କ ସମାଗମ ହେବା ସମ୍ଭାବନା ଅଛି। ଏହାକୁ ଦୃଷ୍ଟିରେ ରଖି ଶାନ୍ତିଶୃଙ୍ଖଳା ରକ୍ଷା ଏବଂ ଭକ୍ତଙ୍କ ସୁରକ୍ଷା ପାଇଁ ପୁଲିସ ପକ୍ଷରୁ ରିଜର୍ଭ ପୁଲିସ ପଡ଼ିଆରେ ବ୍ରିଫିଙ୍ଗ୍ ଅନୁଷ୍ଠିତ ହୋଇଥିଲା। ଏଥିରେ ବିଭାଗୀୟ ବରିଷ୍ଠ ଅଧିକାରୀମାନେ ଯୋଗଦେଇ ଅନ୍ୟ ଅଧିକାରୀ ଏବଂ କର୍ମଚାରୀଙ୍କୁ ସେମାନଙ୍କ ଡ୍ୟୁଟି ସମ୍ପର୍କରେ ସୂଚନା ଦେଇଥିଲେ। ବିଶେଷକରି ଭିଡ଼ ନିୟନ୍ତ୍ରଣ ସମୟରେ ଆଚରଣ ଏବଂ ଉଚ୍ଚାରଣରେ ସଂଯମତା ରକ୍ଷା କରିବା ଉପରେ ଗୁରୁତ୍ୱ ଦିଆଯାଇଥିଲା। ଏଠାକୁ ଭକ୍ତମାନେ ମନରେ ଭକ୍ତିଭାବ ନେଇ ଆସୁଛନ୍ତି। ତେଣୁ ସେମାନଙ୍କ ପ୍ରତି ସେହିଭଳି ବ୍ୟବହାର କରାଯିବା ଉଚିତ୍। ବିଶେଷକରି ବରିଷ୍ଠ ନାଗରିକ, ଶିଶୁ, ମହିଳାଙ୍କ କ୍ଷେତ୍ରରେ ଅଧିକ ସମ୍ବେଦନଶୀଳ ହୋଇ କାମ କରିବାକୁ କୁହାଯାଇଥିଲା। ରଥଯାତ୍ରା ପୁଲିସ ପାଇଁ ଏକ ଡ୍ୟୁଟି ନୁହେଁ ବରଂ ଏହା ଏକ ସେବା। ସ୍ନାନଯାତ୍ରା ପାଇଁ ସୁରକ୍ଷା ଦାୟିତ୍ୱରେ ଥିବା ପ୍ରତ୍ୟେକ ପୁଲିସ ଅଧିକାରୀ ସେବା ମନୋଭାବ ନେଇ କାର୍ଯ୍ୟ କରିବାକୁ ଆହ୍ୱାନ ଦେଇଛନ୍ତି ଅତିରିକ୍ତ ଡିଜି ସୌମେନ୍ଦ୍ର ପ୍ରିୟଦର୍ଶୀ। କେହି ଏହାର ଉଲ୍ଲଂଘନ କଲେ ଦୃଢ଼ କାର୍ଯ୍ୟାନୁଷ୍ଠାନ ନିଆଯିବ ବୋଲି କଡ଼ା ଚେତାବନୀ ମଧ୍ୟ ଦେଇଛନ୍ତି। ସ୍ନାନଯାତ୍ରା ପାଇଁ ବିସ୍ତୃତ ସୂଚନା ଦେଇଛନ୍ତି ରଥଯାତ୍ରା ଓଭରଅଲ୍ ଦାୟିତ୍ୱରେ ଥିବା ଅତିରିକ୍ତ ଡିଜି ଶ୍ରୀ ପ୍ରିୟଦର୍ଶୀ। ଏହି ବ୍ରିଫିଙ୍ଗ୍‌ରେ କେନ୍ଦ୍ରାଞ୍ଚଳ ଆଇଜି ସତ୍ୟଜିତ୍ ନାୟକ, ଏସ୍‌ପି ପ୍ରତୀକ୍ ସିଂ ଉପସ୍ଥିତ ଥିଲେ।

### ସ୍ନାନଯାତ୍ରା ପାଇଁ ସୁରକ୍ଷା ବ୍ୟବସ୍ଥା

# ୭୯ ପ୍ଲାଟୁନ ଫୋର୍ସ, ୪୩୨ କ୍ୟାମେରା

ପୁରୀ,୨୭।୬(ସମିସ)

ସୋମବାର ମହାପ୍ରଭୁଙ୍କ ସ୍ନାନଯାତ୍ରା। ସ୍ନାନ ମଣ୍ଡପରେ ପ୍ରତ୍ୟକ୍ଷ ସ୍ନାନ କରିବେ ମହାବାହୁ। ଦାରୁବିଗ୍ରହଙ୍କ ହାତୀବେଶ ଦେଖିବେ ଲକ୍ଷ ଲକ୍ଷ ଶ୍ରଦ୍ଧାଳୁ। ଏଥିପାଇଁ ପୁରୀରେ ଜମିବ ଭକ୍ତଙ୍କ ଭିଡ଼। କେବଳ ଶ୍ରୀମନ୍ଦିର କିମ୍ବା ଏହାର ଚତୁଃପାର୍ଶ୍ୱରେ ଭିଡ଼ ଜମିବ ତାହା ନୁହେଁ, ସମୁଦ୍ର ବେଳାଭୂମିରେ ବି ଲାଗିବ ପର୍ଯ୍ୟଟକଙ୍କ ଗହଳି। ଗାଡ଼ିମୋଟର ଯୋଗୁଁ ସହରର ବିଭିନ୍ନ ଗଳିକନ୍ଦି ଜାମ୍ ହେବା ସମ୍ଭାବନା ରହିଛି। ତେଣୁ ଏହି ଭିଡ଼ ନିୟନ୍ତ୍ରଣ ପାଇଁ ସ୍ୱତନ୍ତ୍ର ପୁଲିସ ବ୍ୟବସ୍ଥା କରାଯାଇଛି। ଶ୍ରଦ୍ଧାଳୁମାନଙ୍କ ପାଇଁ ନିରାପଦ, ସୁରକ୍ଷିତ ଏବଂ ସୁବ୍ୟବସ୍ଥିତ ଦର୍ଶନ ବ୍ୟବସ୍ଥା ସୁନିଶ୍ଚିତ କରିବା ନିମନ୍ତେ ୨୮ ତାରିଖରୁ ପୁଲିସ ପକ୍ଷରୁ ୨୪ ଘଣ୍ଟିଆ ସୁରକ୍ଷା ବ୍ୟବସ୍ଥା କାର୍ଯ୍ୟକାରୀ କରାଯିବ। ଏସ୍‌ପି ପ୍ରତୀକ୍ ସିଂ କହିଛନ୍ତି, ଭକ୍ତଙ୍କ ସୁରକ୍ଷା, ଶୃଙ୍ଖଳିତ ଦର୍ଶନ ଏବଂ ଟ୍ରାଫିକ୍ ପରିଚାଳନା ଉପରେ ସ୍ୱତନ୍ତ୍ର ନଜର ରହିଛି। ସୁରକ୍ଷା ପାଇଁ ୪ ଜଣ କମାଣ୍ଡାଣ୍ଟ ତଥା ଏସ୍‌ପି ପାହ୍ୟା ଅଧିକାରୀଙ୍କ ସହ ୧୪ ଜଣ ଡେପୁଟି କମାଣ୍ଡାଣ୍ଟ ତଥା ଅତିରିକ୍ତ ଏସ୍‌ପି, ୩୧ ଆସିଷ୍ଟାଣ୍ଟ କମାଣ୍ଡାଣ୍ଟ ତଥା ଡିଏସ୍‌ପି, ୮୩ ଜଣ ଇନ୍ସପେକ୍ଟର ଓ ସବ୍ ଇନ୍ସପେକ୍ଟର, ୩୬୦ ଜଣ ଏସ୍‌ଆଇ ଓ ଏଏସ୍‌ଆଇ, ୫୪ ଜଣ ହାବିଲଦାର, ୪୫୩ ଜଣ କନେଷ୍ଟବଳ, ୯୧୨ ଜଣ ହୋମ୍‌ଗାର୍ଡଙ୍କ ସମେତ ମୋଟ୍ ୭୯ ପ୍ଲାଟୁନ୍ ପୁଲିସ ବାହିନୀ ସହ ବିଭିନ୍ନ ସ୍ୱତନ୍ତ୍ର ସୁରକ୍ଷା ୟୁନିଟ୍ ନିୟୋଜିତ ହେବେ। ଏହି ସୁରକ୍ଷା ବ୍ୟବସ୍ଥାକୁ ୬ ଭାଗରେ ବିଭକ୍ତ କରାଯାଇଛି। ଯେପରିକି, ଶ୍ରୀଜଗନ୍ନାଥ ମନ୍ଦିର ଭିତର ଓ ବାହାରେ ଜନସମାଗମ ନିୟନ୍ତ୍ରଣ, ଟ୍ରାଫିକ୍ ଓ ପାର୍କିଂ ପରିଚାଳନା, ସୁରକ୍ଷା ବ୍ୟବସ୍ଥା ଏବଂ ଭିଆଇପି ସୁରକ୍ଷା, ଶ୍ରଦ୍ଧାଳୁ ସହାୟତା ଓ ଜନସେବା, ଜରୁରୀକାଳୀନ ପ୍ରତିକ୍ରିୟା ଓ ବିପର୍ଯ୍ୟୟ ପରିଚାଳନା ଓ ବିଭିନ୍ନ ବିଭାଗ ମଧ୍ୟରେ ଫଳପ୍ରଦ ସମନ୍ୱୟ ଓ ତଦାରଖ।

ଏଥିସହ ସେକ୍ଟରଭିତ୍ତିକ ପୁଲିସ ମୁତୟନ, ଏକମୁଖି ଯାତାୟାତ ବ୍ୟବସ୍ଥା, ସମ୍ବେଦନଶୀଳ ସ୍ଥାନଗୁଡ଼ିକରେ ବ୍ୟାରିକେଡିଂ, ଷ୍ଟ୍ରାଇକିଂ ଫୋର୍ସ ନିୟୋଜନ ଏବଂ ଭିଡ଼ର ନିରନ୍ତର ତଦାରଖ ଉପରେ ବିଶେଷ ଗୁରୁତ୍ୱ ଦିଆଯାଇଛି। ଯାତାୟାତ ସୂଚାରୁ କରିବା ପାଇଁ ଟ୍ରାଫିକ୍ ଡାଇଭର୍ସନ, ନିର୍ଦ୍ଧାରିତ ପାର୍କିଂ ସ୍ଥାନ ଏବଂ ପୃଥକ୍ ପ୍ରବେଶ ଓ ପ୍ରସ୍ଥାନ ପଥର ବ୍ୟବସ୍ଥା କରାଯାଇଛି। ତେବେ ବଡ଼ଦାଣ୍ଡରେ କୌଣସି ସ୍ଥାନରେ ଶ୍ରଦ୍ଧାଳୁ ଛିଡ଼ା ହୋଇ ରହିବେ ନାହିଁ। ଦର୍ଶନ ପରେ ଆଗକୁ ବଢ଼ିବେ। ଭିଡ଼ ଭିତରେ ଦୀପ ଲଗାଇପାରିବେ ନାହିଁ। ବଡ଼ଦାଣ୍ଡର ନିର୍ଦ୍ଧାରିତ ସ୍ଥାନରେ ଦୀପ ଲଗାଇବେ। ଶ୍ରୀମନ୍ଦିର ଭିତରେ ୧୪ଟି ସେକ୍ଟର କରାଯାଇଛି। ପ୍ରତି ସେକ୍ଟରରେ ଅଭିଜ୍ଞ ଓ ଦକ୍ଷ ପୁଲିସ ଅଧିକାରୀ ମୁତୟନ ରହିବେ। ଏହାବ୍ୟତୀତ କୁଇକ୍ ଆକ୍ସନ ଟିମ୍ (କ୍ୟୁଏଟି), ସ୍ନିଫର ଡଗ୍ ସ୍କ୍ୱାଡ୍, ରୁଫ୍‌ଟପ୍ ନଜରଦାରି, ଇଣ୍ଟିଗ୍ରେଟେଡ୍ କମାଣ୍ଡ ଆଣ୍ଡ କଣ୍ଟ୍ରୋଲ ସେଣ୍ଟର (ଆଇସିସିସି) ମାଧ୍ୟମରେ ନିରୀକ୍ଷଣ, ଆଣ୍ଟି-ସାବୋଟାଜ୍ ଯାଞ୍ଚ ଏବଂ ସାମୁଦ୍ରିକ ସୁରକ୍ଷା ବ୍ୟବସ୍ଥା କାର୍ଯ୍ୟକାରୀ କରାଯାଇଛି। ସେହିପରି ହେଲ୍ପ ଡେସ୍କ, ପୁଲିସ କଣ୍ଟ୍ରୋଲ ରୁମ୍ (ପିସିଆର୍), ଚିକିତ୍ସା ସହାୟତା କେନ୍ଦ୍ର ଏବଂ ବରିଷ୍ଠ ନାଗରିକ, ମହିଳା, ଶିଶୁ ଓ ଦିବ୍ୟାଙ୍ଗ ଶ୍ରଦ୍ଧାଳୁଙ୍କ ପାଇଁ ସ୍ୱତନ୍ତ୍ର ସହାୟତା ବ୍ୟବସ୍ଥା ଉପଲବ୍ଧ ରହିବ। ଏତଦ୍‌ବ୍ୟତୀତ ସିସିଟିଭି କ୍ୟାମେରା ବଳୟରେ ରହିବ ଶ୍ରୀମନ୍ଦିର ଭିତର, ବାହାର ଓ ବଡ଼ଦାଣ୍ଡ। ଏସ୍‌ପି ଶ୍ରୀ ସିଂ କହିଛନ୍ତି, ଶ୍ରୀମନ୍ଦିର ଭିତରେ ୧୫୨ଟି କ୍ୟାମେରା, ମନ୍ଦିର ଚାରିପାଖରେ ୨୫୦ଟି କ୍ୟାମେରା, ଶ୍ରୀମନ୍ଦିରରୁ ବଡ଼ଦାଣ୍ଡ ମାର୍କେଟ ଛକ ଯାଏ ୩୦ଟି କ୍ୟାମେରା ଲଗାଯାଇଛି। ଏକ କଣ୍ଟ୍ରୋଲ ରୁମ୍ କରାଯାଇ ଏହାର ପରିଚାଳନା କରାଯାଉଛି।

## ଭାରୀଯାନ ଚଳାଚଳ ଉପରେ କଟକଣା

ପୁରୀ,୨୭।୬(ସମିସ): ଦେବସ୍ନାନ ପୂର୍ଣ୍ଣିମା ଓ ମହାପ୍ରଭୁ ଅଲାରନାଥଙ୍କ ଯାତ୍ରା ଅବସରରେ ଭାରୀଯାନ ଚଳାଚଳ ଉପରେ କଟକଣା ଲଗାଯାଇଛି। ଦେବସ୍ନାନ ପୂର୍ଣ୍ଣିମା ପ୍ରସ୍ତୁତି ବୈଠକରେ ଗୃହୀତ ନିଷ୍ପତ୍ତି ଅନୁଯାୟୀ, ଚଳିତ ବର୍ଷ ମହାପ୍ରଭୁ ଶ୍ରୀଅଲାରନାଥଙ୍କ ଯାତ୍ରା ଅବସରରେ ଜିଲ୍ଲାପାଳ ଦିବ୍ୟଜ୍ୟୋତି ପରିଡ଼ା ହେଭି ଭେହିକିଲ୍ ଗୁଡ୍‌ସ/ଭେହିକିଲ୍ (ଭାରୀଯାନ ଦ୍ରବ୍ୟ) ଚଳାଚଳ ଉପରେ ଅସ୍ଥାୟୀ ପ୍ରତିବନ୍ଧକ ଜାରି କରିଛନ୍ତି। ଏହି ପ୍ରତିବନ୍ଧକ ଚଳିତ ମାସ ୩୦ରୁ ଜୁଲାଇ ୧୩ ତାରିଖ ପର୍ଯ୍ୟନ୍ତ ପ୍ରତିଦିନ ସକାଳ ୬ଟାରୁ ରାତି ୧୦ଟା ପର୍ଯ୍ୟନ୍ତ ବଳବତ୍ତର ରହିବ। ମଙ୍ଗଳାଘାଟରୁ ସାତପଡ଼ା ଖଜୁରିଆଠାରୁ ବ୍ରହ୍ମଗିରି ମାର୍କେଟ ଛକ କଟକଣାରେ ସାମିଲ୍ ରହିବ। ଏହି ନିର୍ଦ୍ଦେଶନାମା ମୋଟରଯାନ ଆଇନ, ୧୯୮୮ର ଧାରା ୧୧୫ ଏବଂ ଓଡ଼ିଶା ମୋଟରଯାନ ନିୟମାବଳୀ, ୧୯୯୩ର ନିୟମ ୧୭୩ ଅନୁଯାୟୀ ଜାରି କରାଯାଇଛି। ଜନସାଧାରଣ ଏବଂ ସମସ୍ତ ଭାରୀଯାନ ଗୁଡ୍‌ସ ଚାଳକଙ୍କୁ ଉକ୍ତ ସମୟରେ ବିକଳ୍ପ ମାର୍ଗ ବ୍ୟବହାର କରି ପ୍ରଶାସନକୁ ସହଯୋଗ କରିବା ପାଇଁ ଆଞ୍ଚଳିକ ପରିବହନ କାର୍ଯ୍ୟାଳୟ, ପୁରୀ ପକ୍ଷରୁ ଅନୁରୋଧ କରାଯାଇଛି।

## ସ୍ନାନଯାତ୍ରା ପାଇଁ ବ୍ୟାପକ ବ୍ୟବସ୍ଥା; ନୀତିକାନ୍ତି ଉପରେ ଗୁରୁତ୍ୱ

ପୁରୀ,୨୭।୬(ସମିସ): ଦିନକ ପରେ ମହାପ୍ରଭୁଙ୍କ ପବିତ୍ର ସ୍ନାନ ଯାତ୍ରା। ଏଥିପାଇଁ ପ୍ରଶାସନର ସମସ୍ତ ବ୍ୟବସ୍ଥା ଚୂଡ଼ାନ୍ତ ହୋଇଛି। ଶ୍ରୀମନ୍ଦିର ପ୍ରଶାସନ, ପୁଲିସ ଓ ଜିଲ୍ଲା ପ୍ରଶାସନ ପକ୍ଷରୁ ଶୃଙ୍ଖଳିତ ସ୍ନାନଯାତ୍ରା ଏବଂ ରଥଯାତ୍ରା ପାଇଁ ଘନ ଘନ ବୈଠକ ବସୁଛି। ଏହି କ୍ରମରେ ଶନିବାର ଶ୍ରୀମନ୍ଦିର ପରିଚାଳନା କମିଟି ଦ୍ୱାରା ଅନୁମୋଦିତ କାର୍ଯ୍ୟସୂଚୀକୁ ନେଇ ଶ୍ରୀମନ୍ଦିର ପ୍ରଶାସନ, ଜିଲ୍ଲା ପ୍ରଶାସନ ଓ ପୁଲିସ ପ୍ରଶାସନ ପକ୍ଷରୁ ଗୁରୁତ୍ୱପୂର୍ଣ୍ଣ ବୈଠକ ଶ୍ରୀମନ୍ଦିର କାର୍ଯ୍ୟାଳୟ ପରିସରରେ ଅନୁଷ୍ଠିତ ହୋଇଯାଇଛି। ବୈଠକରେ ନୀତିକାନ୍ତିର ସୁପରିଚାଳନା ଓ ସମସ୍ତଙ୍କ ସହଯୋଗ ଜାରି ରଖିବା ଉପରେ ବିସ୍ତୃତ ଆଲୋଚନା ହୋଇଛି। ନୀତିକାନ୍ତିକୁ ପ୍ରାଥମିକତା ପ୍ରଶାସନ ପକ୍ଷରୁ ସ୍ପଷ୍ଟ କରାଯାଇଛି। ସ୍ନାନଯାତ୍ରାର ସମସ୍ତ ନୀତି ନିର୍ଦ୍ଧାରିତ ସମୟରେ ସମ୍ପାଦନ କରାଯିବ। ନୀତି ବହୁଳତା ଯୋଗୁଁ ଶନିବାର ରାତି ପ୍ରାୟ ୧୦ଟାରୁ ରବିବାର ଅପରାହ୍ଣ ୧ଟା ପର୍ଯ୍ୟନ୍ତ ଶ୍ରୀମନ୍ଦିରରେ ସାଧାରଣ ଦର୍ଶନ ବନ୍ଦ ରହିବ। ସେନାପଟା ଲାଗି ସମେତ ଅନ୍ୟାନ୍ୟ ବିଶେଷ ନୀତି ଥିବାରୁ ସାମୟିକ କଟକଣା ଜାରି କରାଯାଇଛି। ସ୍ନାନଯାତ୍ରା ଦିନର କାର୍ଯ୍ୟସୂଚୀ ଧାର୍ଯ୍ୟ ହୋଇଛି। ପହଣ୍ଡି ପ୍ରାତଃ ୫ଟାରୁ ୭ଟା ମଧ୍ୟରେ ଆରମ୍ଭ ହେବ। ଏହାପରେ ଅନ୍ୟାନ୍ୟ ନୀତି ବଢ଼ିବ। ରାଜନୀତି ଓ ଛେରାପହଁରା ଗଜପତି ମହାରାଜାଙ୍କ ଦ୍ୱାରା ଅପରାହ୍ଣ ୩ଟାରୁ ୩ଟା ୩୦ ମଧ୍ୟରେ ଅନୁଷ୍ଠିତ ହେବ। ହାତୀ ବେଶ ଅପରାହ୍ଣ ୪ଟାରୁ ୫ଟା ମଧ୍ୟରେ ଠାକୁରମାନଙ୍କୁ ହାତୀ ବେଶରେ ସଜ୍ଜିତ କରାଯିବ। ସାହାଣ ମେଳା ସନ୍ଧ୍ୟା ୭ଟାରୁ ରାତି ୯ଟା ୩୦ ପର୍ଯ୍ୟନ୍ତ ଭକ୍ତମାନଙ୍କ ପାଇଁ ଦର୍ଶନ ବ୍ୟବସ୍ଥା କରାଯାଇଛି। ବାହୁଡ଼ା ପହଣ୍ଡି ହାତୀବେଶ ମଇଲମ ପରେ ଠାକୁରମାନେ ବାହୁଡ଼ା ପହଣ୍ଡିରେ ଶ୍ରୀମନ୍ଦିରକୁ ବିଜେ କରିବେ। ଶ୍ରଦ୍ଧାଳୁମାନଙ୍କ ସୁବିଧା ପାଇଁ ସ୍ନାନମଣ୍ଡପ ସମ୍ମୁଖରେ ସ୍ୱତନ୍ତ୍ର ର୍‌ୟାମ୍ପ୍ ନିର୍ମାଣ କରାଯାଇଛି। ଭକ୍ତମାନେ କେବଳ ସିଂହଦ୍ୱାର ଦେଇ ପ୍ରବେଶ କରି ସ୍ନାନ ମଣ୍ଡପରେ ଦର୍ଶନ ସାରି ଅନ୍ୟ ତିନି ଦ୍ୱାର ଦେଇ ପ୍ରସ୍ଥାନ କରିବେ। ଟିକଟଧାରୀ ଶ୍ରଦ୍ଧାଳୁମାନେ କେବଳ ଦକ୍ଷିଣ ଦ୍ୱାର ଦେଇ ପ୍ରବେଶ କରିପାରିବେ। ପ୍ରଶାସନ ପକ୍ଷରୁ ସମସ୍ତ ଭକ୍ତଙ୍କୁ ଶୃଙ୍ଖଳା ରକ୍ଷା କରି ସହଯୋଗ କରିବାକୁ ଅନୁରୋଧ କରାଯାଇଛି।

■ ଆଜି ସେନାପଟା ଲାଗି

## ଅପରାହ୍ଣ ୧ଟା ଯାଏ ଦର୍ଶନ ବନ୍ଦ

ପୁରୀ,୨୭।୬(ସମିସ): ଆସନ୍ତା ସୋମବାର ଜ୍ୟେଷ୍ଠ ଶୁକ୍ଳ ପୂର୍ଣ୍ଣିମା ତିଥିରେ ମହାପ୍ରଭୁଙ୍କ ପବିତ୍ର ସ୍ନାନଯାତ୍ରା ଅନୁଷ୍ଠିତ ହେବ। ସ୍ନାନବେଦୀରେ ପ୍ରତ୍ୟକ୍ଷ ସ୍ନାନ କରିବେ ଦାରୁବିଗ୍ରହ। ସେଥିପାଇଁ ପ୍ରସ୍ତୁତି ଚୂଡ଼ାନ୍ତ ପର୍ଯ୍ୟାୟରେ ପହଞ୍ଚିଛି। ଶନିବାର ଦଇତାପତି ସେବକମାନେ ଶ୍ରୀମନ୍ଦିରକୁ ପ୍ରବେଶ କରିଥିବାବେଳେ ରାତିରେ ଚାରମାଳ ବନ୍ଧାଯାଇ ରବିବାର ସେନାପଟା ଲାଗି ହେବ। ତେବେ ଏହି ଚାରମାଳ ବନ୍ଧା ଏବଂ ସେନାପଟା ଲାଗି ନୀତି ପାଇଁ ଶନିବାର ରାତି ସାଢ଼େ ୧୦ଟାରୁ ରବିବାର ଅପରାହ୍ଣ ୧ଟା ପର୍ଯ୍ୟନ୍ତ ଶ୍ରୀବିଗ୍ରହମାନଙ୍କର ସର୍ବସାଧାରଣ ଦର୍ଶନ ବନ୍ଦ ରହିବ। ସେନାପଟା ଲାଗି ପରେ ପୁନଶ୍ଚ ଶ୍ରଦ୍ଧାଳୁମାନେ ମହାପ୍ରଭୁଙ୍କୁ ଦର୍ଶନ କରିପାରିବେ ବୋଲି ଶ୍ରୀମନ୍ଦିର କାର୍ଯ୍ୟାଳୟ ପକ୍ଷରୁ ସୂଚନା ଦିଆଯାଇଛି।

## 'ଓଡ଼ିଆ କାବ୍ୟ କବିତାରେ ରାମତତ୍ତ୍ୱ' ଆଲୋଚନା

ପୁରୀ,୨୭।୬(ସମିସ): ସାରସ୍ୱତ ଅନୁଷ୍ଠାନ 'ଅଭିନନ୍ଦନିକା' ପକ୍ଷରୁ ଭ୍ରାମ୍ୟମାଣ ସାହିତ୍ୟ ଆସର ନୟାଗଡ଼ ଜିଲ୍ଲା ଫତେଗଡ଼ ଶ୍ରୀରାମ ମନ୍ଦିର ପରିସରରେ ଅନୁଷ୍ଠିତ ହୋଇଯାଇଛି। 'ଓଡ଼ିଆ କାବ୍ୟ କବିତାରେ ରାମତତ୍ତ୍ୱ' ଶୀର୍ଷକ ଆଲୋଚନା ଆସରରେ କବି ଓ ସମାଲୋଚକ ଡ. ଦିଲ୍ଲୀପ କୁମାର ସ୍ୱାଇଁ ଅଧ୍ୟକ୍ଷତା କରିଥିଲେ। ନୟାଗଡ଼ ହେଉଛି କାବ୍ୟ ସାଧନାର ମାଟି। ଏଠାରେ ସଂସ୍କୃତ ଓ ଓଡ଼ିଆ ଭାଷାରେ ଉତ୍କୃଷ୍ଟ ସାହିତ୍ୟ କୃତିମାନ ରଚନା କରାଯାଇଛି। କବି ଉପେନ୍ଦ୍ର ଭଞ୍ଜ ନିଜ କବିତ୍ୱର ଉତ୍କର୍ଷ ନୟାଗଡ଼ରେ ପ୍ରତିପାଦନ କରିଥିଲେ। ମଧ୍ୟଯୁଗୀୟ କାବ୍ୟରେ ରାମବିଭା, ରଘୁନାଥ ବିଳାସ ଓ ବୈଦେହୀଶ ବିଳାସ ପରି ଉତ୍କୃଷ୍ଟ ରାମକାବ୍ୟ ରଚିତ ହୋଇ ମର୍ଯ୍ୟାଦା ପୁରୁଷ ଶ୍ରୀରାମଚନ୍ଦ୍ରଙ୍କ ବ୍ୟକ୍ତିତ୍ୱ ଓ ବିଚାରଧାରାର ପ୍ରଚାର କରିଥିଲେ ବୋଲି ଆସରରେ ମତ ପ୍ରକାଶ ପାଇଥିଲା। କାର୍ଯ୍ୟକ୍ରମରେ କବି କାମଦେବ ମହାରଣା, ଅଧ୍ୟାପକ ଉମେଶ ବେହେରା, ଗବେଷକ ନାରାୟଣ ସାହୁ, ସତ୍ୟପ୍ରସାଦ ପଟ୍ଟନାୟକ, ନିରଞ୍ଜନ ମହାରଣା, ପବିତ୍ର ବେହେରା, ଶୁଭଦା ମିଶ୍ର, ସାଇ ସ୍ୱରୂପ ସ୍ୱାଇଁ, ଆଦ୍ୟାଶା ମିଶ୍ର ଓ ଆନନ୍ଦୀ ମିଶ୍ର ପ୍ରମୁଖ ଅଂଶଗ୍ରହଣ କରିଥିଲେ। ସାମାଜିକ କର୍ମୀ ସୌଭାଗିନୀ ସ୍ୱାଇଁ ଧନ୍ୟବାଦ ଅର୍ପଣ କରିଥିଲେ। କାର୍ଯ୍ୟକ୍ରମକୁ ଅଭିନନ୍ଦନିକାର ପ୍ରତିଷ୍ଠାତା ସମ୍ପାଦକ ଶ୍ୟାମ ପ୍ରକାଶ ସେନାପତି ସଞ୍ଚାଳନ କରିଥିଲେ। ଏଥିସହିତ ସାହିତ୍ୟିକ ବନ୍ଧୁମାନେ କଣ୍ଟିଲୋ ନୀଳମାଧବ ମନ୍ଦିର ଓ ବୈଷ୍ଣବ ଦେବୀ ମନ୍ଦିର ଦର୍ଶନ କରିଥିଲେ।

# ଶ୍ରୀମନ୍ଦିରକୁ ପ୍ରବେଶ କଲେ ଦଇତାପତି



ପୁରୀ,୨୭।୬(ସମିସ)

ଆସନ୍ତା ସୋମବାର ଦେବସ୍ନାନ ପୂର୍ଣ୍ଣିମା। ସ୍ନାନ ମଣ୍ଡପରେ ପ୍ରତ୍ୟକ୍ଷ ସ୍ନାନ କରିବେ ମହାପ୍ରଭୁ। ୧୦୮ ଗରା ଜଳରେ ସ୍ନାନ କରିବା ପରେ ଆରମ୍ଭ ହେବ ଦାରୁବିଗ୍ରହଙ୍କ ଅଣସର ନୀତି। ମହାପ୍ରଭୁଙ୍କର ଏହି ଗୁପ୍ତ ନୀତିକୁ ସମ୍ପାଦନ କରିବେ ଶ୍ରୀଅଙ୍ଗ ଲାଗି ସେବକ ଦଇତାପତି। ତେଣୁ ଶନିବାର ମଙ୍ଗଳ ଆଳତି ପରେ ଦଇତାପତି ସେବକମାନେ ଶ୍ରୀମନ୍ଦିରକୁ ପ୍ରବେଶ କରିଛନ୍ତି। ସ୍ନାନଯାତ୍ରାଠାରୁ ନୀଳାଦ୍ରିବିଜେ ପର୍ଯ୍ୟନ୍ତ ମହାପ୍ରଭୁଙ୍କ ସେବାରେ ନିମଗ୍ନ ରହିବେ ଦଇତାପତି। ଗୋଷ୍ଠୀଗତ ଭାବେ ଠାକୁରଙ୍କ ସମସ୍ତ ନୀତିକାନ୍ତି ସମ୍ପାଦନ କରିବେ। ତେବେ ଶ୍ରୀମୁଖ ଖଣ୍ଟୁଆ ପଡ଼ିବା ପରେ ଦଇତାପତିମାନେ ଶ୍ରୀଅଙ୍ଗ ସୁରକ୍ଷା ଲାଗି ବାହୁଟକଣ୍ଟ କରିବେ। ଶ୍ରୀସୁଦର୍ଶନଙ୍କୁ ବଡ଼ବାଡ଼ ଖଟୁଲି ଉପରେ ବିଜେ କରିବା ପରେ କୋଠ ସୁଆଁସିଆମାନେ ରତ୍ନସିଂହାସନ ନିକଟକୁ ଯାଇ ମହାପ୍ରଭୁଙ୍କ ପହଣ୍ଡି ପାଇଁ ଚାରବାଡ଼ ବାନ୍ଧିବେ। ଶ୍ରୀଅଙ୍ଗ ସୁରକ୍ଷା ଲାଗି ଦଇତାପତିମାନେ ରବିବାର ସେନାପଟା ଲାଗି କରିବେ। ବଉଳ କାଠରେ ଦାରୁବିଗ୍ରହଙ୍କ ଶ୍ରୀଅଙ୍ଗର ମାପ ଅନୁଯାୟୀ ସେନାପଟା ଓ ବାହୁଟ ନିର୍ମାଣ କରାଯିବ। ମହାପ୍ରଭୁଙ୍କ ପୃଷ୍ଠ ଦେଶରେ ସେନାପଟା ଓ ଶ୍ରୀଭୁଜରେ ବାହୁଟ ପାଟ ବସ୍ତ୍ର ଦ୍ୱାରା ଆଚ୍ଛାଦିତ କରି ବାନ୍ଧି ଦିଆଯିବ। ସ୍ନାନଯାତ୍ରା, ଶ୍ରୀଗୁଣ୍ଡିଚା ଯାତ୍ରା, ଆଡ଼ପ ପହଣ୍ଡି, ବାହୁଡ଼ା ଯାତ୍ରା ଓ ନୀଳାଦ୍ରି ବିଜେ ପହଣ୍ଡି ସମୟରେ ଏହି ସେନାପଟା ଓ ବାହୁଟ ଶ୍ରୀଅଙ୍ଗକୁ ସୁରକ୍ଷା ପ୍ରଦାନ କରିଥାଏ।

## ମହାପ୍ରଭୁଙ୍କୁ ସମର୍ପିତ ହେଲା ପୁଲିସର ବ୍ୟବସ୍ଥାବଳୀ

ପୁରୀ,୨୭।୬(ସମିସ): ଆସନ୍ତା ସୋମବାର ମହାପ୍ରଭୁଙ୍କ ପବିତ୍ର ସ୍ନାନଯାତ୍ରା। ଚତୁର୍ଦ୍ଧାବିଗ୍ରହଙ୍କ ସ୍ନାନଯାତ୍ରା ଯେପରି ଶୃଙ୍ଖଳିତ ଭାବେ ସମ୍ପନ୍ନ ହେବ ତାହାକୁ ଗୁରୁତ୍ୱ ଦେଇଛି ପ୍ରଶାସନ। ପୁଲିସ ପକ୍ଷରୁ ମଧ୍ୟ ଦେବସ୍ନାନ ପୂର୍ଣ୍ଣିମାର ବ୍ୟବସ୍ଥାବଳୀ ପ୍ରସ୍ତୁତ କରାଯାଇଛି। ଏହି ବ୍ୟବସ୍ଥାବଳୀ ପୁସ୍ତକକୁ ଶୁକ୍ରବାର ଶ୍ରୀମନ୍ଦିରରେ ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ପାଦପଦ୍ମରେ ସମର୍ପିତ କରାଯାଇଛି। ଏହି ଅବସରରେ ଏସ୍‌ପି ପ୍ରତୀକ୍ ସିଂ ଓ ପୁଲିସର ବରିଷ୍ଠ ଅଧିକାରୀମାନେ ଶ୍ରୀମନ୍ଦିରକୁ ଯାଇ ମହାପ୍ରଭୁଙ୍କ ଦର୍ଶନ କରିବା ସହିତ ବହି ପୂଜା କରିଥିଲେ। ଅତିରିକ୍ତ ଏସ୍‌ପି ସୁଶୀଳ ମିଶ୍ର, ଅତିରିକ୍ତ ଏସ୍‌ପି ଦେବୀ ପ୍ରତାପ, ଅତିରିକ୍ତ ଏସ୍‌ପି ସଚିନ ପଟେଲ, ଅତିରିକ୍ତ ଏସ୍‌ପି ସୌମ୍ୟରଞ୍ଜନ ମଲ୍ଲିକଙ୍କ ସମେତ ଅନ୍ୟାନ୍ୟ ପୁଲିସ ଅଧିକାରୀମାନେ ଉପସ୍ଥିତ ଥିଲେ। ଦେବସ୍ନାନ ପୂର୍ଣ୍ଣିମାରେ ଲକ୍ଷାଧିକ ଭକ୍ତଙ୍କ ସମାଗମକୁ ଦୃଷ୍ଟିରେ ରଖି ପୁରୀ ପୁଲିସ ପକ୍ଷରୁ ସୁରକ୍ଷା, ଟ୍ରାଫିକ୍ ନିୟନ୍ତ୍ରଣ, ଭିଡ଼ ପରିଚାଳନା ଓ ଭକ୍ତମାନଙ୍କ ସୁବିଧା ପାଇଁ ସମସ୍ତ ପ୍ରକାର ବ୍ୟାପକ ବ୍ୟବସ୍ଥା କରାଯାଇଛି।

## 'ଓଡ଼ିଶାକୁ ପରିଚୟ ଦେବାରେ ପଣ୍ଡିତ କୃପାସିନ୍ଧୁ ସ୍ମରଣ ରହିବେ'

ପୁରୀ,୨୭।୬(ସମିସ): ଓଡ଼ିଶା ସାହିତ୍ୟ ଏକାଡେମୀ ଓ କୃପାସିନ୍ଧୁ ସ୍ମୃତି ସମିତିଙ୍କ ମିଳିତ ଆନୁକୂଲ୍ୟରେ ପଣ୍ଡିତ କୃପାସିନ୍ଧୁ ମିଶ୍ରଙ୍କ ରାଜ୍ୟସ୍ତରୀୟ ଜୟନ୍ତୀ ଉତ୍ସବ ଶନିବାର ବୀରପ୍ରତାପପୁର ଶାସନ ଗ୍ରାମରେ ଅନୁଷ୍ଠିତ ହୋଇଯାଇଛି। ବିଶିଷ୍ଟ ଶିକ୍ଷାବିତ୍ ତଥା ସାହିତ୍ୟିକ ସତ୍ୟବାଦୀ ଦାଶଙ୍କ ସଭାପତିତ୍ୱରେ ମୁଖ୍ୟଅତିଥି ଭାବେ ଓଡ଼ିଶା ସାହିତ୍ୟ ଏକାଡେମୀର ପୂର୍ବତନ ସଦସ୍ୟ ଡ. କୈଳାସ ଚନ୍ଦ୍ର ଟିକାୟତରାୟ, ସମ୍ମାନିତ ଅତିଥି ଭାବେ ବିଶିଷ୍ଟ ସମାଜସେବୀ ତଥା ପ୍ରାବନ୍ଧିକ ଡ. ବଦ୍ରି ମିଶ୍ର ପ୍ରମୁଖ ଯୋଗଦେଇଥିଲେ। ମୁଖ୍ୟଅତିଥି ଡ. ଟିକାୟତରାୟ କହିଥିଲେ ଯେ, ଉତ୍କଳର ଇତିହାସ ଲେଖି, ପଞ୍ଚସଖାଙ୍କ ମଧ୍ୟରୁ ଅନ୍ୟତମ ସଖା ପଣ୍ଡିତ କୃପାସିନ୍ଧୁ ମିଶ୍ର ଓଡ଼ିଶାକୁ ପରିଚୟ ଦେବାରେ ସ୍ମରଣ ରହିବେ। ସମ୍ମାନିତ ଅତିଥି ଡ. ବଦ୍ରି ମିଶ୍ର କହିଥିଲେ ଯେ ଶିକ୍ଷା, ଗବେଷଣା ଓ ସମାଜସେବା କ୍ଷେତ୍ରରେ ଉଲ୍ଲେଖନୀୟ ଅବଦାନ ସହ ଭଲମଣିଷ ସୃଷ୍ଟିରେ ପଣ୍ଡିତ କୃପାସିନ୍ଧୁଙ୍କ ଶ୍ରମ ଓ ସାଧନାକୁ ଏ ଜାତି ସ୍ମରଣ ରଖିବ। ଏକାଡେମୀର ସହ ସଚିବ ତଥା କବି ସଞ୍ଜୟ କୁମାର ଛୁଆଳସିଂହଙ୍କ ପରିଚାଳନାରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ସ୍ଥାନୀୟ ସରପଞ୍ଚ ମମତାଞ୍ଜଳୀ ମହାନ୍ତି, ଜିଲ୍ଲା ପରିଷଦ ସଦସ୍ୟା ସରୋଜିନୀ ବେହେରା, କୈଳାସ ଚନ୍ଦ୍ର ମିଶ୍ର, ମଧୁସୂଦନ ନନ୍ଦ, ଦୀନବନ୍ଧୁ ମିଶ୍ର, ଆଲୋକ ମିଶ୍ର, ସିଦ୍ଧେଶ୍ୱର ମିଶ୍ର, ବିଜୟ କେତନ ମିଶ୍ର, ନୃସିଂହ ନାଥ ମିଶ୍ର ଯୋଗଦେଇଥିଲେ। କାର୍ଯ୍ୟକ୍ରମ ସଞ୍ଚାଳନ କରିଥିଲେ ଶିକ୍ଷାବିତ୍ ମନୋରଞ୍ଜନ ମିଶ୍ର। ଏହି ଅବସରରେ କୃପାସିନ୍ଧୁଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ ଓ ସମବେତ ସଙ୍ଗୀତ ଗାନ କରାଯାଇଥିଲା। ଶେଷରେ ବିଭିନ୍ନ ବିଦ୍ୟାଳୟର ୨୬ ଜଣ ସଫଳ ପ୍ରତିଭାଙ୍କୁ ଅତିଥିମାନେ ପ୍ରମାଣ ପତ୍ର ତଥା ସିଲ୍ ପ୍ରଦାନ କରି ଉତ୍ସାହିତ କରିଥିଲେ।



## ଏମ୍‌ଏସ୍‌ଏମ୍‌ଇ ମେଳା ଉଦ୍‌ଘାଟିତ


ପୁରୀ,୨୭।୬(ସମିସ): ଅନ୍ତର୍ଜାତୀୟ ଏମ୍‌ଏସ୍‌ଏମ୍‌ଇ ଦିବସ ଅବସରରେ ଶନିବାର ପୁରୀ ଜିଲ୍ଲା ଶିଳ୍ପ କେନ୍ଦ୍ର ପକ୍ଷରୁ ସ୍ଥାନୀୟ ନୀଳାଚଳ ଅର୍ବାନ ହାଟ ପରିସରରେ ଏମ୍‌ଏସ୍‌ଏମ୍‌ଇ ମେଳା ଉଦ୍‌ଘାଟିତ ହୋଇଯାଇଛି। ଏହାକୁ ଅତିରିକ୍ତ ଜିଲ୍ଲାପାଳ ଶରତ ଚନ୍ଦ୍ର ବେହେରା ଉଦ୍‌ଘାଟନ କରିଥିଲେ। ଜିଲ୍ଲା ଶିଳ୍ପ କେନ୍ଦ୍ର ପୁରୀର ସାଧାରଣ ପରିଚାଳକ ମାନସ ରଞ୍ଜନ ବାରିକ ମୁଖ୍ୟଅତିଥି ଭାବେ ଯୋଗଦେଇ ମେଳାର ଉଦ୍ଦେଶ୍ୟ ଓ ଲକ୍ଷ୍ୟ ସମ୍ପର୍କରେ ଆଲୋକପାତ କରିବା ସହ ଯୁବ ଉଦ୍ୟୋଗୀମାନଙ୍କୁ ଉତ୍ସାହିତ କରିଥିଲେ। ମଞ୍ଚାସୀନ ଅତିଥିମାନଙ୍କ ମଧ୍ୟରେ ଜିଲ୍ଲା ଅଗ୍ରଣୀ ବ୍ୟାଙ୍କ ପ୍ରବନ୍ଧକ ଅନିଲ କୁମାର ଭୋଇ, ନୀଳାଚଳ କାଜୁ କ୍ଲଷ୍ଟର ବ୍ରହ୍ମଗିରି ସମ୍ପାଦକ ରାକେଶ କୁମାର ମହାନ୍ତି, ଏସ୍‌ବିଆଇ ଏସ୍‌ଏମ୍‌ଇ ବ୍ରାଞ୍ଚର ମୁଖ୍ୟ ପରିଚାଳକ ଶିବବ୍ରତ ଶତପଥୀ, ପ୍ରିମିୟମ୍ ଇଣ୍ଡଷ୍ଟ୍ରିଜ୍‌ର ପ୍ରତିଷ୍ଠାତା ବିଭୁ ପ୍ରସାଦ ସାହୁ ପ୍ରମୁଖ ଉପସ୍ଥିତ ରହି ନିଜ ନିଜ ଅଭିଜ୍ଞତା ପ୍ରକାଶ କରିଥିଲେ। ସୂଚନାଥାଉ କି, ଏହି ମେଳା ଜୁନ୍ ୨୭ରୁ ଜୁଲାଇ ୧ ତାରିଖ ପର୍ଯ୍ୟନ୍ତ ପୂର୍ବାହ୍ଣ ୧୦ଟାରୁ ରାତି ୯ଟା ପର୍ଯ୍ୟନ୍ତ ଜନସାଧାରଣଙ୍କ ପାଇଁ ଖୋଲା ରହିବ। ଏଥିରେ ବିଭିନ୍ନ ବିଭାଗ ପକ୍ଷରୁ ପ୍ରାୟ ୨୦ରୁ ଉର୍ଦ୍ଧ୍ୱ ଷ୍ଟଲ୍ ଖୋଲାଯାଇଛି। ମେଳାକୁ ଜିଲ୍ଲା ଶିଳ୍ପ କେନ୍ଦ୍ର ପୁରୀର ଶିଳ୍ପ ଅଧିକାରୀ ଲଳିତ ରଞ୍ଜନ ପ୍ରଧାନ, ନିର୍ମଳ ମହାରଣା, ଭରତ କୁମାର ସେଠୀ, ସହକାରୀ ଶିଳ୍ପ ଅଧିକାରୀ ରାକେଶ କୁମାର ମହାନ୍ତି, ଲୋପାମୁଦ୍ରା ଗୌଡ଼, ସାଧନା ଲୋହାର, ଶ୍ରୀୟା ନାୟକ, ହିମାଂଶୁ ଶେଖର ନାୟକ ଏବଂ ସମସ୍ତ କର୍ମଚାରୀ ପରିଚାଳନା କରିଥିଲେ। ମେଳାରେ ଅନେକ ସଫଳ ଉଦ୍ୟୋଗୀ ନିଜ ନିଜ ଅଭିଜ୍ଞତା ଉଲ୍ଲେଖ କରିବା ସହ ଜିଲ୍ଲାରେ ଉଦ୍ୟୋଗୀ ସୃଷ୍ଟିରେ ଜିଲ୍ଲା ଶିଳ୍ପ କେନ୍ଦ୍ରର ସହଯୋଗ ପାଇଁ ସରକାରଙ୍କୁ ଧନ୍ୟବାଦ ଦେଇଥିଲେ।

ସୃଜନିକା

ସକାଳ
THE SAKALA
www.sakalaepaper.com

# କୋଡ଼ିଏ ବର୍ଷ ପରେ





ମୂଳ ଇଂରାଜୀ: ଓ. ହେନେରୀ

ଅନୁବାଦ: କନକ ମଞ୍ଜରୀ ସାହୁ

ନ୍ୟୁୟର୍କ ସହରର ସେହି ରାସ୍ତାରେ ଜଣେ ପୋଲିସ ଅଫିସର୍ ଖୁବ୍ ଗମ୍ଭୀରତାର ସହ ପାଟ୍ରୋଲିଂ କରୁଥିଲେ। ସେତେବେଳକୁ ରାତି ପ୍ରାୟ ଦଶଟା ହେବ। ଥଣ୍ଡା ପବନ ବହୁଥିଲା ଏବଂ ହାଲୁକା ବର୍ଷା ଯୋଗୁ ରାସ୍ତା ପ୍ରାୟ ଜନଶୂନ୍ୟ ହୋଇଯାଇଥିଲା।

ଏହି ସମୟରେ ପୋଲିସ ଅଫିସର୍ ଜଣକ ଦେଖିଲେ, ଗୋଟିଏ ବନ୍ଦ ଥିବା ଦୋକାନ ଦୁଆରେ ଜଣେ ଲୋକ ଅନ୍ଧାରରେ ସିଗାରେଟ୍ ଜଳାଇ ଛିଡ଼ା ହୋଇଛି। ଅଫିସର୍ ଜଣକ ତାଙ୍କ ଆଡ଼କୁ ଆଗେଇଲେ। ପୋଲିସକୁ ଦେଖି ସେହି ବ୍ୟକ୍ତି ଜଣକ ତରବର ହୋଇ କହିଲେ, 'ଅଫିସର୍, ଆପଣ ବ୍ୟସ୍ତ ହୁଅନ୍ତୁନି। ମୁଁ ଏଠାରେ ଜଣେ ପୁରୁଣା ବନ୍ଧୁଙ୍କୁ ଅପେକ୍ଷା କରିଛି। ଆଜିକୁ ଠିକ୍ କୋଡ଼ିଏ ବର୍ଷ ତଳେ ଦୁହେଁ ଏହି ଜାଗାରେ ଏକାଠି ବସି ପ୍ରତିଜ୍ଞା କରିଥିଲୁ ଯେ, ଜୀବନରେ ଆମେ ଯେଉଁଠି ଥାଉନା କାହିଁକି, ଆଜିର ଦିନରେ ଏବଂ ଠିକ୍ ଏହି ସମୟରେ ଏଠାରେ ପରସ୍ପରକୁ ଭେଟିବୁ।"

ଲୋକଟି ତାଙ୍କ ସିଗାରେଟ୍ ନିଆଁ ଆଲୁଅରେ ପୋଲିସକୁ ତାଙ୍କ ଘଣ୍ଟା ଦେଖାଇଲେ। ତାଙ୍କ କଥା ଶୁଣି ପୋଲିସ ଅଫିସର୍ ଜଣକ ଆଗ୍ରହର ସହ ପଚାରିଲେ, "ବେଶ୍ କୌତୁହଳପୂର୍ଣ୍ଣ କଥା! ତେବେ ସେଇ ବନ୍ଧୁ ଜଣକ କିଏ?"

ବ୍ୟକ୍ତି ଜଣକ କହିଲେ, "ତାଙ୍କ ନାଁ ଜିମି ୱେଲ୍ସ। ସେ ମୋ ପିଲାଦିନର ସବୁଠୁ ବିଶ୍ୱସ୍ତ ବନ୍ଧୁ ଥିଲା। ସେଦିନ ଏହି ଜାଗାରେ ଗୋଟିଏ ହୋଟେଲ ଥିଲା, ଯେଉଁଠି ଆମେ ଶେଷ ଥର ପାଇଁ ଏକାଠି ଖାଇଥିଲୁ। ମୁଁ ଭାଗ୍ୟ ଅନ୍ୱେଷଣରେ ପଶ୍ଚିମ ପ୍ରାନ୍ତକୁ ଚାଲିଗଲି ଏବଂ ଜିମି ଏହି ନ୍ୟୁୟର୍କ ସହରରେ ରହିଗଲା। ଆମେ ଭାବିଥିଲୁ କୋଡ଼ିଏ ବର୍ଷ ମଧ୍ୟରେ ଆମେ ଜୀବନରେ ନିଜ ନିଜର ପରିଚୟ ସୃଷ୍ଟି କରିସାରିଥିବୁ।"

ପୋଲିସ ଅଫିସର୍ ଜଣକ ଲୋକଟିର ଚେହେରାକୁ ଭଲ ଭାବେ ଚାହିଁଲେ। ତାଙ୍କ ଆଖି କୋଣରେ ଏକ ଛୋଟ କ୍ଷତ ଚିହ୍ନ ଥିଲା ଏବଂ ସେ ପିନ୍ଧିଥିବା କୋଟ୍‌ରେ ଏକ ଦାମୀ ହୀରାର ପିନ୍ ଲାଗିଥିଲା। ସେ ପଶ୍ଚିମ ପ୍ରାନ୍ତରେ ଖୁବ୍ ଧନୀ ହୋଇଯାଇଥିବା ଭଳି ଜଣାପଡୁଥିଲେ।

ଅଫିସର୍ ପଚାରିଲେ, "ତୁମ ବନ୍ଧୁ ଜିମି ଏପର୍ଯ୍ୟନ୍ତ ଆସିନାହାନ୍ତି, ତୁମେ ଆଉ କେତେ ସମୟ ଅପେକ୍ଷା କରିବ?"

ଲୋକଜଣକ ହସି କହିଲେ, "ଅତି କମ୍‌ରେ ମୁଁ ଆଉ ଅଧ ଘଣ୍ଟା ଅପେକ୍ଷା କରିବି। ମୋର ବିଶ୍ୱାସ ଅଛି ଜିମି ଯଦି ଜୀବିତ ଥିବ, ତା'ହେଲେ ସେ ନିଶ୍ଚୟ ଆସିବ।"

"ଠିକ୍ ଅଛି, ମୁଁ ମୋ' ଡ୍ୟୁଟିରେ ଯାଉଛି। ଆଶା କରେ ଆପଣଙ୍କ ବନ୍ଧୁ ଶୀଘ୍ର ଆସିବେ।" ଏହା କହି ପୋଲିସ ଅଫିସର୍ ଜଣକ ସେଠାରୁ ଚାଲିଗଲେ।

ଠିକ୍ କୋଡ଼ିଏ ମିନିଟ୍ ପରେ ଓଭରକୋଟ୍ ପିନ୍ଧିଥିବା ଜଣେ ଟିକେ ମୋଟା ଲୋକ ଦ୍ରୁତ ଗତିରେ ସେହି ଅନ୍ଧାରୁଆ ଦୋକାନ ଆଡ଼କୁ ଆସିଲା। ସେଇ ଲୋକଟି ପାଖକୁ ଆସି ପଚାରିଲା, "ତୁମେ ବବ୍ ନା?"

ସେଇ ପ୍ରଥମ ଲୋକଟି ଆନନ୍ଦରେ ଚିତ୍କାର କରି କହିଲେ, "ଜିମି! ମୁଁ ଜାଣିଥିଲି ତୁ ନିଶ୍ଚୟ ଆସିବୁ।"

ଦୁଇ ବନ୍ଧୁ ହାତ ମିଳାଇଲେ ଏବଂ ଭାବବିହ୍ୱଳ ହୋଇ କଥା ହେବାକୁ ଲାଗିଲେ। ବବ୍ ପଶ୍ଚିମରେ କେମିତି ସଫଳତା ପାଇଲା, ସେଇ ବିଷୟରେ ବଡ଼ ବଡ଼ କଥା କହିବାକୁ ଲାଗିଲା। ସେମାନେ କଥା ହେଇ ହେଇ ଆଗକୁ ବଢ଼ିଲେ। ରାସ୍ତାର ମୋଡ଼ରେ ଥିବା ଏକ ମେଡିସିନ୍ ଦୋକାନର ଉଜ୍ଜ୍ୱଳ ଆଲୋକ ସେମାନଙ୍କ ଉପରେ ପଡ଼ିଲା।

ହଠାତ୍ ବବ୍ ଅଟକିଗଲା ଏବଂ ନିଜ ହାତ ଛଡ଼ାଇ ନେଇ କହିଲା, 'ତୁ ଜିମି ନୁହେଁ! କୋଡ଼ିଏ ବର୍ଷରେ ଜଣକର ଉଚ୍ଚତା ବଢ଼ିପାରେ, ହେଲେ ନାକର ଗଢ଼ଣ ବଦଳି ଯାଇପାରେନା।"

ସେହି ଦ୍ୱିତୀୟ ବ୍ୟକ୍ତି ଜଣକ ଗମ୍ଭୀର ସ୍ୱରରେ କହିଲେ, "କିନ୍ତୁ କୋଡ଼ିଏ ବର୍ଷରେ ଜଣେ ଭଲ ମଣିଷ ଅପରାଧୀ ହୋଇପାରେ, ବବ୍। ତୁମେ ଚିକାଗୋ ପୋଲିସର ମୋଷ୍ଟ ୱାଣ୍ଟେଡ୍ ଅପରାଧୀ। ତୁମକୁ ଗିରଫ କରୁଛି। ଷ୍ଟେସନ ଯିବା ପୂର୍ବରୁ, ମୋ ପାଖରେ ତୁମ ପାଇଁ ଗୋଟିଏ ଛୋଟ ଚିଠି ଅଛି, ଏହାକୁ ପଢ଼ିନିଅ।"

ବବ୍ କମ୍ପିତ ହାତରେ ସେଇ କାଗଜଟିକୁ ଖୋଲିଲା। ସେଥିରେ ଲେଖାଥିଲା : "ପ୍ରିୟ ବବ୍, ମୁଁ ଠିକ୍ ସମୟରେ ଆମର ନିର୍ଦ୍ଧାରିତ ସମୟରେ ପହଞ୍ଚିଥିଲି। କିନ୍ତୁ ଯେତେବେଳେ ତୁମେ ସିଗାରେଟ୍ ଜଳାଇଲ, ମୁଁ ଦେଖିଲି ତୁମେ ହେଉଛ ଚିକାଗୋ ପୋଲିସ ଖୋଜୁଥିବା ସେହି ପଳାତକ ଅପରାଧୀ। ମୋର ପିଲାଦିନର ବନ୍ଧୁକୁ ମୁଁ ନିଜ ହାତରେ ଗିରଫ କରିପାରିଲି ନାହିଁ, ତେଣୁ ମୁଁ ଚାଲିଗଲି ଏବଂ ଏହି ସାଧାରଣ ପୋଷାକଧାରୀ ଅଫିସର୍‌ଙ୍କୁ ତୁମ ପାଖକୁ ପଠାଇଲି...ତୁମର ପୁରୁଣା ବନ୍ଧୁ, ଜିମି।"

ବବ୍ ଆଖିରେ ଲୁହ ଜକେଇ ଆସିଲା। କର୍ତ୍ତବ୍ୟ ଆଗରେ ବନ୍ଧୁତ୍ୱ ହାରି ଯାଇଥିଲା, କିନ୍ତୁ ଜଣେ ବନ୍ଧୁ ଭାବେ ଜିମି ନିଜର ପ୍ରତିଶ୍ରୁତି ମଧ୍ୟ ରଖିଥିଲା। ■

ଶ୍ରାବଣୀ ରେସିଡେନ୍ସୀ
୧୧୪୪, ଗଡ଼ସାହି, ନୟାପଲ୍ଲୀ
ଭୁବନେଶ୍ୱର-୧୨
ମୋ: ୯୪୩୯୭୫୦୩୭୮

# ଏଇ ଅନ୍ଧାର ଓ ଆଲୁଅର ତନ୍ମୟତା



ମୂଳ ଅସମୀୟା : ସମୀର ତାନ୍ତି

ଅନୁବାଦ : ଶୈଳବାଳା ମହାପାତ୍ର

ସେଇ ଆବରଣ ହୀନ ଦିନମାନଙ୍କ ପଛପଟୁ
କାହାର ଏ ନରମ ଡାକ ?

କିଏ ତୁମେ
ମୋର ହୃଦୟ ଭରିଦିଅ
ତମ ଶୂନ୍ୟତାରେ !

କ'ଣ ଏମିତି ନିମିଷକରେ
ଶେଷ କରିଦିଏ
କାଠଛତୁର ବିନତି


ହାତ ମେଲେଇ ଦିଏ ତ
ଉଡ଼ିଯାଏ ଗୋଟେ ପତ୍ର

ସଂଗୀତ ହୀନ ଆକାଶ
ଟୋପେ ଟୋପେ କରି
ମାଟିରୁ ଶୋଷି ନିଏ
ହଳଦୀ ରଙ୍ଗ

ଧୀରେ ଧୀରେ ମୋ ଭିତରକୁ ପଶିଆସେ
ନୀଳ - ନିଃଶବ୍ଦ ଧୂଆଁ

କିଏ ତୁମେ
ମୋର ହୃଦୟ ଭରିଦିଅ
ତମ ଶୂନ୍ୟତାରେ

ହାତ ମେଲେଇ ଦିଏ ତ
ଉଡ଼ିଯାଏ ଗୋଟେ ପତ୍ର !! ■



# ଚଢ଼େଇମାନେ ପଚାରିଲେ

ଚଢ଼େଇମାନେ ପଚାରିଲେ :
ଯିବ ନା
ଯିବ ନା ତୁମେ !
ଫଳଟିଏ ପାଚି
ତୁମକୁ ଚାହିଁ ରହିଛି !

ପାଗଳ ପବନ
କାହାକୁ ଖୋଜି କୋଉଠିକୁ ଯାଏ !
ନିଜେ ଇ ଜାଣେନା ।

ଫଳଟିଏ ପାଚି
ତୁମକୁ ଚାହିଁ ରହିଛି

ଯିବ ନା
ଯିବ ନା ତୁମେ !?

ବହୁଦୂର ଛୋଟ ନଈଟିରେ
ମାଛମାନେ ଆନନ୍ଦରେ ଖେଳୁଛନ୍ତି

ଖିଆଲି ଖରା
କୁଆଡ଼େ ଚାହିଁ କ'ଣ ଯେ ଭାବେ !
ନିଜେ ଇ ଜାଣେନା

ଦୂର ନଈଟିରେ ମାଛମାନେ
ଆନନ୍ଦରେ ଖେଳୁଛନ୍ତି

କହ !
ଯିବ ନା
ଯିବ ନା ତୁମେ
ଶୋକ ସନ୍ଧ୍ୟା
ନିଜକୁ ପାଶୋରି !! ■

ପୁରୀ
ମୋ: ୭୦୦୮୫୮୭୫୦୧

## ପୁସ୍ତକ ପରିଚୟ

### ଖୋଳପା

ଗଂଗାଧର ବିଶ୍ୱାଳ





ଅଲଟ୍ରା ଇମ୍ପ୍ରେସନ୍
ସୂତାହାଟ, କଟକ
ପ୍ରଥମ ସଂସ୍କରଣ: ୨୦୨୪
ମୂଲ୍ୟ: ୬୪ ଟଙ୍କା

ଅନେକ ମଣିଷ ଏକ ଖୋଳପା ଭିତରେ ଜୀବନ ବଞ୍ଚନ୍ତି। ସେମାନେ ବାହାରକୁ ଦେଖିବାକୁ ଯେମିତି ଭିତରେ ସେମିତି ନୁହଁନ୍ତି। ଏଭଳି ଏକ ଚିରନ୍ତନ ସତ୍ୟକୁ ନେଇ ଗଂଗାଧର ବିଶ୍ୱାଳଙ୍କ 'ଖୋଳପା' ଉପନ୍ୟାସ ରଚିତ। ଅସ୍‌ଗର୍ ଅଲ୍ଲୀରୁ ବିନୋଦ ପାଲଟିଥିବା ଜଣେ ମୁସଲମାନ ଯୁବକର ପ୍ରେମ, ବିଶ୍ୱାସ ଓ ପ୍ରତାରଣାକୁ ନେଇ ଏହି ଉପନ୍ୟାସର କାହାଣୀ ଆଧାରିତ। ପ୍ରଥମେ ବିନୋଦ ନିଜର ଅସଲ ପରିଚୟ, ଜାତି ଓ ନାଁ ବଦଳାଇ ବିନୀତା ବା ବିନି ନାମ୍ନୀ ଜଣେ ଛାତ୍ରୀ ଓ ତା'ର ମା' ମନରେ ବିଶ୍ୱାସ ସୃଷ୍ଟି କରିବାରେ ସଫଳ ହୋଇଛି। ପରବର୍ତ୍ତୀ ସମୟରେ ସେମାନଙ୍କର ଅସହାୟତାର ସୁଯୋଗ ନେଇ ସହଯୋଗର ହାତ ବଢ଼ାଇଛି। ତେବେ ଶେଷରେ ସେମାନଙ୍କର ବିଶ୍ୱାସରେ ବିଷ ଦେଇଛି। ବିନି ଓ ବିନୋଦ ପରସ୍ପରକୁ ପ୍ରେମ କରି ଘରୁ ପଳାଇ ଯାଇଛନ୍ତି। ପ୍ରେମ, ବିଶ୍ୱାସ ଓ ପ୍ରତାରଣାର ଏକ ମନଛୁଆଁ ଉପନ୍ୟାସ 'ଖୋଳପା'। ଏହି ଉପନ୍ୟାସ କାହାଣୀ, ଉପସ୍ଥାପନା ଶୈଳୀ ପାଠକମାନଙ୍କୁ ଭଲ ଲାଗିବ ବୋଲି ଆଶା କରାଯାଏ। ■

### ଶ୍ରୀଲଙ୍କାରେ ସାତରାତି

ଡକ୍ଟର ଜଗତବନ୍ଧୁ ଆଚାର୍ଯ୍ୟ




ସୁବର୍ଣ୍ଣଶ୍ରୀ ପ୍ରକାଶିନୀ
ନେଳିଆବାଗ, ବାଲେଶ୍ୱର
ପ୍ରଥମ ସଂସ୍କରଣ: ୨୦୨୫
ମୂଲ୍ୟ: ୧୫୦ ଟଙ୍କା

ଅନେକ ଲେଖକ ଭ୍ରମଣ ପ୍ରିୟ ଥାଆନ୍ତି। ବିଭିନ୍ନ ଦେଶ ଭ୍ରମଣ କରି ପରବର୍ତ୍ତୀ ସମୟରେ ସେଇ ଅନୁଭୂତିକୁ ଲେଖି ପୁସ୍ତକାକାରରେ ପ୍ରକାଶିତ କରିଥାନ୍ତି। ସେଭଳି ଜଣେ ଭ୍ରମଣ ପ୍ରିୟ ଲେଖକ ହେଉଛନ୍ତି ଡକ୍ଟର ଜଗତବନ୍ଧୁ ଆଚାର୍ଯ୍ୟ। ଡକ୍ଟର ଆଚାର୍ଯ୍ୟଙ୍କ ଶ୍ରୀଲଙ୍କା ଭ୍ରମଣ ଅନୁଭୂତିକୁ ନେଇ ପ୍ରକାଶ ପାଇଛି 'ଶ୍ରୀଲଙ୍କାରେ ସାତରାତି' ପୁସ୍ତକ। ଏହି ପୁସ୍ତକରେ ପାଞ୍ଚୋଟି ଅଧ୍ୟାୟ ରହିଛି। ପ୍ରତିଟି ଅଧ୍ୟାୟରେ ନିଜ ଭ୍ରମଣ ଜିଜ୍ଞାସା, ଅନୁଭୂତି, ଅନୁଭବକୁ ଅତି ଚମତ୍କାର ଭାବେ ଲେଖକ ବର୍ଣ୍ଣନା କରିଛନ୍ତି। 'ଭ୍ରମଣ ଜିଜ୍ଞାସା', 'ଶ୍ରୀଲଙ୍କା ସଂପର୍କୀୟ କିଛି ତଥ୍ୟ', 'ଶ୍ରୀଲଙ୍କା ଭ୍ରମଣର ପ୍ରସ୍ତୁତି', 'ଶ୍ରୀଲଙ୍କା ରହଣିକାଳର ସ୍ମୃତି ଅନୁଭୂତି', 'ଶ୍ରୀଲଙ୍କା ପ୍ରତ୍ୟାବର୍ତ୍ତନର ଆବେଗାନୁଭବ' ଆଦି ପ୍ରସଙ୍ଗଗୁଡ଼ିକ ମନଛୁଆଁ ହୋଇଛି। ଲେଖକ ଶ୍ରୀଲଙ୍କା ଭ୍ରମଣ ପାଇଁ ପ୍ରସ୍ତୁତିଠାରୁ ଆରମ୍ଭ କରି ଓଡ଼ିଶାକୁ ପ୍ରତ୍ୟାବର୍ତ୍ତନ କରିବା ପର୍ଯ୍ୟନ୍ତ ବିରଳ ଅନୁଭୂତି ଲିପିବଦ୍ଧ କରିଛନ୍ତି। ଏହି ପୁସ୍ତକରେ କେବଳ ଭ୍ରମଣ ଅନୁଭୂତି ନୁହେଁ, ଶ୍ରୀଲଙ୍କାର ଇତିହାସ, ଭୌଗୋଳିକ ସ୍ଥିତି, ଭାଷା, ସଂସ୍କୃତି, ପରମ୍ପରା, ଚାଲିଚଳଣି, ଦର୍ଶନୀୟ ସ୍ଥାନ ଆଦି ସଂପର୍କରେ ବର୍ଣ୍ଣନା କରାଯାଇଛି। ■

### ଫୁଲ ହୋଇ ଫୁଟିବି

କୁମୁଦିନୀ ଘି




ନୂଆପଡ଼ା, ହିଞ୍ଜିଳିବାହାଲି
କଳାହାଣ୍ଡି
ପ୍ରଥମ ସଂସ୍କରଣ: ୨୦୨୬
ମୂଲ୍ୟ: ୨୦୦ ଟଙ୍କା

"ମା' ଗୋ ଇଷ୍ଟଦେବୀ ଲଙ୍କେଶ୍ୱରୀ ମା'ଗୋ/ ମୋ ଦେଶ ମୋ ଗାଁ ଘଣ୍ଟ ଘୋଡ଼େଇ ଥା' ଗୋ/ ଡାକୁଚି ଆକୁଳ ମନେ/ ଦରଶନ ଦେବୁ ମାଗୋ ବିପଦେ ବିଜନେ।" (ମା' ଗୋ ଲଙ୍କେଶ୍ୱରୀ) ଦେଶକୁ, ମଣିଷ ସମାଜକୁ ସର୍ବଦା ବିପଦରୁ ଉଦ୍ଧାର କରିବା ନିମନ୍ତେ ଇଷ୍ଟ ଦେବୀଙ୍କଠାରେ ପ୍ରାର୍ଥନା କରେ ଅଷ୍ଟମ ଶ୍ରେଣୀର କୁନି ଝିଅଟିଏ। ଏଭଳି ଅନେକ ଭକ୍ତିରସାଶ୍ରିତ କବିତା ସଂକଳିତ ହୋଇଛି କୁମୁଦିନୀ ଘିଙ୍କ 'ଫୁଲ ହୋଇ ଫୁଟିବି' ପୁସ୍ତକରେ। ଏହି ପୁସ୍ତକର 'ହେ କରୁଣା ସାଗର', 'ଜୟ ମା' ମାଣିକେଶ୍ୱରୀ', 'ମା' ଗୋ ଲଙ୍କେଶ୍ୱରୀ', 'ହେ ଗଜାନନ ବିଘ୍ନ ବିନାଶନ', 'ସରସ୍ୱତୀ ବନ୍ଦନା', 'ଅଗଷ୍ଟ ପନ୍ଦର', 'ପ୍ରକୃତି ପ୍ରେମରେ', 'ଗାଁରେ ସକାଳ', 'ପରିବେଶ ସୁରକ୍ଷା', ନୂଆଁଖାଇ, 'ଦୀପାବଳି' ଆଦି କବିତାଗୁଡ଼ିକ ମନଛୁଆଁ ହୋଇଛି। ଇଷ୍ଟ ଦେବଦେବୀଙ୍କ ପ୍ରତି ଭକ୍ତି ଭାବନା, ଦେଶପ୍ରୀତି, ପ୍ରାକୃତିକ ସୌନ୍ଦର୍ଯ୍ୟ, ପର୍ବପର୍ବାଣି, ମଣିଷ ଜୀବନର ସୁଖଦୁଃଖକୁ ନେଇ ରଚିତ କବିତାଗୁଡ଼ିକ ଆକର୍ଷଣୀୟ ହୋଇଛି। କବିତାଗୁଡ଼ିକର ଭାବ, ଭାଷା, ଶବ୍ଦ ବିନ୍ୟାସ, ଉପସ୍ଥାପନା ଶୈଳୀ ପାଠକମାନଙ୍କୁ ଭଲ ଲାଗିବ ବୋଲି ଆଶା କରାଯାଏ। ■


# ଇଂରାଜୀ ସାହିତ୍ୟରେ ମାନବେତର ଚରିତ୍ର



ଅଧ୍ୟାପକ ସୁଶାନ୍ତ କୁମାର ମିଶ୍ର

ପଶୁ ଓ ମଣିଷର ସଂପର୍କ କେବଳ ସହାବସ୍ଥାନର କାହାଣୀ ନୁହେଁ। ଏହା ହେଉଛି ପ୍ରେମ, ଭରସା, ନିଷ୍ଠା ଓ ନୈତିକତାର ଅନନ୍ୟ ବନ୍ଧନ। ଯେତେବେଳେ ନିଜର ସ୍ୱାର୍ଥ, ଲୋଭ ଓ ଅହଂକାରରେ ବଶୀଭୂତ ହୁଏ ମଣିଷ, ସେତେବେଳେ ସରଳତା, ନିଷ୍କପଟତା ଓ ଆତ୍ମତ୍ୟାଗର ପ୍ରତୀକ ହୋଇ ଉଭା ହୋଇଥାନ୍ତି ପଶୁମାନେ। ତେଣୁ ଅନେକ ସମୟରେ ମଣିଷଠାରେ ପଶୁ ପ୍ରବୃତ୍ତି ଦେଖାଦେଉଥିବା ବେଳେ ପଶୁର ମଣିଷପଣିଆ ଆଶ୍ଚର୍ଯ୍ୟ ସୃଷ୍ଟି କରିଥାଏ। ଏହି ନୈତିକତାର ଦ୍ୱନ୍ଦ୍ୱ ସାହିତ୍ୟରେ ପ୍ରତିଫଳିତ ହୋଇ ସମାଜରେ ଆଲୋଡ଼ନ ସୃଷ୍ଟି କରିଥାଏ। ପ୍ରାଚୀନରୁ ଆଧୁନିକ ଯୁଗ ପର୍ଯ୍ୟନ୍ତ ସାହିତ୍ୟରେ ମାନବେତର ଜୀବଙ୍କ ଚିତ୍ର ଓ ଚରିତ୍ର ଅତି ମାର୍ମିକ ଭାବେ ବର୍ଣ୍ଣନା କରାଯାଇଛି। ଓଡ଼ିଆ ସାହିତ୍ୟଠାରୁ ଆରମ୍ଭ କରି ବିଭିନ୍ନ ଭାରତୀୟ ଭାଷାର ସାହିତ୍ୟରେ ମଧ୍ୟ ମାନବେତର ଜୀବଙ୍କୁ ନେଇ ମାର୍ମିକ ସାହିତ୍ୟ ସୃଷ୍ଟି ହୋଇଛି। ସେହିପରି ଇଂରାଜୀ ସାହିତ୍ୟରେ ମାନବେତର ଜୀବଙ୍କୁ ନେଇ ଅନେକ ଚମତ୍କାର କବିତା, ଗପ, ଉପନ୍ୟାସ ରଚନା କରାଯାଇଛି।

ପଶୁ ଚରିତ୍ର ମାଧ୍ୟମରେ ମଣିଷକୁ ନୀତି, ସାମାଜିକ ମୂଲ୍ୟବୋଧ ଓ ଜୀବନ ଶିକ୍ଷା ଦେବାର ପରମ୍ପରା ବିଶ୍ୱ ସାହିତ୍ୟରେ ଅତ୍ୟନ୍ତ ପ୍ରାଚୀନ ଅଟେ। ରାମାୟଣରେ ଜଟାୟୁଙ୍କ ତ୍ୟାଗ, ହନୁମାନଙ୍କ ଅତୁଳନୀୟ ଭକ୍ତି, ଜଙ୍ଗଲରେ ସୀତା ଶବରୀ ଆଦିଙ୍କୁ ପଶୁ-ପକ୍ଷୀଙ୍କ ସମବେଦନା ମଣିଷକୁ ଧର୍ମ, କର୍ତ୍ତବ୍ୟ ଓ ନିଷ୍ଠାର ଶିକ୍ଷା ଦେଇଥାଏ। ଭାରତୀୟ ସାହିତ୍ୟରେ ପଞ୍ଚତନ୍ତ୍ର, ହିତୋପଦେଶ ଆଦି ମଣିଷ ହୃଦୟରେ ବିବର୍ତ୍ତନ ଆଣିଥାଏ। ଇଂରାଜୀ ସାହିତ୍ୟରେ ଏହି ପ୍ରତିଫଳନ ସାରା ବିଶ୍ୱକୁ ଆନ୍ଦୋଳିତ କରିଛି। ରୁଡୟାର୍ଡ କିପଲିଙ୍ଗଙ୍କ 'ଦି ଜଙ୍ଗଲ ବୁକ୍'ରେ ଜଙ୍ଗଲର ପଶୁମାନେ ମଣିଷଠାରୁ ଅଧିକ ନୈତିକତା, ଶୃଙ୍ଖଳା ଓ ସହଯୋଗିତା ଦେଖାଇଥାନ୍ତି। ଇଂରାଜୀ ଲେଖକ ଓସ୍କାର ୱାଇଲ୍‌ଡଙ୍କ ବହୁ ଚର୍ଚ୍ଚିତ ଗପ ହେଉଛି 'ଦି ନାଇଟିଙ୍ଗେଲ୍ ଏଣ୍ଡ ଦି ରୋଜ୍'। ପ୍ରେମିକାକୁ ଲାଲ ଗୋଲାପ ଦେବା ପାଇଁ ଅସମର୍ଥ ହୋଇ ଯୁବଛାତ୍ର ଭାଙ୍ଗି ପଡ଼ିଛି। କେବଳ ପ୍ରେମର ରକ୍ଷା ପାଇଁ ବୁଲବୁଲ ପକ୍ଷୀ ଗୋଲାପ କଣ୍ଟାରେ ନିଜ ଛାତିର ରକ୍ତ ବୁହାଇ ଶୀତ ଦିନର ଧଳା ଗୋଲାପକୁ ଲାଲ କରିଛି। ଗଛତଳେ ପଡ଼ିଥିବା ବୁଲବୁଲର ମୃତଦେହକୁ ଦୃଷ୍ଟି ମଧ୍ୟ ନ ଦେଇ ଯୁବକ ଲାଲ ଗୋଲାପ ନେଇ ପ୍ରେମିକା ପାଖରେ ପହଞ୍ଚିବା ପରେ ପ୍ରେମିକା ଫୁଲଠାରୁ ରତ୍ନର ମୂଲ୍ୟ ଅଧିକ ବୋଲି ପ୍ରେମକୁ ପ୍ରତ୍ୟାଖ୍ୟାନ କରିଛି। ଏଠାରେ ପକ୍ଷୀର ତ୍ୟାଗ ମଣିଷର ସ୍ୱାର୍ଥପରତାଠାରୁ କେତେ ମହାନ, ଏହି କଥାବସ୍ତୁକୁ ମାର୍ମିକ ଭାବରେ ଲେଖକ ଚିତ୍ରିତ କରିଛନ୍ତି।




ଜର୍ଜ ଓରୱେଲ୍‌ଙ୍କ ପ୍ରସିଦ୍ଧ ଉପନ୍ୟାସ 'ଆନିମଲ୍ ଫାର୍ମ'ରେ ପଶୁମାନେ ମଣିଷ ମାଲିକଙ୍କ ବିରୁଦ୍ଧରେ ବିଦ୍ରୋହ କରି ସମାନତା ଭିତ୍ତିକ ସମାଜ ଗଢ଼ିବାକୁ ଚାହିଁଛନ୍ତି। କିନ୍ତୁ କ୍ଷମତା ପାଇବା ପରେ ପଶୁ ମାଲିକ ଅଧିକ କ୍ଷମତା ଉପଭୋଗ କରିଛି। ସମାନତା ନାମରେ ସୃଷ୍ଟି ହୋଇଥିବା ଅସମାନତା ଓ ଶୋଷଣ ଯୋଗୁଁ ପଶୁମାନଙ୍କ ଅବସ୍ଥା ଆହୁରି ଖରାପ ହୋଇଛି। ତେଣୁ ଏହା କେବଳ ପଶୁମାନଙ୍କ କାହାଣୀ ନୁହେଁ, ଏହା ଏକ ଗଭୀର ରାଜନୈତିକ ରୂପକ। କ୍ଷମତାର ଦୁରୁପଯୋଗ କରୁଥିବା ମଣିଷ ହୃଦୟରେ କିଭଳି ଭାବରେ ପଶୁ ପ୍ରବୃତ୍ତି ଜାଗ୍ରତ ହୋଇଥାଏ, ଏଭଳି ପ୍ରତୀକଧର୍ମୀ ବାର୍ତ୍ତା ଉପନ୍ୟାସର ଅସଲ ଦିଗ ଅଟେ। ଗୋପ ରଞ୍ଜନ ମିଶ୍ରଙ୍କ କବିତା 'ଫିସିଂ' ସରଳ କିନ୍ତୁ ଏହାର ଗଭୀର ଅର୍ଥ ରହିଛି। ଘରେ ମାଛ ତରକାରୀର ଦୃଢ଼ ପ୍ରତିଶ୍ରୁତି ଦେଇ ମାଛ ଧରିବାକୁ ଯାଇଥିବା କବିତାର ଲେଖକ ବହୁ ସମୟ ଅପେକ୍ଷା କରି ନିରାଶ ହେବା ପରେ ଶେଷରେ ବହୁ କଷ୍ଟରେ ଗୋଟିଏ ବଡ଼ ମାଛ ଧରିଛନ୍ତି। ସେ ଅତ୍ୟଧିକ ଖୁସି ଅନୁଭବ କରିଛନ୍ତି। କିନ୍ତୁ ଛଟପଟ ମାଛର ଓଠ ଓ ଆଖିରୁ ବଞ୍ଚିବାର ବ୍ୟାକୁଳତା ଅନୁଭବ କରିଛନ୍ତି। ସତେ ଯେମିତି ମୁକ୍ତ କରି ପୁଣି ପାଣିରେ ଛାଡ଼ି ଦେବାର ଆକୁଳ ନିବେଦନ କରୁଛି ଅସହାୟ ମାଛ। ମାଛଧରାଳିଙ୍କ ହୃଦୟରେ ବିରାଟ ପରିବର୍ତ୍ତନ ଆସିଛି। ମାଛକୁ ଛାଡ଼ି ଦେଇ ଖାଲି ହାତରେ ଫେରୁଥିବା ଲେଖକ ପୂର୍ବାପେକ୍ଷା ଅଧିକ ଖୁସି ଅନୁଭବ କରିଛନ୍ତି। ପଶୁର ନିରବ ବେଦନା ମଣିଷର ବିବେକକୁ ଜାଗ୍ରତ କରିଛି। ମଣିଷ ତା'ର ଶକ୍ତି ଦ୍ୱରା ନୁହେଁ, ଦୁର୍ବଳ ଓ ନିର୍ବାକ ପ୍ରାଣୀମାନଙ୍କ ପ୍ରତି ତା'ର ବ୍ୟବହାର ଦ୍ୱରା ମହାନ ହୋଇଥାଏ ବୋଲି ଆନ୍ନା ସେୱଲ ଘୋଡ଼ାଟିଏର ଆତ୍ମଜୀବନୀ ମୂଳକ ଉପନ୍ୟାସ 'ବ୍ଲାକ୍ ବ୍ୟୁଟି' ମାଧ୍ୟମରେ ବାର୍ତ୍ତା ଦେଇଛନ୍ତି। ଚିଡ଼ିଆଖାନାର ଜଞ୍ଜିରରେ ବନ୍ଧା ଜାଗୁଆର ମଧ୍ୟ ସ୍ୱାଭିମାନ ପାଇଁ ସ୍ୱାଧୀନ ଅଟେ ବୋଲି ପ୍ରସିଦ୍ଧ କବି ଟେଡ୍ ହ୍ୟୁଜେସ୍ ତାଙ୍କ 'ଦି ଜାଗୁଆର' କବିତାରେ ଦର୍ଶାଇଛନ୍ତି। ମଣିଷ ସମାଜର ଜଟିଳତା ଓ ମିଥ୍ୟାଚାରରେ ବିରକ୍ତ ହୋଇ ପଶୁମାନଙ୍କ ଗହଣରେ ରହିବାକୁ ଇଚ୍ଛା କରୁଥିବାର କଥା କବି ୱାଲ୍ଟ ହ୍ୱାଇଟମ୍ୟାନ୍ ତାଙ୍କ 'ଆନିମଲ୍' କବିତାରେ କହିଛନ୍ତି।

ପ୍ରସଙ୍ଗ ପର୍ଯ୍ୟବସିତ ଏକ କାହାଣୀ ଏମିତି ଯେ- ବାଘ ଆକ୍ରମଣରୁ ରକ୍ଷା ପାଇବା ପାଇଁ ଗଛ ଉପରକୁ ଚଢ଼ିଛି ମଣିଷ। କିନ୍ତୁ ସେହି ମଣିଷକୁ ତଳେ ପକାଇବା ପାଇଁ ଗଛରେ ଆଶ୍ରୟ ନେଇଥିବା ଭାଲୁକୁ ତାଗିଦ କରିଛି ବାଘ। ଅତିଥି ଦେବୋ ଭବଃ ନ୍ୟାୟରେ ଭାଲୁ ମନା କରିଛି। କିଛି ସମୟ ପରେ ଶୋଇଯାଇଥିବା ଭାଲୁକୁ ପକାଇବାକୁ ମଣିଷକୁ ପ୍ରଲୋଭିତ କରିଛି ବାଘ। ମଣିଷ ଭାଲୁକୁ ଠେଲିବାକୁ ଉଦ୍ୟମ କରୁଥିବା ବେଳେ ଭାଲୁ ଗଛ ଡାଳରେ ଲାଖି ରହି କହିଛି- "ଯେଉଁଠି ମଣିଷ ଥାଆନ୍ତି, ସେଠି ଆମ ପଶୁମାନଙ୍କୁ ସହଜରେ ନିଦ ହୁଏ ନାହିଁ।" ତେଣୁ ଏଭଳି ସ୍ଥିତିରେ ଆଜିର ମଣିଷ ସମାଜ।

ପଶୁମାନଙ୍କ କାହାଣୀ ମଣିଷର କାହାଣୀ ଅଟେ। ସେମାନଙ୍କ ଆଚରଣରେ ମଣିଷ ନିଜ ଗୁଣ, ଦୋଷ ଓ କର୍ତ୍ତବ୍ୟକୁ ଚିହ୍ନିବା ଶିଖିଥାଏ। ପଶୁ ଓ ମଣିଷର ସଂପର୍କ ସାହିତ୍ୟରେ ସ୍ନେହ, ବିଶ୍ୱାସ, ତ୍ୟାଗ ଓ କରୁଣାର ଚିରନ୍ତନ ସେତୁ। ଏହା ମଣିଷକୁ ଅଧିକ ମଣିଷ କରିବା ପାଇଁ ତ୍ୱରାନ୍ୱିତ କରିଥାଏ। ଆଜିର ସମାଜରେ ପରିବେଶ ଧ୍ୱଂସ, ପଶୁ ନିର୍ଯାତନା, ଯୁଦ୍ଧ, ହିଂସା ଓ ସ୍ୱାର୍ଥପରତା ବୃଦ୍ଧି ପାଉଥିବା ବେଳେ ନୈତିକତା ବୃଦ୍ଧି ପାଇଁ ଏଭଳି ସାହିତ୍ୟର ପ୍ରାସଙ୍ଗିକତା ଅପରିହାର୍ଯ୍ୟ ଅଟେ। ଯେହେତୁ ପଶୁମାନେ ଅନେକ ସମୟରେ ମଣିଷର ହୃଦୟରେ ଲୁଚିଥିବା ମାନବିକତାକୁ ଜାଗ୍ରତ କରିଥାନ୍ତି। ସେଥିପାଇଁ ସାହିତ୍ୟରେ ମାନବେତର ଜୀବ କେବଳ ଚରିତ୍ର ନୁହେଁ, ସେମାନେ ମଣିଷର ନୈତିକ ବିକାଶର ସହଯାତ୍ରୀ। ■

ତାଲପଦର, ବରଗଡ଼
ମୋ: ୯୯୩୮୨୭୭୬୩୫

## କରାଚୀରେ ବିସ୍ଫୋରଣ ପରେ ଗୁଳିବିନିମୟ; ୮ ମୃତ

କରାଚୀ, ୨୭।୬(ଏଜେନ୍ସି): ପାକିସ୍ତାନର କରାଚୀ ସହର ଶନିବାର ଏକ ଭୟାବହ ଆତ୍ମଘାତୀ ଆକ୍ରମଣରେ ଥରିଉଠିଛି। ଏହି ଆକ୍ରମଣରେ ସହରର ଗୁଲିସ୍ତାନ-ଇ-ଜୋହର ଅଞ୍ଚଳରେ ଥିବା ପାରାମିଲିଟାରୀ ଫୋର୍ସ 'ସିନ୍ଧୁ ରେଞ୍ଜର୍ସ'ଙ୍କ ମୁଖ୍ୟାଳୟକୁ ଟାର୍ଗେଟ୍ କରି କରାଯାଇଥିବା ଜଣାପଡ଼ିଛି। ଆକ୍ରମଣରେ ୮ ଜଣଙ୍କର ମୃତ୍ୟୁ ଘଟିଥିବା ବେଳେ ୩ ଜଣ ଗୁରୁତର ଭାବେ ଆହତ ହୋଇଛନ୍ତି। ସୂଚନା ଅନୁଯାୟୀ, ଜଣେ ଆତ୍ମଘାତୀ ବୋମା ବିସ୍ଫୋରଣକାରୀ ରେଞ୍ଜର୍ସ କମ୍ପାଉଣ୍ଡକୁ ଟାର୍ଗେଟ୍ କରି ନିଜକୁ ଉଡ଼ାଇ ଦେଇଥିଲେ। ବିସ୍ଫୋରଣ ପରେ ଅନ୍ୟ କିଛି ଆତଙ୍କବାଦୀ ସୁରକ୍ଷାକର୍ମୀଙ୍କ ଉପରକୁ ଅତର୍କିତ ଗୁଳିଚାଳନା କରିଥିଲେ। ଫଳରେ ସେଠାରେ ପ୍ରାୟ ୩୦ ମିନିଟ୍ ଧରି ପ୍ରବଳ ଗୁଳିବିନିମୟ ଜାରି ରହିଥିଲା। ଏହି ସମୟରେ ପ୍ରଥମେ ଏକ ଶକ୍ତିଶାଳୀ ବିସ୍ଫୋରଣ ହୋଇଥିଲା ଏବଂ ପରେ ଆହୁରି ୨ଟି ଛୋଟ ଧରଣର ବିସ୍ଫୋରଣ ଶବ୍ଦ ଶୁଣାଯାଇଥିଲା। ଆକ୍ରମଣ ସ୍ଥଳ ନିକଟରେ ଅନେକ ବିଶ୍ୱବିଦ୍ୟାଳୟ ଏବଂ ପାକିସ୍ତାନ ପାଣିପାଗ ବିଭାଗକୁ ସଂଯୋଗ କରୁଥିବା ୟୁନିଭର୍ସିଟି ରୋଡ୍ ନିକଟରେ ଅବସ୍ଥିତ। ସୂଚନା ପାଇ ପୁଲିସ, ରେଞ୍ଜର୍ସ ଏବଂ ବୋମା ନିଷ୍କ୍ରିୟକାରୀ ଦଳ ଘଟଣାସ୍ଥଳରେ ପହଞ୍ଚି ସମଗ୍ର ଅଞ୍ଚଳକୁ ସିଲ୍ କରିଦେଇଛନ୍ତି। ଏହାପରେ ଆହତମାନଙ୍କୁ ତୁରନ୍ତ ଡାକ୍ତରଖାନା ଭର୍ତ୍ତି କରାଯାଇଛି। ସିନ୍ଧୁ ପ୍ରଦେଶର ମୁଖ୍ୟମନ୍ତ୍ରୀ ସୟଦ ମୁରାଦ ଅଲି ଶାହ ପୁଲିସ ଅଧିକାରୀଙ୍କଠାରୁ ରିପୋର୍ଟ ତଲବ କରିଛନ୍ତି। ବର୍ତ୍ତମାନ ସୁଦ୍ଧା କୌଣସି ଆତଙ୍କବାଦୀ ସଂଗଠନ ଏହି ଆକ୍ରମଣ ପାଇଁ ଆନୁଷ୍ଠାନିକ ଭାବେ ନିଜକୁ ଦାୟୀ କରିନାହାଁନ୍ତି। ସୋସିଆଲ ମିଡିଆରେ ଜମାତ-ଉଲ-ଅହରାରକୁ ଏଥିପାଇଁ ଦାୟୀ କରାଯାଇଥିଲେ ମଧ୍ୟ ଏହାର ସତ୍ୟତା ଏବେ ଯାଞ୍ଚ ହୋଇପାରି ନାହିଁ। ବିସ୍ଫୋରଣ ପରେ ସହରରେ ସୁରକ୍ଷା ବ୍ୟବସ୍ଥାକୁ ଅଧିକ କଡ଼ାକଡ଼ି କରାଯାଇଥିବା ଜଣାପଡ଼ିଛି।

## ଆଫଗାନିସ୍ତାନରେ ଭୂକମ୍ପ; ଥରିଲା ୮ ଦେଶ

ନୂଆଦିଲ୍ଲୀ, ୨୭।୬ (ଏଜେନ୍ସି): ଆଫଗାନିସ୍ତାନର ହିନ୍ଦୁକୁଶ ଅଞ୍ଚଳରେ ଶନିବାର ଏକ ଶକ୍ତିଶାଳୀ ଭୂକମ୍ପ ହୋଇଛି। ଏହାର ପ୍ରଭାବ ଭାରତ, ପାକିସ୍ତାନ ଏବଂ ମଧ୍ୟ ଏସିଆର ଅନେକ ଅଞ୍ଚଳରେ ଅନୁଭୂତ ହୋଇଛି। ରିକ୍ଟର ସ୍କେଲରେ ଏହି ଭୂକମ୍ପର ତୀବ୍ରତା ୬.୨ ରହିଥିଲା। ଭାରତୀୟ ସମୟ ସନ୍ଧ୍ୟା ୭.୦୪ରେ ଏହି କମ୍ପନ ଅନୁଭୂତ ହୋଇଥିଲା। ଭୂପୃଷ୍ଠରୁ ପ୍ରାୟ ୨୧୫ କିଲୋମିଟର ଗଭୀରରେ ଏହି କମ୍ପନ ସୃଷ୍ଟି ହୋଇଥିଲା। ଭୂକମ୍ପ ଯୋଗୁଁ ଭାରତର ରାଜଧାନୀ ଦିଲ୍ଲୀ-ଏନସିଆର ଏବଂ ଜମ୍ମୁ-କାଶ୍ମୀରରେ ଶକ୍ତିଶାଳୀ ଝଟକା ଅନୁଭୂତ ହୋଇଛି। ଭାରତ ବ୍ୟତୀତ ପାକିସ୍ତାନ, ଚୀନ୍, ତାଜିକିସ୍ତାନ, ଉଜବେକିସ୍ତାନ, କିର୍ଗିଜିସ୍ତାନ ଏବଂ ତୁର୍କମେନିସ୍ତାନ ସମେତ ପ୍ରାୟ ୮ରୁ ଅଧିକ ଦେଶରେ ଏହାର ପ୍ରଭାବ ଦେଖିବାକୁ ମିଳିଛି। ସୂଚନାଯୋଗ୍ୟ, ଗତ ୨୪ ଘଣ୍ଟା ମଧ୍ୟରେ ଭାରତୀୟ ଉପମହାଦେଶରେ ଅନେକ ଥର ଭୂକମ୍ପ ହୋଇଛି। ଶନିବାର ସକାଳେ ହିମାଚଳ ପ୍ରଦେଶର ଚମ୍ବା ଜିଲ୍ଲାରେ ୩.୨ ତୀବ୍ରତାର ଏକ ମୃଦୁ ଭୂକମ୍ପ ଅନୁଭୂତ ହୋଇଥିଲା। ସେହିପରି ପାକିସ୍ତାନରେ ଗତ ୨୪ ଘଣ୍ଟା ମଧ୍ୟରେ ୪ଟି ଭୂକମ୍ପ ହୋଇଥିବା ରେକର୍ଡ କରାଯାଇଛି। ଭେନେଜୁଏଲାରେ ଭୂକମ୍ପର ପ୍ରଳୟଙ୍କରୀ ତାଣ୍ଡବ ପରେ ପରେ ୮ଟି ଦେଶରେ ଅନୁଭୂତ ହୋଇଛି।

## ପୁଣି ପ୍ରଶ୍ନପତ୍ର ଲିକ୍, ଏଥର ମହାରାଷ୍ଟ୍ରରେ ସ୍ଥଗିତ ହେଲା ଶିକ୍ଷକ ଯୋଗ୍ୟତା ପରୀକ୍ଷା

ପୁଣେ, ୨୭।୬(ଏଜେନ୍ସି): ପୁଣି ପ୍ରଶ୍ନପତ୍ର ଲିକ୍ । ଏଥର ମହାରାଷ୍ଟ୍ରରେ। ଆସନ୍ତାକାଲି ମହାରାଷ୍ଟ୍ର ଶିକ୍ଷକ ଯୋଗ୍ୟତା ପରୀକ୍ଷା ହେବାକୁ ଯାଉଥିବା ବେଳେ ଆଜି ପ୍ରଶ୍ନପତ୍ର ଲିକ୍ ହୋଇଛି। ଫଳରେ ଏହି ପରୀକ୍ଷାକୁ ବାତିଲ କରିଦିଆଯାଇଛି। ଏହାକୁ ନେଇ ପରୀକ୍ଷାର୍ଥୀଙ୍କ ମଧ୍ୟରେ ତୀବ୍ର ପ୍ରତିକ୍ରିୟା ପ୍ରକାଶ ପାଇଛି। ନିଟ୍ ପ୍ରଶ୍ନପତ୍ର ଲିକ୍ ମାମଲାକୁ ନେଇ କେନ୍ଦ୍ର ସରକାର ଅଡୁଆରେ ପଡ଼ିଥିବା ବେଳେ ମହାରାଷ୍ଟ୍ରପରେ ମଧ୍ୟ ପ୍ରଶ୍ନପତ୍ର ଲିକ୍ ହୋଇଥିବାରୁ ତ୍ରୁଟିଶୂନ୍ୟ ପରୀକ୍ଷା ବ୍ୟବସ୍ଥାକୁ ନେଇ ପ୍ରଶ୍ନ ଉଠିଲାଣି। ପରୀକ୍ଷାର ଠିକ୍ ଦିନକ ପୂର୍ବରୁ ଥାଣେ ଜିଲ୍ଲାରେ ପ୍ରଶ୍ନପତ୍ର ପ୍ରଘଟ ହୋଇଥିବା ନେଇ ଅଭିଯୋଗ ଆସିବା ପରେ ମହାରାଷ୍ଟ୍ର ରାଜ୍ୟ ପରୀକ୍ଷା ପରିଷଦ ପକ୍ଷରୁ ଏହି ପରୀକ୍ଷା ବାତିଲ କରାଯାଇଛି। ପୁଲିସ୍ ଚଢ଼ାଉ ବେଳେ ଜବତ ହୋଇଥିବା ପ୍ରଶ୍ନଗୁଡ଼ିକ ମୂଳ ପ୍ରଶ୍ନପତ୍ର ସହ ମିଶିଯାଉଥିବାରୁ ଏହି ପଦକ୍ଷେପ ନିଆଯାଇଛି। ପ୍ରାଥମିକ ଯାଞ୍ଚରୁ ଜଣାପଡ଼ିଛି ଯେ ସନ୍ଦିଗ୍ଧ ବ୍ୟକ୍ତିମାନଙ୍କ ପାଖରୁ ମିଳିଥିବା କେତେକ ପ୍ରଶ୍ନ, ଆସନ୍ତାକାଲି ହେବାକୁ ଥିବା ଶିକ୍ଷକ ଯୋଗ୍ୟତା ପରୀକ୍ଷାର ପ୍ରଶ୍ନ ସହ ହୁବହୁ ମେଳ ଖାଉଛି।


**REQUIREMENT**

Civil Engg. Diploma / Degree Required Experience-10yrs in building construction. Site-Cuttack, Project- CPWD project Joining within 10days. Salary: 15-30K, Company will give Accommodation & Fooding.

**Contact No.: 9547756937**
**Mr. Santu Mondol**


# ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ

### ଶିମିଳିପାଳର ଶୋଭା...

ଭିତରେ ୨୦ କିଲୋମିଟର ପରିଧି ମଧ୍ୟରେ ୨୦ରୁ ଅଧିକ କ୍ୟାମେରା ଟ୍ରାପ୍ ଲଗାଇଛନ୍ତି। ଏଥିସହିତ ବାଘୁଣୀ ଜିନତର ଗତିବିଧି ଜାଣିବା ପାଇଁ ତାକୁ ଏକ ସାଟେଲାଇଟ୍ କଲାର୍ ପିନ୍ଧାଯାଇଛି ଓ ଭିଏଚଏଫ୍ ଟ୍ରାକିଂ ସିଗ୍ନାଲ୍ ମାଧ୍ୟମରେ ତଦାରଖ କରାଯାଉଛି। ବନ ବିଭାଗ ଅଧିକାରୀ କହିଛନ୍ତି ଯେ କୋର୍ ଜଙ୍ଗଲ ଅଞ୍ଚଳରେ ଲଗାଯାଇଥିବା କ୍ୟାମେରା ଟ୍ରାପ୍ ମାଧ୍ୟମରେ ଏକ ସ୍ୱତନ୍ତ୍ର ଟିମ୍ ବାଘୁଣୀ ଓ ତା'ର ଶାବକଙ୍କ ଉପରେ କ୍ରମାଗତ ନଜର ରଖିଛନ୍ତି। ମଣିଷମାନଙ୍କ ଯୋଗୁଁ ଯେପରି କୌଣସି ବାଧା ଉପୁଜିବ ନାହିଁ ଓ ସେମାନଙ୍କ ସୁରକ୍ଷା ନିଶ୍ଚିତ ହେବ, ସେଥିପାଇଁ ଅଭୟାରଣ୍ୟର ଆଖପାଖ ଅଞ୍ଚଳରେ ପାଟ୍ରୋଲିଂ ବୃଦ୍ଧି କରାଯାଇଛି।

ସୂଚନାଯୋଗ୍ୟ, ବିଶ୍ୱପ୍ରସିଦ୍ଧ ଶିମିଳିପାଳ ବ୍ୟାଘ୍ର ପ୍ରକଳ୍ପରେ ବାଘ ବଂଶ ବୃଦ୍ଧି ଓ ଜେନେଟିକ୍ ବିବିଧତା (ଆନୁବଂଶିକ ବିବିଧତା) ରକ୍ଷା କରିବା ପାଇଁ ୨୦୨୪ ନଭେମ୍ବର ୧୪ ତାରିଖରେ ମହାରାଷ୍ଟ୍ର ତଡ଼ବା ଅଭୟାରଣ୍ୟରୁ ଶିମିଳିପାଳକୁ ପର୍ଯ୍ୟାୟକ୍ରମେ ଆସିଥିବା ୨ଟି ବାଘୁଣୀ ମଧ୍ୟରୁ ଜିନତ ୪ଟି ସୁସ୍ଥ ଶାବକକୁ ଜନ୍ମ ଦେଇଥିଲା। ଏହି ସଫଳତା ଶିମିଳିପାଳ ବ୍ୟାଘ୍ର ପ୍ରକଳ୍ପରେ କଳାବାଘ ସଂଖ୍ୟା ନିୟନ୍ତ୍ରଣ ସହିତ ବାଘ ସଂଖ୍ୟାରେ ବୃଦ୍ଧି ଯୋଜନାର ଲକ୍ଷ୍ୟ ହାସଲ ହୋଇଛି। ତତ୍‌ସହିତ ଏହି ୪ ଶାବକକୁ ମିଶାଇ ବର୍ଷକ ମଧ୍ୟରେ ଶିମିଳିପାଳରେ ୧୬ଟି ବାଘ ଶାବକ ଜନ୍ମ ନେଇଛନ୍ତି। ୫ଟି ମାଈ ବାଘୁଣୀ ଔରସରୁ ଏହି ଶାବକ ଜନ୍ମ ହୋଇଥିବାବେଳେ ସେଥିମଧ୍ୟରୁ ମହାରାଷ୍ଟ୍ର ବାଘୁଣୀ ଜିନତ୍ ୪ଟି ଶାବକ ଜନ୍ମ ଦେଇଛି।

### ପୋତି ହୋଇଗଲା...

ଜୁଲାଇ ୫ ସୁଦ୍ଧା ଏହା ବାକି ଅଞ୍ଚଳକୁ ସମ୍ପୂର୍ଣ୍ଣ ଆଚ୍ଛାଦିତ କରିବ ବୋଲି ପୂର୍ବାନୁମାନ କରାଯାଇଛି। ବିହାର ସୀମାରେ ପ୍ରାୟ ୧୫ ଦିନ ଧରି ଅଟକି ରହିବା ପରେ ଆସନ୍ତା ୨ ଦିନ ମଧ୍ୟରେ ଏହା ଉତ୍ତର ପ୍ରଦେଶରେ ପ୍ରବେଶ କରିବ। ମୌସୁମୀ ବର୍ଷା ସତ୍ତ୍ୱେ ମଧ୍ୟପ୍ରଦେଶ, ଉତ୍ତର ପ୍ରଦେଶ, ରାଜସ୍ଥାନ, ହରିଆଣା, ଦିଲ୍ଲୀ ଏବଂ ଗୁଜରାଟର କେତେକ ସହରରେ ତାପମାତ୍ରା ୪୦ ଡିଗ୍ରୀରୁ ଅଧିକ ରହିଛି। ହରିଆଣାର ରୋହତକଠାରେ ଦେଶର ସର୍ବାଧିକ ତାପମାତ୍ରା ୪୩.୪ ଡିଗ୍ରୀ ରେକର୍ଡ କରାଯାଇଥିବା ବେଳେ ଉତ୍ତର ପ୍ରଦେଶର ଲଖିମପୁର ଖେରିରେ ୪୩.୨ଡିଗ୍ରୀ, ବାନ୍ଦା ଓ ଆଗ୍ରାରେ ୪୩ ଡିଗ୍ରୀ, ରାଜସ୍ଥାନର ଶ୍ରୀଗଙ୍ଗାନଗରରେ ୪.୧ ଡିଗ୍ରୀ ଏବଂ ଗୁଜରାଟର ଅହମଦାବାଦରେ ୪୧.୭ଡିଗ୍ରୀ ତାପମାତ୍ରା ରହିଛି। ଆଗାମୀ ୨ ଦିନରେ ଆସାମ, ମେଘାଳୟ, ପଶ୍ଚିମବଙ୍ଗ ଏବଂ ସିକିମରେ ପ୍ରବଳ ବର୍ଷା ସମ୍ଭାବନା ରହିଛି। ଗୋଆ, ତେଲଙ୍ଗାନା ଏବଂ କର୍ଣ୍ଣାଟକର ଉପକୂଳବର୍ତ୍ତୀ ଅଞ୍ଚଳ ପାଇଁ ଅରେଞ୍ଜ ଆଲର୍ଟ ଜାରି କରାଯାଇଛି। ଓଡ଼ିଶା, ଆନ୍ଧ୍ରପ୍ରଦେଶ ଏବଂ ଝାଡ଼ଖଣ୍ଡରେ ମଧ୍ୟ ପ୍ରବଳ ବର୍ଷା ନେଇ ଚେତାବନୀ ଦିଆଯାଇଛି। ଓଡ଼ିଶା, ଛତିଶଗଡ଼, ତେଲଙ୍ଗାନା, କେରଳ, ଗୋଆ, ତାମିଲନାଡୁ ଏବଂ ପୂର୍ବୋତ୍ତର ରାଜ୍ୟଗୁଡ଼ିକରେ ପ୍ରବଳ ବର୍ଷା ହୋଇପାରେ। ବିହାର, ମଧ୍ୟପ୍ରଦେଶ, ଓଡ଼ିଶା ଏବଂ ରାଜସ୍ଥାନରେ ଘଣ୍ଟାପ୍ରତି ୩୦ ରୁ ୬୦ କିଲୋମିଟର ବେଗରେ ପବନ ବହିବାର ଆଶଙ୍କା ରହିଛି। ଚଳିତ ବର୍ଷ ମୌସୁମୀର ଗତିପଥ ଅସମାନ ରହିଥିବାରୁ ଦେଶର କେତେକ ସ୍ଥାନରେ ପ୍ରବଳ ବର୍ଷା ଓ ବାଦଲଫଟା ଯୋଗୁଁ ବନ୍ୟା ପରିସ୍ଥିତି ସୃଷ୍ଟି ହୋଇଥିବା ବେଳେ ଅନ୍ୟ କେତେକ ଅଞ୍ଚଳରେ ଲୋକେ ଏବେ ମଧ୍ୟ ଗ୍ରୀଷ୍ମ ପ୍ରବାହର ସମ୍ମୁଖୀନ ହେଉଛନ୍ତି। ପାଣିପାଗ ବିଭାଗ ଆଗାମୀ କିଛି ଦିନ ମଧ୍ୟରେ ଅଧିକାଂଶ ରାଜ୍ୟରେ ବର୍ଷା ହେବା ସହ ତାପମାତ୍ରାରେ ହ୍ରାସ ଘଟିବ ବୋଲି ଆଶା ପ୍ରକଟ କରିଛି।

### କାକୁଡ଼ି ଚାଷ...

ସମାଲୋଚନା କରିଛନ୍ତି। ଅନ୍ୟପଟେ କେନ୍ଦ୍ର ମନ୍ତ୍ରୀ ଭାଗୀରଥ ଚୌଧୁରୀ ଶନିବାର ଦିନ ଏହି ଅଭିଯୋଗ ଉପରେ ସ୍ପଷ୍ଟୀକରଣ ଦେଇଛନ୍ତି। ସେ କହିଛନ୍ତି ଯେ ସେ ପିଲାଦିନରୁ ଚାଷ କାର୍ଯ୍ୟ ସହ ଜଡ଼ିତ ଏବଂ ଜଣେ ସାଧାରଣ କୃଷକ ଭାବରେ ୨୦୧୮ ମସିହାରେ (ମନ୍ତ୍ରୀ ହେବା ପୂର୍ବରୁ) ଏହି ସବସିଡି ପାଇଁ ଆବେଦନ କରିଥିଲେ। ସେ ନିଜ ଜମିରେ ପଲିହାଉସ୍ ନିର୍ମାଣ କରିଛନ୍ତି ଏବଂ ସେଠାରେ ସବସିଡି ଓ ଋଣ ସମ୍ପର୍କିତ ସମସ୍ତ ସୂଚନାର ବୋର୍ଡ ଲଗାଇଛନ୍ତି, ତେଣୁ ଏଥିରେ କିଛି ଲୁଚାଇବାର ନାହିଁ। ସୂଚନାଯୋଗ୍ୟ ଯେ, ଏହି ସମାନ ସ୍କିମ୍‌ରେ କେନ୍ଦ୍ର ସରକାରଙ୍କ ଜଣେ ବରିଷ୍ଠ ଆଇଏଏସ୍ ଅଧିକାରୀ ନରେଶ ପାଲ୍ ଗାଙ୍ଗୱାରଙ୍କ ପରିବାର (ମାଆ, ପତ୍ନୀ ଓ ପୁଅ) ମଧ୍ୟ ୧.୧୬ କୋଟିରୁ ଅଧିକ ଟଙ୍କାର ସବସିଡି ପାଇଥିବା ରିପୋର୍ଟରେ ପ୍ରକାଶ ପାଇଛି।

### ୨ ମାସରେ ଖର୍ଚ୍ଚ...

ଝାଡ଼ଖଣ୍ଡର ପୁଞ୍ଜି ବ୍ୟୟ କ୍ଷେତ୍ରରେ ୦.୦୫%ର ନେଟ୍-ନେଗେଟିଭ୍ ହାର ହାସଲ କରିଛି। ଅନ୍ୟପକ୍ଷରେ, ତ୍ରିପୁରା ଏହାର ପୁଞ୍ଜି ଆବଣ୍ଟନର କେବଳ ୦.୩୪% ବ୍ୟବହାର କରିଥିବାବେଳେ ମେଘାଳୟ (୧.୫୫%), ଉତ୍ତରାଖଣ୍ଡ (୧.୬୭%) ଏବଂ ମହାରାଷ୍ଟ୍ର (୧.୮୫%) ମଧ୍ୟ ସବୁଠାରୁ ଦୁର୍ବଳ ପ୍ରଦର୍ଶନକାରୀଙ୍କ ମଧ୍ୟରେ ରହିଥିଲେ। ଏଥିରେ ସୁବଠାରୁ କୌତୂହଳର ବିଷୟ ହେଉଛି, ପୁଞ୍ଜି ବ୍ୟୟ ଦୃଷ୍ଟିରୁ ଦେଶର ତିନି ବୃହତ ରାଜ୍ୟ ଉତ୍ତର ପ୍ରଦେଶ (୨.୯୮%), ତାମିଲନାଡୁ (୩.୯୨%) ଏବଂ କର୍ଣ୍ଣାଟକ (୩.୯୬ %) କରି ପଛରେ ରହିଛନ୍ତି। ସର୍ବବୃହତ ବଜେଟ୍ ଥିବା ରାଜ୍ୟ ଉତ୍ତର ପ୍ରଦେଶ ଚଳିତ ଆର୍ଥିକବର୍ଷର ପ୍ରଥମ ଦୁଇ ମାସରେ ପ୍ରାୟ ୧.୭୮ ଲକ୍ଷ କୋଟି ଟଙ୍କାର ବାର୍ଷିକ ପୁଞ୍ଜି ଖର୍ଚ୍ଚ ଆବଣ୍ଟନର ୩ ପ୍ରତିଶତରୁ କମ୍ ଖର୍ଚ୍ଚ କରିଛି। ବିଶେଷକରି, ମହାରାଷ୍ଟ୍ର ଏବଂ ଓଡ଼ିଶା ଉଭୟ ଏପ୍ରିଲରେ ନିଟ୍ ନକାରାତ୍ମକ ପୁଞ୍ଜି ଖର୍ଚ୍ଚ ରେକର୍ଡ କରିଥିଲେ। କିନ୍ତୁ ମେ' ମାସରେ ବ୍ୟୟରେ ସକାରାତ୍ମକ ପାଲଟିଛନ୍ତି। ମହାରାଷ୍ଟ୍ର ମେ' ମାସରେ ପ୍ରାୟ ୨,୫୩୦ କୋଟି ଟଙ୍କା ଖର୍ଚ୍ଚ କରିଥିବାବେଳେ ଓଡ଼ିଶା ପ୍ରାୟ ୨,୪୨୫ କୋଟି ଟଙ୍କା ବ୍ୟୟ କରିଛି।

### ପୁଣି ଆମେରିକା-ଇରାନ...

ଉପକୂଳବର୍ତ୍ତୀ ରାଡାର କେନ୍ଦ୍ରଗୁଡ଼ିକ ଉପରେ ଆକ୍ରମଣ କରାଯାଇଥିଲା। ଆମେରିକାର ଉପରାଷ୍ଟ୍ରପତି ଜେଡି ଭାନ୍ସ ଚେତାବନୀ ଦେଇ କହିଛନ୍ତି ଯେ, 'ଇରାନ ସହିତ ଅସ୍ତ୍ରବିରତି ଚୁକ୍ତି ହୋଇଥିଲା ଏବଂ ଆମେ ତାହାକୁ ସମ୍ମାନ ଜଣାଇଛୁ। ଯଦି ସେମାନଙ୍କର କୌଣସି ଆପତ୍ତି ଥିଲା, ତେବେ ସେମାନେ ଆଲୋଚନା କରିପାରିଥାନ୍ତେ। କିନ୍ତୁ ମନେରଖିବା ଉଚିତ ଯେ ହିଂସାର ଜବାବ ସର୍ବଦା ହିଂସାରେ ହିଁ ଦିଆଯିବ। ଅପରପକ୍ଷରେ, ଆମେରିକାର ଏହି ଆକ୍ରମଣକୁ ନେଇ ଇରାନ ଉଦବେଗ ପ୍ରକାଶ କରିଛି। ଇରାନ ସଂସଦର ଜାତୀୟ ସୁରକ୍ଷା କମିଟିର ମୁଖ୍ୟ ଇବ୍ରାହିମ ଅଜିଜି ଆମେରିକାକୁ ଚେତାବନୀ ଦେଇ କହିଛନ୍ତି ଯେ, ଆଲୋଚନା ଚାଲିଥିବା ସମୟରେ ଆକ୍ରମଣ କରି ଆମେରିକା ନିଜର ବିଶ୍ୱସନୀୟତା ହରାଇଛି। ଏହି ବେଆଇନ ଆକ୍ରମଣ ପାଇଁ ଆମେରିକାକୁ ଶେଷରେ 'ପଛକୁ ହଟିବାକୁ ହେବ ଏବଂ ଅନୁତାପ କରିବାକୁ ପଡ଼ିବ।' ଇରାନ ଗଣମାଧ୍ୟମ ଅନୁସାରେ, ଆମେରିକାର ଆକ୍ରମଣରେ ସିରିକ ବନ୍ଦର ନିକଟସ୍ଥ ଅଞ୍ଚଳ ପ୍ରଭାବିତ ହୋଇଛି ଏବଂ ଏହାର ଜବାବରେ ଇରାନ ସେନା ମଧ୍ୟ ଆମେରିକୀୟ ଘାଟି ଉପରେ ଆକ୍ରମଣ କରିଛି। ଏହି ସାମରିକ ଗତିରୋଧ କାରଣରୁ ବିଶ୍ୱର ସବୁଠାରୁ ବ୍ୟସ୍ତବହୁଳ ସାମୁଦ୍ରିକ ବାଣିଜ୍ୟ ପଥ 'ହର୍ମୁଜ ପ୍ରଣାଳୀ' ଏବେ ସଂଘର୍ଷର କେନ୍ଦ୍ରବିନ୍ଦୁ ପାଲଟିଛି। ବିଶ୍ୱର ପ୍ରାୟ ଏକ-ପଞ୍ଚମାଂଶ ତେଲ ଏବଂ ଗ୍ୟାସ୍ ଯୋଗାଣ ଏହି ସଂକୀର୍ଣ୍ଣ ଜଳପଥ ଦେଇ ହୋଇଥାଏ। ତେଣୁ ଏହି ଅଞ୍ଚଳରେ ଯଦି ଯୁଦ୍ଧ ସ୍ଥିତି ଲାଗିରହେ, ତେବେ ସାରା ବିଶ୍ୱରେ ପୁଣି ଇନ୍ଧନ ସଙ୍କଟ ଦେଖାଦେବାର ଆଶଙ୍କା ରହିଛି। ମିଳିଥିବା ସୂଚନା ଅନୁଯାୟୀ ଇରାନ ହର୍ମୁଜ ଦେଇ ଯାଉଥିବା ଜାହାଜଗୁଡ଼ିକ ଉପରେ ଶୁଳ୍କ ଲଗାଇବାକୁ ଚେଷ୍ଟା କରୁଛି, ଯାହାକୁ ଆମେରିକା ଏବଂ ଆରବ ସାଗରୀୟ ଦେଶଗୁଡ଼ିକ ବିରୋଧ କରୁଛନ୍ତି।

### ଓଟିଏଏସ୍ ଅଧିକାରୀ...

ତାଙ୍କୁ ଜୁଡିସିଆଲ୍ କଷ୍ଟୋଡିକୁ ପଠାଯାଇଛି। ଅପରାଧିକ ମାମଲାରେ ୪୮ ଘଣ୍ଟାରୁ ଅଧିକ ସମୟଧରି ପୁଲିସ ଦ୍ୱାରା ଅଟକ ଥିବାରୁ ଆଇନ ଅନୁଯାୟୀ ପଦକ୍ଷେପ ନିଆଯାଇ ତାଙ୍କୁ ସିଧାସଳଖ ସରକାରୀ ସେବାରୁ ବରଖାସ୍ତ କରାଯାଇଛି ବୋଲି ମୁଖ୍ୟମନ୍ତ୍ରୀଙ୍କ କାର୍ଯ୍ୟାଳୟ ପକ୍ଷରୁ କୁହାଯାଇଛି।

ସୂଚନାଯୋଗ୍ୟ ଯେ ଚନ୍ଦ୍ରିକା ଓ ଭୀମସେନ ଛୋଟ ବେଳୁ ଏକାଠି ଗୋଟିଏ ସ୍କୁଲରେ ପଢୁଥିଲେ। ଏହାପରେ କଟକର ଏକ କଲେଜରେ ଉଭୟ ଯୁକ୍ତ ବିଜ୍ଞାନ ବିଭାଗରେ ନାମ ଲେଖାଇଥିଲେ। ଦୀର୍ଘ ୧୫ ବର୍ଷ ଧରି ଉଭୟଙ୍କ ମଧ୍ୟରେ ପ୍ରେମ ସମ୍ପର୍କ ରହିଥିଲା। ସେମାନେ ବିବାହ କରିବା ପାଇଁ ନିଷ୍ପତ୍ତି ନେଇଥିଲେ। ୨୦୨୭ ଡିସେମ୍ବରରେ ଉଭୟ ବିବାହ କରିବେ ବୋଲି ମଧ୍ୟ ନିଷ୍ପତ୍ତି ନେଇଥିଲେ। ଦୁହେଁ ଅନେକ ସମୟରେ ଏକାଠି ବୁଲାବୁଲି କରୁଥିଲେ ଓ ରହୁଥିଲେ। ହେଲେ ଭୀମସେନଙ୍କ ଜୀବନରେ ଆଉ ଜଣେ ଯୁବତୀ ପ୍ରବେଶ କରିବା ପରେ ଚନ୍ଦ୍ରିକାଙ୍କ ସହିତ ତାଙ୍କର ସମ୍ପର୍କରେ ଫାଟ ସୃଷ୍ଟି ହୋଇଥିଲା। ଏପରିକି ଚନ୍ଦ୍ରିକାଙ୍କୁ ଭୀମସେନ ମାନସିକ ନିର୍ଯାତନା ଦେଉଥିବା ଅଭିଯୋଗ ହୋଇଥିଲା। ଏହାପରେ ଚନ୍ଦ୍ରିକା କଟକ ତ୍ରିଶୂଳିଆଠାରେ ଆତ୍ମହତ୍ୟା କରିଥିବା ବେଳେ ଝିଅର ମୃତ୍ୟୁ ପାଇଁ ତାଙ୍କ ମାଆ ଭୀମସେନଙ୍କୁ ଦାୟୀ କରିଥିଲେ। ମାନସିକ ନିର୍ଯାତା କାରଣରୁ ଝିଅ ଆତ୍ମହତ୍ୟା କରିଥିବା ନେଇ ଚନ୍ଦ୍ରିକାଙ୍କ ମାଆ ଏତଲାରେ ଉଲ୍ଲେଖ କରିଥିଲେ। ଚନ୍ଦ୍ରିକାଙ୍କ ମୃତ୍ୟୁ ପାଇଁ ଭୀମସେନ ଦାୟୀ ବୋଲି ପୁଲିସର ପ୍ରାଥମିକ ତଦନ୍ତରୁ ଜଣାପଡ଼ିଛି।

### ପେଟ୍ରୋଲ ଢାଳି...

ବାରମ୍ବାର ପ୍ରେମ ନିବେଦନ କରିଆସୁଥିଲା। । ମାତ୍ର ଯୁବତୀ ଜଣଙ୍କ ଏହାକୁ ପ୍ରତ୍ୟାଖ୍ୟାନ କରି ଆସୁଥିଲେ। ଫଳରେ ପ୍ରେମ ପାଗଳ ଯୁବକ ରଜତ ଶେଷରେ ପ୍ରତିଶୋଧପରାୟଣ ହୋଇ ପଡ଼ିଥିଲା। ରାତି ପ୍ରାୟ ସାଢେ ୧୧ଟା ବେଳେ ଅଭିଯୁକ୍ତ ଯୁବକ ରଜତ ପେଟ୍ରୋଲ ବୋତଲ ଧରି ସମ୍ପୃକ୍ତ ଯୁବତୀଙ୍କ ଘର ନିକଟରେ ପହଞ୍ଚି ଥିଲା। ଯୁବତୀ ଜଣଙ୍କ ଶୋଇଥିବାବେଳେ ଝରକା ବାଟେ ପେଟ୍ରୋଲ ଢାଳି ନିଆଁ ଲଗାଇ ଦେଇଥିଲା। । ହୁତୁ ହୁତୁ ହୋଇ ବିଛଣା ସହ ଯୁବତୀ ଜଣକ ଜଳୁଥିବା ବେଳେ ଘରେ ଥିବା ସମସ୍ତ ଆସବାବପତ୍ରରେ ନିଆଁ ଲାଗି ପାଉଁଶ ହୋଇ ଯାଇଥିଲା। ଝିଅର ଚିତ୍କାର ଶୁଣି ପରିବାର ଲୋକେ ଏବଂ ପଡୋଶୀ ନିଦରୁ ଉଠି ପଡ଼ିଥିଲେ। ପ୍ରଥମେ ମୋଟର ଦ୍ୱାରା ପାଇପରେ ପାଣି ପକାଇ ନିଆଁକୁ ଲିଭାଇ ଝିଅକୁ ଉଦ୍ଧାର କରିଥିଲେ। ଚିକିତ୍ସା ପାଇଁ ରାଉରକେଲା ସରକାରୀ ଡାକ୍ତରଖାନାକୁ ନେଇଥିବାବେଳେ ଝିଅର ଅବସ୍ଥା ଗୁରୁତର ଥିବାରୁ ଡାକ୍ତରମାନେ ତାଙ୍କୁ ବୁର୍ଲା ପଠାଇ ଦେଇଥିଲେ। ବୁର୍ଲାରେ ମଧ୍ୟ ବର୍ଣ୍ଣ ବିଭାଗରେ ବେଡ୍ ନାହିଁ ବୋଲି କହି ସେଠିକାର ଡାକ୍ତରମ ରାଉରକେଲାର ଏକ ଘରୋଇ ଡାକ୍ତରଖାନାକୁ ରେଫର କରି ଦେଇଥିଲେ। ପରିବାର ଲୋକ ପୁନର୍ବାର ଝିଅକୁ ବୁର୍ଲାରୁ ରାଉରକେଲା ଫେରାଇ ଆଣି ଆଜି ଦିନ ସାଢେ ୧୧ଟାରେ ସମ୍ପୃକ୍ତ ଘରୋଇ ହସ୍ପିଟାଲରେ ଭର୍ତ୍ତି କରି ଚିକିତ୍ସା ଆରମ୍ଭ କରିଛନ୍ତି। ଏ ବିଷୟରେ ତାଙ୍କ ପରିବାର ଲୋକଙ୍କ କହିବା କଥା ଯେ, ରଜତ ତାଙ୍କ ଝିଅକୁ ବାରମ୍ବାର ହଇରାଣ କରି ଆସୁଥିଲା। ତାକୁ ଏ ନେଇ ବୁଝାସୁଝା କରାଯାଇଥିଲା। ଏହା ସତ୍ତ୍ୱେ ବି ସେ ନ ମାନି ଏପରି କାଣ୍ଡ କରିଛି। ତାକୁ କଠୋର ଦଣ୍ଡ ଦେବାକୁ ଦାବି କରିବା ସହ ତାଙ୍କର ହୋଇଥିବା କ୍ଷତିର ଭରଣା ପାଇଁ ପରିବାର ପକ୍ଷରୁ ଦାବି କରାଯାଇଛି।

### ୩୮୦ କୋଟି...

ଏସ୍‌ସିଇଆର୍‌ଟି କାର୍ଯ୍ୟାଳୟରେ କାର୍ଯ୍ୟରତ କର୍ମଚାରୀଙ୍କୁ ସେ ଦୁର୍ବ୍ୟବହାର କରୁଥିଲେ। ଉଭୟ ପୁରୁଷ ଓ ମହିଳା କର୍ମଚାରୀଙ୍କ ପ୍ରତି ଖରାପ ଭାଷା ପ୍ରୟୋଗ କରୁଥିଲେ। ଏପରିକି ଇଡିଅଟ୍, ନନ୍‌ସେନସ୍, ଗେଟ୍ ଆଉଟ୍ ବୋଲି କହୁଥିଲେ। ଫଳରେ କର୍ମଚାରୀମାନେ ଧାରଣାରେ ବସିବା ସହ କାର୍ଯ୍ୟବନ୍ଦ ଆନ୍ଦୋଳନ କରିବାରୁ କାର୍ଯ୍ୟସ୍ଥଳରେ ଏକ ପ୍ରତିକୂଳ ପରିବେଶ ସୃଷ୍ଟି ହୋଇଥିଲା। ସେହିପରି ତାଙ୍କର ୨ ବର୍ଷ କାର୍ଯ୍ୟକାଳ ମଧ୍ୟରେ ସେ କୌଣସି ଗୁରୁତ୍ୱପୂର୍ଣ୍ଣ କାର୍ଯ୍ୟ କରି ନଥିବା ବିଧାୟକମାନେ ଅଭିଯୋଗ କରିଥିଲେ। ସବୁଠାରୁ ଚାଞ୍ଚଲ୍ୟକର ଅଭିଯୋଗ ହେଲା, ତତ୍କାଳୀନ ମୟୂରଭଞ୍ଜ ସାଂସଦଙ୍କ ଅଭିଯୋଗ କ୍ରମେ ଶ୍ରୀ ପାଢ଼ୀଙ୍କୁ କାର୍ଯ୍ୟାନ୍ତର କରାଯାଇଥିଲେ ମଧ୍ୟ ପରେ ତାଙ୍କୁ ସେହି ପଦରେ ହିଁ ପୁନଃ ଅବସ୍ଥାପିତ କରାଯାଇଥିଲା। ତାଙ୍କ ବିରୋଧରେ ଅଭିଯୋଗର ଫର୍ଦ୍ଦ ଏତିକିରେ ସରିନାହିଁ। ସେ କର୍ମଚାରୀ ଓ ଭେଣ୍ଡରଙ୍କ ଠାରୁ ଚାନ୍ଦା ଆଦାୟ କରୁଥିବା ମଧ୍ୟ ବିଧାୟକମାନେ ଅଭିଯୋଗ କରିଥିଲେ। ଏହାର ଭିଡ଼ିଓ ମଧ୍ୟ ସେମାନେ ମୁଖ୍ୟମନ୍ତ୍ରୀଙ୍କୁ ପ୍ରଦାନ କରିଥିଲେ। ଜିଲ୍ଲା ଶିକ୍ଷା ଓ ପ୍ରଶିକ୍ଷଣ ପ୍ରତିଷ୍ଠାନର ବିକାଶ ପାଇଁ ମଞ୍ଜୁରୀ ଅର୍ଥରୁ ପିସି ନେଉଥିବା ମଧ୍ୟ ଅଭିଯୋଗରେ ଦର୍ଶାଇଥିଲେ। ଏଣୁ ତାଙ୍କୁ ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗରୁ ଅପସାରିତ କରି ଏସ୍‌ସିଇଆର୍‌ଟି ନିର୍ଦ୍ଦେଶକ ପଦରୁ ହଟାଇବାକୁ ସମସ୍ତ ୧୫ ବିଧାୟକ ଦାବି କରିଥିଲେ।

ଏହି ଘଟଣା ପଦାକୁ ଆସିବା ପରେ ସରକାରଙ୍କ ଭୂମିକା ନେଇ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି। ଏସ୍‌ସିଇଆର୍‌ଟି କର୍ମଚାରୀଙ୍କ ଆନ୍ଦୋଳନ ଏବଂ ୧୫ ଜଣ ବିଧାୟକଙ୍କ ଅଭିଯୋଗ ପରେ ମଧ୍ୟ ସରକାର କାର୍ଯ୍ୟାନୁଷ୍ଠାନ ନେଇ ନାହାନ୍ତି। ସମ୍ପ୍ରତି ପୁସ୍ତକ ତ୍ରୁଟି ଘଟଣାର ମାଷ୍ଟରମାଇଣ୍ଡ କୁହାଯାଉଥିବା ଶ୍ରୀ ପାଢ଼ୀଙ୍କ ବିରୋଧରେ ସେହି ସମୟରେ କାର୍ଯ୍ୟାନୁଷ୍ଠାନ ହୋଇଥିଲେ ଏତେବଡ଼ ବିଭ୍ରାଟ ହୋଇ ନ ଥାନ୍ତା ବା ଛାତ୍ରଛାତ୍ରୀଙ୍କ ଶୈକ୍ଷିକ ଭବିଷ୍ୟତ ବାଜିରେ ଲାଗି ନ ଥାନ୍ତା ବୋଲି ଶିକ୍ଷାବିତମାନେ ମତବ୍ୟକ୍ତ କରିଛନ୍ତି।

### ଶିକ୍ଷାବିତ୍‌ଙ୍କ ବିରୋଧରେ...

ସାତଖୁଣ ମାଫ୍ କଲେ ବୋଲି ପ୍ରଶ୍ନବାଚୀ ସୃଷ୍ଟି ହୋଇଛି।

ପ୍ରଥମରୁ ଅଷ୍ଟମ ଶ୍ରେଣୀ ବହିର ପାଠ୍ୟକ୍ରମ ଚୟନ ଓ ସମୀକ୍ଷା ପାଇଁ ଖୋଦ୍ ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗ ପକ୍ଷରୁ ୨୪ ଜଣିଆ କମିଟି ଗଠନ କରାଯାଇଥିଲା। ତନ୍ମଧ୍ୟରେ ଦେଶ ଓ ରାଜ୍ୟର ୧୦ ଶିକ୍ଷାବିତ୍‌ଙ୍କ ସମେତ ୧୪ ଜଣ ପ୍ରଶାସନିକ ଅଧିକାରୀ ସଦସ୍ୟ ରହିଥିଲେ। ଶିକ୍ଷାବିତ୍‌ଙ୍କ ମଧ୍ୟରେ ଭୋପାଳସ୍ଥିତ ଆଞ୍ଚଳିକ ଶିକ୍ଷା ପ୍ରତିଷ୍ଠାନର ଅବସରପ୍ରାପ୍ତ ଅଧ୍ୟକ୍ଷ ପ୍ରଫେସର ନିତ୍ୟାନନ୍ଦ ପ୍ରଧାନ, ଅବସରପ୍ରାପ୍ତ ସଂସ୍କୃତ ପ୍ରାଧ୍ୟାପକ ଡ. ଗୋପାଳ ପ୍ରସାଦ ମହାପାତ୍ର, ଅବସରପ୍ରାପ୍ତ ଶିକ୍ଷାବିତ୍ (ବିଜ୍ଞାନ) ଡ. କିଶୋର ଚନ୍ଦ୍ର ମହାନ୍ତି। ଏନ୍‌ସିଇଆର୍‌ଟିର ମୁଖ୍ୟ ପରାମର୍ଶଦାତା ଡ. ବିନୟ ପଟ୍ଟନାୟକ, ମାଧ୍ୟମିକ ଶିକ୍ଷା ପରିଷଦର ପୂର୍ବତନ ସଭାପତି ଡ. ସୁସାନ୍ତ କୁମାର ଦାସ, ଭୁବନେଶ୍ୱର ଏକାମ୍ର କଲେଜର ଅବସରପ୍ରାପ୍ତ ଓଡ଼ିଆ ଅଧ୍ୟାପକ ଡ. ଲଳିତ କୁମାର ଲେଙ୍କା, ରମାଦେବୀ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର ତତ୍କାଳୀନ ଅଧ୍ୟକ୍ଷା ସରୋଜଲକ୍ଷ୍ମୀ ସିଂ, ବରଗଡ଼ ପଦ୍ମପୁର କଲେଜର ଅଧ୍ୟକ୍ଷ ତଥା ଇଂରାଜୀ ବିଶେଷଜ୍ଞ ଡ. ଖଗେଶ୍ୱର ଦାସ, ଓୟୁଏଟିର ମାଇକ୍ରୋବାଇଓଲୋଜୀ ପ୍ରାଧ୍ୟାପକ ଡ. ବଳରାମ ସାହୁ ଏବଂ ଗଞ୍ଜାମ ଖଲ୍ଲିକୋଟ ସ୍ୱୟଂଶାସିତ କଲେଜର ଅବସରପ୍ରାପ୍ତ ଅଧ୍ୟକ୍ଷ ତଥା ପଦାର୍ଥ ବିଜ୍ଞାନ ବିଶେଷଜ୍ଞ ଡ. ଗୌରାଙ୍ଗ ମହାନ୍ତି ପ୍ରମୁଖ କୋର୍ କମିଟିର ସଦସ୍ୟ ରହିଥିଲେ। ମାତ୍ର ପୁସ୍ତକ ପ୍ରସ୍ତୁତି ବା ଲେଖିବାରେ ପ୍ରମୁଖ ଭୂମିକା ଗ୍ରହଣ କରିଥିବା ଶିକ୍ଷାବିତ୍‌ଙ୍କ ବିରୋଧରେ କୌଣସି କାର୍ଯ୍ୟାନୁଷ୍ଠାନ ହୋଇନାହିଁ। ଯଦି କାର୍ଯ୍ୟକୁ ତଦାରଖ କରୁଥିବା ଅଧିକାରୀଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ହେଉଛି, ତା'ହେଲେ ଶିକ୍ଷାବିତ୍‌ଙ୍କ ଉପରେ ମଧ୍ୟ ଦୃଢ଼ କାର୍ଯ୍ୟାନୁଷ୍ଠାନ ନିଆଯିବାକୁ ବିଭିନ୍ନ ମହଲରେ ଦାବି ହୋଇଛି।

### ବିକଳ୍ପ ଇନ୍ଧନ...

ମକା କ୍ଷେତ୍ରରେ ପ୍ରତି ଲିଟର ଇଥାନଲ୍ ପାଇଁ ପ୍ରାୟ ୪୬୭୦ ଲିଟର ଏବଂ ଆଖୁ ପାଇଁ ପ୍ରାୟ ୩୬୩୦ ଲିଟର ପାଣି ଆବଶ୍ୟକ ହୁଏ। ଏହାଛଡା ଇଥାନଲ୍ ମିଲ୍‌ରୁ ନିର୍ଗତ ପ୍ରଚୁର ପରିମାଣର ଭିନାସ୍‌କୁ ଯଦି ସଠିକ୍ ଭାବରେ ବିଶୋଧନ ନ କରାଯାଏ, ତେବେ ପୃଷ୍ଠ ଏବଂ ଭୂତଳ ଜଳକୁ ପ୍ରଦୂଷିତ କରିପାରେ। ଅପରପକ୍ଷେ ନୀତି ଆୟୋଗର କମ୍ପୋଜିଟ୍ ଜଳ ପରିଚାଳନା ସୂଚକାଙ୍କ (ସିଡବ୍ଲ୍ୟୁଏମ୍‌ଆଇ) ସତର୍କ କରାଇ ଦେଇଛି ଯେ ୨୦୩୦ ସୁଦ୍ଧା ଦିଲ୍ଲୀ, ବେଙ୍ଗାଲୁରୁ ଏବଂ ଚେନ୍ନାଇ ସମେତ ୨୧ଟି ପ୍ରମୁଖ ସହରରେ ଭୂତଳ ସ୍ତର ଶୂନ୍ୟରେ ପହଞ୍ଚିପାରେ। ଭାରତର ମୋଟ ଇଥାନଲ୍ ଉତ୍ପାଦନ କ୍ଷମତା ୧୮୨୨ କୋଟି ଲିଟର, ଯାହାର ପୂର୍ବରୁ ଜଳ ସଙ୍କଟ ସହିତ ଜଡ଼ିତ ରାଜ୍ୟଗୁଡ଼ିକର ଏକ ବଡ଼ ଅଂଶ। ଉଦାହରଣ ସ୍ୱରୂପ, ମହାରାଷ୍ଟ୍ରରେ ୩୯୬ କୋଟି ଲିଟର ମିଳିତ କ୍ଷମତା ସହିତ ପ୍ଲାଣ୍ଟ ଅଛି, ଯେତେବେଳେ କି ବିଦର୍ଭ ଏବଂ ମରହଟ୍ଟାୱାଡାର ଚାଷୀମାନେ ପାନୀୟ ଜଳ ପାଇଁ ସଂଘର୍ଷ କରୁଛନ୍ତି। ଏହି ସମୟରେ, ଉତ୍ତର ପ୍ରଦେଶ ଏବଂ କର୍ଣ୍ଣାଟକରେ ଇଥାନଲ୍ ପ୍ଲାଣ୍ଟରେ ଭୂତଳର ସଂରକ୍ଷିତ ଜଳକୁ ବ୍ୟବହାର କରାଯାଉଛି, ଯାହା ଗୁରୁତର ଭାବରେ ହ୍ରାସ ପାଇଥିବା ଘୋଷଣା କରାଯାଇଛି। ଭାରତରେ ଇଥାନଲ୍ ମିଶ୍ରଣରେ ଚାଉଳର ବ୍ୟବହାର ଏ ପର୍ଯ୍ୟନ୍ତ ପ୍ରାଥମିକ ଅବସ୍ଥାରେ ଅଛି। କାରଣ ଏଥିରେ ଦେଶ ମୁଖ୍ୟତଃ ଆଖୁ ଉପରେ ନିର୍ଭର କରୁଛି। ତଥାପି, ଆଖୁ ଚାଷରେ ଚୁର ପାଣି ବ୍ୟବହାର କରାଯାଇଥାଏ। ଏଥିରେ ପ୍ରତି ଲିଟର ଇଥାନଲ୍ ପାଇଁ ୩୬୩୬ ଲିଟର ପାଣି ବ୍ୟବହାର ହୋଇଥାଏ। ଅନେକ ଇଥାନଲ୍ ପ୍ଲାଣ୍ଟ ଆଖୁ ଚାଷ କରୁଥିବା ଅଞ୍ଚଳରେ ଅବସ୍ଥିତ କାରଣ କଞ୍ଚାମାଲ ସେଠାରେ ସହଜରେ ଉପଲବ୍ଧ। ଶକ୍ତି ଅର୍ଥନୀତି ଏବଂ ଆର୍ଥିକ ବିଶ୍ଳେଷଣ ପ୍ରତିଷ୍ଠାନର ଶକ୍ତି ବିଶେଷଜ୍ଞ ସ୍ୱାତୀ ଶେଷାଦ୍ରି କହିଛନ୍ତି ବର୍ଷ ବର୍ଷ ଧରି ଆଖୁ ଚାଷ ଏହି ଅଞ୍ଚଳଗୁଡ଼ିକରେ ଜଳସ୍ତରକୁ ହ୍ରାସ କରିସାରିଛି। ବର୍ତ୍ତମାନ ଇଥାନଲ୍ ପ୍ଲାଣ୍ଟଗୁଡ଼ିକ ପରିସ୍ଥିତିକୁ ଆହୁରି ଖରାପ କରିଦେଇଛି। ଏହା ବ୍ୟତୀତ, ଆଖୁ ମୁଖ୍ୟତଃ ମହାରାଷ୍ଟ୍ର ଏବଂ ଉତ୍ତର ପ୍ରଦେଶ ଭଳି ରାଜ୍ୟରେ ଚାଷ କରାଯାଏ, ଯେଉଁଠାରେ ଭୂତଳ ଜଳ ଅଭାବ ପୂର୍ବରୁ ଗୁରୁତର।

### ମହାନଦୀରେ ପାଣି...

ଏବଂ ଛତିଶଗଡ଼ ୨୭ ମିଲିୟନ ଏକର ଫୁଟ ପାଣି ଆବଶ୍ୟକ କରୁଥିବା ଦାବିକୁ ଯଦି ଓଡ଼ିଶା ସରକାର ମାନି ନେଇଥା'ନ୍ତି, ତା'ହେଲେ ଏହା ଓଡ଼ିଶା ପାଇଁ ଆତ୍ମଘାତୀ ହେବ ବୋଲି ସେ କହିଛନ୍ତି। ସେହିପରି ପୂର୍ବରୁ ଆମେ ଛତିଶଗଡ଼ ପାଖରେ ସମର୍ପଣ କରିସାରିଛୁ ବୋଲି କ୍ଷୋଭ ପ୍ରକାଶ କରିଛନ୍ତି ଶ୍ରୀ ଦାସ। ସେ କହିଛନ୍ତି ଯେ ମହାନଦୀରେ କେତେ ପାଣି ଉପଲବ୍ଧ ତାହାକୁ ନେଇ ଉଭୟ ରାଜ୍ୟ ବିଗତ ଶୁଣାଣିରେ ଯେଉଁ ତଥ୍ୟ ଦେଇଥିଲେ, ତାହା ମଧ୍ୟ ଗ୍ରହଣଯୋଗ୍ୟ ନୁହେଁ। ପ୍ରଦତ୍ତ ଡାଟା ଅନୁଯାୟୀ ମହାନଦୀରେ ମୋଟ ଉପଲବ୍ଧ ଜଳର ପରିମାଣ ୬୨. ୩୬ ମିଲିୟନ ଏକର ଫୁଟ ଅଟେ। ତନ୍ମଧ୍ୟରେ ନରାଜ ପାଖରେ ୫୬. ୨୯ ମିଲିୟନ ଏକର ଫୁଟ ହୀରାକୁଦ ଉପର ମୁଣ୍ଡରେ ୩୨. ୮୩ ମିଲିୟନ ଏକର ଫୁଟ ଓ ଛତିଶଗଡ଼ ଓଡ଼ିଶା ସୀମାରେ ୨୮. ୪୮ ମିଲିୟନ ଏକର ଫୁଟ ପାଣି ଉପଲବ୍ଧ। ବର୍ଷ ସାରା ମହାନଦୀରେ ଉପଲବ୍ଧ ପାଣିର ହାରାହାରି ହିସାବକୁ ନେଇ ଏହି ଡାଟା ବା ତଥ୍ୟ ପ୍ରସ୍ତୁତ ହୋଇଛି। ଯାହା ଅଣ ମୌସୁମୀ ସମୟରେ ଓଡ଼ିଶାର ଜଳ ସଂକଟକୁ ଅଣ ଦେଖାକରିଛି। ଏହି ତଥ୍ୟକୁ ଗ୍ରହଣ କରି ଆମେ ଆତ୍ମଘାତୀ କାମ କରିଛନ୍ତି। ଏହାର ଅର୍ଥ ହେଉଛି ଆମ ପାଖରେ ପ୍ରଚୁର ପାଣି ରହିଛି ଏବଂ ଆମର କୌଣସି ବିବାଦ ନାହିଁ। ତେଣୁ ଆଜିର ବୈଠକରେ ନିର୍ଦ୍ଦିଷ୍ଟ କେଉଁ ପ୍ରସଙ୍ଗରେ ଆଲୋଚନା ହେଲା, ତାହା ରାଜ୍ୟ ସରକାର ସ୍ପଷ୍ଟ କରନ୍ତୁ ବୋଲି ଶ୍ରୀ ଦାସ ଦାବି କରିଛନ୍ତି। ଏଠାରେ ଉଲ୍ଲେଖଯୋଗ୍ୟ ଯେ ଜଳ ବିବାଦରେ ସହମତି ଆଣିବା ପାଇଁ ଟ୍ରିବ୍ୟୁନାଲ ପୂର୍ବ ଶୁଣାଣିରେ ଉଭୟ ରାଜ୍ୟର ବୈଷୟିକ ଏବଂ ଆଇଗତ ଟିମକୁ ଏକ ଲମ୍ବା ଆଲୋଚନା କରିବାକୁ ପରାମର୍ଶ ଦେଇଥିଲେ। ଏହାକୁ ଆଧାର କରି ଉଭୟ ରାଜ୍ୟର ମଧ୍ୟରେ ଗତ ୧୬ ତାରିଖ୍ରୁ ୧୧ ଦିନିଆ ଆଲୋଚନା ଆରମ୍ଭ ହୋଇଥିଲା। ଏହି ୧୧ ଦିନିଆ ଆଲୋଚନା ବେଳେ ମହାନଦୀ ଜଳରେ ଓଡ଼ିଶା ଓ ଛତିଶଗଡ଼ର ପ୍ରାପ୍ୟ ଅଂଶ କେତେ ରହିବ ଏବଂ ଜଳ ବଣ୍ଟନର ଉଚିତ ମାନଦଣ୍ଡ କଣ ହେବ ତାହା ନେଇ ବ୍ୟାପକ ଚର୍ଚ୍ଚା ଆଲୋଚନା କରାଯାଇଛି। ଆଗକୁ ଉଭୟ ରାଜ୍ୟର ଜଳସମ୍ପଦ ବିଭାଗର ସଚିବ ତଥା ମୁଖ୍ୟ ଶାସନ ସଚିବ ସ୍ତରୀୟ ଆଲୋଚନନା ହେବ ବୋଲି ଜଣାପଡ଼ିଛି।


34001/397/2627 ID: ee.randbjyp@gmail.com

GOVERNMENT OF ODISHA
OFFICE OF THE SUPERINTENDING ENGINEER, JEYPORE (R&B) DIVISION, JEYPORE
e-Procurement Notice
Bid Identification No. S.E (R&B)-08/2026-27/JYP(K)
No. 3889 Date.

Bid Documents consisting of work, Estimated Cost, Cost of Tender paper, EMD, Time of completion, Class of Contractors and the set of terms and conditions of contract and other necessary documents can be seen in Govt. Website i.e. www.tendersodisha.gov.in.

1. Name of the Work : Building Work as mentioned in DTCN.
2. No. of Works : 7 Nos.
3. Estimated Cost : Rs. 3.98 Lakhs to 11.85 lakhs
4. Period of completion : 2 (Two) Months
5. Date & Time of Bidding : From 11.00 hours of **01.07.2026** Up-to 17.00 hours of **10.07.2026**
6. Last date & time for receipt of bids in portal : 17.00 hours of **11.07.2026.**
7. Bids received online shall be opened on : 11.00 hours of **13.07.2026.**
8. Name and address of the officer inviting Bid : Superintending Engineer, Jeypore (R&B) Division, Jeypore

Further details can be seen from the www.tendersodisha.gov.in

Superintending Engineer,
Jeypore (R&B) Division

OIPR-34001/34027/1/26-27/0008



25001/531/2627

PHONE: OFF: (06852) 251263
Email: eerwkoraput@yahoo.com

GOVERNMENT OF ODISHA
OFFICE OF THE SUPERINTENDING ENGINEER
RURAL WORKS DIVISION: KORAPUT
Through GePNIC e-Procurement Notice
Bid Identification No.: SERWKPT-Online-04/2026-27
Letter No.: 2215, Date: 19.06.2026

| | | |
|---|---|---|
| 1 | Name of the Work | Special Repair of Road Works for the year 2026-27 (Renewal Coat of SDBC with WMM Profile Correction) |
| 2 | Total Number of Works | 05 Nos. |
| 3 | Approximate Estimate Cost | Rs. 62.16 Lakhs to Rs. 70.24 Lakhs (Approximately) |
| 4 | Class of Contractor | "B" Class |
| 5 | Period of Completion | 2 Months |
| 6 | Detail of Projects | As per Annexure attached |

Other Details as follows:

| Procurement Officer | Bid Identification No. | No. of Works | Availability of tender online bidding | | Date & Time of opening of tender in O/o the SERW Division, Koraput | |
|---|---|---|---|---|---|---|
| | | | (From) | (To) | Technical Bid | Financial Bid |
| Superintending Engineer, R.W. Division, Koraput | SERWKPT-ONLINE-04/2026-27 | 05 (Five) Nos. | 30.06.2026 at 11.00 A.M. | 13.07.2026 up to 5.30 P.M. | 14.07.2026 at 11.00 A.M. | To be intimated separately |

Further details can be seen from the website: www.tendersodisha.gov.in/nicgep/app
All amendments, time extensions, clarifications, etc., will be uploaded on the website only. Bidders should regularly visit the above website to keep themselves updated.
N.B.: Any Addendum or Corrigendum will be available on the website only.

Executive Engineer
Rural Works Division, Koraput

OIPR-25001/25088/1/26-27/0004



**ଶପଥପତ୍ର**

ଏହି ଶପଥପତ୍ର ନୋଟାରୀ ପବ୍ଲିକ୍ ଭୁବନେଶ୍ୱରଙ୍କ ସମ୍ମୁଖରେ ନିଷ୍ପାଦନ କରାଯାଇଛି କି, ମୁଁ ସୋସ୍ମା ସରିତା ପତି, ସ୍ୱାମୀ - ଶୁଭକାନ୍ତି ପତି, ଗ୍ରାମ - ଆଚାର୍ଯ୍ୟନଗର, ଜଗନ୍ନାଥପୁର, ଥାନା - ଭଦ୍ରକ, ଜିଲ୍ଲା- ଭଦ୍ରକ, ଓଡ଼ିଶା ସର୍ବସାଧାରଣ ଅବଗତି ନିମନ୍ତେ ଘୋଷଣା କରୁଛି କି ମୋର ରେଜିଷ୍ଟ୍ରିଭୁକ୍ତ ବିକ୍ରୟ ଦଲିଲ୍ ନଂ. ୧୦୨୩୧୯୦୪୧୭୫, ତା ୧୬.୧୦.୨୦୧୯, ପଟ୍ଟା ନଂ. ୧୩୪୫/୩୬୦୨ ମୁଁ ତା ୧୫.୧୦.୨୦୨୫ ରିଖରେ ଜଗନ୍ନାଥପୁରରେ ଥିବା ସମୟରେ କେଉଁଠାରେ ହଜିଯାଇଛି। ଯଦି କୌଣସି ବ୍ୟକ୍ତି ଉକ୍ତ ଦଲିଲଟିକୁ ପାଇଥାନ୍ତି ଦୟାକରି ନିମ୍ନଲିଖିତ ମୋବାଇଲ୍ ନମ୍ବରରେ ଯୋଗାଯୋଗ କରିବାକୁ ଅନୁରୋଧ । ମୋବାଇଲ୍ ନମ୍ବର - ୯୧୨୪୦୦୮୨୯୯ (ରଶ୍ମିରଞ୍ଜନ ପାଣିଗ୍ରାହୀ)।



**AFFIDAVIT**

I, PANKAJINI MOHAPATO, W/O SATYA NARAYAN MOHAPATRO resident of At - Dash Street, PO/PS - Jeypore, Dist - Koraput - 764001, Odisha declare by this Affidavit No. 2852 Dated 25/06/2026, that now onwards I shall be known as **ANNAPURNA MAHAPATRA** for all future purposes.



**LOST**

ମୁଁ ଅମରେଶ ନାୟକ, ବୟସ ୩୩, ପିତା - ଅଭୟ ଚରଣ ନାୟକ, ନୂଆ ସାହି, ଗୋଶାଳା ରୋଡ, ପୋଷ୍ଟ - ନୟାବଜାର, ଥାନା - ମଧୁପାଟଣା, ଜିଲ୍ଲା - କଟକ, ବିକ୍ରୟ ଦଲିଲ କ୍ରମାଙ୍କ - 2726, ତା. 31/05/2004, ପ୍ଲଟ ନମ୍ବର - 177/3963, 178/3962, ମୌଜା - ସାର୍ଥକ, ପୋ - ନୟା ବଜାର, ଜିଲ୍ଲା - କଟକ, ସମ୍ବନ୍ଧିୟ ଦଲିଲ ଟି କେଉଁଠାରେ ହଜିଯାଇଛି । ଯଦି କେହି ସହୃଦୟ ବ୍ୟକ୍ତି ଦଲିଲ ଟିକୁ ପାଆନ୍ତି ତେବେ ଦୟାକରି ମୋତେ ଏହି ନମ୍ବରରେ ଯୋଗାଯୋଗ କରିବାକୁ ଅନୁରୋଧ । ମୋ-7205805375.



**AFFIDAVIT**

By virtue of an affidavit sworn before Notary Public Bhubaneswar, S.L. No. 283 on dated 25/06/2026, I **AMEETA SRICHANDAN**, W/o Prasanta Srichandan resident of At- Plot No. 64/2954, Vill. Sundarpada, P.S: Airfield, Dist: Khordha, Odisha, PIN: 751002, declare that I have changed my minor Son's name from **JASHPRIT SRICHANDAN (Old Name)** to **ANSUMAN SRICHANDAN (New Name)**. Henceforth, he shall be known as **ANSUMAN SRICHANDAN** for all purposes.
Sd- **AMEETA SRICHANDAN**



**AFFIDAVIT**

By virtue of an affidavit before the Notary Public, Phulbani, Kandhamal, dtd. 24.06.2026, I, Prashant Majhi, At - Sakhipada Po - Sakhipada, Dist- Kandhamal do hereby declare that my minor daughter's name has been changed from "Sukanti Majhi" to "Priyanka Majhi". Henceforth, she shall be known as **"Priyanka Majhi"** for all purposes.
**Prashant Majhi**



**AFFIDAVIT**

By virtue of an affidavit (CF No. 1932, dtd- 22/06/2026) sworn before The Executive Magistrate, Khordha. I, **Shaikh Sajid,** S/o- Shaikh Mahimud, resident of At/Po: Saradhapur, PS: Khordha, Dist: Khordha, Odisha declare that I have changed my name & my father's name from **Mahammad Sajid, S/o Abdul Samad** to **Shaikh Sajid, S/o Shaikh Mahimud** in my Aadhar Card (vide No. 8491 7007 7851). Henceforth, I shall be known as **Shaikh Sajid, S/o Shaikh Mahimud** for all purposes.
**Shaikh Sajid**



**AFFIDAVIT**

I, R Bhagirathy Reddy, aged about 48 years, S/o- Rika Chineya Reddy, resident of At- New Sindhigam (TATA Colony), Badapur, Ps- Gopalpur, Berhampur, Dist- Ganjam, Odisha, Pin- 760007, do hereby declare by this affidavit No. 1307, dtd- 26.06.2026, that now onwards I shall be known as **R BHAGIRATHI REDDY** for all future purposes.

# ଉଠାଦୋକାନୀ ଓ ଷ୍ଟ୍ରିଟ୍‌ଫୁଡ୍ ଷ୍ଟଲ କବ୍‌ଜାରେ ନୟାଗଡ଼ ସହର

ନୟାଗଡ଼,୨୭ ।୬(ସମିସ)

ନୟାଗଡ଼ ସହର ଏବେ ଉଠାଦୋକାନୀ ଓ ଷ୍ଟ୍ରିଟ୍‌ଫୁଡ୍ ଷ୍ଟଲ କବଜାରେ। ମାଳ ମାଳ ଉଠାଦୋକାନ ଯୋଗୁଁ ସାଂଘାତିକ ଟ୍ରାଫିକ ସମସ୍ୟା ସୃଷ୍ଟି ହେଉଛି। ନୟାଗଡ଼ ପୁଲିସ ଓ ପୌର ପ୍ରଶାସନ ସବୁ ଦେଖି ନ ଦେଖିବା ଭଳି ଅଭିନୟ କରୁଛନ୍ତି। ବଜେନ୍ଦ୍ର ଉଚ୍ଚ ବିଦ୍ୟାଳୟ, ନାରାୟଣୀ ପାର୍କ ନିକଟ, ଲେମ୍ବୁଛକଠାରୁ ତ୍ରିନାଥ ଛକ ପର୍ଯ୍ୟନ୍ତ ସାଂଘାତିକ ସମସ୍ୟା ସୃଷ୍ଟି ହେଉଛି। ଓଡ଼ଗାଁ ଛକରୁ ତ୍ରିନାଥ ଛକ ପର୍ଯ୍ୟନ୍ତ ଶତାଧିକ ଷ୍ଟ୍ରିଟ୍ ଫୁଡ୍‌ଷ୍ଟଲ୍ ରାସ୍ତାରେ ଗାଡ଼ି ଲଗାଇ ବେପାର କରୁଛନ୍ତି। ଫଳରେ ନୟାଗଡ଼-ଭୁବନେଶ୍ୱର ରାସ୍ତା ଏବଂ ନୟାଗଡ଼ ଭଞ୍ଜନଗର ରାସ୍ତାରେ ସାଂଘାତିକ ଟ୍ରାଫିକ ସମସ୍ୟା ସୃଷ୍ଟି ହେଉଛି। ପୌର ପରିଷଦର କିଛି କର୍ମଚାରୀ ହାତଗୁଞ୍ଜା ନେଇ ସେମାନଙ୍କୁ ସୁଯୋଗ ଦେଉଥିବା ଅଭିଯୋଗ ହେଉଛି। ଶୁକ୍ରବାର ଫରେଷ୍ଟ କଲୋନୀ ପାଖରେ ଗାଡ଼ି ଲଗାଇ ବ୍ୟବସାୟ କରୁଥିବା ଦୁଇ ବିରିୟାନୀ ଦୋକାନୀଙ୍କ ମଧ୍ୟରେ ଗଣ୍ଡଗୋଳ ଘଟି ସାଂଘାତିକ ସ୍ଥିତି ସୃଷ୍ଟି କରିଛି। କିଛି ଗୁଣ୍ଡାଙ୍କ ଆକ୍ରମଣରେ ଜଣେ ଦୋକାନୀ ଗୁରୁତର ଆହତ ହୋଇଛନ୍ତି। ଷ୍ଟ୍ରିଟଫୁଡ୍ ଷ୍ଟଲ ପକାଇବାକୁ ନେଇ ଗଣ୍ଡଗୋଳ ହୋଇଥିବା ବେଳେ କିଏ ସେମାନଙ୍କୁ ସେଠାରେ ଷ୍ଟଲ ପକାଇବାକୁ ଅନୁମତି ଦେଇଛି ବୋଲି ପ୍ରଶ୍ନ ଉଠିଛି।

ରାସ୍ତା କଡ଼ରେ ଷ୍ଟଲ ପକାଇ ଗହଳି କରାଯିବା ଦ୍ୱାରା ଯାତାୟାତରେ ବ୍ୟାପକ ସମସ୍ୟା ସୃଷ୍ଟି ହେଉଛି। ସେହିଭଳି ନୟାଗଡ଼ ଖଣ୍ଡପଡ଼ା ରାସ୍ତା କଡ଼ରେ ମଧ୍ୟ ଜବରଦଖଲ କରି ମାଳମାଳ ଉଠାଦୋକାନୀ ସବୁଠାରୁ ସାଂଘାତିକ ପରିସ୍ଥିତି ସୃଷ୍ଟି କରୁଛନ୍ତି। ସହରର ସୌନ୍ଦର୍ଯ୍ୟ ନଷ୍ଟ କରୁଥିବା ବେଳେ ଖୋଦ୍ ସଦର ମହକୁମାରେ ଘଟୁଥିବା ଏଭଳି ପରିସ୍ଥିତି ପ୍ରତି ଜିଲ୍ଲା ପ୍ରଶାସନ କଡ଼ା ପଦକ୍ଷେପ ଗ୍ରହଣ କରିବା ପରିବର୍ତ୍ତେ ଆଖି ବୁଜିଦେଉଛି।

**• ହାତବାନ୍ଧି ବସିଛି ପୁଲିସ ଓ ପୌର ପ୍ରଶାସନ**
**• ସୃଷ୍ଟି ହେଉଛି ସାଂଘାତିକ ଟ୍ରାଫିକ ସମସ୍ୟା**
**• ରାଜରାସ୍ତା ଉପରେ ଚାଲୁଛି କାରବାର**
**• ମାସିକ ଚାନ୍ଦା ନେଇ କର୍ମଚାରୀ ଚୁପ୍**

ନୟାଗଡ଼ ପୌର ପ୍ରଶାସନ ପକ୍ଷରୁ କିଛିମାସ ତଳେ ଖାଓଗଳି ନିର୍ମାଣ ପାଇଁ ଯୋଜନା ପ୍ରସ୍ତୁତ କରାଯାଇଥିଲା। ନୟାଗଡ଼ ଦେବୋତ୍ତର କଲୋନୀ ୫ମ ଗଳିରେ ଥିବା ଏକ ପଡ଼ିଆକୁ ଖାଓଗଳି କରିବାକୁ ପ୍ରସ୍ତାବ ରହିଥିଲା। ଉକ୍ତ ସ୍ଥାନରେ ସମସ୍ତ ଷ୍ଟ୍ରିଟ୍‌ଫୁଡ୍ ବ୍ୟବସାୟୀଙ୍କୁ ସ୍ଥାନ ଦିଆଯିବାକୁ ଯୋଜନା ରହିଥିଲା। ଜିଲ୍ଲା ଓ ପୌର ପ୍ରଶାସନର ବରିଷ୍ଠ ଅଧିକାରୀ ଉକ୍ତ ସ୍ଥାନ ଚୟନ କରିଥିଲେ। ତେବେ ଏହି ଯୋଜନା କେବଳ ପରିକଳ୍ପନାରେ ଭିତରେ ରହିଥିବା ବେଳେ ନୟାଗଡ଼ର ରାଜରାସ୍ତା ଏବେ ଉଠାଦୋକାନୀଙ୍କ କବ୍‌ଜାକୁ ଚାଲିଯାଇଛି। ନାରାୟଣୀ ପାର୍କ ନିକଟରେ ବସଷ୍ଟାଣ୍ଡ ନିର୍ମାଣ ପାଇଁ ସମସ୍ତ ଫଳ ବ୍ୟବସାୟୀଙ୍କୁ ଉଠାଯାଇଥିବା ବେଳେ ପୁର୍ନବାର ତାହା ଦଖଲକୁ ଆସିଥିବା ଦେଖିବାକୁ ମିଳିଛି। ସେହିଭଳି ନୟାଗଡ଼ ସହରରେ ମାଛ, ମାଂସ ବ୍ୟବସାୟ ବନ୍ଦ କରାଯାଇଥିବା ବେଳେ ସହର ସାରା ଆମିଷ ପସରା ଲୋକଙ୍କୁ ଅତିଷ୍ଠ କରୁଛି। ନୟାଗଡ଼ ଲେମ୍ବୁଛକରୁ ଓଡ଼ଗାଁ ଛକ ମଧ୍ୟରେ ପନିପରିବା ଗୋଦାମ ସବୁ ସ୍ଥାନାନ୍ତର କରାଯାଇଥିବା ବେଳେ ମାଳ ମାଳ ପରିବା ଦୋକାନ ରାସ୍ତା ଉପରକୁ ମାଡ଼ି ଆସୁଛନ୍ତି। ନୟାଗଡ଼ କଲେଜ ଗଡ଼ାନ୍ତି ରାସ୍ତାକୁ ମଧ୍ୟ ଜବରଦଖଲ କରି ଉଠାଦୋକାନ ପଡ଼ିବା ଦ୍ୱାରା ବ୍ୟାପକ ସମସ୍ୟା ସୃଷ୍ଟି ହେଉଛି। ପୌର ପ୍ରଶାସନ ଭେଣ୍ଡିଂ ଜୋନ୍ କରିବାକୁ ବହୁବର୍ଷ ତଳୁ କରିଥିବା ଯୋଜନା ଯୋଜନାରେ ହିଁ ରହିଯାଇଛି। ରାଜ୍ୟ ରାଜଧାନୀରୁ ପଶ୍ଚିମ ଓଡ଼ିଶାକୁ ସଂଯୋଗ କରୁଥିବା ନୟାଗଡ଼ ସହରର ଏଭଳି ବିଚିତ୍ର ପରିସ୍ଥିତିକୁ ଦେଖି ଅନ୍ୟ ଜିଲ୍ଲା ତଥା ସହରବାସୀଙ୍କ ମନରେ କେଉଁଭଳି ଭାବନା ସୃଷ୍ଟି ହେଉଥିବା ତାକୁ ନେଇ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି। ପୌର ପ୍ରଶାସନର ଅବହେଳା ଓ ଜିଲ୍ଲା ପ୍ରଶାସନର ଆନ୍ତରିକ ଅଭାବରୁ ଲଜ୍ଜାଜନକ ପରିସ୍ଥିତି ସୃଷ୍ଟି ହେଉଛି। ଅନ୍ୟପକ୍ଷେ, ସହରରେ ସୃଷ୍ଟି ହେଉଥିବା ଉକ୍ରଟ ଟ୍ରାଫିକ ସମସ୍ୟା ପ୍ରତି ପୁଲିସ ପ୍ରଶାସନ ଆଖି ବୁଜିଦେବା ନିନ୍ଦନୀୟ ବୋଲି ମତ ପ୍ରକାଶ ପାଇଛି। ଏନେଇ ପୌର ନିର୍ବାହୀ ଅଧିକାରୀ ସ୍ନେହଲତା ଆଚାର୍ଯ୍ୟଙ୍କ ମତାମତ ନେବାରେ, ଖୁବଶୀଘ୍ର ଉଠାଦୋକାନ ହଟାଯିବ ବୋଲି କହିଛନ୍ତି। ଦେବୋତ୍ତର କଲୋନୀ ୫ମ ଗଳିରେ ସମସ୍ତ ଷ୍ଟ୍ରିଟ୍‌ଫୁଡ୍ ବ୍ୟବସାୟୀଙ୍କୁ ବସାଯିବାକୁ ଯୋଜନା କରାଯାଇଥିବା ସେ ସୂଚନା ଦେଇଛନ୍ତି।

## ଓଡ଼ଗାଁର ବିଭିନ୍ନ ସ୍ଥାନରେ ଜୁଆ ଆସର

**• ସ୍ଥାନ ବଦଳାଇ ପୁଲିସକୁ ଦେଉଛନ୍ତି ଚକ୍‌ମା**

ଓଡ଼ଗାଁ,୨୭ ।୬(ସମିସ): ଓଡ଼ଗାଁ ଥାନା ଅଞ୍ଚଳର ପ୍ରାୟ ୧୦ ସ୍ଥାନରେ ନିୟମିତ ଭାବେ ବେଆଇନ ଜୁଆ ଆସର ଚାଲୁଥିବା ଅଭିଯୋଗ ଉଠିଛି। ପୁଲିସକୁ ଚକମା ଦେବା ପାଇଁ ଆୟୋଜକମାନେ ପ୍ରତିଦିନ ସ୍ଥାନ ପରିବର୍ତ୍ତନ କରୁଥିବା କୁହାଯାଉଛି। ସାକେରୀ ଦିଅଁକୁଣ୍ଡ, ଗୋଡ଼ିପାଟଣା ନିମେଶ୍ୱର, ଦୁତୀକେଶ୍ୱର, ରବିଗାଡ଼ିଆ, ସାନବାଙ୍କତରା, ପାଇକବାଙ୍କତରା, କଇଠପଲ୍ଲୀ, ଓହଙ୍ଗୀ, ଢୋଲମସ୍କା, ଭାଟସାହି ଓ ହାତୀଆଶିଳା ଆଦି ସ୍ଥାନରେ ଜନବସତିଠାରୁ କିଛି ଦୂର ନିର୍ଜନ ତଥା ଜଙ୍ଗଲିଆ ସ୍ଥାନରେ ଏହି ଜୁଆ ଆସର ବସୁଥିବା ଅଭିଯୋଗ ରହିଛି। ଅଭିଯୋଗ ଅନୁଯାୟୀ, ଗଞ୍ଜାମ ଜିଲ୍ଲା ଭଞ୍ଜନଗର, ବେଲଗୁଣ୍ଠା ଓ ବୁଗୁଡ଼ା ସମେତ ନୟାଗଡ଼, ଇଟାମାଟି, ଦଶପଲ୍ଲା ଓ ଶରଣକୁଳ ଅଞ୍ଚଳରୁ ବହୁ ସଂଖ୍ୟକ ଜୁଆ ଖେଳାଳି ଦାମୀ ଚାରିଚକିଆ ଓ ବାଇକରେ ଆସି ଖେଳରେ ସାମିଲ ହେଉଛନ୍ତି। ସେମାନେ ରାସ୍ତାକଡ଼ରେ ଗାଡ଼ି ରଖି ଜୁଆ ଆଡ୍ଡାକୁ ଯାଉଥିବା ସାଧାରଣରେ ଅଭିଯୋଗ ରହିଛି। ସୂଚନା ଅନୁସାରେ, ପ୍ରତିଦିନ ପ୍ରାୟ ୨୦ ଲକ୍ଷରୁ ଊର୍ଦ୍ଧ୍ୱ ଟଙ୍କାର କାରବାର ହେଉଥିବା ଆଲୋଚନା ହେଉଛି। ଖେଳାଳିମାନେ ଜିତିବା-ହାରିବାର ସମ୍ମୁଖୀନ ହେଉଥିଲେ ମଧ୍ୟ ଆୟୋଜକମାନେ ମାଲାମାଲ ହେଉଥିବା ଅଭିଯୋଗ ରହିଛି। ଏପରିକି ଆୟୋଜକମାନେ ଏଥିପାଇଁ ପୁଲିସକୁ ଟଙ୍କା ଦିଆଯାଉଥିବା କହି ଖେଳାଳିଙ୍କଠାରୁ ଅର୍ଥ ଆଦାୟ କରୁଥିବା ଚର୍ଚ୍ଚା ହେଉଛି। ସ୍ଥାନୀୟ ବୁଦ୍ଧିଜୀବୀଙ୍କ ମତରେ, ସମାଜରେ ଭଦ୍ରଲୋକର ପରିଚୟ ଦେଇ ଏଭଳି ବେଆଇନ କାର୍ଯ୍ୟକଳାପରେ ଜଡ଼ିତ ବ୍ୟକ୍ତିଙ୍କ ବିରୋଧରେ କଠୋର କାର୍ଯ୍ୟାନୁଷ୍ଠାନ ନିଆଯିବା ଦରକାର। ସାମାଜିକ ମୂଲ୍ୟବୋଧର ମର୍ଯ୍ୟାଦା ରକ୍ଷା ନିମନ୍ତେ ଅଭିଯୋଗର ନିରପେକ୍ଷ ତଦନ୍ତ କରି ଦୋଷୀଙ୍କ ବିରୋଧରେ ଦୃଢ଼ ଆଇନଗତ କାର୍ଯ୍ୟାନୁଷ୍ଠାନ ନେବାକୁ ସାଧାରଣରେ ଦାବି ହେଉଛି।

**ଶିଳ୍ପବିହୀନ ନୟାଗଡ଼ ଜିଲ୍ଲାରେ ବାଉଁଶର ଅଭାବ ନାହିଁ**

# କେବେ ପ୍ରତିଷ୍ଠା ହେବ କାଗଜ କଳ

ନୟାଗଡ଼,୨୭ ।୬(ସମିସ): ଘଞ୍ଚ ଜଙ୍ଗଲ ଓ ସବୁଜିମା ପରିବେଶ ପାଇଁ ପରିଚୟ ଲାଭ କରିଛି ନୟାଗଡ଼ ଜିଲ୍ଲା। ଜିଲ୍ଲାରେ ୩ ବନଖଣ୍ଡ କାର୍ଯ୍ୟ କରୁଛି। ରଣପୁର ବ୍ଲକର କିଛି ଅଞ୍ଚଳ ତଥା ରଣପୁର ବନାଞ୍ଚଳ ଖୋର୍ଦ୍ଧା ବନଖଣ୍ଡ ଅଧୀନରେ ଥିବା ବେଳେ ନୟାଗଡ଼ ବନଖଣ୍ଡ ଅଧୀନରେ ନୟାଗଡ଼, ଓଡ଼ଗାଁ ପଞ୍ଚରିଡ଼ା, ମହୀପୁର, ଗଣିଆ, ଦଶପଲ୍ଲା ଓ ଖଣ୍ଡପଡ଼ା ବନାଞ୍ଚଳ ରହିଛି। ମହାନଦୀ ବନ୍ୟପ୍ରାଣୀ ବନଖଣ୍ଡ ଅଧୀନରେ ଜିଲ୍ଲାର ବାଣିଗୋଛା ପୂର୍ବ, ବାଣିଗୋଛା ପଶ୍ଚିମ ଓ ଛାମୁଣ୍ଡିଆ ବନ୍ୟପ୍ରାଣୀ ବନାଞ୍ଚଳ ରହିଛି। ଏହି ବନାଞ୍ଚଳ ମଧ୍ୟରେ ଭରପୂର ଘଞ୍ଚ ଜଙ୍ଗଲ ରହିଛି। ମୁଖ୍ୟତଃ ଜିଲ୍ଲାର ଜଙ୍ଗଲଗୁଡ଼ିକରେ ଉନ୍ନତମାନର ବାଉଁଶ ଉତ୍ପାଦିତ ହେଉଛି। ବାଉଁଶ ପାଇଁ ରାଜ୍ୟର ଅନ୍ୟ ଜିଲ୍ଲାଗୁଡ଼ିକ ନୟାଗଡ଼ ଉପରେ ନିର୍ଭର କରିଥାନ୍ତି। ଅନେକ ଜଙ୍ଗଲରେ ବାଉଁଶ ଆପେ ଆପେ ନଷ୍ଟ ହେଉଥିବା ଏବଂ ଜଙ୍ଗଲ ନିଆଁରେ ଧ୍ୱଂସ ପାଉଥିଲେ ମଧ୍ୟ ଏହାକୁ କଞ୍ଚାମାଲ ଭାବେ ବ୍ୟବହାର କରିବା ଉପରେ ଆଜିପର୍ଯ୍ୟନ୍ତ ଗୁରୁତ୍ୱ ଦିଆଯାଉନାହିଁ।

କିଛି ବ୍ୟବସାୟୀ ବାଉଁଶ ସଂଗ୍ରହ କରି କେବଳ ବେଙ୍ଗାଲୁରୁ ଧୂପକାଠି କମ୍ପାନୀକୁ ରପ୍ତାନୀ କରୁଥିବା ବେଳେ ତାହା ମାତ୍ର ଉତ୍ପାଦିତ ପରିମାଣର ୩ ପ୍ରତିଶତ ବୋଲି ଜଣାଯାଇଛି। ୯୦ ପ୍ରତିଶତ ବାଉଶଁ ଜଙ୍ଗଲ ମଧ୍ୟରେ ବଢ଼ି ସେହିଠାରେରେ ହିଁ ନଷ୍ଟ ହେଉଛି। ଜିଲ୍ଲାରେ ବହୁ ବର୍ଷ ତଳୁ ଏକ କାଗଜ ଶିଳ୍ପ ପ୍ରତିଷ୍ଠା ପାଇଁ ଦାବି ହେଇଆସୁଛି। ସିପିଆଇଏମ ନେତା ବିଶ୍ୱନାଥ ମହାପାତ୍ର, ଶରତ ବେହେରା ବାରମ୍ବାର ଏ ନେଇ ଦାବି ଉପସ୍ଥାପନ କରିଛନ୍ତି। କାଗଜ ଶିଳ୍ପ ପ୍ରତିଷ୍ଠା ହୋଇପାରିଲେ ଏହାର କଞ୍ଚାମାଲର ସଦୁପଯୋଗ ହେବା ସହ ଅନେକ ଯୁବକଙ୍କୁ ନିଯୁକ୍ତି ମିଳିପାରିବ ବୋଲି ଆଶା ରହିଛି। ରାଜ୍ୟରେ ଉନ୍ନତମାନର କାଗଜ ଶିଳ୍ପ ଅଭାବ ଯୋଗୁଁ ଅନେକ ଖବରକାଗଜ ଶିଳ୍ପ କାଗଜ ପାଇଁ ବିଦେଶ ଉପରେ ନିର୍ଭରଶୀଳ। କାଗଜର ମୂଲ୍ୟବୃଦ୍ଧି ପାଇଁ ଏବେ ବିଭିନ୍ନ କମ୍ପାନୀ ସଙ୍କଟଜନକ ସ୍ଥିତିରେ ପହଞ୍ଚିଥିବା ବେଳେ ଶିଳ୍ପ ପ୍ରତିଷ୍ଠା ଉପରେ ଗୁରୁତ୍ୱ ଦିଆଯାଉନାହିଁ। ନୟାଗଡ଼ ଜିଲ୍ଲା ଦଶପଲ୍ଲା ଅଞ୍ଚଳରେ ଏକ କାଗଜ ଶିଳ୍ପ ପ୍ରତିଷ୍ଠା କରାଯିବା ଆବଶ୍ୟକ ବୋଲି ବରିଷ୍ଠ ଶ୍ରମିକ ନେତା ବିଶ୍ୱନାଥ ମହାପାତ୍ର କହିଛନ୍ତି। ରାଜ୍ୟ ସରକାରଙ୍କ ପକ୍ଷରୁ ଏକ ସର୍ଭେ କରାଯାଇ ଏହା ଉପରେ ଯୋଜନା ପ୍ରସ୍ତୁତ କରାଯିବା ଆବଶ୍ୟକ ବୋଲି ଦଶପଲ୍ଲାର ଅଖିଳ ନାୟକ କହିଛନ୍ତି। ଶିଳ୍ପବିହୀନ ନୟାଗଡ଼ ଜିଲ୍ଲାରେ ଖଣିଖାଦାନ ବି ନ ଥିବା ବେଳେ ରବି ଋତୁରେ ମଧ୍ୟ ଜଳସେଚନ ସୁବିଧା ନାହିଁ। ଫଳରେ କେବଳ ଖରିଫ ଚାଷ କରି ବର୍ଷଯାକ ପାଇଁ ଖାଦ୍ୟ ସଂଗ୍ରହ ଚାଷୀଙ୍କ ପାଇଁ ବାଧ୍ୟତାମୂଳକ ହୋଇଛି। ଜିଲ୍ଲାରେ କାଗଜ ଶିଳ୍ପ ପ୍ରତିଷ୍ଠା ଉପରେ ତୁରନ୍ତ ପଦକ୍ଷେପ ନିଆଯିବା ଆବଶ୍ୟକ ବୋଲି ମତ ପ୍ରକାଶ ପାଇଛି।

**ମାଳ ମାଳ ରୁଟି ଦୋକାନ**

# ମିଶୁଛି ମଇଦା, ହେଉନି ଯାଞ୍ଚ



ନୟାଗଡ଼,୨୭ ।୬(ସମିସ): ନୟାଗଡ଼ ସହରରେ ଖୋଲିଛି ୧୦ରୁ ଊର୍ଦ୍ଧ୍ୱ ରୁଟି ଦୋକାନ। ଏହି ଦୋକାନଗୁଡ଼ିକର ନା ଅଛି ଫୁଡ୍ ଲାଇସେନ୍ସ ନା ଏମାନେ ଜିଏସଟି ରେଜିଷ୍ଟ୍ରେସନ କରିଛନ୍ତି। ନିମ୍ନମାନର ରୁଟି ପ୍ରସ୍ତୁତ କରି ଲୋକଙ୍କ ଆୟୁଷ ହାନି କରୁଥିବା ଅଭିଯୋଗ ହୋଇଛି। ସହରରେ ଖୋଲିଥିବା ରୁଟି ଦୋକାନଗୁଡ଼ିକ ଉପରେ ଆଜିପର୍ଯ୍ୟନ୍ତ ଖାଦ୍ୟ ନିରାପତ୍ତା ଅଧିକାରୀଙ୍କ ନଜର ପଡୁନାହିଁ। ୨ ଟଙ୍କାରେ ରୁଟି ନାଁରେ ଏମାନେ ବିଷ ବିକ୍ରି କରୁଥିବା ଅଭିଯୋଗ ହେଉଛି।

ସହରର ବିଭିନ୍ନ ସ୍ଥାନରେ ଥିବା ରୁଟି ଦୋକାନଗୁଡ଼ିକରୁ ସହରବାସୀ ପ୍ରତ୍ୟେକ ଦିନ ରୁଟି କିଣି ଖାଉଛନ୍ତି। ଅନେକ ବ୍ୟସ୍ତବହୁଳ ପରିବାର ଏହାକୁ ନିୟମିତ କରିଛନ୍ତି। ଘରେ ରୁଟି ପ୍ରସ୍ତୁତ କରିବା ପାଇଁ ସମୟ ନ ଥିବାରୁ ଅନେକ ପରିବାର କିଣି ଖାଉଛନ୍ତି। ସହରରେ ଥିବା ଅନେକ ଶିକ୍ଷାନୁଷ୍ଠାନ ହଷ୍ଟେଲକୁ ମଧ୍ୟ ଏହି ରୁଟି ଯୋଗାଣ ହେଉଛି। ଭୋଜିଭାତ ପାଇଁ ଆବଶ୍ୟକ ରୁଟି ମଧ୍ୟ ବଜାରରୁ କିଣାଯାଉଛି। ମେସିନ ସାହାଯ୍ୟରେ ପ୍ରସ୍ତୁତ ହେଉଥିବା ପତଳା ରୁଟି ଖାଇବାକୁ ଭଲ ଲାଗୁଛି ସିନା, କିନ୍ତୁ ଏହା ପଛରେ ରହିଥିବା କେଳେଙ୍କାରୀକୁ କେହି ଦୃଷ୍ଟି ଦେଉନାହାନ୍ତି। ଏପରିକି ଖାଦ୍ୟ ସୁରକ୍ଷା ପ୍ରମାଣପତ୍ର ଦୋକାନୀଙ୍କୁ ମିଳିଛି ନା ନାହିଁ ତାହା କେହି ଯାଞ୍ଚ କରୁନାହାନ୍ତି। ଖାଦ୍ୟ ସୁରକ୍ଷା ଅଧିକାରୀ ମଧ୍ୟ କୌଣସି ରୁଟି ଦୋକାନରେ କେବେ ଚଢ଼ଉ କରି ଯାଞ୍ଚ କରିବାର ନଜିର ନାହିଁ। ଯାହାକୁ ସୁବର୍ଣ୍ଣ ସୁଯୋଗ ଭାବି ଅସାଧୁ ବ୍ୟବସାୟୀମାନେ ଲୋକଙ୍କୁ ରୁଟି ନାଁରେ ବିଷ ଦେଉଛନ୍ତି।

**ଖାଦ୍ୟ ନିରାପତ୍ତା ବିଭାଗ ଚୁପ୍**

ରୁଟି ସାଧାରଣ ଭାବେ ଅଟାରେ ପ୍ରସ୍ତୁତ କରାଯାଏ। କିନ୍ତୁ ନୟାଗଡ଼ ସହରରେ ଥିବା ରୁଟି ଦୋକାନଗୁଡ଼ିକ ଅଟା ସହ ମଇଦା ଏବଂ ଏହାକୁ ଅଧିକ ନରମ କରିବାକୁ କିଛି ଅଖାଦ୍ୟ ମିଶାଉଥିବା ଅଭିଯୋଗ ହୋଇଛି। ଫଳରେ ରୁଟିଗୁଡ଼ିକ ଥଣ୍ଡା ହୋଇଯିବା ପରେ ଚୋବାଇବା କଷ୍ଟକର ହୋଇପଡୁଛି। ମଇଦା ଖାଇବାକୁ ସ୍ୱାସ୍ଥ୍ୟ ବିଶେଷଜ୍ଞମାନେ ବାରଣ କରୁଥିବା ବେଳେ ରୁଟି ଦୋକାନୀ ଏହାକୁ ବ୍ୟବହାର କରି ମଣିଷ ଜୀବନ ସହ ଖେଳ ଖେଳିବା ଭଳି ପରିସ୍ଥିତି ସୃଷ୍ଟି କରିଛନ୍ତି। ସହରର ବିଭିନ୍ନ ସ୍ଥାନରେ ଖୋଲିଥିବା ଏହି ରୁଟି ଦୋକାନଗୁଡ଼ିକ ମଧ୍ୟରୁ ଅନେକ ବେଆଇନ ଭାବେ ସ୍ଥାପନ କରାଯାଇଛି। ଏଥିପାଇଁ ସରକାରୀ ଅନୁମତି ମିଳିଛି କି ନାହିଁ ତାକୁ ନେଇ ସନ୍ଦେହ ସୃଷ୍ଟି ହେଉଛି। ନୟାଗଡ଼ ପୌର ପରିଷଦ ଏବଂ ଖାଦ୍ୟ ନିରାପତ୍ତା ଅଧିକାରୀ ଏହା ଉପରେ ଦୃଷ୍ଟି ଦେବାକୁ ଦାବି ହେଉଛି। ରୁଟି ଦୋକାନଗୁଡ଼ିକ ଉପରେ ଚଢ଼ଉ କରାଯାଇ ଏହାର ମାନ, ଅନୁମତିପତ୍ର ଏବଂ ଖାଦ୍ୟ ନିରାପତ୍ତା ପ୍ରମାଣପତ୍ର ରହିଛି ନା ନାହିଁ, ଯାଞ୍ଚ କରାଯିବା ଆବଶ୍ୟକ ବୋଲି ମତ ପ୍ରକାଶ ପାଇଛି।

## ରାଜନୀତି ମଇଦାନକୁ ଓହ୍ଲାଇଲେ ତାପସ



ନୟାଗଡ଼,୨୭ ।୬(ସମିସ): ନୟାଗଡ଼ ସହରର ପ୍ରତିଷ୍ଠିତ ବ୍ୟବସାୟୀ ତାପସ କୁମାର ପାଢ଼ୀ (ଦିପୁ) ବିଧିବଦ୍ଧ ଭାବେ ରାଜନୀତି ମଇଦାନକୁ ଓହ୍ଲାଇଛନ୍ତି। ଆଗାମୀ ପୌର ନିର୍ବାଚନରେ ସେ ଅଧ୍ୟକ୍ଷ ଭାବେ ନିର୍ବାଚନ ଲଢ଼ିବାକୁ ସଜବାଜ ହେଉଛନ୍ତି। ଏଥିପାଇଁ ସେ ବିଜେପିରେ ମିଶିଛନ୍ତି। ନୟାଗଡ଼ ସହର ଲକ୍ଷ୍ମଣ ନଗର ବାସିନ୍ଦା ପାଢ଼ୀ ସମାଜସେବା କରିବା ସହ ଯୁବପିଢ଼ିଙ୍କ ମଧ୍ୟରେ ଲୋକପ୍ରିୟ ଅଟନ୍ତି। ଆଗାମୀ ପୌର ନିର୍ବାଚନରେ ସେ ପ୍ରାର୍ଥୀ ହେବାକୁ ଆଗ୍ରହୀ ଥିବା କହିଛନ୍ତି। ବିଜେପି ନେତ୍ରୀ ପ୍ରତ୍ୟୁଷା ରାଜେଶ୍ୱରୀ ସିଂଙ୍କ ଉପସ୍ଥିତିରେ ସେ ବିଜେପିରେ ମିଶିଥିବା ବେଳେ ସଂଗଠନ କାର୍ଯ୍ୟ ଆରମ୍ଭ କରିଥିବା ସୂଚନା ଦେଇଛନ୍ତି।

**• ସରକାରଙ୍କ ଧୂଆଁବାଣ**

## କାମରେ ଆସୁନି ଆୟୁଷ୍ମାନ ଆରୋଗ୍ୟ ମନ୍ଦିର

କଣ୍ଟିଲୋ,୨୭ ।୬(ସମିସ): କଣ୍ଟିଲୋ ପଞ୍ଚାୟତ ପାଟଣା ଗ୍ରାମରେ ଏକ ଆୟୁଷ୍ମାନ ଆରୋଗ୍ୟ କେନ୍ଦ୍ର ନିର୍ମାଣ ହୋଇଥିଲେ ହେଁ ନିର୍ମାଣ ପରଠୁ ସେଥିରେ ତାଲା ଝୁଲୁଛି।



ଗ୍ରାମାଞ୍ଚଳରେ ସ୍ୱାସ୍ଥ୍ୟସେବା ଯୋଗାଇଦେବା ଲକ୍ଷ୍ୟରେ ସରକାର ପ୍ରତି ପଞ୍ଚାୟତରେ ଆୟୁଷ୍ମାନ ଆରୋଗ୍ୟ କେନ୍ଦ୍ର ନିର୍ମାଣ କରିଥିଲେ। ଉକ୍ତ କେନ୍ଦ୍ରରେ ଟିକାକରଣ କାର୍ଯ୍ୟକ୍ରମ ସହ ପ୍ରାଥମିକ ଚିକିତ୍ସା ତଥା ଜ୍ୱର, ଝାଡ଼ା, ଆଦି ପାଇଁ ଔଷଧ ଉପଲବ୍ଧ ହେବା ସହ କେନ୍ଦ୍ରରେ ସ୍ୱାସ୍ଥ୍ୟ ସମ୍ପର୍କିତ ସଚେତନତା କାର୍ଯ୍ୟକ୍ରମ ଆୟୋଜିତ ହେବା ନିମିତ୍ତ ନିର୍ମାଣ ହୋଇଛି। ଏଥିପାଇଁ ତାଲିମପ୍ରାପ୍ତ ଗୋଷ୍ଠୀ ସ୍ୱାସ୍ଥ୍ୟ ଅଧିକାରୀ ନିୟୋଜିତ ହେବେ। ତେବେ ପାଟଣା ଆରୋଗ୍ୟ କେନ୍ଦ୍ର ନିର୍ମାଣ ଶେଷ ହୋଇଥିଲେ ମଧ୍ୟ ଏହା କାର୍ଯ୍ୟକ୍ଷମ ହୋଇ ନ ଥିବାରୁ ସ୍ଥାନୀୟ ଜନସାଧାରଣ ପ୍ରାଥମିକ ଚିକିତ୍ସାରୁ ବଞ୍ଚିତ ହେଉଥିବା ଅଭିଯୋଗ କରିଛନ୍ତି। ଏ ସମ୍ପର୍କରେ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଅଧିକାରୀ ଅଭିସାର ପଣ୍ଡାଙ୍କ ପ୍ରତିକ୍ରିୟା ନେବାରେ କହିଛନ୍ତି, ଉକ୍ତ ଆରୋଗ୍ୟ କେନ୍ଦ୍ର ବ୍ୟବହାର ଉପଯୋଗୀ ହୋଇନାହିଁ। ପାନୀୟ ଜଳ ପାଇଁ ବୋରିଂ ହୋଇନାହିଁ। ଏହାଛଡ଼ା କୋଠା ନିର୍ମାଣରେ ଅନେକ ତ୍ରୁଟି ରହିଛି ଓ ଏହା ହସ୍ତାନ୍ତର ହୋଇନାହିଁ। ଏ ସମ୍ପର୍କରେ ନିର୍ମାଣକାରୀ ସଂସ୍ଥା ଗ୍ରାମ୍ୟ ଉନ୍ନୟନ ବିଭାଗକୁ ଅବଗତ କରାଯାଇଛି ବୋଲି ସେ କହିଛନ୍ତି। ତୁରନ୍ତ ଆୟୁଷ୍ମାନ ଆରୋଗ୍ୟ କେନ୍ଦ୍ର କାର୍ଯ୍ୟକ୍ଷମ କରିବାକୁ ଦାବି ହେଉଛି।

## ରାଜସୁନାଖଳା ଫାଣ୍ଡିରେ ନୂତନ ଅଧିକାରୀ



ରଣପୁର,୨୭ ।୬(ସମିସ): ରଣପୁର ଥାନା ଅଧୀନ ରାଜସୁନାଖଳା ଫାଣ୍ଡି ଅଧିକାରୀ ରମେଶ ଚନ୍ଦ୍ର ଜେନାଙ୍କୁ ନୟାଗଡ଼ ଏସ୍‌ପି ଅଚାନକ ଜିଲ୍ଲା ପୁଲିସ କାର୍ଯ୍ୟାଳୟ (ଡିପିଓ)କୁ ବଦଳି କରିଥିବା ବେଳେ ନୂତନ ଫାଣ୍ଡି ଅଧିକାରୀ ଭାବେ ସ୍ୱାଗତ କୁମାର ଦାସ ଦାୟିତ୍ୱ ଗ୍ରହଣ କରିଛନ୍ତି। ସେ ପୂର୍ବରୁ କଣ୍ଟିଲୋ ଫାଣ୍ଡିରେ ଏସଆଇ ଭାବେ କାର୍ଯ୍ୟ କରୁଥିଲେ। ରାଜସୁନାଖଳା ଫାଣ୍ଡି ଅଞ୍ଚଳରେ ଆଇନଶୃଙ୍ଖଳା ପରିସ୍ଥିତି ଉପରେ ସ୍ୱତନ୍ତ୍ର ଦୃଷ୍ଟି ଦିଆଯିବା ସହ ଟ୍ରାଫିକ ସମସ୍ୟାକୁ ଗୁରୁତ୍ୱ ଦେବେ ବୋଲି ଏହି ଅବସରରେ ଦାସ ପ୍ରକାଶ କରିଛନ୍ତି। ଏହା ସହ ନିଶାଦ୍ରବ୍ୟ କାରବାର ଓ ଅସାମାଜିକ ବ୍ୟକ୍ତିଙ୍କ ଉପରେ କଡ଼ା ନଜର ରଖାଯିବା ସହ ପାଟ୍ରୋଲିଂ କଡ଼ାକଡ଼ି କରାଯିବ ବୋଲି ସେ ପ୍ରତିଶ୍ରୁତି ଦେଇଛନ୍ତି।

## ସମସ୍ୟା ଘେରରେ କାଳିଆମ୍ବା ପ୍ରାଥମିକ ବିଦ୍ୟାଳୟ

ନୂଆଗାଁ,୨୭ ।୬(ସମିସ): ନୂଆଗାଁ ବ୍ଲକ ବାହାଡ଼ଝୋଲା ପଞ୍ଚାୟତ କାଳିଆମ୍ବା ପ୍ରାଥମିକ ବିଦ୍ୟାଳୟ ନାନା ସମସ୍ୟା ମଧ୍ୟରେ ଗତି କରୁଛି। ବିଦ୍ୟାଳୟରେ ଶିକ୍ଷା ବ୍ୟବସ୍ଥା ବିପର୍ଯ୍ୟସ୍ତ ହୋଇଥିବା ବେଳେ ସ୍ଥାନୀୟ ବାସିନ୍ଦା ଏ ନେଇ ବାରମ୍ବାର ଅଭିଯୋଗ କରୁଥିଲେ ମଧ୍ୟ କେହି କର୍ଣ୍ଣପାତ କରୁ ନ ଥିବା ଅଭିଯୋଗ ହେଉଛି। ୨୦୦୮ ନଭେମ୍ବର ୧୧ରେ ପ୍ରତିଷ୍ଠା ହୋଇଥିବା ଏହି ବିଦ୍ୟାଳୟରେ ପ୍ରଥମରୁ ପଞ୍ଚମ ଶ୍ରେଣୀ ପର୍ଯ୍ୟନ୍ତ ରହିଛି। ଏବେ ଏହି ବିଦ୍ୟାଳୟରେ ୧୯ ଛାତ୍ରଛାତ୍ରୀ ପାଠ ପଢୁଛନ୍ତି। ଶିକ୍ଷାଦାନ ପାଇଁ ଦୁଇ ଶିକ୍ଷକ ରହିଥିବା ବେଳେ ମୌଳିକ ସୁବିଧାରୁ ଛାତ୍ରଛାତ୍ରୀ ବଞ୍ଚିତ ହୋଇଛନ୍ତି। ଆଜିପର୍ଯ୍ୟନ୍ତ ବିଦ୍ୟାଳୟରେ ବିଦ୍ୟୁତ୍ ସଂଯୋଗ ହୋଇ ନ ଥିବାରୁ ଅସହ୍ୟ ଗରମ ଓ

**ନାହିଁ ବିଦ୍ୟୁତ୍ ବ୍ୟବସ୍ଥା, ପାନୀୟ ଜଳ ପାଇଁ ହନ୍ତସନ୍ତ**



ଗୁଳୁଗୁଳିରେ ଛାତ୍ରଛାତ୍ରୀ କଳବଳ ହେଉଛନ୍ତି। ବିଦ୍ୟାଳୟରେ ପାନୀୟ ଜଳ ସୁବିଧା ନାହିଁ। ଦୀର୍ଘ ୧୮ ବର୍ଷର ଏହି ବିଦ୍ୟାଳୟରେ ଆଜିପର୍ଯ୍ୟନ୍ତ ବିଦ୍ୟୁତ୍ ସଂଯୋଜ ହୋଇ ନ ପାରିବା ନେଇ ସ୍ଥାନୀୟ ସିଆର୍‌ସିସିଙ୍କ ପ୍ରତିକ୍ରିୟା ନେବାରେ, ଖୁବଶୀଘ୍ର ବିଦ୍ୟୁତ୍ ସଂଯୋଗ ବ୍ୟବସ୍ଥା କରାଯିବ ବୋଲି କହିଛନ୍ତି।

## ପାଣିଷଣ୍ଢ ପୀଠରେ ତ୍ରିଦିବସୀୟ ରାମତାରକ ଯଜ୍ଞ

ଓଡ଼ଗାଁ,୨୭ ।୬(ସମିସ): ଓଡ଼ଗାଁ ବ୍ଲକ କୁରାଳ ପଞ୍ଚାୟତ ଦଣ୍ଡୋର ଗ୍ରାମସ୍ଥିତ ପାଣିଷଣ୍ଢ ଠାକୁରାଣୀଙ୍କ ପୀଠରେ ଶନିବାର ତିନିଦିନିଆ ରାମତାରକ ଯଜ୍ଞ ଶୁଭାରମ୍ଭ ହୋଇଛି। ଶୁକ୍ରବାର ଅଙ୍କୁରାରୋପଣ ସହ ଯଜ୍ଞର ପ୍ରାରମ୍ଭିକ କାର୍ଯ୍ୟ ସମ୍ପନ୍ନ ହୋଇଥିବା ବେଳେ ଶନିବାର ସକାଳେ ଆନୁଷ୍ଠାନିକ ଭାବେ ଯଜ୍ଞାରମ୍ଭ ହୋଇଛି। ଗ୍ରାମର ସନ୍ନ୍ୟାସୀ ମିଶ୍ର କର୍ତ୍ତା ଭାବେ ସମସ୍ତ ବୈଦିକ କର୍ମକାଣ୍ଡୀ ବ୍ରାହ୍ମଣଙ୍କୁ ବରଣ କରିଥିଲେ। ପରେ ଜଳଯାତ୍ରା, କଳସ ସ୍ଥାପନ, ସୂର୍ଯ୍ୟପୂଜା, ପୀଠପୂଜା, ରୁଦ୍ରାଭିଷେକ, ଚଣ୍ଡିପାଠ ସମେତ ବିଭିନ୍ନ ନୀତିକାନ୍ତି ସମ୍ପନ୍ନ ହୋଇଥିଲା। ଶେଷରେ ରାମତାରକ ମନ୍ତ୍ରୋଚ୍ଚାରଣ ମଧ୍ୟରେ ଯଜ୍ଞକୁଣ୍ଡରେ ଆହୁତି ପ୍ରଦାନ କରାଯାଇଥିଲା। ଯଜ୍ଞରେ ପଣ୍ଡିତ ସନ୍ତୋଷ କୁମାର ତ୍ରିପାଠୀ ଆଚାର୍ଯ୍ୟ, ତୋଫାନ ତ୍ରିପାଠୀ ପୁସ୍ତକାଚାର୍ଯ୍ୟ, ଲଳିତ ମୋହନ ତ୍ରିପାଠୀ ବ୍ରହ୍ମା, ପଣ୍ଡିତ ଲଡୁକିଶୋର ରଥ ଅଭିଷେକ ଏବଂ ପଣ୍ଡିତ ଜଳନ୍ଧର ରଥ ଚଣ୍ଡିପାଠ ଦାୟିତ୍ୱ ନିର୍ବାହ କରିଥିଲେ। ହେମନ୍ତ ହୋତା, ଜଗନ୍ନାଥ ମିଶ୍ର, ଅନନ୍ତ ଆଚାର୍ଯ୍ୟ, ଅରୁଣ ତ୍ରିପାଠୀ, ଦୀନମଣି ଆଚାର୍ଯ୍ୟ ଓ ନାରାୟଣ ଷଡ଼ଙ୍ଗୀ ପ୍ରମୁଖ ବୈଦିକ ବିଧିବିଧାନ ସମ୍ପାଦନ କରିଥିଲେ। ଅପରାହ୍ନରେ ନୟାଗଡ଼ ବିଧାୟକ ଡ. ଅରୁଣ କୁମାର ସାହୁ ଯଜ୍ଞସ୍ଥଳକୁ ଯାଇ ଆଶୀର୍ବାଦ ଭିକ୍ଷା କରିଥିଲେ। ସନ୍ଧ୍ୟାରେ ଦଣ୍ଡୋର ଗ୍ରାମର ବିଭିନ୍ନ କ୍ଲବର ମିଳିତ ଆୟୋଜନରେ ନୃତ୍ୟ ଓ ସଙ୍ଗୀତ ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା। ସ୍ଥାନୀୟ ଅଞ୍ଚଳର



ବିଭିନ୍ନ ବିଦ୍ୟାଳୟ ସହ ମଶାବାରୀ ଗାୟତ୍ରୀ ବିଦ୍ୟାମନ୍ଦିର ଛାତ୍ରଛାତ୍ରୀ ଉଚ୍ଚକୋଟୀର ନୃତ୍ୟ ଓ ସଙ୍ଗୀତ ପରିବେଷଣ କରି ପୁରସ୍କୃତ ହୋଇଥିଲେ। ଆସନ୍ତା ୨୯ ତାରିଖ ଅପରାହ୍ନରେ ଏହି ଯଜ୍ଞରେ ପୂର୍ଣ୍ଣାହୁତି ପ୍ରଦାନ କରାଯିବ ବୋଲି ଆୟୋଜକ କମିଟି ସୂତ୍ରରୁ ପ୍ରକାଶ।

# ଜିଲ୍ଲାରେ ଗଜା ମରୁଡ଼ି ପରିସ୍ଥିତି

ନୟାଗଡ଼,୨୭ ।୬(ସମିସ)

ନୟାଗଡ଼ ଜିଲ୍ଲାରେ ଗଜା ମରୁଡ଼ି ପରିସ୍ଥିତି ସୃଷ୍ଟି ହୋଇଛି। ବର୍ଷା ଅଭାବରୁ ଚାଷୀ ମୁଣ୍ଡରେ ପଡ଼ିଲାଣି ଚଡ଼କ। ଜିଲ୍ଲାରେ ଜୁନ ମାସରେ ସବୁଠାରୁ କମ ବର୍ଷା ଚାଷୀଙ୍କୁ ହତାଶ କରିଛି। ଚାଷୀମାନେ ବିହନ କିଣି ରଜ ପରେ ତଳି ପକାଇଥିଲେ। ଅନେକ ଚାଷୀ ବିଲରେ ଧାନ ବୁଣିଥିଲେ। ଅଳ୍ପ ବର୍ଷା ସତ୍ତ୍ୱେ ବିହନ ଗଜା ମଧ୍ୟ ହୋଇଥିଲା। ମାତ୍ର ସ୍ୱାଭାବିକ ବର୍ଷା ନ ହେବାରୁ ଏବେ ଗଜା ନଷ୍ଟ ହେବାକୁ ବସିଲାଣି। ଚାଷୀ ତରବରିଆ ଭାବେ ପୁଣି ବିହନ କିଣିବା ଆରମ୍ଭ କରିଛନ୍ତି। ନୟାଗଡ଼ ଏକ କୃଷିପ୍ରଧାନ ଜିଲ୍ଲା। ଜିଲ୍ଲାରେ ଧାନଚାଷ ପ୍ରଧାନ ହୋଇଥିବା ବେଳେ ଚଳିତ ବର୍ଷ ସୃଷ୍ଟି ହୋଇଥିବା ଏଲ୍‌ନିନୋ ପରିସ୍ଥିତିର ପ୍ରଭାବ ଏଠାରେ ବାରି ହେଉଛି। ଜିଲ୍ଲାରେ ଗତ ମେ ମାସରେ ହାରାହାରି ୧୦୩.୧ ମିଲିମିଟର ବର୍ଷା ହୋଇଥିଲା। ତେବେ ୨୦୨୫ ଜୁନରେ ଜିଲ୍ଲାରେ ୨୪୫.୩ ମିଲିମିଟର ବର୍ଷା ହୋଇଥିବା ବେଳେ ୨୦୨୬ ଏହି ମାସରେ ଯଥେଷ୍ଟ କମ୍ ବର୍ଷା ହୋଇଛି। ଜିଲ୍ଲାରେ ଜଳସେଚନ ସୁବିଧା ନ ଥିବାରୁ ଚାଷୀମାନେ କେବଳ ବର୍ଷା ଉପରେ ନିର୍ଭରଶୀଳ। ଏବେ ବର୍ଷାର ଲୁଚକାଳି ଖେଳ ଚାଷୀଙ୍କ ପାଇଁ କାଳ ହୋଇଛି। ଜିଲ୍ଲାରେ ଗଜା ମରୁଡ଼ି ନିଶ୍ଚିତ ହୋଇଥିବା ବେଳେ ଚାଷୀ ଆଚେରା ଉପାୟରେ ତଳି ପକାଇ ଚାଷ କାର୍ଯ୍ୟ ଆରମ୍ଭ କରିବାକୁ ସଜବାଜ ହେଉଛନ୍ତି। ଏଥିପାଇଁ ଚାଷୀମାନେ ପୁଣିଥରେ ବିହନ କିଣିବା ଆରମ୍ଭ କରିଛନ୍ତି।

## ଲୁଚିଗଲା ମୌସୁମୀ, ବର୍ଷାକୁ ଚାହିଁ ରହିଛି ଚାଷୀ

ଗଣିଆ,୨୭ ।୬(ସମିସ): ପାଣିପାଗ ବିଭାଗର ଅନୁମାନ ଭୁଲ୍ ପ୍ରମାଣିତ ହୋଇଛି। ଚଳିତବର୍ଷ ମୌସୁମୀ ଶୀଘ୍ର ଆସିବ ବୋଲି କୁହାଯାଉଥିବା ବେଳେ ଚାଷୀ ଜମିରେ ଧାନ ବୁଣିଥିଲେ। ତେବେ ଆବଶ୍ୟକ ମୁତାବକ ବର୍ଷା ନ ହେବାରୁ ଗଣିଆରେ ଗଜା ମରୁଡ଼ି ପରିସ୍ଥିତି ସୃଷ୍ଟି ହୋଇଛି। ଅନେକ ସ୍ଥାନରେ ଧାନ କ୍ଷେତ ଫାଟିଯାଇଥିବା ବେଳେ କେତେକ ସ୍ଥାନରେ ଧାନ ଗଛଗୁଡ଼ିକ ଶୁଖିଗଲାଣି। ଅନେକ ସ୍ଥାନରେ ଚାଷୀ ବିଲରେ ଧାନ ବୁଣିଥିଲେ ମଧ୍ୟ ବର୍ଷା ଅଭାବରୁ ଗଜା ହେଉ ନ ଥିବା ଅଭିଯୋଗ କରିଛନ୍ତି। ଡିପ ଓ ମଧ୍ୟମ କିସମ କ୍ଷେତରେ ଅନେକ ସମସ୍ୟା ଦେଖାଦେଇଛି। ଅନେକ ସ୍ଥାନରେ ତଳି ପକାଯାଇଥିବା ବେଳେ ବର୍ଷା ଅଭାବରୁ ଜମି କାଦୁଅ ହୋଇପାରୁନାହିଁ କି ତଳି ରୁଆ ହୋଇପାରୁନାହିଁ। ବ୍ଲକର ପ୍ରାୟ ୭୫ ପ୍ରତିଶତ ଲୋକ ଚାଷ ଉପରେ ନିର୍ଭର କରିଥାନ୍ତି। ବ୍ଲକ ଦେଇ ମହାନଦୀ ଏବଂ ବୃଢ଼ଙ୍ଗ ନଦୀ ପ୍ରବାହିତ ହେଉଥିଲେ ମଧ୍ୟ କୌଣସି ପଞ୍ଚାୟତରେ ଜଳସେଚନ ସୁବିଧା ନାହିଁ। ଚାଷୀମାନେ ବର୍ଷା ଉପରେ ନିର୍ଭର କରନ୍ତି। ଏ ବର୍ଷ ଆବଶ୍ୟକ ବର୍ଷା ହୋଇ ନ ଥିବାରୁ ଚାଷୀ ଚାତକ ଭଳି ଆକାଶକୁ ଚାହିଁ ରହିଛନ୍ତି। ଚାଷ ଆରମ୍ଭରୁ ମରୁଡ଼ି ଆଶଙ୍କାରେ ଚାଷୀ ହତାଶ ହୋଇପଡ଼ିଛନ୍ତି। କରଜ କରି ଧାନଚାଷ କରିଥିବା ଚାଷୀଙ୍କ ଉପରେ ଚଡ଼କ ପଡ଼ିଛି। ଆଉ କିଛିଦିନ ମଧ୍ୟରେ ବର୍ଷା ନ ହେଲେ ମରୁଡ଼ି ସୁନିଶ୍ଚିତ ବୋଲି କାଳିଆପଡ଼ାର ଚାଷୀ ପ୍ରମୋଦ କୁମାର ସେନାପତି କହିଛନ୍ତି।



# ପଙ୍କରେ ଲୋଟୁଛି ପରିବା ହାଟ



ଖୋର୍ଦ୍ଧା,୨୭।୬(ସମିସ):

ଗତ ୨୦୨୪ ମସିହାରେ ପୌରପରିଷଦ ପକ୍ଷରୁ ସହରର ବିଭିନ୍ନ ରାସ୍ତାକଡ଼ରେ ବ୍ୟବସାୟ କରୁଥିବା ପରିବା ଓ କ୍ୟାବିନ ବ୍ୟବସାୟୀ ମାନଙ୍କୁ ଉଚ୍ଛେଦ କରାଯାଇଥିଲା। ପରେ ସେମାନଙ୍କୁ ଟି.ଏଲ୍.ସି. ରୋଡ୍‌ସ୍ଥିତ ଶ୍ମଶାନ ନିକଟରେ ଏକ ନିର୍ଦ୍ଦିଷ୍ଟ ସ୍ଥାନରେ ଥଇଥାନ କରାଯାଇଥିଲା। ଆଉ ସେଠାରେ ଗଢି ଉଠିଥିଲା ପରିବା ହାଟ। ସେତେବେଳେ ବ୍ୟବସାୟୀମାନେ ଆଶା କରିଥିଲେ ଯେ ନୂତନ ସ୍ଥାନରେ ସେମାନଙ୍କ ପାଇଁ ପକ୍କା ଛାଉଣି, ଭଲ ରାସ୍ତା, ପାନୀୟ ଜଳ, ବିଦ୍ୟୁତ୍ ଓ ଜଳ ନିଷ୍କାସନ ଭଳି ମୌଳିକ ସୁବିଧା ଯୋଗାଇ ଦିଆଯିବ। ସମୟ ଗଡ଼ିବା ସହିତ ସେମାନଙ୍କ ସେହି ଆଶା ଆଶାରେ ହିଁ ରହିଗଲା।

ଖରା, ଶୀତ ଓ ବର୍ଷା ମଧ୍ୟରେ ଜରିପାଲ ଟାଣି ବ୍ୟବସାୟ ଚଳାଇ ଆସୁଛନ୍ତି ଶତାଧିକ ପରିବା ବ୍ୟବସାୟୀ। ପ୍ରତିଦିନ ଭୋରରୁ ବିଭିନ୍ନ ଅଞ୍ଚଳରୁ ପରିବା ଆଣି ହାଟରେ ବିକ୍ରି କରି ପରିବାର ପ୍ରତିପୋଷଣ କରୁଥିବା ଏହି କ୍ଷୁଦ୍ର ବ୍ୟବସାୟୀମାନେ ଏବେ ବର୍ଷା ଋତୁରେ ଅସହାୟ ହୋଇପଡ଼ିଛନ୍ତି। ସ୍ୱଳ୍ପ ବର୍ଷା ହେଲେ ମଧ୍ୟ ସମଗ୍ର ହାଟ ପରିସର କାଦୁଅ ଓ ପଙ୍କରେ ପରିଣତ ହେଉଛି। ଅନେକ ସ୍ଥାନରେ ପାଣି ଜମି ଛୋଟ ଛୋଟ ପୋଖରୀର ଭ୍ରମ ସୃଷ୍ଟି କରୁଛି। ଚାଲିବା ପାଇଁ ସଠିକ୍ ରାସ୍ତା ନଥିବାରୁ ଗ୍ରାହକମାନେ କାଦୁଅ ଭିତରେ ପଶି ପରିବା କିଣିବାକୁ ଅନିଚ୍ଛା ପ୍ରକାଶ କରୁଛନ୍ତି। ଫଳରେ ହାଟକୁ ଗ୍ରାହକଙ୍କ ଯିବା ଆସିବା ଦିନକୁ ଦିନ କମିବାରେ ଲାଗିଛି। ଯେଉଁଠାରେ ପୂର୍ବରୁ ସକାଳ ଓ ସନ୍ଧ୍ୟା ସମୟରେ ଗହଳି ଲାଗି ରହୁଥିଲା, ଏବେ ସେଠାରେ ନିରବତା ଦେଖିବାକୁ ମିଳୁଛି। ପରିବା ବ୍ୟବସାୟୀମାନେ ଘଂଟା ଘଂଟା ଧରି ଗ୍ରାହକଙ୍କ ଅପେକ୍ଷାରେ ବସି ରହୁଛନ୍ତି। ଅନେକ ସମୟରେ ବିକ୍ରି ନ ହୋଇ ପରିବା ପଚି ନଷ୍ଟ ହୋଇଯାଉଛି। ଏଥିରୁ ଦୈନିକ ଆୟ ଉପରେ ନିର୍ଭର କରୁଥିବା କ୍ଷୁଦ୍ର ବ୍ୟବସାୟୀମାନେ ଆର୍ôଥିକ ଭାବେ ଭାଙ୍ଗି ପଡୁଥିବା କହିଛନ୍ତି।

ବ୍ୟବସାୟୀମାନଙ୍କ କହିବା ଅନୁସାରେ, ହାଟ ସ୍ଥାନାନ୍ତର ସମୟରେ ସେମାନଙ୍କୁ ବିଭିନ୍ନ ସୁବିଧାର ପ୍ରତିଶ୍ରୁତି ଦିଆଯାଇଥିଲା। କିନ୍ତୁ ଆଜି ପର୍ଯ୍ୟନ୍ତ ନା ରାସ୍ତାର ଉନ୍ନତି ହୋଇଛି, ନା ଡ୍ରେନେଜ୍ ବ୍ୟବସ୍ଥା ସୁଧାରିଛି। ବର୍ଷା ପାଣି ନିଷ୍କାସନ ପାଇଁ କୌଣସି ସ୍ଥାୟୀ ବ୍ୟବସ୍ଥା ନଥିବାରୁ ଅଳ୍ପ ବର୍ଷାରେ ମଧ୍ୟ ସମସ୍ତ ପରିସର ଜଳମଗ୍ନ ହୋଇପଡୁଛି। ଏଭଳି ପରିସ୍ଥିତିରେ ବ୍ୟବସାୟ କରିବା ଏକ ପ୍ରକାର ଚ୍ୟାଲେଞ୍ଜ ପାଲଟିଯାଇଛି।

**➤ ବର୍ଷା ହେଲେ ବଢୁଛି ଦୁର୍ଦ୍ଦଶା**
**➤ ଆସୁନାହାନ୍ତି ଗ୍ରାହକ, ଚିନ୍ତାରେ ବ୍ୟବସାୟୀ**

ଅନ୍ୟପକ୍ଷରେ, ହାଟକୁ ଆସୁଥିବା ଗ୍ରାହକମାନେ ମଧ୍ୟ ଅସନ୍ତୋଷ ପ୍ରକାଶ କରିଛନ୍ତି। କାଦୁଅ ଓ ଅପରିଷ୍କାର ପରିବେଶ ଯୋଗୁଁ ବିଶେଷକରି ମହିଳା ଓ ବୟସ୍କ ଲୋକମାନେ ହାଟକୁ ଆସିବାକୁ ଏଡ଼ାଇ ଯାଉଛନ୍ତି। ଅନେକ ସହରର ଅନ୍ୟ ସ୍ଥାନରୁ ଅଧିକ ଦାମରେ ପରିବା କିଣିବାକୁ ବାଧ୍ୟ ହେଉଛନ୍ତି। ଏହାଦ୍ୱାରା ଗ୍ରାହକ ଓ ବ୍ୟବସାୟୀ ଉଭୟ କ୍ଷତିଗ୍ରସ୍ତ ହେଉଛନ୍ତି। ସବୁଠାରୁ ଆଶ୍ଚର୍ଯ୍ୟର ବିଷୟ ହେଉଛି, ଏହି ସମସ୍ୟା ସମ୍ପର୍କରେ ପୌରପରିଷଦ କର୍ତ୍ତୃପକ୍ଷ ଅବଗତ ଥିବା ସତ୍ତ୍ୱେ ମଧ୍ୟ କୌଣସି ପଦକ୍ଷେପ ନେଉନାହାନ୍ତି ବୋଲି ବ୍ୟବସାୟୀମାନେ ଅଭିଯୋଗ କରୁଛନ୍ତି। ବହୁବାର ଦାବି ଓ ଅଭିଯୋଗ କରାଯାଇଥିଲେ ମଧ୍ୟ ସମସ୍ୟାର ସ୍ଥାୟୀ ସମାଧାନ ହୋଇପାରିନାହିଁ। ଏହା ସହିତ ନିକଟବର୍ତ୍ତୀ ଆମିଷ ବଜାରର ଅବସ୍ଥା ମଧ୍ୟ ଚିନ୍ତାଜନକ ହୋଇପଡ଼ିଛି। ଅପରିଷ୍କାର ପରିବେଶ, ଦୁର୍ଗନ୍ଧ, ଜଳ ନିଷ୍କାସନ ସମସ୍ୟା ଏବଂ ମୌଳିକ ସୁବିଧାର ଅଭାବ ସେଠାରେ ମଧ୍ୟ ବ୍ୟବସାୟୀ ଓ ଗ୍ରାହକଙ୍କ ଅସୁବିଧା ବଢ଼ାଇ ଦେଇଛି। ଯେଉଁ ସ୍ଥାନକୁ ସହରର ଏକ ସୁବ୍ୟବସ୍ଥିତ ବଜାର ଭାବେ ଗଢ଼ି ତୋଳିବାର ଯୋଜନା ଥିଲା, ତାହା ଏବେ ଅବହେଳାର ଶିକାର ହୋଇଥିବା ଅଭିଯୋଗ ହେଉଛି।

ବର୍ଷା ଋତୁ ଆରମ୍ଭରୁ ହିଁ ଯଦି ଏଭଳି ସ୍ଥିତି ରହେ, ତେବେ ଆଗାମୀ ଦିନରେ ପରିସ୍ଥିତି ଆହୁରି ଜଟିଳ ହେବ ବୋଲି ବ୍ୟବସାୟୀମାନେ ଆଶଙ୍କା ପ୍ରକାଶ କରିଛନ୍ତି। ତେଣୁ ପ୍ରଶାସନ ପକ୍ଷରୁ ତୁରନ୍ତ ମାଟି ପକାଇବା, ପକ୍କା ରାସ୍ତା ନିର୍ମାଣ, ଡ୍ରେନେଜ୍ ବ୍ୟବସ୍ଥା ସୁଧାର ଏବଂ ସ୍ଥାୟୀ ଛାଉଣି ନିର୍ମାଣ କରିବାକୁ ସେମାନେ ଦାବି କରିଛନ୍ତି।

## ଅପହୃତା ନାବାଳିକା ବ୍ରହ୍ମଗିରିରୁ ଉଦ୍ଧାର, ଅପହରଣକାରୀ ଯୁବକ ଗିରଫ

ବାଣପୁର,୨୭।୬(ସମିସ) : ବାଣପୁର ଥାନା ଅନ୍ତର୍ଗତ ଅଞ୍ଚଳରୁ ଚଳିତ ଜୁନ ମାସ ୨୦ତାରିଖରୁ ଜୈନେକା ନାବାଳିକା ଅପହରଣ ହୋଇଥିବା ବେଳେ ଏନେଇ ପରିବାର ପକ୍ଷରୁ ଅଭିଯୋଗ ପାଇ ପୁଲିସ ନାବାଳିକାକୁ ବ୍ରହ୍ମଗିରି ଅଞ୍ଚଳରୁ ଉଦ୍ଧାର କରିଥିବା ବେଳେ ଅପହରଣକାରୀ ଯୁବକକୁ ଗିରଫ କରିବାରେ ସଫଳ ହୋଇଛି ବାଣପୁର ପୁଲିସ। ଗିରଫ ଯୁବକ ଜଣକ ହେଲେ ପୁରୀ ଜିଲ୍ଲା କୃଷ୍ଣପ୍ରସାଦ ଗ୍ରାମର ସୁଦର୍ଶନ ପ୍ରଧାନଙ୍କ ପୁଅ ଚନ୍ଦନ ପ୍ରଧାନ। ପୁରୀ ଜିଲ୍ଲା କୃଷ୍ଣପ୍ରସାଦ ଗ୍ରାମର ଜୈନେକା ନାବାଳିକା ଚଳିତ ଜୁନ ମାସ ୧୮ ତାରିଖରେ ବାଣପୁରସ୍ଥିତ ନିଜର ମାମୁଁ ଘରକୁ ଆସି ରହିଥିବା ବେଳେ ୨୦ତାରିଖରେ ଉକ୍ତ କୃଷ୍ଣପ୍ରସାଦ ଗ୍ରାମର ଅଭିଯୁକ୍ତ ଚନ୍ଦନ ବାଣପୁର ଆସି ନାବାଳିକାଙ୍କୁ ଅପହରଣ କରି ନେଇ ଯାଇଥିଲା। ନାବାଳିକାଙ୍କ ବାପା ଏ ନେଇ କୃଷ୍ଣପ୍ରସାଦ ଥାନାରେ ଏକ ଲିଖିତ ଅଭିଯୋଗ କରିଥିବା ବେଳେ କୃଷ୍ଣପ୍ରସାଦ ଥାନା ପକ୍ଷରୁ ଏହି ମାମଲାର ତଦନ୍ତ ଭାର ବାଣପୁର ଥାନାକୁ ଦିଆଯାଇଥିଲା। ବାଣପୁର ଥାନ ଅଧିକାରୀ ଜୟପ୍ରକାଶ ପରିଡାଙ୍କ ନେତୃତ୍ୱରେ ଏକ ପୁଲିସ ଟିମ ବିଶେଷ ସୂତ୍ରରୁ ଖବର ପାଇ ବ୍ରହ୍ମଗିରୀ ଅଞ୍ଚଳରେ ଚଢ଼ଉ କରି ଅପହୃତା ନାବାଳିକାକୁ ଉଦ୍ଧାର କରି ତାଙ୍କ ପରିବାର ଲୋକଙ୍କୁ ଜିମା ଦେଇଥିବା ବେଳେ ଅପହରଣକାରୀ ଯୁବକ ଚନ୍ଦନକୁ ଗିରଫ କରି କୋର୍ଟ ଚାଲାଣ କରିଥିବା ପୁଲିସ ପକ୍ଷରୁ ସୂଚନା ମିଳିଛି।

## ଆଡ୍‌ଭୋକେଟ ବ୍ଲକ୍ ଆସୋସିଏସନର ବାର୍ଷିକୋତ୍ସବ



ଖୋର୍ଦ୍ଧା,୨୭।୬(ସମିସ) : ଖୋର୍ଦ୍ଧା କୋର୍ଟ ପରିସରରେ ଆଡଭୋକେଟ ବ୍ଲକ ଆସୋସିଏସନର ୫ମ ବାର୍ଷିକ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ଆସୋସିଏସନର ସଭାପତି ଭାଗିରଥ ସାମନ୍ତରାୟଙ୍କ ସଭାପତିତ୍ୱରେ ଆୟୋଜିତ ଏହି ଉତ୍ସବରେ ପ୍ରଥମ ଅତିରିକ୍ତ ଜିଲା ଦୌରାଜଜ୍ ରଞ୍ଜୁଲତା ଲେଙ୍କା ମୁଖ୍ୟଅତିଥି, ଦ୍ୱିତୀୟ ଅତିରିକ୍ତ ଜିଲାଦୌରାଜଜ୍ ସୁଷମା ସାଇଁ ସମ୍ମାନିତ ଅତିଥି, ଜିଲା ଓକିଲ ସଂଘ ସଭାପତି ଲୋତକ ବିନ୍ଦୁ ପଟ୍ଟନାୟକ ମୁଖ୍ୟବକ୍ତା, ସମ୍ପାଦକ ଲିଙ୍ଗରାଜ ସାହୁ ଅନ୍ୟତମ ସମ୍ମାନିତ ଅତିଥି ଭାବେ ଯୋଗଦେଇଥିଲେ। ଅନୁଷ୍ଠାନ ର ସମ୍ପାଦକ ସୁଶାନ୍ତ ମହାପାତ୍ର ବିବରଣୀ ପାଠ କରିଥିଲେ। ତୁଷାରକ କାନ୍ତ ମହାନ୍ତି ମଂଚ ସଂଯୋଜନା କରିଥିବା ବେଳେ ଅରୁଣ ପାଣିଗ୍ରାହୀ, ବସନ୍ତ ସାହୁ, ରମେଶ ଚନ୍ଦ୍ର ପ୍ରଧାନଙ୍କ ସମେତ ଅନ୍ୟମାନେ ସହଯୋଗ କରିଥିଲେ ଓ କୋର୍ଟର ଅନ୍ୟ ବିଚାରପତି ଆଇନଜିବୀ, କଳାପ୍ରେମୀ ମାନେ ଉପସ୍ଥିତ ଥିଲେ। ଏହି ଅବସରରେ ପ୍ରଦୀପ ମହାପାତ୍ରଙ୍କ ନିର୍ଦ୍ଦେଶିତ ନାଟକ 'ବାବୁ ମୁଠେ ଭିକ ଦିଅ' ମଞ୍ଚସ୍ଥ ହୋଇଥିଲା। ଏଥିରେ ମୋହରିର ମାନେ କଳା ପ୍ରତିଭା ପ୍ରଦର୍ଶନ କରିଥିଲେ ଓ ଏକ ସାମାଜିକ ପାରିବାରିକ କାହାଣୀ ଉପରେ ଏହି ନାଟକ ପରିବେଷଣ ହୋଇଥିଲା।

## 'ମୋ ଚିଲିକା ମୋ ଗର୍ବ' କାର୍ଯ୍ୟକ୍ରମର ଉଦ୍‌ଯାପନୀ ସମାରୋହ



ଟାଙ୍ଗୀ,୨୭।୬ (ସମିସ): ଦି ଫିସିଙ୍ଗ କ୍ୟାଟ (ବାଘାଡି) ପ୍ରକଳ୍ପର ପ୍ରତ୍ୟେକ୍ଷ ତତ୍ତ୍ୱାବଧାନରେ ବିରିବାଡିସ୍ଥିତ ଶ୍ରୀ ଲୋକନାଥ ଦେବ ମାନସିଂହ ହାଇସ୍କୁଲ ଠାରେ "ମୋ ଚିଲିକା ମୋ ଗର୍ବ' ପ୍ରଶିକ୍ଷଣ କାର୍ଯ୍ୟକ୍ରମର ଉଦଯାପନୀ ସମାରୋହ ଏକ ମନୋଜ୍ଞ ପରିବେଶ ମଧ୍ୟରେ ଅନୁଷ୍ଠିତ ହୋଇଯାଇଛି। ବିଶିଷ୍ଟ ପରିବେଶବିତ୍ତ ବିଜୁ ପଟନାୟକ ପୁରସ୍କାରପ୍ରାପ୍ତ ସନ୍ତୋଷ ଚନ୍ଦ୍ର କରଙ୍କ ସଂଯୋଜନାରେ ଆୟୋଜିତ ଏହି ପୁରସ୍କାର ଓ ପ୍ରଶସ୍ତିପତ୍ର ବିତରଣ କାର୍ଯ୍ୟକ୍ରମ ରେ ଚିଲିକା ବନଖଣ୍ଡ ବନ୍ୟପ୍ରାଣୀ ଅଧିକାରୀ ଅମ୍ଳାନ ନାୟକ ମୁଖ୍ୟ ଅତିଥି, ସିଇଏସ ପ୍ରକଳ୍ପ ଅଧିକାରୀ ପ୍ରଭାତ ଦାଶ ମୁଖ୍ୟବକ୍ତା, ବରିଷ୍ଠ ସାମାଜିକ କର୍ମୀ ସାମ୍ବାଦିକ ପଦ୍ମନାଭ ବିଶ୍ୱାଳ, ଟାଙ୍ଗୀ ଆଞ୍ଚଳିକ ବନ୍ୟପ୍ରାଣୀ ଅଧିକାରି ଚିତ୍ରସେନ ଜେନା, ଚିଲିକା ଗୋଷ୍ଠୀ ଶିକ୍ଷା ଅଧିକାରୀ ଦ୍ୱାରିକା ନାଥ ବେହେରା, ସହକାରୀ ଗୋଷ୍ଠୀ ଶିକ୍ଷା ଅଧିକାରୀ ଗଗନ ବିହାରୀ ବେହେରା, ଚିଲିକା ସରକାରୀ ହାଇସ୍କୁଲ ହାଟ ବରଡ଼ି ର ପ୍ରଧାନ ଶିକ୍ଷକ ପ୍ରଦ୍ୟୁମ୍ନ କୁମାର ପରିଡା ଓ ଶ୍ରୀ ଲୋକନାଥଦେବ ମାନସିଂହ ହାଇ ସ୍କୁଲ ପ୍ରଧାନ ଶିକ୍ଷକ କୁନା ମହନ୍ତ ପ୍ରମୁଖ ସମ୍ମାନିତ ଅତିଥି ରୂପେ ଯୋଗ ଦେଇ ଏହି ପ୍ରକଳ୍ପର ଉଚ୍ଚ ପ୍ରଶଂସା କରିଥିଲେ। ତାଲିମ ପ୍ରାପ୍ତ ଛାତ୍ରଛାତ୍ରୀ ସେମାନଙ୍କର ପ୍ରଶିକ୍ଷିତ ତଥ୍ୟକୁ ଟିକିନିଖି ଭାବରେ ପ୍ରଦର୍ଶିତ କରି ଅତିଥି ମାନଙ୍କ ପ୍ରଶ୍ନର ଯଥାର୍ଥ ଉତ୍ତର ପ୍ରଦାନ କରିଥିଲେ। ଚିଲିକାକୁ ବିପର୍ଯ୍ୟୟ ମୁଖରୁ ରକ୍ଷା କରିବାକୁ ସେମାନେ ସଚେତନତା ସୃଷ୍ଟି କରିବେ ବୋଲି ମତ ପୋଷଣ କରିଥିଲେ। ହାଟବରଡି ହାଇସ୍କୁଲ ସହିତ ନୂଆପଡ଼ା ପଦ୍ମ କୁମୁଦ ବିଦ୍ୟାନିକେତନ ଓ ବାଲିପାଟପୁର ରିଫୁଜୀ ହାଇ ସ୍କୁଲ ର ଶିକ୍ଷାର୍ଥୀ ମାନେ ଏଥିରେ ଅଂଶ ଗ୍ରହଣ କରିଥିଲେ। ପରିଶେଷରେ ତନ୍ମୟ ବିଶ୍ୱାଳ, ନୃସିଂହ ପ୍ରସାଦ ମହାପାତ୍ର, ତ୍ରିଶୂଳ ବିଶ୍ୱାଳ, ସିଦ୍ଧାନ୍ତ ନାୟକ, ଶିବ ନାୟକ, ସୂର୍ଯ୍ୟକାନ୍ତି ବିଶ୍ୱାଳ, ଆଦ୍ୟାଶା ମହନ୍ତ, ରିଙ୍କି ବିଶ୍ୱାଳ, ଲିପା ବେହେରା, ଇପ୍ସିତା ପ୍ରଧାନ, ଶିଲ୍ପା ପ୍ରଧାନ, ଗାୟତ୍ରୀ ସାହୁ ପ୍ରମୁଖଙ୍କୁ ପ୍ରମାଣ ପତ୍ର ଉପଢୌକନ ପ୍ରଦାନ କରାଯାଇଥିବା ବେଳେ ତନ୍ମୟ ବିଶ୍ୱାଳ, ସୂର୍ଯ୍ୟକାନ୍ତି ବିଶ୍ୱାଳ, ଇପ୍ସିତା ପ୍ରଧାନ ଓ ଶିଲ୍ପା ପ୍ରଧାନଙ୍କୁ ଆର୍ଥିକ ବୃତ୍ତି ପ୍ରଦାନ କରାଯାଇଥିଲା। ବାଘାଡି ପ୍ରକଳ୍ପର ତିଆଶା ଆଧ୍ୟା, ଆର୍ଯ୍ୟକୁମାର ଜେନା ଓ ଇପ୍ତି ଶମୁନ ନେଷା ପ୍ରମୁଖ ପ୍ରଶିକ୍ଷଣ ଠାରୁ ଆରମ୍ଭ କରି ସମସ୍ତ କାର୍ଯ୍ୟକ୍ରମକୁ ପରିଚାଳନା କରିଥିଲେ।

## ଓଡ଼ିଶୀ କଣ୍ଠଶିଳ୍ପୀ ବିଷ୍ଣୁପ୍ରିୟା ଚହଟରାୟଙ୍କ ସ୍ମୃତିସଭା

ଟାଙ୍ଗୀ,୨୭।୬ (ସମିସ): ବିଶିଷ୍ଟ ଓଡିଶୀ କଣ୍ଠଶିଳ୍ପୀ ତଥା ଅଗ୍ରଣୀ ଶିକ୍ଷାନୁଷ୍ଠାନ କାଲୁପଡା ମାତୃ ବିହାର ଶ୍ରୀ ଅରବିନ୍ଦ ପୂର୍ଣ୍ଣାଙ୍ଗ ଶିକ୍ଷା କେନ୍ଦ୍ର ର ସଂଗୀତ ଶିକ୍ଷୟିତ୍ରୀ ବିଷ୍ଣୁ ପ୍ରିୟା ଚହଟରାୟଙ୍କ ଦ୍ୱାଦଶାହ ପୂଣ୍ୟତିଥିର ସ୍ମୃତିଚାରଣ ସଭା ଟାଙ୍ଗୀ ପଞ୍ଚାୟତସମିତି ର ପ୍ରାକ୍ତନ ଅଧ୍ୟକ୍ଷ ଲକ୍ଷ୍ମଣ ଶ୍ରୀଚନ୍ଦନଙ୍କ ଅଧ୍ୟକ୍ଷତା ରେ ଆୟୋଜିତ ହୋଇଥିବା ବେଳେ ଖୋର୍ଦ୍ଧା ବିଧାୟକ ପ୍ରଶାନ୍ତ କୁମାର ଜଗଦେବ, ଐତିହାସିକ ସତ୍ୟବାଦୀ ବଳିୟାରସିଂହ, ଇତିଶ୍ରୀ ସାହୁ, ପାରି ଓରଡ଼ ର ପ୍ରଥମ ସରପଞ୍ଚ ଲଲାଟ କେଶରୀ ମଙ୍ଗରାଜ, ପାରି ଓରଡ଼ ହାଇ ସ୍କୁଲ ପ୍ରଧାନ ଶିକ୍ଷକ ତ୍ରିଲୋଚନ ମିଶ୍ର, ଶିକ୍ଷକ ଦୁର୍ଯ୍ୟୋଧନ ପ୍ରଧାନ, ଶିକ୍ଷାବିତ ପଦ୍ମନାଭ ବିଶ୍ୱାଳ, ଶିକ୍ଷକ ନେତା ପ୍ରସନ୍ନ କୁମାର ଶ୍ରୀଚନ୍ଦନ ପ୍ରମୁଖ ବିଷ୍ଣୁପ୍ରିୟାଙ୍କ ଉଚ୍ଚକୋଟୀର ସଂଗୀତ ସାଧନାର ଭୂୟସୀ ପ୍ରଶଂସା କରିଥିଲେ। ପ୍ରାରମ୍ଭରେ ମାତୃବିହାର ର ସହକର୍ମୀ ମାନେ ପାଠ ଚକ୍ର ଆୟୋଜନ କରି ନିଜ ନିଜର ଅନୁଭୂତି ଓ ତାଙ୍କର ନିଷ୍ଠାପର କର୍ତ୍ତବ୍ୟ ପରାୟଣତା ସମ୍ପର୍କରେ ସ୍ୱର ଚିତ୍ତ କବିତା ଓ ବକ୍ତବ୍ୟ ମାଧ୍ୟମରେ ଶ୍ରଦ୍ଧାଞ୍ଜଳି ଅର୍ପଣ କରିଥିଲେ। ନବ କିଶୋର ଚହଟ ରାୟ ଧନ୍ୟବାଦ ଦେଇଥିଲେ।

## ରାମଚନ୍ଦ୍ର କଳ୍ପନା ଉଚ୍ଚ ମାଧ୍ୟମିକ ବିଦ୍ୟାଳୟରେ ନୂତନ ବିଜ୍ଞାନ ଭବନ ଉଦ୍‌ଘାଟିତ



ନିରାକାରପୁର, ୨୭।୬ (ସମିସ): କମାଗୁରୁସ୍ଥିତ ପ୍ରସିଦ୍ଧ ରାମଚନ୍ଦ୍ର କଳ୍ପନା ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ ପରିସରରେ ଆଜି ଏକ ଭବ୍ୟ ପରିବେଶରେ ବିଜ୍ଞାନ ବିଭାଗର ନୂତନ ଭବନ ଓ ଉନ୍ନତିକରଣ ଗୃହର ଶୁଭ ଉଦଘାଟନ ସମ୍ପନ୍ନ ହୋଇଯାଇଛି। ଖୋର୍ଦ୍ଧା ବିଧାୟକ ପ୍ରଶାନ୍ତ କୁମାର ଜଗଦେବ ମୁଖ୍ୟଅତିଥି ଭାବେ ଯୋଗଦେଇ ଏହି ନୂତନ ଭବନର ଶୁଭ ଉଦଘାଟନ କରିଥିଲେ। ଏହି ଉପଲକ୍ଷେ ଆୟୋଜିତ ସ୍ୱତନ୍ତ୍ର ସଭାରେ କଲେଜର ଅଧ୍ୟକ୍ଷ ଡ. ସୁଧାଂଶୁ ଶେଖର ମହାନ୍ତି ସଭାପତିତ୍ୱ କରିଥିଲେ। ଅଧ୍ୟାପିକା ଡ. ରେଣୁବାଳା ସାମନ୍ତରାୟ ଅତିଥି ପରିଚୟ ପ୍ରଦାନ କରିବା ସହିତ ସ୍ୱାଗତ ଭାଷଣ ଦେଇଥିଲେ ଏବଂ ଅଧ୍ୟାପକ ସତ୍ୟନାରାୟଣ ମହାପାତ୍ର ମଞ୍ଚ ପରିଚାଳନା କରିଥିଲେ। ଏହି ଉତ୍ସବରେ ଅନ୍ୟତମ ବରିଷ୍ଠ ଅତିଥି ଭାବେ କଲେଜର ପ୍ରତିଷ୍ଠାତା ତଥା ପୂର୍ବତନ ଜିଲ୍ଲା ପରିଷଦ ଅଧ୍ୟକ୍ଷ ରାମଚନ୍ଦ୍ର ମହାପାତ୍ର, ଟାଙ୍ଗୀ ବ୍ଲକ ଅଧ୍ୟକ୍ଷା ରିଶ୍ମା ମାନ୍ଧାତା, ଉପାଧ୍ୟକ୍ଷ ଦୁର୍ଗା ନାଥଶର୍ମା, ଏବଂ ଟାଙ୍ଗୀ ବ୍ଲକର ସହକାରୀ ଯନ୍ତ୍ରୀ ଅଶୋକ କୁମାର ନନ୍ଦ ପ୍ରମୁଖ ଯୋଗଦେଇ ଶିକ୍ଷାର ବିକାଶ ଓ ଭିତ୍ତିଭୂମିର ଉନ୍ନତି ଉପରେ ନିଜର ବକ୍ତବ୍ୟ ରଖିଥିଲେ। ଏଥିସହିତ ସ୍ଥାନୀୟ ଜନପ୍ରତିନିଧିଙ୍କ ମଧ୍ୟରେ କମାଗୁରୁ ସରପଞ୍ଚଙ୍କ ପ୍ରତିନିଧି ମନୋରଞ୍ଜନ ଚମ୍ପତି, ଓଳସିଂହ ସରପଞ୍ଚଙ୍କ ପ୍ରତିନିଧି ଚିତ୍ତରଞ୍ଜନ ଭୋଳ, ବଡପୋଖରିଆ ସମିତି ସଭ୍ୟା ଜ୍ୟୋସ୍ନାରାଣୀ ଜେନା, ଛଣଗିରି ସମିତି ସଭ୍ୟା ସୁମିତ୍ରା ବରିସଲ, ଅଚ୍ୟୁତପୁର ସମିତି ସଭ୍ୟ ପୂର୍ଣ୍ଣ ଚନ୍ଦ୍ର ସିଂହ, ଯୁବନେତା ମାଧବ ପ୍ରସାଦ ମହାନ୍ତିଙ୍କ ସମେତ ଆଖପାଖ ଅଞ୍ଚଳର ଅନେକ ସରପଞ୍ଚ ଓ ସମିତି ସଭ୍ୟମାନେ ଉପସ୍ଥିତ ରହି କାର୍ଯ୍ୟକ୍ରମକୁ ସଫଳ କରିଥିଲେ। ଏହି ମହାନ ଅବସରରେ ଅତିଥିମାନଙ୍କ କରକମଳରେ କଲେଜର ବାର୍ଷିକ ମୁଖପତ୍ର 'ପ୍ରକୃତିବାଣୀ' ପୁସ୍ତକ ଆନୁଷ୍ଠାନିକ ଭାବେ ଲୋକାର୍ପିତ ହୋଇଥିଲା। ଏହାପରେ ବିଦ୍ୟାଳୟର ଛାତ୍ରଛାତ୍ରୀଙ୍କ ଦ୍ୱାରା ଆକର୍ଷଣୀୟ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯାଇଥିଲା। ଶେଷରେ ପୂର୍ବରୁ ଆୟୋଜିତ ବିଭିନ୍ନ ପ୍ରତିଯୋଗିତାର କୃତୀ ପ୍ରତିଯୋଗୀମାନଙ୍କୁ ଅତିଥିମାନଙ୍କ ଦ୍ୱାରା ପୁରସ୍କୃତ କରାଯାଇ ଉତ୍ସାହିତ କରାଯାଇଥିଲା। ବିଦ୍ୟାଳୟର ସମସ୍ତ ଅଧ୍ୟାପକ, ଅଧ୍ୟାପିକା ଏବଂ କର୍ମଚାରୀବୃନ୍ଦ ଏହି ଭବ୍ୟ ଉତ୍ସବ ପରିଚାଳନାରେ ସହଯୋଗ କରିଥିଲେ।

## ମଜଲିସ୍ ଅନସାରୁଲ୍ଲାଃର ୫ମ ବାର୍ଷିକ ଇଜତେମା ଉଦ୍‌ଘାଟିତ

ଖୋର୍ଦ୍ଧା,୨୭।୬(ସମିସ): ଖୋର୍ଦ୍ଧା ଉପକଣ୍ଠ କେରଙ୍ଗ ଗ୍ରାମର ମହିମୁଦାବାଦ ବୃଦ୍ଧା ସଂଗଠନ ମଜଲିସ ଅନସାରୁଲ୍ଲାଃର ୫ମ ବାର୍ଷିକ ଇଜତେମା ସ୍ଥାନୀୟ ମସଜିଦ ନାସିର ଠାରେ ଉଦଘାଟିତ ହୋଇଛି। ଖୋର୍ଦ୍ଧା ଓ ନୟାଗଡ ଜିଲ୍ଲାର ସଭାପତି ସୈଫୁର ଅହମଦ ଏଥିରେ ପୌରୋହିତ୍ୟ କରିଥିଲେ। କୋରାନ ପାଠ ମହିମୁଦ ଖାଁ କରିଥିବା ବେଳେ ମଜଲିସ ଅନସାରୁଲ୍ଲା ଜିଲ୍ଲା ଖୋର୍ଦ୍ଧା ଓ ନୟାଗଡର ସଭାପତି ଅଜିଜୁଲ୍ଲାଃ ଖାଁ ସଂଗଠନର ଶପଥ ପାଠ




କରାଇଥିଲେ। ଓଡିଆ ନଜମ ଓସି ଖାଁ ପରିବେଷଣ କରିଥିଲେ। ବିଶ୍ୱବ୍ୟାପୀ ଅହମଦୀୟା ମୁସଲିମ ସଂଗଠନର ସର୍ବୋଚ୍ଚ ମୁଖ୍ୟ ହଜରତ ମିର୍ଜା ମସରୁର ଅହମଦଙ୍କ ବାର୍ତ୍ତା ପଢି ଶୁଣାଇଥିଲେ ମୌଲାନା ଅଖତରୁଦ୍ଦିନ ଖାଁ। ମୁଖ୍ୟବକ୍ତା ଭାବେ ଜିଲ୍ଲା ଇନଚାର୍ଜ ମୌଲାନା ହଲିମ ଅହମଦ ଯୋଗଦେଇ ମଜଲିସ ଅନସାରୁଲ୍ଲାଃ ସଂଗଠନ ପ୍ରତିଷ୍ଠା ହେବାର ଉଦ୍ଦେଶ୍ୟ ବିଷୟରେ ମତାମତ ରଖିଥିଲେ। ସଭାପତିତ୍ୱ ଭାଷଣରେ ଖୋର୍ଦ୍ଧା ଓ ନୟାଗଡ ଜିଲ୍ଲାର ସଭାପତି ସୈଫୁର ଅହମଦ ମଜଲିସ ଅନସାରୁଲ୍ଲାଃ ସଂଗଠନର କର୍ମକର୍ତ୍ତାଙ୍କ ଦାୟିତ୍ୱ ଓ ଇଜତେମାର ଉଦ୍ଦେଶ୍ୟ ବିଷୟରେ ଆଲୋକପାତ କରିଥିଲେ। ଏହି ଇଜତେମା ଦୁଇ ଦିନ ଧରି ଚାଲିବ। ଏଥିରେ ବିଭିନ୍ନ ଧାର୍ମିକ ପ୍ରତିଯୋଗିତା ଓ କ୍ରୀଡା ପ୍ରତିଯୋଗିତା ହେବାର କାର୍ଯ୍ୟକ୍ରମ ରହିଛି। ସମ୍ମାନିତ ଅତିଥିଭାବେ କେରଙ୍ଗ ଅହମଦୀୟା ସଂଗଠନର ସଭାପତି ଓସିମ ଅହମଦ, ମହିମୁଦାବାଦର ସଭାପତି ସେକ ଓଲିଉଦ୍ଦିନ ଏବଂ ମହମୁଦାବାଦ ମଜଲିସ ଅନସାରୁଲ୍ଲାଃ ସଂଗଠନର ସଭାପତି ଜହିରୁଲ ହକ ଯୋଗଦେଇଥିଲେ।

## ସରକାରୀ କେନ୍ଦ୍ର ପ୍ରାଥମିକ ବିଦ୍ୟାଳୟର ଶତବାର୍ଷିକ ସମାରୋହ ଉଦ୍‌ଘାଟିତ

ବେଗୁନିଆ,୨୭।୬ (ସମିସ): ବେଗୁନିଆ ସଦର ମହକୁମାସ୍ଥିତ ସରକାରୀ କେନ୍ଦ୍ର ପ୍ରାଥମିକ ବିଦ୍ୟାଳୟର ଶତ ବାର୍ଷିକ ସମାରୋହ ଦୁର୍ଗା ମଣ୍ଡପ ସଲଗ୍ନ ପଡିଆରେ ଉଦଘାଟିତ ହୋଇଛି। ଏଥିରେ ଉପସଭାପତି ପୂର୍ଣ୍ଣଚନ୍ଦ୍ର ଦାସଙ୍କ ଅଧ୍ୟକ୍ଷତାରେ ଲୋକନାଥ ଜେନା, ଶିକ୍ଷକ ରତିକାନ୍ତ କହଲସିଂହ ଓ ସୁଧାକର ସେଠୀଙ୍କ



ସଂଯୋଜନାରେ ନୟାଗଡ ବିଧାୟକ ଡ଼ଃ ଅରୁଣ କୁମାର ସାହୁ ମୁଖ୍ୟଅତିଥି, ରାଜ୍ୟସଭା ସାଂସଦ ସୁଲତା ଦେଓ ମୁଖ୍ୟବକ୍ତା, ଶତ ବାର୍ଷିକ କମିଟିର ମୁଖ୍ୟଉପଦେଷ୍ଟା ତଥା ବିଧାୟକ ପ୍ରଦୀପ କୁମାର ସାହୁ ସ୍ୱତନ୍ତ୍ର ଅତିଥି, ବ୍ଲକ ଅଧ୍ୟକ୍ଷ ଲକ୍ଷ୍ମୀଧର ସୁବୁଦ୍ଧି, ସରପଞ୍ଚ ସତ୍ୟ ନାରାୟଣ ପ୍ରଧାନ, ଗ୍ରାମ୍ୟ କମିଟି ସଭାପତି ମାୟାଧର ମାର୍ଥା,ପଞ୍ଚସଖା ଶିକ୍ଷାସେତୁ ଅଧ୍ୟକ୍ଷ ସୁରେନ୍ଦ୍ର ପାଲଟାସିଂହ ଓ ବିଦ୍ୟାଳୟ ପରିଚାଳନା କମିଟି ସଭାପତି ସନ୍ଧ୍ୟାରାଣୀ ବେହେରା ସମ୍ମାନିତ ଅତିଥି ଭାବେ ଯୋଗ ଦେଇ ପୁରାତନ ଛାତ୍ରଛାତ୍ରୀ ସଙ୍ଗଠିତ ହୋଇ ବିଦ୍ୟାଳୟର ଉନ୍ନତି ନିମିତ୍ତ କାର୍ଯ୍ୟ କରି ପାରିଲେ ଶିକ୍ଷାର ପ୍ରକୃତ ମୂଲ୍ୟ ରହି ପାରିବ ବୋଲି ଅତିଥି ମତ ପ୍ରକାଶ କରିବା ବିଭିନ୍ନ ବ୍ୟକ୍ତି ବିଶେଷଙ୍କୁ ସମ୍ବର୍ଦ୍ଧିତ କରିଥିଲେ। ଏହି ଅବସରରେ ଶତ ବାର୍ଷିକ ସ୍ମରଣିକା "ଶତାବ୍ଦୀ ସୌରଭ'କୁ ଅତିଥି ମାନେ ଉନ୍ମୋଚନ କରିଥିଲେ। ସଭାର ପ୍ରାରମ୍ଭରେ ସମ୍ପାଦକ ସରୋଜ କୁମାର ବେହେରା ଅତିଥି ପରିଚୟ ଓ ପ୍ରଧାନଶିକ୍ଷୟିତ୍ରୀ ସୁଜାତା ସାହୁ ବାର୍ଷିକ ବିବରଣୀ ପ୍ରଦାନ କରିଥିବା ବେଳେ ଶିକ୍ଷାବିତ ଭାଗିରଥି ପରିଡ଼ା ଧନ୍ୟବାଦ ଅର୍ପଣ କରିଥିଲେ। ପରେ ରାଜ୍ୟ ସରକାରଙ୍କ କଳା ସଂସ୍କୃତି ବିଭାଗ ଓ ଛାତ୍ରଛାତ୍ରୀ ମାନଙ୍କ ଦ୍ୱାରା ନୃତ୍ୟ ପରିବେଷଣ ହୋଇଥିଲା। ପୂର୍ବାହ୍ନରେ ଦଧି ବାମନ ଦେବଙ୍କ ପୀଠରୁ ଆଜ୍ଞାମାଳ ଓ ମଶାଲ ଶୋଭାଯାତ୍ରା ବାହାରି ସଭା ସ୍ଥଳରେ ସ୍ଥାପନ ହୋଇଥିଲା।

## ପ୍ରଧାନଶିକ୍ଷୟିତ୍ରୀଙ୍କୁ ଅବସରକାଳୀନ ସମ୍ବର୍ଦ୍ଧନା

ଖୋର୍ଦ୍ଧା, ୨୭।୬(ସମିସ): ଖୋର୍ଦ୍ଧା ପୌରପରିଷଦ ଅନ୍ତର୍ଗତ ତଳସାହି ଜଗନ୍ନାଥ ପ୍ରାଥମିକ ବିଦ୍ୟାଳୟର ପ୍ରଧାନ ଶିକ୍ଷୟତ୍ରୀ ସୌଦାମିନୀ ଦେବୀଙ୍କ ଅବସରକାଳୀନ ସମ୍ବର୍ଦ୍ଧନା ସଭା ଅନୁଷ୍ଠିତ ହୋଇଯାଇଛି। ଶିକ୍ଷକ ନେତା ସୁରେଶ ଚନ୍ଦ୍ର ବିଶ୍ୱାଳଙ୍କ ଅଧ୍ୟକ୍ଷତାରେ ମୁଖ୍ୟ ଅତିଥି ଭାବରେ ପୂର୍ବତନ ବିଧାୟକ ଜ୍ୟୋତିରିନ୍ଦ୍ରନାଥ ମିତ୍ର ଏବଂ ମୁଖ୍ୟବକ୍ତା ଭାବେ ସତ୍ୟବାଦୀ



ବଳିଆରସିଂହ ଯୋଗଦେଇ ବିଦାୟୀ ଶିକ୍ଷୟିତ୍ରୀଙ୍କୁ ଜଣେ କର୍ତ୍ତବ୍ୟ ପରାୟଣ ଓ ଛାତ୍ରବତ୍ସଳ ଶିକ୍ଷୟିତ୍ରୀ ଥିଲେ ବୋଲି କହିଥିଲେ। ସମ୍ମାନିତ ଅତିଥି ଭାବେ କାଉନସିଲର ଅନିଲ କୁମାର ରାମ ଓ ପୂର୍ବତନ କାଉନସିଲର ମାନସ ରଞ୍ଜନ ଲାଲା, ସିଆରସିସି ଦିବ୍ୟସିଂହ ସୁବୁଦ୍ଧି, ମୁକୁନ୍ଦ ପ୍ରସାଦ ଉପ୍ରା ବିଦ୍ୟାଳୟର ପ୍ରଧାନ ଶିକ୍ଷୟତ୍ରୀ ରଶ୍ମି ଦାସ, ପ୍ରାକ୍ଟିଂ ଉ ପ୍ରା ବିଦ୍ୟାଳୟ ର ପୂର୍ବତନ ପ୍ରଧାନ ଶିକ୍ଷକ ନବ କିଶୋର ମହାପାତ୍ର ପ୍ରମୁଖ ଯୋଗଦେଇଥିଲେ। ଅରାଙ୍ଗ ଉପ୍ରା ବିଦ୍ୟାଳୟର ପ୍ରଧାନ ଶିକ୍ଷକ ଶିବପ୍ରସାଦ ବେହେରା, ଶିକ୍ଷକ ସତ୍ୟାନନ୍ଦ ବେହେରା, ଶିକ୍ଷକ ନେତା ପଦ୍ମ ଲୋଚନ ନାୟକ ଅନେକ ଅଭିଭାବକ ଛାତ୍ରଛାତ୍ରୀ ବକ୍ତବ୍ୟ ପ୍ରଦାନ କରିଥିଲେ। ବିଦାୟୀ ପ୍ରଧାନ ଶିକ୍ଷୟତ୍ରୀ ତାଙ୍କର ଦୀର୍ଘ ୩୭ ବର୍ଷର ଶିକ୍ଷକତା ଜୀବନର ଅନୁଭୂତି ପ୍ରକାଶ କରିଥିଲେ। ବିଦ୍ୟାଳୟର ସହକାରୀ ଶିକ୍ଷକ ପ୍ରକାଶ ଚନ୍ଦ୍ର ସାହୁ ଅତିଥି ପରିଚୟ ପ୍ରଦାନ କରିଥିବା ବେଳେ ବରିଷ୍ଠ ଶିକ୍ଷୟତ୍ରୀ ରୀନା ନାୟକ ଧନ୍ୟବାଦ ଅର୍ପଣ କରିଥିଲେ।

## ୬ହଜାର ଲିଟର ପୋଚ ନଷ୍ଟ; ୧୦୭୦ ଲିଟର ଦେଶୀ ମଦ ସହ ସ୍କୁଟି ଜବତ



ବାଲୁଗାଁ,୨୭।୬(ସମିସ): ସମଗ୍ର ଚିଲିକା ଅଞ୍ଚଳରେ ବେଆଇନ ଭାବେ ବିପୁଳ ପରିମାଣରେ ମଦ କାରବାର ଚାଲିଥିବା ନେଇ ବାରମ୍ବାର ଅଭିଯୋଗ ହୋଇଆସୁଛି। ଏପରିସ୍ଥଳେ ଖୋର୍ଦ୍ଧା ଜିଲ୍ଲା ଅବକାରୀ ଅଧିକ୍ଷକ ସୁମତି ତ୍ରିପାଠୀଙ୍କ ନିର୍ଦ୍ଦେଶ କ୍ରମେ ଟାଙ୍ଗୀ ଅବକାରୀ ଅଧିକାରୀ ଅଜିତ କୁମାର ପାତ୍ରଙ୍କ ନେତୃତ୍ୱରେ ଏକ ଟିମ୍ ଗଠନ କରାଯାଇ ଶୁକ୍ରବାର ଓ ଶନିବାର ପୃଥକ ଭାବେ ଦୁଇ ଦିନରେ ଆଦିବାସୀ ମାଳ ଅଞ୍ଚଳର ମୁଦୁଲିଡ଼ିହ ଜଙ୍ଗଲ ଓ ବଡ଼ଶିରେଇପୁର ଗ୍ରାମ ନିକଟରେ ଚଢାଉ କରି ମଦ ପ୍ରସ୍ତୁତି ପାଇଁ ଗଚ୍ଛିତ ରଖିଥିବା ୬ହଜାର ୮ଶହ ଲିଟର ପୋଚ ନଷ୍ଟ କରାଯାଇଥିବା ବେଳେ ଉଭୟ ସ୍ଥାନରୁ ସମୁଦାୟ ୧୦୭୦ ଲିଟର ଦେଶୀ ମହୁଲି ମଦ ସମେତ ଏକ ସ୍କୁଟି ଗାଡି ଜବତ କରିବା ସହ ଏଥିôରେ ସଂପୃକ୍ତ ଜଣେ ମଦ ବେପାରୀକୁ ଗିରଫ କରିବାରେ ସଫଳ ହୋଇଛି ଅବକାରୀ ବିଭାଗ। ଗିରଫ ମଦ ବେପାରୀ ଜଣକ ହେଲେ ବାଣପୁର ଥାନା ଅଧିନ ଗୋପିନାଥପ୍ରସାଦ ଗ୍ରାମର ମଳୟ ଦଳେଇ (୨୫)। ଗୋପିନାଥପ୍ରସାଦ ଗ୍ରାମର ମଳୟ ଶୁକ୍ରବାର ରାତ୍ର ସମୟରେ ଆଦିବାସୀ ମାଳ ଅଞ୍ଚଳରୁ ମଦ ବୋଝେଇ କରି ଏକ ସ୍କୁଟିରେ ଦୃତ ଗତିରେ ଆସୁଥିବା ବେଳେ ବଡ଼ଶିରେଇପୁର ଛକ ନିକଟରେ ଅବକାରୀ ଟିମ ସନ୍ଦେହ କରି ମଳୟକୁ ଅଟକାଇ ତଲାସିବାରେ ତାନିକଟରୁ ୫୦ଲିଟର ମହୁଲି ମଦ ସମେତ ବେଆଇନ ମଦ କାରବାରରେ ବ୍ୟବହୃତ ଏକ ସ୍କୁଟି ଗାଡ଼ି ଜବତ କରିଥିବା ସହ ମଳୟକୁ ଗିରଫ କରିଥିଲେ। ଅନୁରୂପ ଭାବେ ଶନିବାର ବାଣପୁର ଥାନା ଅନ୍ତର୍ଗତ ମୁଦୁଲିଡ଼ିହ ଜଙ୍ଗଲ ଅଞ୍ଚଳରେ ବେଆଇନ ଭାବେ ମଦ ପ୍ରସ୍ତୁତ ହେଉଥିବାର ବିଶେଷ ସୂତ୍ରରୁ ଖବର ପାଇ ଅବକାରୀ ଟିମ ଉକ୍ତ ଜଙ୍ଗଲ ନିକଟସ୍ଥ ଚତୁଃର୍ପାଶ୍ୱବର୍ତ୍ତୀ ଅଞ୍ଚଳର ୪ଟି ସ୍ଥାନରେ ଚଢ଼ଉ କରି ୧୦୨୦ ଲିଟର ଦେଶୀ ମହୁଲି ମଦ ଜବତ କରିବା ସହ ମଦ ପ୍ରସ୍ତୁତି ପାଇଁ ରଖିଥିବା ୬ହଜାର ୮ଶହ ଲିଟର ପୋଚ ଜବତ କରି ସେସବୁକୁ ନଷ୍ଟ କରି ଦେଇଥିବା ବେଳେ ଅଭିଯୁକ୍ତ ମାନେ ଖବର ପାଇ ଜଙ୍ଗଲ ଅଞ୍ଚଳର ସୁଯୋଗ ନେଇ ସେଠାରୁ ଫେରାର ହୋଇଯିବାରେ ସକ୍ଷମ ହୋଇଥିଲେ। ଅବକାରୀ ବିଭାଗ ଦୁଇ ଦିନ ଚଢାଉରେ ମୋଟ ୧୦୭୦ଲିଟର ଦେଶୀ ମହୁଲି ମଦ ଜବତ କରିଛି। ତେବେ ଜବତ ଦେଶୀ ମହୁଲି ମଦ ଓ ମଦ ପୋଚର ଆନୁମାନିକ ମୁଲ୍ୟ ପ୍ରାୟ ୬ଲକ୍ଷ ୧୪ହଜାର ଟଙ୍କା ହେବ ବୋଲି ଆକଳନ କରାଯାଇଛି। ଏ ସଂକ୍ରାନ୍ତରେ ବିଭାଗ ପକ୍ଷରୁ ୭୭, ୭୮, ୭୯, ୮୦ ଓ ୮୧/୨୬ରେ ପୃଥକ ୫ଟି ମାମଲା ରୁଜୁ କରି ଗିରଫ ଅଭିଯକ୍ତ ମଳୟ ଦଳେଇକୁ କୋର୍ଟ ଚାଲାଣ କରିଥିବା ନେଇ ବିଭାଗ ପକ୍ଷରୁ ସୁଚନା ମିଳିଛି। ଉକ୍ତ ଚଢ଼ଉରେ ବାଲୁଗାଁ ଅବକାରୀ ଅଧିକାରୀ ରାମଚନ୍ଦ୍ର ଜେନା, ସିପାହୀ ରଂଜିତ ପଟେଲ, ମନୋଜ କୁମାର ଜୟସିଂ, ସତ୍ୟବନ୍ତ ମାଝି ଓ ସୁନିତା ମହାରଣା ପ୍ରମୁଖଙ୍କ ସମେତ ଟାଙ୍ଗୀ ଓ ବାଲୁଗାଁ ଅବକାରୀ ବିଭାଗ, ଜିଲ୍ଲା ମୋବାଇଲ ସ୍କ୍ୱାଡ, ଏପିଆର ଖୋର୍ଦ୍ଧା ଓ ବାଣପୁର ପୁଲିସ ଟିମ୍ ସାମିଲ ଥିଲେ।

### ମହାନଦୀ ଜଳ ବିବାଦ ପ୍ରସଙ୍ଗ

**ବିଜେଡିର କ୍ଷୋଭ**

# ଛତିଶଗଡ଼ ନିକଟରେ ମୁଣ୍ଡ ବିକିଦେଲେ ଓଡ଼ିଶା ସରକାର

ଭୁବନେଶ୍ୱର,୨୭।୬(ସମିସ): ମହାନଦୀ ଜଳ ବିବାଦ ପ୍ରସଙ୍ଗରେ ଛତିଶଗଡ ଓ କର୍ପୋରେଟ୍ ସଂସ୍ଥାଙ୍କ ସ୍ୱାର୍ଥରେ କାମ କରୁଛି ଓଡ଼ିଶା ବିଜେପି ସରକାର। ଉଭୟ ରାଜ୍ୟର ମୁଖ୍ୟମନ୍ତ୍ରୀଙ୍କ ଅନୁମୋଦନକ୍ରମେ ଗତ ମାସରେ ଯୁଗ୍ମ ବୈଷୟିକ କମିଟି ଦେଇଥିବା ରିପୋର୍ଟ ଓଡ଼ିଶାର ସ୍ୱାର୍ଥ ବିରୋଧରେ ଯାଉଛି ବୋଲି ବିଜେଡି ଅଭିଯୋଗ କରିଛି।

ଶଙ୍ଖ ଭବନଠାରେ ଆୟୋଜିତ ସାମ୍ବାଦିକ ସମ୍ମିଳନୀରେ ବରିଷ୍ଠ ସାଧାରଣ ସମ୍ପାଦକ ଭୃଗୁ ବକ୍ସିପାତ୍ର କହିଥିଲେ ଯେ ଛତିଶଗଡ ଏବଂ କର୍ପୋରେଟ୍ ସଂସ୍ଥାମାନଙ୍କୁ ସୁହାଇଲା ଭଳି ଭୂମିକା ଓଡ଼ିଶା ସରକାର ନେବା ଦୁର୍ଭାଗ୍ୟଜନକ। ଟ୍ରିବ୍ୟୁନାଲ ନିକଟରେ ଗତ ମାସରେ ଯୁଗ୍ମ ବୈଷୟିକ କମିଟି ଦାଖଲ କରିଥିବା ରିପୋର୍ଟ ଅନୁଯାୟୀ ମହାନଦୀର ଅବବାହିକାରେ ୬୨.୩୬ ନିୟୁତ ଏକର ଫୁଟ୍ ପାଣି ଉପଲବ୍ଧ ଅଛି, ଛତିଶଗଡ ଓ ଓଡ଼ିଶା ସୀମାନ୍ତରେ ୨୮.୪୮, ହୀରାକୁଦ ନିକଟରେ ୩୨.୮୩ ଓ ନରାଜ ନିକଟରେ ୫୬.୨୯ ନିୟୁତ ଏକର ଫୁଟ ପାଣି ଉପଲବ୍ଧ। ଏଥିରୁ ସ୍ପଷ୍ଟ ହେଉଛି ଯେ ଓଡ଼ିଶାରେ ମହାନଦୀରେ ପ୍ରଚୁର ପାଣି ରହିଛି ଏବଂ ଛତିଶଗଡ ସହିତ ବିବାଦର କୌଣସି ଯଥାର୍ଥତା ନାହିଁ। ଏହି ରିପୋର୍ଟକୁ ଉଭୟ ରାଜ୍ୟର ମୁଖ୍ୟମନ୍ତ୍ରୀ ଅନୁମୋଦନ କରିଛନ୍ତି। ଅପରପକ୍ଷରେ ୨୦୨୫ ଅଗଷ୍ଟ ୨୫ତାରିଖରେ ଓଡ଼ିଶା ବିଧାନସଭାରେ ମୁଖ୍ୟମନ୍ତ୍ରୀ ଦେଇଥିବା ତଥ୍ୟ ଅନୁଯାୟୀ ମହାନଦୀର ଉପରମୁଣ୍ଡରେ ଛତିଶଗଡ ବନ୍ଧ ବାନ୍ଧିବା କାରଣରୁ ଅଣମୌସୁମୀ ସମୟରେ ଓଡ଼ିଶାରେ ଜଳ ପ୍ରବାହ ହ୍ରାସ ପାଇଛି। ସରକାରକୁ ଆସିଲା ପରେ ତୁରନ୍ତ ମହାନଦୀ ଜଳ ବଣ୍ଟନ ସମସ୍ୟା ସମାଧାନ କରିଦେବୁ ବୋଲି ବାହାସ୍ଫୋଟ ମାରୁଥିବା ବିଜେପି ସରକାର ଆଜି ଛତିଶଗଡ ନିକଟରେ ମୁଣ୍ଡ ବିକିଦେଇଛି। ତୁରନ୍ତ ରାଜ୍ୟ ସରକାର ଏ ସଂପର୍କରେ ଏକ ଶ୍ୱେତପତ୍ର ପ୍ରକାଶ କରନ୍ତୁ ବୋଲି ସେ ଦାବି କରିଛନ୍ତି। ସମ୍ବଲପୁର ଜିଲ୍ଲା ବିଜେଡି ସଭାପତି ରୋହିତ ପୂଜାରୀ କହିଥିଲେ ଯେ ହୀରାକୁଦ ବନ୍ଧ ନିର୍ମାଣ ସମୟରେ ଲକ୍ଷାଧିକ ସ୍ଥାନୀୟ ବାସିନ୍ଦା ବିସ୍ଥାପିତ ହୋଇଥିଲେ। ଆଜି ସୁଦ୍ଧା ସେମାନଙ୍କ ସମସ୍ୟାର ସମାଧାନ ହୋଇନଥିବା ବେଳେ ରାଜ୍ୟ ବିଜେପି ସରକାର, ଟ୍ରିବ୍ୟୁନାଲ ନିକଟରେ ଓଡ଼ିଶାର ସ୍ୱାର୍ଥକୁ ଜଳାଞ୍ଜଳି ଦେଇଛି। ତୁଟକିରେ ସମାଧାନ ହେଇଯିବ ବୋଲି କହୁଥିବା ରାଜ୍ୟ ବିଜେପି ସରକାର ଆଜି ଓଡ଼ିଶାର ସ୍ୱାର୍ଥ ଟ୍ରିବ୍ୟୁନାଲ ନିକଟରେ ସଠିକ୍ ଢଙ୍ଗରେ ଉପସ୍ଥାପନ କରିବା ପରିବର୍ତ୍ତେ ଛତିଶଗଡ଼ ଦେଇଥିବା ତଥ୍ୟକୁ ସ୍ୱୀକାର କରିନେଇଛି । ୨୦୧୮ ମସିହାରେ ତତ୍କାଳୀନ ବିଜେଡି ସରକାର ସୁପ୍ରିମକୋର୍ଟ ଓ ଟ୍ରିବ୍ୟୁନାଲରେ ଛତିଶଗଡ ମହାନଦୀରେ ପାଣି ଅଟକାଇବା ନେଇ ଦୃଢ ଦାବି ଉପସ୍ଥାପନ କରିଥିଲା ବେଳେ ବର୍ତ୍ତମାନର ବିଜେପି ସରକାର ଛତିଶଗଡ ଦେଇଥିବା ତଥ୍ୟକୁ ଯୁଗ୍ମ ବୈଷୟିକ କମିଟି ନିକଟରେ ଅନୁମୋଦନ କରି ଓଡ଼ିଶାର ସ୍ୱାର୍ଥକୁ ଜଳାଞ୍ଜଳି ଦେଇଛନ୍ତି। ମହାନଦୀ ଶୁଖିଲା ପଡିଥିଲା ବେଳେ ପର୍ଯ୍ୟାପ୍ତ ପାଣି ଉପଲବ୍ଧ ଅଛି ବୋଲି ଟ୍ରିବ୍ୟୁନାଲ ନିକଟରେ ସହମତି ପ୍ରକାଶ କରିବା, ଡବଲ ଇଂଜିନ ସରକାରର ରାଜ୍ୟବାସୀଙ୍କ ପ୍ରତି ଚରମ ଉପହାସ ବୋଲି ବିଜେଡି କହିଛି।



- ଯୁଗ୍ମ ବୈଷୟିକ କମିଟିର ତଥ୍ୟ ବାସ୍ତବତାରୁ ବହୁ ଦୂରରେ
- ଛତିଶଗଡ଼ର ଦାବିକୁ ମାନିନେଲେ ଓଡ଼ିଶା ବିଜେପି ସରକାର
- ମହାନଦୀ ଜଳ ବିବାଦରେ ଓଡିଶା ସରକାରଙ୍କ ପ୍ରତିବଦ୍ଧତା କୁଆଡ଼େ ଗଲା?

# ବାର୍ ଓ ବେଞ୍ଚ ମଧ୍ୟରେ ସମନ୍ୱୟ ରକ୍ଷା ଗୁରୁତ୍ୱପୂର୍ଣ୍ଣ: ହାଇକୋର୍ଟ ମୁଖ୍ୟ ବିଚାରପତି

ସମ୍ବଲପୁର, ୨୭।୬ (ସମିସ): ଅଦାଲତର କାର୍ଯ୍ୟଧାରାକୁ ସୁଗମ କରିବା ପାଇଁ ବାର୍ ଓ ବେଞ୍ଚ ମଧ୍ୟରେ ସୁସମ୍ପର୍କ ଓ ସମନ୍ୱୟ ରକ୍ଷା ଆବଶ୍ୟକ। ଜଣେ ସଫଳ ଆଇନଜୀବୀ ପାଇଁ ପୁସ୍ତକ ଓ ପାଠ ପଢ଼ିବା ଅଭ୍ୟାସର ବିକଳ୍ପ ଯାନ୍ତ୍ରିକ ପ୍ରଗତି ଦେଇପାରିବି ନାହିଁ ବୋଲି ଓଡ଼ିଶା ଉଚ୍ଚ ନ୍ୟାୟାଳୟର ମୁଖ୍ୟ ନ୍ୟାୟାଧୀଶ ଜଷ୍ଟିସ ହରିଶ ଟଣ୍ଡନ ମତବ୍ୟକ୍ତ କରିଛନ୍ତି। ଏହାସହ ବିଚାରାଳୟରେ ଏକ ସୁସ୍ଥ ଏବଂ ଆଦର୍ଶ ଓକିଲ ସଂଘର ଭୂମିକା ଉପରେ ସେ ଆଲୋକପାତ କରିଥିଲେ।

ଶନିବାର ଓଡ଼ିଶା ଉଚ୍ଚ ନ୍ୟାୟାଳୟର ମୁଖ୍ୟ ନ୍ୟାୟାଧୀଶ ଜଷ୍ଟିସ ଟଣ୍ଡନ ଏବଂ ପୋର୍ଟଫୋଲିଓ ନ୍ୟାୟାଧୀଶ ସମ୍ବଲପୁର, ଡ. ସଞ୍ଜୀବ କୁମାର ପାଣିଗ୍ରାହୀ ସମ୍ବଲପୁର କୋର୍ଟ ପରିସରକୁ ଆସିଥିବା ଅବସରରେ ଜିଲ୍ଲା ଓକିଲ ସଂଘ ସଭାପତି ଚନ୍ଦ୍ରକୁମାର ପୁରୋହିତଙ୍କ ଅଧ୍ୟକ୍ଷତାରେ ଏକ ସଭା ଆୟୋଜନ କରାଯାଇଥିଲା। ଏଥିରେ ଓକିଲମାନଙ୍କ ବିଭିନ୍ନ ସମସ୍ୟା ବିଷୟରେ ଆଲୋଚନା କରାଯାଇଥିଲା। ସଂଘ ପକ୍ଷରୁ ସଭାପତି ଶ୍ରୀ ପୁରୋହିତ ସ୍ୱାଗତ ବକ୍ତବ୍ୟ ପ୍ରଦାନ କରିଥିବାବେଳେ ଉପସଭାପତି ରବି ରଞ୍ଜନ ପୂଜାରୀ ଅତିଥି ପରିଚୟ ପ୍ରଦାନ କରିଥିଲେ। ସଭାରେ ଜିଲ୍ଲା ନ୍ୟାୟାଧୀଶ ଏବଂ ଅନ୍ୟାନ୍ୟ ବିଚାରପତି, ଜିଲ୍ଲା ଓକିଲ ସଂଘର କର୍ମକର୍ତ୍ତା, ବରିଷ୍ଠ ଆଇନଜୀବୀ ତଥା ସମସ୍ତ ଆଇନଜୀବୀମାନେ ଉପସ୍ଥିତ ଥିଲେ। ଓକିଲ ସଂଘର ଯୁଗ୍ମ ସମ୍ପାଦକ ରତନଲାଲ ଶର୍ମା ଧନ୍ୟବାଦ ଅର୍ପଣ କରିଥିଲେ। ଅନ୍ୟପକ୍ଷରେ ଭୁବନେଶ୍ୱର ଅଦାଲତ ଭଳି ସମ୍ବଲପୁରର ସମସ୍ତ କୋର୍ଟକୁ ଗୋଟିଏ କ୍ୟାମ୍ପସକୁ ଆଣିବା ପାଇଁ ପୂର୍ବରୁ ପ୍ରସ୍ତାବ ରହିଥିଲା। ସେଥିପାଇଁ ଜାଗା ଚିହ୍ନଟକୁ ନେଇ କିଛି ଅସୁବିଧା ରହିଥିଲା। ତେବେ, ବର୍ତ୍ତମାନର କୋର୍ଟ ପରିସରରେ ପର୍ଯ୍ୟାପ୍ତ ସ୍ଥାନଥିବାରୁ ସମସ୍ତ କୋର୍ଟ ଏହିଠାରେ ଏକାସଙ୍ଗେ କାର୍ଯ୍ୟ କରିବ ବୋଲି ପ୍ରସ୍ତାବ ପାରିତ ହୋଇଥିବା ସଭାପତି ଶ୍ରୀ ପୁରୋହିତ କହିଛନ୍ତି। ପରବର୍ତ୍ତୀ ସମୟରେ ସମ୍ବଲପୁର ଜିଲ୍ଲା ଓକିଲ ସଂଘର ଏକ ପ୍ରତିନିଧି ଦଳ ପୋର୍ଟଫୋଲିଓ ନ୍ୟାୟାଧୀଶ ସମ୍ବଲପୁର, ଡ. ସଞ୍ଜୀବ ପାଣିଗ୍ରାହୀଙ୍କୁ ସର୍କିଟ୍ ହାଉସ୍‌ଠାରେ ସାକ୍ଷାତ କରି ଆଇନଜୀବୀମାନଙ୍କ ବିଭିନ୍ନ ସମସ୍ୟା ବିଷୟରେ ବିଶଦଭାବେ ଆଲୋଚନା କରିଥିଲେ। ନ୍ୟାୟାଧୀଶ ଡ. ପାଣିଗ୍ରାହୀ ଏହାର ସମାଧାନ ପାଇଁ ପଦକ୍ଷେପ ନେବାକୁ ପ୍ରତିଶ୍ରୁତି ଦେଇଥିବା ଜଣାପଡ଼ିଛି। ଉଲ୍ଲେଖଯୋଗ୍ୟ ଯେ, ସମ୍ବଲପୁରଠାରେ ହାଇକୋର୍ଟର ସ୍ଥାୟୀ ବେଞ୍ଚ ସ୍ଥାପନ ପ୍ରସଙ୍ଗରେ ଆଜି ମୁଖ୍ୟ ବିଚାରପତିଙ୍କ ସମ୍ବଲପୁର ଅଦାଲତକୁ ଆସିଥିବାବେଳେ କୌଣସି ଆଲୋଚନା ହୋଇନାହିଁ।




### ପାଟିକା ପଦରେ ଦଳିତ ମହିଳାଙ୍କ ନିଯୁକ୍ତିକୁ ବିରୋଧ

# ଅଙ୍ଗନବାଡ଼ି କେନ୍ଦ୍ରରେ ତାଲା ପକାଇଦେଲେ ଗାଁ ଲୋକ



- ପ୍ରଶାସନିକ ଅଧିକାରୀ ମଧ୍ୟ ବୁଝାଇ ପାରିଲେନି
- ଜିଦିରେ ଅଟଳ ଘୁଷୁରାମୁଣ୍ଡା ଗ୍ରାମାବସୀ
- ଗଛ ତଳେ ପିଲାଙ୍କୁ ଧରି ବସୁଛନ୍ତି କର୍ମୀ
- ୪୪ ମଧ୍ୟରୁ ଆସୁଛନ୍ତି ମାତ୍ର ୫ ଛାତ୍ରଛାତ୍ର

କଣ୍ଟାବାଞ୍ଜି/ମୁରିବାହାଲ,୨୭।୬(ସମିସ): ବର୍ତ୍ତମାନର ବିଜ୍ଞାନ ଯୁଗରେ ଲୋକେ ଏଆଇ ବ୍ୟବହାର କଲେଣି; ହେଲେ ଏବେ ମଧ୍ୟ ଗ୍ରାମାଞ୍ଚଳରରେ ମଧ୍ୟଯୁଗୀୟ ଜାତିପ୍ରଥା ରହିଛି। ବଲାଙ୍ଗୀର ଜିଲ୍ଲା ମୁରିବାହାଲ ବ୍ଲକ୍ ଘୁଷୁରାମୁଣ୍ଡା ଗାଁରେ ଏଭଳି ଘଟଣା ସାମ୍ନାକୁ ଆସିଛି। ଏଠି ଜଣେ ଦଳିତ ଜାତିର ଉଚ୍ଚ ଶିକ୍ଷିତ ମହିଳା ହଟହଟା ହୋଇଛନ୍ତି। ଗାଁରେ ଥିବା ଅଙ୍ଗନବାଡି କେନ୍ଦ୍ରରେ ୪୪ ଜଣ କୁନି କୁନି ଛାତ୍ରଛାତ୍ରୀ ପଢୁଛନ୍ତି। ଏମାନଙ୍କ ଯତ୍ନ ନେବା ସହ ରୋଷେଇ କରିବାକୁ ଜଣେ ପାଚିକା ନିଯୁକ୍ତି ହେଇଥିଲେ; ହେଲେ ଗତ କିଛି ମାସ ତଳେ ତାଙ୍କ ମୃତ୍ୟୁ ଘଟିଛି। ଏହାପରେ ମୁରିବାହାଲ ବ୍ଲକ ସିଡ଼ିପିଓଙ୍କ କାର୍ଯ୍ୟାଳୟ ପକ୍ଷରୁ ପାଚିକା ନିଯୁକ୍ତି ପାଇଁ ବିଜ୍ଞପ୍ତି ପ୍ରକାଶ ପାଇଥିଲା। ଗାଁର ୬ଜଣ ମହିଳା ଅନଲାଇନ ମାଧ୍ୟମରେ ଏଥିଲାଗି ଆବେଦନ କରିଥିଲେ। ଶିକ୍ଷାଗତ ଯୋଗ୍ୟତାକୁ ଆଧାର କରି ଗାଁର ପୁଣ୍ୟ ହରପାଳ ନାମ୍ନୀ ଜଣେ ମହିଳାଙ୍କୁ ନିଯୁକ୍ତି ମିଳିଥିଲା। ଏହାକୁ ନେଇ ଘୁଷୁରାମୁଣ୍ଡା ଗାଁରେ ବିବାଦ ସୃଷ୍ଟି ହୋଇଛି। ସେ ଦଳିତ ଜାତିର। ତାଙ୍କ ସମାଜର ରନ୍ଧା ଆମେ କେବେ ଖାଉନାହିଁ। ଆମ ଛୁଆ କେମିତି ଖାଇବେ। ଦଳିତ ମହିଳା ପାଚିକା ହୋଇ ପାରିବେ ନାହିଁ ବୋଲି ଗାଁର ଅନ୍ୟ ଜାତିର ଲୋକମାନେ କହିଛନ୍ତି। ସମସ୍ତେ ଏକତ୍ରିତ ହୋଇ ଗାଁରେ ଥିବା ଅଙ୍ଗନବାଡି କେନ୍ଦ୍ରରେ ତାଲା ପକାଇ ଦେଇଛନ୍ତି। ଏ ଖବର ପାଇ ମୁରିବାହାଲ ତହସିଲଦାର ଜଗଦୀଶ କର୍ତ୍ତାମୀ, ସିଡିପିଓ ପୂର୍ଣ୍ଣିମା ବୈଠାରୁ, ମୁରିବାହାଲ ଥାନା ଅଧିକାରୀ ବୁଲୁ ମୁଣ୍ଡା ଗାଁରେ ପହଞ୍ଚି ଥିଲେ। ଲୋକଙ୍କ ସହ ଏମାନେ ଆଲୋଚନା କରି ବୁଝାଇବାକୁ ଚେଷ୍ଟା କରିଥିଲେ; କିନ୍ତୁ ଗାଁ ବିଫଳ ହୋଇ ଫେରି ଯାଇଛନ୍ତି। ଗାଁ ଲୋକେ ନିଜ ଜିଦରେ ଅଟଳ ରହିଛନ୍ତି। ଅଙ୍ଗନବାଡ଼ି କେନ୍ଦ୍ରରେ ଗାଁ ଲୋକେ ତାଲା ପକାଇବା ପରେ ଅଙ୍ଗନବାଡ଼ି କର୍ମୀ ଦେବକୀ ବାରିକ ଏକ ଗଛ ତଳେ କୁନିକୁନି ପିଲାଙ୍କୁ ପାଠ ପଢ଼ାଉଛନ୍ତି। ପାଟିକା ପୁଣ୍ୟ ହରପାଳ ସେଠାରେ ଖୋଲାରେ ପିଲାଙ୍କୁ ରୋଷେଇ କରି ଖାଇବାକୁ ଦେଉଛନ୍ତି। ଅଙ୍ଗନବାଡ଼ି କେନ୍ଦ୍ରରେ ମୋଟ ୪୪ ଜଣ ପିଲା ଥିବା ଏବେ ମାତ୍ର ୫ଜଣ ଆସୁଛନ୍ତି। ଅନ୍ୟ ଜାତିର ଲୋକେ ଦଳିତ ଜାତିର ପାଚିକାଙ୍କୁ ବିରୋଧ କରି ତାଙ୍କ ପିଲାଙ୍କୁ ଅଙ୍ଗନବାଡ଼ିକୁ ଛାଡୁ ନାହାନ୍ତି। ପୁଣ୍ୟ ଜଣେ ଉଚ୍ଚ ଶିକ୍ଷିତ ମହିଳା। ତାଙ୍କ ଶିକ୍ଷାଗତ ଯୋଗ୍ୟତା ଏମ୍.ଏ; କିନ୍ତୁ ଏତେ ପାଠ ପଢିଥିବା ସତ୍ତ୍ୱେ ମଧ୍ୟ ଆଜି ଛୋଟ ଜାତି ବୋଲି ତାଙ୍କୁ ନିଜର ଅଧିକାର ପାଇଁ ସଂଘର୍ଷ କରିବାକୁ ପଡୁଛି ବୋଲି ସେ କୋହଭରା କଣ୍ଠରେ କହିଛନ୍ତି। ତେବେ ୨୦୧୩ରେ ମଧ୍ୟ ଏହି ଗାଁରେ ଅଙ୍ଗନବାଡ଼ି କର୍ମୀ ନିଯୁକ୍ତି ନେଇ ମଧ୍ୟ ବଡ଼ ଗଣ୍ଡଗୋଳ ସୃଷ୍ଟି ହୋଇଥିଲା।

ଜଣେ ଦଳିତ ଜାତିର ମହିଳା ଅଙ୍ଗନବାଡ଼ି କର୍ମୀ ଭାବେ ନିଯୁକ୍ତ ହେବା ପରେ ସେହି ଗାଁର ଅନ୍ୟ ଜାତିର ଲୋକେ ବିରୋଧ କରିଥିଲେ। କେବଳ ବିରୋଧ କରି ନ ଥିଲେ; ବରଂ ସେହି ଗାଁର ଦଳିତ ପରିବାରର ଲୋକଙ୍କୁ ଆକ୍ରମଣ କରିଥିଲେ। ଏହାଫଳରେ ଗାଁରେ ଥିବା ଦଳିତ ପରିବାରର ଲୋକ ଗାଁ ଛାଡି ଅନ୍ୟ ଗାଁରେ ଆଶ୍ରୟ ନେଇଥିଲେ। ଆଜିଯାଏ ଏହି ଗାଁରେ ଜାତିପ୍ରଥା ରହିଛି। ଏହି ଗାଁରେ ଜାତିପ୍ରଥାକୁ ନେଇ ସଚେତନତାର ଅଭାବ ରହିଛି। ଅନ୍ୟପକ୍ଷରେ ଦଳିତ ସମାଜର ଜଣେ ଉଚ୍ଚ ଶିକ୍ଷିତ ମହିଳାଙ୍କୁ ଅସମ୍ମାନ କରି ଜାତିଆଣ ଆକ୍ଷେପ କରି ଭେଦଭାବ କରୁଥିବା ଯୋଗୁଁ ଏବେ ସମଗ୍ର ପଶ୍ଚିମ ଓଡ଼ିଶାର ଦଳିତ ସମାଜ ଏହାକୁ ବିରୋଧ କରି ଜଣେ ଦଳିତ ମହିଳାଙ୍କୁ ନ୍ୟାୟ ଦେବାକୁ ଦାବି କରିଛି। ସୋସିଆଲ ମିଡିଆରେ ଏବେ ପୁଣ୍ୟ ହରପାଳଙ୍କ ସମର୍ଥନରେ ଦଳିତ ଜାତିର ହଜାର ହଜାର ଲୋକେ ବାହାରିଛନ୍ତି। ଦଳିତ ଜାତିର ମହିଳାଙ୍କୁ ଅପମାନକୁ ନେଇ ଦଳିତସମାଜ ଏକତ୍ରିତ ହୋଇ ଆନ୍ଦୋଳନ ପାଇଁ ସଜବାଜ ହେଉଛନ୍ତି।

### ଝାରସୁଗୁଡ଼ା ପକ୍ସୋ କୋର୍ଟଙ୍କ ଗୁରୁତ୍ୱପୂର୍ଣ୍ଣ ରାୟ

# ୩୦ ବର୍ଷୀୟ ଯୁବକଙ୍କୁ ୨୦ ବର୍ଷ ଜେଲ୍ ଦଣ୍ଡାଦେଶ

ଭୁବନେଶ୍ୱର, ୨୭।୬ (ସମିସ): ଝାରସୁଗୁଡାସ୍ଥିତ ସ୍ୱତନ୍ତ୍ର ପକ୍ସୋ କୋର୍ଟ ଜଣେ ୬ ବର୍ଷର ନାବାଳିକାକୁ ଯୌନ ନିର୍ଯାତନା ଦେବା ମାମଲାରେ ଏକ ୩୦ ବର୍ଷୀୟ ଯୁବକକୁ ୨୦ ବର୍ଷର ସଶ୍ରମ କାରାଦଣ୍ଡାଦେଶ ଶୁଣାଇଛନ୍ତି। ଝାରସୁଗୁଡ଼ା ଜିଲ୍ଲା ବନହରପାଲି ଥାନା ଅନ୍ତର୍ଗତ ଆଇବି ଥର୍ମାଲ୍ ପମ୍ପହାଉସ୍‌ପଡ଼ାର ବାସିନ୍ଦା ଅଜୟ ସିଂହଙ୍କୁ ଅତିରିକ୍ତ ଜିଲ୍ଲା ଓ ଦୌରାଜଜ୍-ତଥା-ସ୍ୱତନ୍ତ୍ର କୋର୍ଟ ବିଚାରପତି ସୁଶ୍ରୀ ପୂଜା ସାରଙ୍ଗୀ ପକ୍ସୋ ଆକ୍ଟର ଧାରା ୬ ଏବଂ ଭାରତୀୟ ନ୍ୟାୟ ସଂହିତା , ୨୦୨୩ ର ଧାରା ୬୫(୨) ଅଧୀନରେ ଦୋଷୀ ସାବ୍ୟସ୍ତ କରିଛନ୍ତି। ବିଚାରପତି ଅଜୟ ସିଂହଙ୍କୁ ୨୦ ବର୍ଷର ସଶ୍ରମ କାରାଦଣ୍ଡ ସହ ୫୦,୦୦୦ ଟଙ୍କା ଜରିମାନା କରିଛନ୍ତି। ଜରିମାନା ଅନାଦେୟ ହେଲେ ଅଧିକ ବର୍ଷେ ସଶ୍ରମ କାରାଦଣ୍ଡ ଭୋଗିବାକୁ ପଡ଼ିବ ବୋଲି ନିର୍ଦ୍ଦେଶ ଦେଇଛନ୍ତି। ଜରିମାନା ବାବଦ ଅର୍ଥ ପୀଡ଼ିତାଙ୍କୁ ପ୍ରଦାନ କରାଯିବ। ସୂଚନାଯୋଗ୍ୟ ଯେ, ୨୦୨୫ ମସିହା ୨୨ ଜୁନ୍‌ରେ ଏଭଳି ଜଘନ୍ୟ କାଣ୍ଡ ଘଟିଥିଲା। ଏନେଇ ପରିବାର ପକ୍ଷରୁ ଥାନାରେ ଅଭିଯୋଗ କରାଯାଇଥିଲା। ଅଭିଯୋଗକୁ ଭିତ୍ତି କରି ପୁଲିସ ଏକ ମାମଲା ରୁଜୁ କରିବା ସହ ଅଜୟ ସିଂହଙ୍କୁ ଗିରଫ କରିଥିଲା। ୧ବର୍ଷ ମଧ୍ୟରେ ଏହି ମାମଲାର ବିଚାର କରାଯାଇ ଦୋଷୀଙ୍କ ବିରୋଧରେ କୋର୍ଟ ଦଣ୍ଡବିଧାନ କରିଛନ୍ତି।

# ଆସନ୍ତା ୨୯ ରେ ଆନ୍ଦୋଳନ କରିବେ ଶିକ୍ଷକ ଓ କର୍ମଚାରୀ

ଭୁବନେଶ୍ୱର, ୨୭।୬(ସମିସ): ଅନୁଦାନ ଯୋଗ୍ୟ ବିଦ୍ୟାଳୟ ଓ ମହାବିଦ୍ୟାଳୟକୁ ରାଜ୍ୟ ସରକାର ଅନୁଦାନ ଦେଉ ନାହାନ୍ତି। କାର୍ଯ୍ୟରତ ଶିକ୍ଷକ ଏବଂ ଶିକ୍ଷା କର୍ମଚାରୀଙ୍କୁ ଚାକିରି ସର୍ତ୍ତାବଳୀ ପ୍ରଦାନରେ ଅହେତୁକ ବିଳମ୍ବ କରୁଛନ୍ତି। ଶିକ୍ଷା ଓ ଶିକ୍ଷା କର୍ମଚାରାଙ୍କ ସମସ୍ୟାର ସମାଧାନ ପାଇଁ ଗଠିତ ଉଚ୍ଚସ୍ତରୀୟ କମିଟିର ରିପୋର୍ଟ ସରକାରଙ୍କୁ ପ୍ରଦାନ କରାଯାଇଥିଲେ ମଧ କାର୍ଯ୍ୟକାରୀ କରାଯାଉ ନାହିଁ। ଏହାକୁ ପ୍ରତିବାଦ କରି ଆସନ୍ତା ୨୯ ରେ ଓଡ଼ିଶା ସ୍କୁଲ କଲେଜ ଶିକ୍ଷକ ଓ କର୍ମଚାରୀ ସମନ୍ୱୟ ସମିତି ପକ୍ଷରୁ ବିଧାନସଭା ସମ୍ମୁଖରେ ବିକ୍ଷୋଭ ପ୍ରଦର୍ଶନ କରାଯିବ ବୋଲି ସମନ୍ୱୟ ସମିତି ପକ୍ଷରୁ ଆଜି ଅନୁଷ୍ଠିତ ଏକ ସାମ୍ବାଦିକ ସମ୍ମିଳନୀରେ ଘୋଷଣା କରାଯାଇଛି। ସମନ୍ୱୟ ସମିତିର ସଭାପତି ସୁକାନ୍ତ କୁମାର ବେହେରା କହିଛନ୍ତି ଯେ ଶିକ୍ଷକ ଓ କର୍ମଚାରୀଙ୍କୁ ସମାନ ଅଧିକାର ଓ ସାମାଜିକ ନ୍ୟାୟ ପ୍ରଦାନ କରିବାକୁ ସରକାର ପ୍ରତିଶ୍ରୁତି ଦେଇଥିଲେ ମଧ ତାହା କେବଳ ଭାଷଣରେ ସୀମିତ ରହିଛି। ସରକାରୀ, ପୂର୍ଣ୍ଣଅନୁଦାନ ପ୍ରାପ୍ତ, ନୂତନ ଅନୁଦାନ ପ୍ରାପ୍ତ ବିଦ୍ୟାଳୟର ଶିକ୍ଷକ ଓ ଛାତ୍ରୀଛାତ୍ରଙ୍କ ମଧ୍ୟରେ ବୈଷମ୍ୟ ସୃଷ୍ଟି କରୁଛନ୍ତି। ଏଣୁ ସେମାନଙ୍କ ସମସ୍ତ ଦାବିକୁ ତୁରନ୍ତ ପୂରଣ କରା ନଗଲେ ଆଗକୁ ଗଣ ଆନ୍ଦୋଳନ ଗଢ଼ି ଉଠିବ ବୋଲି ସମିତର ଅକ୍ଷୟ କୁମାର ମିଶ୍ର, ନିର୍ମଳା ପଣ୍ଡା ପ୍ରମୁଖ ସରକାରଙ୍କୁ ଚେତାବନୀ ଦେଇଛନ୍ତି।

## ଓଏଫଡିସିରେ ୧୧ ଅଧିକାରୀଙ୍କ ନିଯୁକ୍ତି ଆଦେଶ ରଦ୍ଦ

ଭୁବନେଶ୍ୱର,୨୭।୬(ସମିସ): ଓଡ଼ିଶା ବନ ଉନ୍ନୟନ ନିଗମ (ଓଏଫଡିସି) ଅଧୀନରେ ୧୧ ଜଣ ଡିଭିଜିନାଲ ମ୍ୟାନେଜରଙ୍କ ନିଯୁକ୍ତିକୁ ନିଗମର ଅଧ୍ୟକ୍ଷ ରଦ୍ଦ କରି ଦେଇଛନ୍ତି। ଅଧ୍ୟକ୍ଷଙ୍କ ଅନୁମୋଦନ ଏହି ନିଯୁକ୍ତି ଦିଆଯାଇଥିବାରୁ ଏହାକୁ ତତ୍କ୍ଷଣାତ ପ୍ରଭାବରେ ରଦ୍ଦ କରାଯାଇଥିବା ନେଇ କାର୍ଯ୍ୟାଳୟ ପକ୍ଷରୁ ସୂଚନା ଦିଆଯାଇଛି। ସୂଚନା ଅନୁଯାୟୀ ଗତ ୨୪ ତାରିଖରେ ଏହି ନିଯୁକ୍ତିଗୁଡ଼ିକ ଓଏଫଡିସି ସର୍ଭିସ ରୁଲ୍‌ର ନିୟମ ୮.୨ ଏବଂ ୮.୧୩କୁ ଉଲ୍ଲଂଘନ କରି ଏହି ନିଯୁକ୍ତି ପ୍ରଦାନ କରାଯାଇଥିଲା। ନିଯୁକ୍ତି ବେଳେ ଅଧ୍ୟକ୍ଷଙ୍କ ଅନୁମୋଦନ ନିଆଯାଇନଥିଲା। ନିଗମ ପକ୍ଷରୁ ସ୍ପଷ୍ଟ କରାଯାଇଛି ଯେ, ପୂର୍ବରୁ ସମସ୍ତ ବଦଳି ଓ ନିଯୁକ୍ତି କାର୍ଯ୍ୟ ଅଧ୍ୟକ୍ଷଙ୍କ ଅନୁମୋଦନ କ୍ରମେ ହେଉଥିଲା, ମାତ୍ର ଏହି ୧୧ଟି ନିଯୁକ୍ତି ଅନଧିକୃତ ଏବଂ ଅନୁପଯୁକ୍ତ ଭାବେ ହୋଇଥିଲା।

**କାରଖାନାରେ ଗ୍ୟାସ୍ ଲିକ୍ ଦୁର୍ଘଟଣା**

# ତାମିଲନାଡୁରୁ କେନ୍ଦୁଝର ଫେରିଲେ ୫୮ ଶ୍ରମିକ

କେନ୍ଦୁଝର/ତେଲକୋଇ,୨୭।୬(ସମିସ): ତାମିଲନାଡୁ ଗ୍ୟାସ ଲିକ ଦୁର୍ଘଟଣାରେ କେନ୍ଦୁଝର ଜିଲ୍ଲାର ୧୨ ଜଣ ନିରୀହ ଶ୍ରମିକଙ୍କ ଜୀବନ ଯାଇଛି। ଏହି ଘଟଣାରେ ଏବେବି ଆଉ ଦୁଇଜଣ ଗୁରୁତର ଥିବା ସୂଚନା ରହିଛି। ଏଭଳି ସ୍ଥିତିରେ ସେଠାରେ କାମ କରୁଥିବା ଆଉ ୫୮ ଜଣଙ୍କୁ ପ୍ରଶାସନ ଆଜି ଫେରାଇ ଆଣିବାରେ ସଫଳ ହୋଇଥିବା ଜଣାପଡ଼ିଛି।

ତାମିଲନାଡୁର ତିରୁଭାଲୁର ଜିଲ୍ଲାରେ ଥିବା ସେଣ୍ଟ ପିଟର୍ସ ଆଣ୍ଡ ପଲ୍ ସି ଫୁଡ୍ ଏକ୍ସପୋର୍ଟସ ପ୍ରାଇଭେଟ ଲିମିଟେଡ କମ୍ପାନୀରେ କେନ୍ଦୁଝର ଜିଲ୍ଲାରୁ ଯାଇ ୭୦ ଅଧିକ କାମ କରୁଥିଲେ। କାମ କରୁଥିବା ସମୟରେ କାରଖାନାର ଆମୋନିଆ ଗ୍ୟାସ୍ ଲିକ୍ ଦୁର୍ଘଟଣାରେ ସେମାନଙ୍କ ମଧ୍ୟରୁ ପ୍ରଥମେ ମୃତ ୫ ଜଣଙ୍କ ମଧ୍ୟରେ ସଦର ଥାନା ଅନ୍ତର୍ଗତ କୋଡିପଶା ଗ୍ରାମର ଫୁଲମଣୀ ଜୁଆଙ୍ଗ, କେନ୍ଦୁଝର ଜିଲ୍ଲା ତେଲକୋଇ ଥାନା ଅନ୍ତର୍ଗତ ଦୁବନାଳୀଟାଙ୍ଗିରୀ ଗ୍ରାମର ଶିବାନୀ ଜୁଆଙ୍ଗ, ତେଲକୋଇ ଥାନା ଦୁବନାଳୀ ଟାଙ୍ଗିରୀ ଗ୍ରାମର ଗୀତା ଜୁଆଙ୍ଗ, ତେଲକୋଇ ଥାନା ରଙ୍ଗାମାଟିଆ ଗ୍ରାମର ଗୁମନୀ ଜୁଆଙ୍ଗ ଓ ସଦର ଥାନା ଅନ୍ତର୍ଗତ ତଳଚମ୍ପେଇ ଗ୍ରାମର ଚମ୍ପାବତୀ ଜୁଆଙ୍ଗ ମୃତ୍ୟୁ ବରଣ କରିଥିଲେ। ଚିକିତ୍ସାଧୀନ ଅବସ୍ଥାରେ ପୁଣି କେନ୍ଦୁଝର ଟାଉନ ଥାନା କୋଡିପଶା ଗ୍ରାମର ସୃଜନୀ ଜୁଆଙ୍ଗ, ତେଲକୋଇ ଥାନା ରଙ୍ଗାମାଟିଆ ଗ୍ରାମର ଯାମିନୀ ଜୁଆଙ୍ଗ ପ୍ରମୁଖଙ୍କର ମୃତ୍ୟୁ ହୋଇଥିଲା। ପୁଣି ଚିକିତ୍ସାଧୀନ ଅବସ୍ଥାରେ ହରିଚନ୍ଦନପୁର ବ୍ଲକ କନ୍ତଲା ବାଲିସାହିର ସୁବାଶୀ ଯୁଆଙ୍ଗଙ୍କର ମୃତ୍ୟୁ ହୋଇଥିବା ଜଣାପଡିଛି। ସେହିପରି ଗୁରୁବାର ଚିକିତ୍ସାଧୀନ ଅବସ୍ଥାରେ ତେଲକୋଇ ଥାନା ଟାଙ୍ଗୀରି ଗାଁର ରୀତା ଜୁଆଙ୍ଗଙ୍କର ମୃତ୍ୟୁ ହୋଇଥିବା ବେଳେ ପରେ ଦୁଇଜଣ ତେଲକୋଇ ଥାନା ପିତାନାଳୀ ଗାଁର ସୁମିତ୍ରା ଜୁଆଙ୍ଗ ଏବଂ ଗୋନାସୀକା ନିକଟସ୍ଥ ଗୋଳିଆବନ୍ଧ ରାଇଡିହାର ଦୀପାଞ୍ଜଳି ଜୁଆଙ୍ଗଙ୍କର ମୃତ୍ୟୁ ହୋଇଥିବା ଜିଲ୍ଲା ଶ୍ରମ ଅଧିକାରୀ ସୂଚନା ଦେଇଥିଲେ।

**ଶବ ହୋଇ ଫେରିଥିଲେ ୧୨, ଏବେ ବି ୨ ଗୁରୁତର**

### ଯୁବ ବ୍ୟବସାୟୀଙ୍କୁ ଗୁଳିମାଡ଼ ଘଟଣାରେ ୪୮ ଘଣ୍ଟା ମହଲତ ଦେଲା ବିଜେଡି

# କାର୍ଯ୍ୟାନୁଷ୍ଠାନ ନ ହେଲେ ଏସ୍‌ପି ଅଫିସ୍ ଘେରଉ ଚେତାବନୀ

ବାଲେଶ୍ୱର,୨୭।୬ (ସମିସ): ବାଲେଶ୍ୱରର ଯୁବ ବ୍ୟବସାୟୀ ସେକ ହମିଦଙ୍କୁ ଗୁଳି କରି ହତ୍ୟା ଘଟଣାରେ ଶନିବାର ବିଜେଡିର ଫ୍ୟାକ୍ଟ ଫାଇଣ୍ଡିଂ ଟିମ୍ ଏସପିଙ୍କୁ ଭେଟିଛି । ଦିନ ଦ୍ୱି-ପ୍ରହରେ ଛାତିଥରା ଗୁଳିକାଣ୍ଡକୁ ନାପସନ୍ଦ କରିବା ସହ ବାଲେଶ୍ୱରରେ ବିଗୁଡ଼ୁଥିବା ଆଇନ ଶୃଙ୍ଖଳା ପରିସ୍ଥିତିକୁ ନିୟନ୍ତ୍ରଣ ତଥା କଡ଼ା କାର୍ଯ୍ୟାନୁଷ୍ଠାନ ନେଇ ଦାବି କରିଛନ୍ତି ।

**ଏସ୍‌ପି ଓ ମୃତକଙ୍କ ପରିବାରଙ୍କୁ ଭେଟିଲା ବିଜେଡିର ଫ୍ୟାକ୍ଟ ଫାଇଣ୍ଡିଂ ଟିମ୍**

ଯଦି ସମ୍ପୃକ୍ତ ଘଟଣାରେ ୪୮ ଘଣ୍ଟା ମଧ୍ୟରେ କୌଣସି କାର୍ଯ୍ୟାନୁଷ୍ଠାନ ନିଆ ନ ଯାଏ, ତେବେ ଏସ୍‌ପି ଅଫିସ ଘେରଉ କରିବା ନେଇ ବିଜେଡି ଚେତାବନୀ ଦେଇଛି । ଏଥିସହ ହମିଦଙ୍କ ଗଣେଶ୍ୱରପୁରସ୍ଥିତ ଘର ଓ ଅରଡ଼ବଜାରସ୍ଥିତ ଗୁଳିକାଣ୍ଡ ସ୍ଥଳକୁ ଏହି ସ୍ୱତନ୍ତ୍ର ଟିମ ପରିଦର୍ଶନ କରିବା ସହ ପରିବାରବର୍ଗ ଓ ବ୍ୟବସାୟୀଙ୍କୁ ଭେଟିଛି। ପରେ ସମ୍ପୃକ୍ତ ଟିମ୍ ଅରଡ଼ବଜାରସ୍ଥିତ ଗୁଳିକାଣ୍ଡ ସ୍ଥଳରେ ପହଞ୍ଚି ଘଟଣା ବିଷୟରେ ଲୋକଙ୍କଠୁ ବୁଝାବୁଝି କରିଛନ୍ତି ।

ଗତ ଗୁରୁବାର ଦିବାଲୋକରେ ଗୁଳିମାଡ଼ କରି ହମିଦଙ୍କୁ ହତ୍ୟା କରାଯାଇଛି। ଘଟଣାକୁ ନେଇ ବିଜୁ ଜନତା ଦଳର ସୁପ୍ରିମୋ ନବୀନ ପଟ୍ଟନାୟକଙ୍କ ନିର୍ଦ୍ଦେଶକ୍ରମେ ବିଜେଡିର ଫ୍ୟାକ୍ଟ ଫାଇଣ୍ଡିଂ ଟିମ୍ ଶନିବାର ସକାଳେ ପ୍ରଥମେ ରେମୁଣା ଗୋଲେଇ ଓ ପରେ ହମିଦଙ୍କ ଗଣେଶ୍ୱରପୁର ସ୍ଥିତ ଘରେ ପହଞ୍ଚି ଘଟଣାକୁ ଗ୍ରାଉଣ୍ଡରୁ ତଦାରଖ କରିଛି । ହମିଦଙ୍କ ସ୍ତ୍ରୀ, ପୁଅ ଓ ପରିବାର ପ୍ରିୟଜନଙ୍କୁ ଭେଟିବା ସହ ଘଟଣା ବାବଦରେ ଆଲୋଚନା କରିଛନ୍ତି । ବର୍ତ୍ତମାନ ସୁଦ୍ଧା ଏ ନେଇ ପୁଲିସ ତାଙ୍କ ଘରେ ପହଞ୍ଚିନଥିବା ପରିବାର ବର୍ଗ କହିବା ସହ ହମିଦଙ୍କ ପତ୍ନୀ କାନ୍ଦି କାନ୍ଦି ହାତ ଯୋଡି ନ୍ୟାୟ ଭିକ୍ଷା କରିଛନ୍ତି । ପରେ ଟିମ୍‌ର ସଂଯୋଜକ ତଥା ବାଲେଶ୍ୱର ଜିଲ୍ଲା ବିଜେଡି ସଭାପତି ଜ୍ୟୋତିପ୍ରକାଶ ପାଣିଗ୍ରାହୀଙ୍କ ନେତୃତ୍ୱରେ ଟିମ୍‌ର ସଦସ୍ୟଙ୍କ ମଧ୍ୟରେ ବିଜେଡି ଜିଲ୍ଲା କାର୍ଯ୍ୟକାରୀ ସଭାପତି ତଥା ଭୋଗରାଇ ବିଧାୟକ ଗୌତମବୁଦ୍ଧ ଦାସ, ବରିଷ୍ଠ ସାଧାରଣ ସମ୍ପାଦିକା ଡ. ଲେଖାଶ୍ରୀ ସାମନ୍ତସିଂହାର, ସୋର ବିଧାୟକ ମାଧବ ଧଡ଼ା, ପୂର୍ବତନ ସଦର ବିଧାୟକ ଜୀବନ ପ୍ରଦୀପ ଦାସ ଏବଂ ପୂର୍ବତନ ନୀଳଗିରି ବିଧାୟକ ସୁକାନ୍ତ ନାୟକ ପ୍ରମୁଖ ବାଲେଶ୍ୱର ପୁଲିସ ଅଧିକ୍ଷକ ପ୍ରତ୍ୟୁଷ ଦିବାକରଙ୍କୁ ଭେଟିବା ସହ ଘଟଣା ସମ୍ପର୍କରେ ଅବଗତ କରାଇ ସମ୍ପୃକ୍ତ ଘଟଣାରେ ଦୃଷ୍ଟାନ୍ତମୂଳକ କାର୍ଯ୍ୟାନୁଷ୍ଠାନ ପାଇଁ ଦାବି କରଛନ୍ତି। ଆଗାମୀ ୪୮ ଘଣ୍ଟା ମଧ୍ୟରେ ଯଦି ଏହା ନହୁଏ, ତେବେ ରାଜ୍ୟର ପ୍ରମୁଖ ବିରୋଧୀ ଦଳ ହିସାବରେ ଲୋକଙ୍କ ହିତକୁ ଗୁରୁତ୍ୱ ଦେଇ ବିଜେଡି ଏସ୍‌ପି ଅଫିସ ଘେରଉ କରିବ ବୋଲି ଟିମ୍ ଚେତାବନୀ ଦେଇଛି । ଏହି ପରିପ୍ରେକ୍ଷୀରେ ପୂର୍ବତନ ରେମୁଣା ବିଧାୟକ ସୁଧାଂଶୁ ଶେଖର ପରିଡ଼ା, ରାଜ୍ୟ ସାଧାରଣ ସମ୍ପାଦକ ଗିରୀଶ ଚନ୍ଦ୍ର ଦାସ, ବାଲେଶ୍ୱର ଟାଉନ ସଭାପତି ମନୋଜ କୁମାର ରାଉତ, ସଦର ବ୍ଲକ ସଭାପତି ବସନ୍ତ ପଣ୍ଡା, ପୌର ଉପାଧ୍ୟକ୍ଷ କୈଳାଶ ସେଠୀ, ଜିଲ୍ଲା ସାଧାରଣ ସମ୍ପାଦକ ରଞ୍ଜନ ବାଗ, ରେମୁଣା ଏନଏସି ଚେୟାରମ୍ୟାନ ତନୁଜା ଗିରି, ଉପାଧ୍ୟକ୍ଷ ଏହେସାନ ଖାନ, ରେମୁଣା ବ୍ଲକ ସଭାପତି ଅଭିମନ୍ୟୁ ଦିନ୍ଦା, ରାଜ୍ୟ ଯୁବ କାର୍ଯ୍ୟକାରୀ ସଭାପତି ଶୁଭେନ୍ଦୁ ମଙ୍ଗରାଜ, ସେକ ଅନସର ଅଲ୍ଲୀ, ସୁବୋଧ ମହାନ୍ତି, ସଞ୍ଜୟ ବେହେରା, ଅଶୋକ ଆଦ୍ୟ, ଅଶୋକ ଦାସ, ଧନଞ୍ଜୟ ଜେନା, ଯୁବ ନେତା ଭରତ ଭୂଷଣ ଦାସ ଓ ଉମାଶଙ୍କର ତିଆଡ଼ି, ଛାତ୍ରନେତା ହରେକୃଷ୍ଣ ପ୍ରଧାନ ପ୍ରଧାନ ପ୍ରମୁଖ ଏସ୍‌ପି ଅଫିସରେ ଉପସ୍ଥିତ ରହି ଘଟଣା ସମ୍ପର୍କରେ ଆଲୋଚନା କରିଛନ୍ତି।








# 'ରଜ କୁଇନ୍' ଗ୍ରାଣ୍ଡ ଫିନାଲେରେ ଅନୁଭବ



ଓଡ଼ିଶାର ଲୋକପ୍ରିୟ ମନୋରଞ୍ଜନ ଚ୍ୟାନେଲ୍ 'ଜୀ ସାର୍ଥକ'ର ବହୁ ଚର୍ଚ୍ଚିତ ରିଆଲିଟି ଶୋ' 'ରଜ କୁଇନ୍' ଆରମ୍ଭ ହୋଇଯାଇଛି । ନିଜର ପ୍ରତିଭା ଓ କଠିନ ପରିଶ୍ରମ ବଳରେ ଶ୍ରେଷ୍ଠ ୧୨ ଜଣ ପ୍ରତିଯୋଗୀ ଏହି ବହୁ ପ୍ରତୀକ୍ଷିତ ଗ୍ରାଣ୍ଡ ଫିନାଲେରେ ପ୍ରବେଶ କରିଛନ୍ତି । ଏହି ମହାମୁକାବିଲା ଚଳିତ ଜୁନ୍ ୨୭ ତାରିଖରୁ ଆରମ୍ଭ ହୋଇଯାଇଛି ।

ଏହା ଜୁନ୍ ୨୮ , ଜୁଲାଇ ୪ ଓ ୫ ତାରିଖରେ ରାତି ୯ଟା ୩୦ରେ ଜୀ ସାର୍ଥକରେ ପ୍ରସାରିତ ହେବ । ଫିନାଲେର ପ୍ରଥମ ସପ୍ତାହ ଧମାକାଦାର ହେବ । ଯାହାର ନାମ ରଖାଯାଇଛି 'ବାଲୁଙ୍ଗା ୱିକେଣ୍ଡ' । ଏହି ସ୍ୱତନ୍ତ୍ର ସପ୍ତାହରେ ମୁଖ୍ୟ ଆକର୍ଷଣ ସାଜିଛନ୍ତି ଓଲିଉଡ୍ ସୁପରଷ୍ଟାର୍ ଅନୁଭବ ମହାନ୍ତି ଏବଂ ତାଙ୍କ ଚଳଚ୍ଚିତ୍ର 'ଛକିଶୂନ'ର ସମ୍ପୂର୍ଣ୍ଣ ଟିମ୍ । ଦର୍ଶକଙ୍କ ମନୋରଞ୍ଜନ ପାଇଁ 'ଛକିଶୂନ' ଟିମ୍ ପକ୍ଷରୁ ଏକ ଦମ୍‌ଦାର ସ୍ପେଶାଲ୍ ପର୍ଫମାନ୍ସ ଦେଖିବାକୁ ମିଳିବ । ଏହି ରଙ୍ଗାରଙ୍ଗ ଉତ୍ସବରେ ସେଲିବ୍ରିଟି ଗେଷ୍ଟ ଭାବେ ଅଭିନେତ୍ରୀ ଶୀତଲ, ଦିବ୍ୟା ଏବଂ ଲୋକପ୍ରିୟ କଣ୍ଠଶିଳ୍ପୀ ସ୍ୱୟମ ପାଢ଼ୀ ଓ ଅନ୍ତରା ଚକ୍ରବର୍ତ୍ତୀ ଯୋଗ ଦେଇ ନିଜ ଦମଦାର ପ୍ରଦର୍ଶନ ସହ ପ୍ରତିଯୋଗୀଙ୍କ ଉତ୍ସାହ ବଢ଼ାଇବେ । କାର୍ଯ୍ୟକ୍ରମରେ ଗ୍ଲାମର୍ ଓ ହସର ମାହୋଲ ସୃଷ୍ଟି କରିବା ପାଇଁ ଅଭିନେତ୍ରୀ ଶିବାନୀ, ଦୀପ୍ତିରେଖା ପାଢ଼ୀ, ଶୁଭାଶିଷ (ମଣ୍ଟୁ) ଏବଂ ଲୋକପ୍ରିୟ ହାସ୍ୟ ଅଭିନେତା କ୍ରିଷ୍ଣା ମଧ୍ୟ ମଞ୍ଚରେ ନିଜ କଳାର ପ୍ରଦର୍ଶନ କରିବେ । ଏହି ଗ୍ରାଣ୍ଡ ଫିନାଲେ ପର୍ଯ୍ୟନ୍ତ ପ୍ରତିଯୋଗୀମାନଙ୍କୁ ପହଞ୍ଚାଇବା ଏବଂ ସେମାନଙ୍କୁ ମଞ୍ଚ ପାଇଁ ସମ୍ପୂର୍ଣ୍ଣ ପ୍ରସ୍ତୁତ କରିବାରେ ଜୀ ସାର୍ଥକର ଲୋକପ୍ରିୟ ଧାରାବାହିକର କଳାକାରମାନେ ମେଣ୍ଟର ଭାବେ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିଛନ୍ତି । 'ତୁ ଖରା ମୁଁ ଛାଇ'ର ଅଭି ଓ ମାନି, 'ସାଥି ସାତ ଜନ୍ମର'ର ଦେବ୍ ଓ ଅର୍ଚ୍ଚନା, 'ସୁନା ଝିଅ'ର ସମ୍ଭବ ଓ ବଂଶୁ ଏବଂ 'ମୁଁ ନୁହେଁ ମୁଁ ତୁମ ବିନା'ର ସାଇ ଓ ଶ୍ରଦ୍ଧାଙ୍କ ଭଳି ପ୍ରତିଷ୍ଠିତ ଯୋଡିମାନେ ପ୍ରତିଯୋଗୀମାନଙ୍କୁ ବିଶେଷ ନିଜର ଅଭିଜ୍ଞତା ଏବଂ ଦିଗଦର୍ଶନ ମାଧ୍ୟମରେ ଆଗକୁ ନେଇଛନ୍ତି ।

# ୪୫ ଡିଗ୍ରୀ ତାପମାତ୍ରାରେ ଗୀତ ସୁଟିଂ



ପରଦା ପଛର କାହାଣୀ

ସୁପରଷ୍ଟାର ଅମିର ଖାନ୍ ନିଜ କ୍ୟାରିୟରରେ ଅନେକ ସୁପରହିଟ୍ ଫିଲ୍ମ ଦର୍ଶକଙ୍କୁ ଭେଟି ଦେଇଛନ୍ତି । ତନ୍ମଧ୍ୟରୁ 'ଲଗାନ' ଅନ୍ୟତମ । ୨୦୦୧ ମସିହାରେ ମୁକ୍ତିଲାଭ କରିଥିବା ଏହି ଫିଲ୍ମ ତାଙ୍କ କ୍ୟାରିୟରରେ ବିରାଟ ପରିବର୍ତ୍ତନ ଆଣିଥିଲା । ଫିଲ୍ମର କାହାଣୀ, ଅଭିନୟ ଏବଂ ଗୀତ ଅଦ୍ୟାବଧି ଲୋକଙ୍କ ମନରେ ଜୀବନ୍ତ ହୋଇରହିଛି । ଫିଲ୍ମର ଏକ ଗୀତ ରହିଛି "ଚଲେ ଚଲୋ...." । ଏହି ଗୀତକୁ ଦର୍ଶକେ ବେଶ୍ ପସନ୍ଦ କରିଥିଲେ । ନିକଟରେ ଫିଲ୍ମରେ 'ଗୋଲି' ଚରିତ୍ରରେ ଅଭିନୟ କରିଥିବା ଅଭିନେତା ଦୟାଶଙ୍କର ପାଣ୍ଡେ ଏହି ଗୀତର ସୁଟିଂ ସମୟର କିଛି ସ୍ମରଣୀୟ ମୁହୂର୍ତ୍ତ ପ୍ରକାଶ କରିଛନ୍ତି । ତାଙ୍କ କହିବାନୁଯାୟୀ "ଚାଲେ ଚଲୋ..." ଗୀତଟି ଭୀଷଣ ଗରମରେ ସୁଟିଂ ହୋଇଥିଲା । ଏହି ଗୀତ ସୁଟ୍ କରିବାରେ କଳାକାରମାନେ ଝାଳରେ ଗାଧୋଇ ପଡ଼ିଥିଲେ । ପ୍ରାୟ ୪୫ ଡିଗ୍ରୀ ସେଲସିୟସ୍ ତାପମାତ୍ରାରେ ଏହି ଗୀତ ସୁଟିଂ ହୋଇଥିଲା । ଏପରିକି ସେଟ୍‌ରେ ଡାକ୍ତର ମଧ୍ୟ ଉପସ୍ଥିତ ଥିଲେ । ଗରମ ଏତେ ହେଉଥିଲା ଯେ ଜଣଙ୍କ ପରେ ଜଣଙ୍କର ସ୍ୱାସ୍ଥ୍ୟବସ୍ଥା ବିଗିଡ଼ିବାରେ ଲାଗିଥିଲା । ଏପରିକି ଝାଞ୍ଜି ପବନ ବହିବା ସହ ଧୂଳି ମଧ୍ୟ ପଡୁଥିଲା । ଗୀତରେ ସଂଘର୍ଷର ଦୃଶ୍ୟ ଦେଖାଇବା ପାଇଁ କଳାକାରଙ୍କ ଉପରକୁ ଧୂଳି ମଧ୍ୟ ଫୋପଡ଼ା ଯାଉଥିଲା । ଏଥିରେ ସେମାନଙ୍କ ପରିଶ୍ରମ ସ୍ପଷ୍ଟ ଦୃଶ୍ୟମାନ ହୋଇଥିଲା । ବହୁତ କଷ୍ଟମଷ୍ଟେ ଏହି ଗୀତର ସୁଟିଂ ସମ୍ଭବ ହୋଇଥିଲା । ଏହି ଗୀତ ସୁଟିଂରେ କଳାକାରମାନେ ଏତେ ବିରକ୍ତ ହୋଇଥିଲେ ଯେ, ଶେଷରେ ସେମାନେ ଅମିର୍ ଏବଂ ନିର୍ଦ୍ଦେଶକ ଆଶୁତୋଷ ଗୋବାରିକରଙ୍କ ଉପରେ ରାଗି ଯାଇଥିଲେ । ଏପରିକି ସେମାନଙ୍କୁ ସ୍ୱାର୍ଥପର ବୋଲି ଭାବି ନେଇଥିଲେ । ହେଲେ ଏସବୁ ଗୀତର ଡିମାଣ୍ଡ ଅନୁସାରେ ସୁଟ୍ ହୋଇଥିଲା । ଆଶୁତୋଷ ଗୋବାରିକର ଗାଁ ଲୋକଙ୍କ ମୁହଁରେ ସଂଘର୍ଷ ଏବଂ ସାହସ ଦେଖାଇବାକୁ ଚାହୁଁଥିଲେ ।

ଶ୍ରୀହରି ମୋସନ ପିକ୍‌ଚର୍ସ ପ୍ରସ୍ତୁତ ଓଡ଼ିଆ ଚଳଚ୍ଚିତ୍ର 'ଲାଇନ୍‌ବାଲା' ଜୁଲାଇ ୧୦ ତାରିଖରେ ରିଲିଜ୍ ହେବ । ଏହାର ଚିତ୍ରନାଟ୍ୟ, ସଂଳାପ ରଚନା ସହିତ ନିର୍ଦ୍ଦେଶନା ଦେଇଛନ୍ତି ନିରଞ୍ଜନ ବେହେରା । ମଣିଷ ଜୀବନରେ ଗୋଟେ ଅଂଶ ହେଲା ବିଦ୍ୟୁତ । ମୌଳିକ ଆବଶ୍ୟକ ମଧ୍ୟ କହିପାରିବା । କିନ୍ତୁ ଯେଉଁମାନଙ୍କ ପାଇଁ ଆମେ ସେବା ପାଇଥାଉ ସେମାନଙ୍କୁ କେବେ ସମ୍ମାନ ଦେଉନେ । ମଣିଷ ସମାଜ ସେମାନଙ୍କ ନିଷ୍ଠା, କର୍ତ୍ତବ୍ୟକୁ ଅବହେଳା କରିଚାଲିଛି । ସେମାନେ ଅନ୍ଧାରର ନାୟକ । ସେମାନଙ୍କ ଦୁଃଖ କଷ୍ଟକୁ ଆମେ ସିନେମା ମାଧ୍ୟମରେ ଦେଖେଇବା ପାଇଁ ଚେଷ୍ଟା କରିଛୁ । ସେମାନଙ୍କର ଦୁଃଖ, କଷ୍ଟରେ ସହଭାଗୀ ହେବା ପରିବର୍ତ୍ତେ ସେମାନଙ୍କୁ ଆମେ ନିର୍ଯାତନା ଦେଇଥାଉ । ବିଲ ଟଙ୍କା ମାଗିଲେ ଆମେମାନେ ମାଡ଼ ମାରିବାକୁ ବି ପଛାଉ ନାହୁଁ । ତଥାପି ସେମାନେ ନିଜ କର୍ମକୁ ବ୍ରତ ଭାବି କର୍ମ କରିଥାନ୍ତି । ଏବେ ସମୟ ଆସିଛି ଆମେ ତାଙ୍କୁ ସମ୍ମାନ ଦେବା । ନିର୍ଦ୍ଦେଶକ ନିରଞ୍ଜନ କୁହନ୍ତି, ସୁଟିଂ ସମୟରେ ଆମକୁ ବହୁତ କଷ୍ଟ କରିବାକୁ ପଡ଼ିଛି । ଆମେ ଅପେକ୍ଷା କରିଥାଉ ସଟ୍ ଡାଉନ୍ ହେଲେ ସୁଟିଂ କରିବୁ । କିଛି ଆର୍ଟିଷ୍ଟ ଖୁଣ୍ଟି ଉପରେ ଚଢ଼ି ଅଭିନୟ କରିଛନ୍ତି । ଅବଶ୍ୟ ପ୍ରଯୋଜକ ସୁଶାନ୍ତ ସାର୍ ସବୁ ବ୍ୟବସ୍ଥା କରିଥିଲେ । ଯେହେତୁ ଏହା ସତ କାହାଣୀ ଥିଲା ପ୍ରଯୋଜକ ସବୁ ସେଟ୍‌ରେ ରହୁଥିଲେ । ସିନେମାକୁ ବାସ୍ତବଧର୍ମୀ କରିବାକୁ ଆମେ କିଛି ଥିଏଟର ଆର୍ଟିଷ୍ଟ ନେଇଛୁ । ସେମାନେ ଭଲ ଅଭିନୟ କରିଛନ୍ତି । ବୈଦ୍ୟନାଥ ଦାଶଙ୍କ ଗୀତ ସହିତ ସିନେପ୍ରେମୀମାନେ ଏକ ମୌଳିକ କାହାଣୀ ସହିତ କିଛି ଶିକ୍ଷଣୀୟ କଥା ଏହି ସିନେମାରେ ଦେଖିବେ ।

# 'ଲାଇନ୍‌ବାଲା'ରେ ସମ୍ବିତ ଓ ସ୍ୱପ୍ନାଙ୍କ ଯୋଡ଼ି



ଟେଲିଭିଜନ ପ୍ରିମିୟର

# ରଙ୍ଗଶୂର

ଆଜି ସନ୍ଧ୍ୟା ୬ଟା ୩୦ରେ ଜୀ ସାର୍ଥକରେ ଓଡ଼ିଶାର ସମୃଦ୍ଧ ଲୋକକଳା 'ବାଘ ନାଚ' ଏବଂ ନାରୀ ସଶକ୍ତୀକରଣକୁ ନେଇ ନିର୍ମିତ ବହୁ ପ୍ରତୀକ୍ଷିତ ଡ୍ରାମା-ଥ୍ରୀଲର ଚଳଚ୍ଚିତ୍ର 'ରଙ୍ଗଶୂର'ର ଟେଲିଭିଜନ ପ୍ରିମିୟର ହେବ । ଏକ ସାମାଜିକ ବାର୍ତ୍ତା ସହ ଦର୍ଶକଙ୍କୁ ଏକ ଅଭିନବ ଚଳଚ୍ଚିତ୍ର ଭେଟି ଦେବାକୁ ପ୍ରସ୍ତୁତି ଶେଷ ହୋଇଛି । ଆଗରୁ ଏହି ଚଳଚ୍ଚିତ୍ର ପ୍ରେକ୍ଷାଳୟରେ ଦର୍ଶକଙ୍କ ଅନେକ ଭଲ ପାଇବା ସାଉଁଟିଥିଲା । ଏହାର କାହାଣୀ ଏକ ଗାଁର ବାପା ଓ ଝିଅଙ୍କ ସମ୍ପର୍କ ଏବଂ କଳା ପ୍ରତି ସମର୍ପଣକୁ ନେଇ ଗତିଶୀଳ । ବାପା ଜଣେ ପାରମ୍ପରିକ ବାଘ ନାଚ କଳାକାର ହୋଇଥିବା ବେଳେ ଝିଅ ଏହି ଲୁପ୍ତପ୍ରାୟ କଳାକୁ ଆଗକୁ ବଢ଼ାଇ ଏହାର ଉତ୍ତରାଧିକାରୀ ହେବାକୁ ସ୍ୱପ୍ନ ଦେଖୁଛି । କିନ୍ତୁ ସମାଜର ରକ୍ଷଣଶୀଳ ଚିନ୍ତାଧାରା ଅନୁଯାୟୀ ଏହି କଳା କେବଳ ପୁରୁଷମାନେ ହିଁ ପରିବେଷଣ କରିପାରିବେ । ଏହି ସାମାଜିକ ପ୍ରଥା ଓ ଲିଙ୍ଗଗତ ବାଧାବିଘ୍ନ ବିରୋଧରେ ଝିଅର ସଂଘର୍ଷ ଏବଂ ବିଦ୍ରୋହ କାହାଣୀରେ ମୁଖ୍ୟ ବିନ୍ଦୁ ସାଜିଛି । ପ୍ରତାପ ରାଉତଙ୍କ ନିର୍ଦ୍ଦେଶିତ ଏହି ଚଳଚ୍ଚିତ୍ରରେ ମୁଖ୍ୟ ଭୂମିକାରେ ଅଛନ୍ତି ସୂର୍ଯ୍ୟମୟୀ ମହାପାତ୍ର , ଚୌଧୁରୀ ଜୟପ୍ରକାଶ ଦାସ, ଦୀପାନ୍ୱିତ ଦାଶମହାପାତ୍ର, ସମରେଶ ରାଉତରାୟ, ଶୁଭାଶିଷ ଶର୍ମା, ଜ୍ୟୋତି ରଞ୍ଜନ ନାୟକ, ସୁଶାନ୍ତ ଦାସ ମହାପାତ୍ର ଏବଂ ଶୁଭଶ୍ରୀ ଜେନା । ମୁନ୍ ଟିଭି ଆସୋସିଏସନ୍ ଏବଂ ପ୍ରକାଶ ଫିଲ୍ମସ ଓ ମାକ୍ସିମିନିଆ ଫିଲ୍ମସର ଏହି ଚଳଚ୍ଚିତ୍ରର କାହାଣୀ ଲେଖିଛନ୍ତି ହିମାଂଶୁ ରାଜ, ଉମଙ୍ଗ ଏବଂ ଶତ୍ରୁଘ୍ନ କୁମାର । ସଙ୍ଗୀତ ନିର୍ଦ୍ଦେଶନା ଦେଇଛନ୍ତି ଗୌରବ ଆନନ୍ଦ ।



ସା କ୍ଷା ତ କା ର

# 'ପ୍ରଥମ ପାରିଶ୍ରମିକରେ ଋଣ ଶୁଝିଥିଲି'

ମଞ୍ଚ ନାଟକ ଦର୍ଶକ ଓ କଳାକାରଙ୍କ ମଧ୍ୟରେ ସିଧାସଳଖ ସମ୍ପର୍କ ସ୍ଥାପନ କରେ । ସେ ମଞ୍ଚନାଟକ କରୁଥିଲେ । ଅନେକ ମଞ୍ଚରେ ଜୀବନ୍ତ ଅଭିନୟ କରି ପ୍ରଶଂସିତ ହେବା ପରେ ସେ ଟାଣି ହୋଇ ଆସିଲେ ଅଭିନୟ ଦୁନିଆକୁ । 'ଆହେ ନୀଳ ଶୈଳ' ନାଟକର ଜଗୁନି ଚରିତ୍ର ତାଙ୍କୁ ସ୍ୱତନ୍ତ୍ର ପରିଚୟ ଦେଇଛି । ସେ ହେଉଛନ୍ତି ଯାଜପୁର ଟାଉନ୍‌ର ଚିନ୍ମୟ ମହାନ୍ତି । 'ମୋ ଦେହେ ବୋଲିଦେ ତୋ ଦେହ କଳା' ତାଙ୍କର ପ୍ରଥମ ଅଭିନୀତ ଧାରାବାହିକ । ଏବେ ସେ 'ସାଥି ସାତ ଜନ୍ମର' ଧାରାବାହିକରେ ଅଭିନୟ କରୁଛନ୍ତି । ତେବେ ଚିନ୍ମୟଙ୍କ ମୁହଁରୁ ଜାଣିବା ତାଙ୍କ ସଂଘର୍ଷର କାହାଣୀ ।



ଚିନ୍ମୟ ମହାନ୍ତି, ଅଭିନେତା

**ମଞ୍ଚ ଅଭିନେତାରୁ ଧାରାବାହିକରେ ଅଭିନୟ କରିବାକୁ କାହିଁକି ଆଗ୍ରହ ପ୍ରକାଶ କଲେ ?**

● ୨୦୧୭ ମସିହାରେ ମୋତେ ଜଣେ ଅଭିନୟ ବିଷୟରେ କହିବା ପରେ ଏହି ଲାଇନ୍‌ରେ ଯିବାକୁ ଇଚ୍ଛା ରଖି ମୁଁ ବମ୍ବେ ଗଲି । ଅନୁପମ ଖେର୍ ଆକ୍ଟିଂ ଇନ୍‌ଷ୍ଟିଚ୍ୟୁଟ୍‌ରୁ ମୁଁ ପାସ୍ ଆଉଟ୍ । ଥିଏଟର୍ କରୁଥିଲି । 'ରେବତୀ', 'ସାହାଯ୍ୟକାରିଣୀ', 'ଆହେ ନୀଳ ଶୈଳ', 'ଅଦୃଶ୍ୟ ନଟ', 'ଅଶ୍ୱତ୍ଥାମା', 'ବିଷକନ୍ୟା' ଆଦି ଅନେକ ମଞ୍ଚ ନାଟକରେ ଅଭିନୟ କରିଛି । 'ଆହେ ନୀଳ ଶୈଳ'ର 'ଜଗୁନି' ଚରିତ୍ର ମୋତେ ସ୍ୱତନ୍ତ୍ର ପରିଚୟ ଦେଇଛି । ତେବେ ଥିଏଟର କରିବା ସମୟରେ ଜଣେ ନିର୍ଦ୍ଦେଶକ ମୋତେ ଧାରାବାହିକରେ କାମ କରିବାକୁ ସୁଯୋଗ ଦେଇଥିଲେ । ମଞ୍ଜରୀ ଚ୍ୟାନେଲର 'ମୋ ଦେହେ ବୋଲିଦେ ତୋ ଦେହ କଳା' ମୋର ପ୍ରଥମ ଧାରାବାହିକ । ଏଥିରେ ନାୟିକାଙ୍କ ଦିଅର 'ଦେବ' ଚରିତ୍ର ମୋତେ ମିଳିଥିଲା । ଏହାପରେ ମୁଁ 'ଅନୁରାଧା' ଆଉ ଏବେ 'ସାଥି ସାତ ଜନ୍ମର' ଧାରବାହିକରେ ଅଭିନୟ ଜାରି ରଖିଛି ।

**ତାଲିମ ନେବା ପରେ ଅଭିନୟ କରିବାକୁ ସହଜ ହୋଇଛି କି?**

● ଆଜ୍ଞା, ବହୁତ ସହଜ ହୋଇଛି । ମଞ୍ଚରେ ଦର୍ଶକଙ୍କୁ କେମିତି ସାମ୍ନା କରିବାକୁ ହୁଏ, ଜୀବନ୍ତ ଅଭିନୟ, ଭୟ କେମିତି ଛାଡ଼ିବ ସବୁକିଛି ଶିଖାଯାଉଥିଲା । ଯାହାକି ଏବେ ମୋତେ ଏହି ଲାଇନ୍‌ରେ ଆଗକୁ ବଢ଼ିବାକୁ ସାହସ ଦେଉଛି ।

**ପ୍ରଥମେ କ୍ୟାମେରାକୁ ସାମ୍ନା କରିବାର ଅନୁଭୂତି?**

● ଥିଏଟର ଏବଂ କ୍ୟାମେରା ଫର୍ମାଟ୍ ସମ୍ପୂର୍ଣ୍ଣ ଅଲଗା । ମଞ୍ଚରେ ଅଭିନୟ କରିବାକୁ ମୁଁ ସହଜ ଅନୁଭବ କରେ । ହେଲେ କ୍ୟାମେରା ସାମ୍ନାରେ ପ୍ରଥମେ ଟିକେ ଭୟ ଲାଗିଥିଲା । କ୍ୟାମେରା, ଟେକ୍ ଏବଂ ଓକେ ଅନୁସାରେ କାମ କରିବାକୁ ହେଉଥିବାରୁ କ୍ୟାମେରା ସାମ୍ନାରେ ସହଜ ହେବାକୁ ମୋତେ ଗୋଟିଏ ମାସ ସମୟ ଲାଗିଥିଲା ।

**କେଉଁ ଚରିତ୍ର ଆପଣଙ୍କୁ ଅଧିକ ଦର୍ଶକୀୟ ପ୍ରଶଂସା ଦେଇଛି?**

● 'ମୋ ଦେହେ ବୋଲିଦେ ତୋ ଦେହ କଳା' ଧାରାବାହିକର 'ଦେବ' ଚରିତ୍ରକୁ ଦର୍ଶକ ବହୁତ ଭଲ ପାଇବା ଦେଇଥିଲେ । ଏଥିରେ ଅଭିନୟ କରିବାର ମାତ୍ର ୧୫ ଦିନ ପରେ ଦର୍ଶକଙ୍କ ପ୍ରତିକ୍ରିୟା ମିଳିପାରିଥିଲା । ଦର୍ଶକଙ୍କ ଭଲ ପାଇବା ମୋତେ ଆଗକୁ ଦେବାକୁ ପ୍ରେରଣା ଯୋଗାଇଥିଲା ।

**ପ୍ରଥମ ପାରିଶ୍ରମିକରେ କ'ଣ କରିଥିଲେ?**

● ଅଭିନୟ ଜଗତରେ ଅନେକ ସଂଘର୍ଷ କରିବାକୁ ପଡ଼ିଥିଲା । ପ୍ରଥମ ପାରିଶ୍ରମିକରୁ ମୁଁ ମୋର ସବୁ ଋଣ ଶୁଝି ଥିଲି ।

**ଭଲ ଅଭିନୟ ପ୍ରଦର୍ଶନ କରିବାକୁ କ'ଣ କରନ୍ତି?**

● ଦର୍ଶକ ଆମକୁ ପରଦା ଉପରେ ଦେଖୁଛନ୍ତି । ତେଣୁ ଅଭିନୟ ସହିତ ଜଣେ କଳାକାରର ଶରୀର ଗଠନ, ଅଙ୍ଗଭଙ୍ଗୀ, ଭାବଭଙ୍ଗୀ, ଚରିତ୍ରକୁ ସୁହାଇଲା ପରି ସଂଳାପ ଆଦି ବହୁତ ଦିଗକୁ ଧ୍ୟାନ ଦିଏ । ମୁଁ ମୋ ଚରିତ୍ରକୁ ଜୀବନ୍ତ କରିବାକୁ ଚତୁଃପାର୍ଶ୍ୱର ସମସ୍ତଙ୍କଠାରୁ କିଛି ନା କିଛି ଶିଖି ତାହାକୁ ଅଭିନୟ ସହିତ ସଂଯୋଗ କରେ । ଏହାଦ୍ୱାରା ଅଭିନୟ ଜୀବନ୍ତ ଲାଗେ ।

**ଆଗାମୀ ଯୋଜନା କ'ଣ ରହିଛି?**

● ଏବେ ଧାରାବାହିକରେ କାମ ଚାଲିଛି । ଆଗକୁ ସୁଯୋଗ ମିଳିଲେ ମୁଁ ବଡ଼ ପରଦାରେ କାମ କରିବି । ଥିଏଟର କେବେ ବି ଛାଡ଼ିବିନି । କାରଣ ଥିଏଟରର ମଜା ସବୁବେଳେ ରହିବ ।

**ଅଭିନୟରେ ରୁଚି ରଖୁଥିବା ପିଲାଙ୍କୁ କ'ଣ କହିବେ?**

● ଯେଉଁମାନେ ବି ଏଲାଇନ୍‌କୁ ଆସିବାକୁ ଚାହୁଁଛନ୍ତି ଆଗେ ଶିଖିକରି ଆସନ୍ତୁ । କେଉଁଠି ନା କେଉଁଠି ତାଲିମ ନିଅନ୍ତୁ । କାରଣ ସୋସିଆଲ୍ ମିଡିଆ, ରିଲ୍‌ସ ଏହା ତତ୍‌କ୍ଷଣାତ ଲୋକପ୍ରିୟତା ଦେବ । ହେଲେ ଏହା କିଛି କ୍ଷଣ ପାଇଁ । ସେଥିପାଇଁ ପ୍ରସ୍ତୁତ ହୋଇ ଆସନ୍ତୁ । ଅଭିନୟ ଜରିଆରେ କିପରି ଲୋକଙ୍କୁ ସଚେତନ କରିପାରିବେ ଓ ଦର୍ଶକଙ୍କ ଭଲ ପାଇବା ପାଇବେ ତାହାକୁ ଗୁରୁତ୍ୱ ଦେବା ନିତାନ୍ତ ଆବଶ୍ୟକ ।

ସକାଳ
THE SAKALA
www.sakalaepaper.com






# ବେଲ୍‌ଜିୟମ୍ ନଂ-୧, ଇଜିପ୍ଟ-୨

ଭାଙ୍କୋଭର,୨୭।୬(ଏଜେନ୍ସି): ଉତ୍ସାହୀ ନ୍ୟୁଜିଲାଣ୍ଡକୁ ୫-୧ ଗୋଲରେ ପରାସ୍ତ କରି ବେଲଜିୟମ ଗ୍ରୁପ୍-ଜି'ରେ ପ୍ରଥମ ସ୍ଥାନ ଅଧିକାର କରିଛି । ଏହି ମ୍ୟାଚ୍‌ରେ ଦଳ ପକ୍ଷରୁ ଲିଆଣ୍ଡ୍ରୋ ଟ୍ରୋସାଦ ୨ଟି, ଭେଟେରାନ କେଭିନ୍ ଡି ବ୍ରୁଇନ୍, ରୋମେଲୁ ଲୁକାକୁ ଓ ଆଲେକ୍ସିସ୍ ସାଇଲେ ମାଇକର୍ସ ଗୋଟିଏ ଲେଖାଏଁ ଗୋଲ ସ୍କୋର କରିଥିଲେ। ଏଲିଜା ଜଷ୍ଟ ଗୋଟିଏ ଗୋଲ ଶୁଝାଇବାରେ ସଫଳ ହୋଇଥିଲେ। ଏହି ଗ୍ରୁପ୍‌ରେ ଖେଳାଯାଇଥିବା ଅନ୍ୟ ଏକ ମ୍ୟାଚ୍‌ରେ ଇଜିପ୍ଟ ସହ ଇରାନ ମ୍ୟାଚ୍ ୧-୧ ଗୋଲରେ ଡ୍ର ରଖିଛି। ଫଳରେ ବେଲଜିୟମ ପଛକୁ ଇଜିପ୍ଟ ଦ୍ୱିତୀୟ ଦଳ ଭାବେ ନକ୍‌ଆଉଟ ଖେଳିବାକୁ ଯୋଗ୍ୟତା ଅର୍ଜନ କରିଛି। ୩ଟି ଡ୍ର ମ୍ୟାଚ୍‌ରୁ ୩ ପଏଣ୍ଟ ପାଇଥିବା ଇରାନ ଏବେ ଅନ୍ୟ ଦଳର ପ୍ରଦର୍ଶନ ଉପରେ ନକ୍‌ଆଉଟରେ ଖେଳିବ କି ନାହିଁ ତାହା ସ୍ଥିର ହେବ। ସମସ୍ତ ୩ଟି ଯାକ ମୁକାବିଲାରେ ଇରାନ ଚାପରେ ରହି ଖେଳିଥିଲା।

# ସେନେଗାଲ୍‌ର ବୃହତ୍ ବିଜୟ

ଟରଣ୍ଟୋ, ୨୭।୬ (ଏଜେନ୍ସି): ବଦଳ ଖେଳାଳି ପାପେ ଗୁୟେଙ୍କ ଡବଲ ଗୋଲ୍ ଜରିଆରେ ଏଠାରେ ଖେଳାଯାଇଥିବା ଫିଫା ବିଶ୍ୱକପ୍ ଗ୍ରୁପ୍-ଜି'ର ଅନ୍ୟ ଏକ ମ୍ୟାଚ୍‌ରେ ସେନେଗାଲ ୫-୦ ଗୋଲରେ ଇରାକ୍‌କୁ ପରାସ୍ତ କରିଛି। ବୃହତ୍ ବିଜୟ ସତ୍ତ୍ୱେ ସେନେଗାଲ୍ ଗ୍ରୁପ୍‌ରେ ତୃତୀୟ ସ୍ଥାନରେ ରହିଛି। କିନ୍ତୁ ଦଳ ଗୋଟିଏ ମ୍ୟାଚ୍ ଜିତିଥିବାରୁ ନକ୍‌ଆଉଟ ଖେଳିବାର ସମ୍ଭାବନା ରହିଛି। ବିଜୟୀ ସେନେଗାଲ୍ ପକ୍ଷରୁ ଏଚ୍ ଡିଆରା, ଆଇ ସାର ଓ ଆଇ ନିଦାୟେ ଗୋଟିଏ ଲେଖାଏଁ ଗୋଲ ସ୍କୋର କରିଥିଲେ। ଅନ୍ୟପକ୍ଷରେ ଇରାକ୍ ସମସ୍ତ ମ୍ୟାଚ୍‌ରେ ପରାଜିତ ହୋଇ ନକ୍‌ଆଉଟ ପୂର୍ବରୁ ବାଦ୍ ପଡ଼ିଛି।

# ପାକିସ୍ତାନକୁ ପୁଣି ହରାଇଲା ଭାରତ

ଲଣ୍ଡନ, ୨୭।୬ (ଏଜେନ୍ସି): ଚଳିତ ଏଫ୍‌ଆଇଏଚ୍ ପ୍ରୋ ଲିଗ୍‌ରେ ପାକିସ୍ତାନ ବିପକ୍ଷରେ କ୍ରମାଗତ ବିଜୟ ହାସଲ କରିଛି ଭାରତ। ଗତକାଲି ଏକ ମ୍ୟାଚରେ ଭାରତ ୭-୧ ଗୋଲ୍‌ରେ ଚିରପ୍ରତିଦ୍ୱନ୍ଦ୍ୱୀ ପାକିସ୍ତାନକୁ ମାତ୍ ଦେଇଛି। ସୁଖଜିତ୍ ସିଂହ, ହରମନପ୍ରୀତ୍, ହାର୍ଦ୍ଦିକ ସିଂହ, ଜୁଗରାଜ ସିଂହ, ଅଭିଷେକ, ରାଜକୁମାର ପାଲ୍ ଓ ଦିଲପ୍ରୀତ୍ ସିଂହ ପ୍ରତ୍ୟେକ ଗୋଟିଏ ଗୋଲ୍‌ସ୍କୋର କରିଥିଲେ। ଏଥିପୂର୍ବରୁ ଜୁନ ୨୩ରେ ମଧ୍ୟ ଭାରତଠାରୁ ୪-୩ ଗୋଲରେ ପାକିସ୍ତାନ ପରାସ୍ତ ହୋଇଥିଲା।

## ସବୁଠୁ ଛୋଟିଆ ଦେଶ

# ନକ୍‌ଆଉଟ ଖେଳିବ କେପ୍ ଭର୍ଡ

ହଷ୍ଟନ/ଜାପୋପାନ, ୨୭।୬ (ଏଜେନ୍ସି):



ଫିଫା ବିଶ୍ୱକପ୍ ଇତିହାସରେ ସବୁଠୁ କ୍ଷୁଦ୍ରତମ ତଥା ଛୋଟିଆ ଦେଶ ଭାବେ କେପ୍ ଭର୍ଡ ନକ୍‌ଆଉଟ୍ ଖେଳିବାକୁ ଯୋଗ୍ୟତା ଅର୍ଜନ କରିଛି। ଚଳିତ ଫିଫା ବିଶ୍ୱକପ୍‌ରେ ଗ୍ରୁପ୍-ଏଚ୍‌ରେ ସ୍ଥାନ ପାଇଥିବା କେପ୍ ଭର୍ଡ ଏହାର ଅନ୍ତିମ ତଥା ୩ୟ ଗ୍ରୁପ୍ ମ୍ୟାଚରେ ସାଉଦୀ ଆରବକୁ ଭେଟିଥିଲା। ଶନିବାର ସକାଳେ ଖେଳାଯାଇଥିବା ଏହି ମ୍ୟାଚ୍ ଗୋଲ୍‌ଶୂନ୍ୟ ଭାବେ ଡ୍ର ରହିଥିଲା। କେପ୍ ଭର୍ଡ ଏହାର ଡିଫେନ୍ସକୁ ମଜଭୁତ କରି ମ୍ୟାଚ୍‌କୁ ଅମୀମାଂସିତ ରଖିବାରେ ସଫଳ ହୋଇଥିଲା। ସପ୍ତମ ପ୍ରୟାସରେ ବିଶ୍ୱକପ୍ ଖେଳିବାକୁ ଯୋଗ୍ୟତା ଅର୍ଜନ କରିଥିବା ଏହି କେପ୍ ଭର୍ଡ ତାହାର ସମସ୍ତ ୩ଟି ଯାକ ଗ୍ରୁପ୍ ମ୍ୟାଚ୍ ଡ୍ର ରଖି ନକ୍‌ଆଉଟକୁ ଉନ୍ନୀତ ହୋଇଛି। ଫଳରେ ଫିଫା ବିଶ୍ୱକପ୍ ଇତିହାସରେ ନକ୍‌ଆଉଟ ଖେଳିବାରେ ପଦାର୍ପଣକାରୀ କେପ୍ ଭର୍ଡ ସବୁଠୁ ଛୋଟିଆ ଦେଶ ହୋଇଛି। ଏହି ଆଫ୍ରିକୀୟ ରାଷ୍ଟ୍ରର ଲୋକସଂଖ୍ୟା ୫ ଲକ୍ଷ ୩୦ ହଜାର ରହିଛି। ନକ୍‌ଆଉଟ୍ ତଥା ରାଉଣ୍ଡ-୩୨ରେ କେପ ଭର୍ଡର ମୁକାବିଲା ଆର୍ଜେଣ୍ଟିନା ସହ ହେବ।

ଅପରପକ୍ଷରେ ଶନିବାର ଖେଳାଯାଇଥିବା ଗ୍ରୁପ୍-ଏଚ୍'ର ଅନ୍ୟ ଏକ ମ୍ୟାଚରେ ଉରୁଗୁଏକୁ ୧-୦ ଗୋଲରେ ହରାଇ ସ୍ପେନ ପ୍ରଥମ ସ୍ଥାନରେ ରହି ବିଶ୍ୱକପ୍‌ର ନକ୍‌ଆଉଟରେ ସ୍ଥାନ ପକ୍କା କରିଛି। ଜାପୋନାନରେ ଖେଳାଯାଇଥିବା ମ୍ୟାଚରେ ସ୍ପେନର ଖେଳାଳିମାନେ ଅତ୍ୟନ୍ତ ଚତୁର ଖେଳ ପ୍ରଦର୍ଶନ କରିଥିଲେ। ପ୍ରତିପକ୍ଷ ଉରୁଗୁଏ ଗୋଲରକ୍ଷକ ଫର୍ଣ୍ଣାଣ୍ଡୋ ମୁସେଲିରାଙ୍କୁ ବିଟ୍ କରି ସ୍ପେନ୍‌ର ଆଲେକ୍ସ ବାୟେନା ମ୍ୟାଚ୍‌ରେ ଏକମାତ୍ର ଗୋଲ ଦେଇଥିଲେ। ପରାଜୟ ସହ ଦୁଇଥରର ଚାମ୍ପିଅନ ଉରୁଗୁଏ ପ୍ରଥମ ରାଉଣ୍ଡରୁ ବିଦାୟ ନେଇଛି।

## ବିଶ୍ୱକପ୍ ପଏଣ୍ଟ ଟେବଲ

| ଟିମ୍ | ମ୍ୟା | ବି | ଡ୍ର | ପ | ଗୋଫ | ପ |
|---|---|---|---|---|---|---|
| ଗ୍ରୁପ୍-ଜି' | | | | | | |
| ବେଲଜିୟମ | ୩ | ୧ | ୨ | ୦ | ୪ | ୫ |
| ଇଜିପ୍ଟ | ୩ | ୧ | ୨ | ୦ | ୨ | ୫ |
| ଇରାନ | ୩ | ୦ | ୩ | ୦ | ୦ | ୩ |
| ନ୍ୟୁଜିଲାଣ୍ଡ | ୩ | ୦ | ୧ | ୨ | -୬ | ୧ |
| ଗ୍ରୁପ୍-ଏଚ' | | | | | | |
| ସ୍ପେନ | ୩ | ୨ | ୧ | ୦ | ୫ | ୭ |
| କେପ ଭର୍ଡ | ୩ | ୦ | ୩ | ୦ | ୦ | ୩ |
| ଉରୁଗୁଏ | ୩ | ୦ | ୨ | ୧ | -୧ | ୨ |
| ସା.ଆରବ | ୩ | ୦ | ୨ | ୧ | -୪ | ୨ |
| ଗ୍ରୁପ୍-ଆଇ' | | | | | | |
| ଫ୍ରାନ୍ସ | ୩ | ୩ | ୦ | ୦ | ୮ | ୯ |
| ନରୱେ | ୩ | ୨ | ୦ | ୧ | ୧ | ୬ |
| ସେନେଗାଲ | ୩ | ୧ | ୦ | ୨ | ୨ | ୩ |
| ଇରାକ | ୩ | ୦ | ୦ | ୩ | -୧୧ | ୦ |

ବିଦ୍ର: ମ୍ୟା-ମ୍ୟାଚ୍, ବି-ବିଜୟ, ପ-ପରାଜୟ, ଗୋଫ- ଗୋଲ ଫରକ, ପ- ପଏଣ୍ଟ।

# ପର୍ତ୍ତୁଗାଲକୁ ନକ୍‌ଆଉଟ ଯୋଗ୍ୟତା

ଡଲାସ,୨୭।୬(ଏଜେନ୍ସି): ପର୍ତ୍ତୁଗାଲ ଓ ଅନ୍ୟ କିଛି ଦେଶ ସେମାନଙ୍କ ଶେଷ ରାଉଣ୍ଡ ବିଶ୍ୱକପ୍ ଲିଗ୍ ମ୍ୟାଚ୍ ଖେଳିବା ପୂର୍ବରୁ ନକ୍‌ଆଉଟ ଖେଳିବାକୁ ଯୋଗ୍ୟତା ଅର୍ଜନ କରିଛନ୍ତି। ୪ ପଏଣ୍ଟ ପାଇଥିବା କିଛି ଦଳ ଅନ୍ୟ ଗ୍ରୁପ୍‌ର ମ୍ୟାଚ୍ ଫଳାଫଳରୁ ନକ୍‌ଆଉଟ ଯାଇଛନ୍ତି। ସେହି ଦେଶଗୁଡିକ ମଧ୍ୟରେ ପର୍ତ୍ତୁଗାଲ, ଇଂଲଣ୍ଡ, ଇଜିପ୍ଟ, ଘାନା ଓ ପାରାଗୁଏ ୪ ପଏଣ୍ଟ ଲେଖାଏଁ ସଂଗ୍ରହ କରିଥିଲେ ମଧ୍ୟ ନକ୍‌ଆଉଟ ଖେଳିବାକୁ ଯୋଗ୍ୟତା ଅର୍ଜନ କରିଛନ୍ତି। ପର୍ତ୍ତୁଗାଲ କ୍ରମାଗତ ତୃତୀୟଥର ଲାଗି ନକ୍‌ଆଉଟରେ ଖେଳିବ।

# ଆଜିଠୁ ନକ୍‌ଆଉଟ୍

ଲସ ଆଞ୍ଜେଲ୍ସ, ୨୭।୬ (ଏଜେନ୍ସି): ଚଳିତ ଫିଫା ବିଶ୍ୱକପ୍‌ର ଗ୍ରୁପ୍ ପର୍ଯ୍ୟାୟ ମ୍ୟାଚ୍ ଶେଷ ହୋଇଯାଇଛି। ରବିବାର ରାତିରୁ ନକ୍‌ଆଉଟ୍ ଅର୍ଥାତ୍ ରାଉଣ୍ଡ ଅଫ୍ ୩୨ ପର୍ଯ୍ୟାୟ ଆରମ୍ଭ ହେବ। ନକ୍‌ଆଉଟ୍‌ର ପ୍ରଥମ ମ୍ୟାଚରେ ଦକ୍ଷିଣ ଆଫ୍ରିକା ସହ କାନାଡାର ମୁକାବିଲା ହେବ। ଏହି ମ୍ୟାଚ୍ ଲସ୍ ଆଞ୍ଜେଲ୍ସରେ ରାତି ୧୨ଟା ୩୦ ମିନିଟରେ ଖେଳାଯିବ।

**ଆରମ୍ଭ: ରାତି ୧୨ଟା ୩୦**

**ପ୍ରସାରଣ: ଜୀ ଟିଭି ନେଟ୍‌ୱର୍କ, ଜୀ-୫**

# ଡେମ୍ବେଲେଙ୍କ ଦ୍ରୁତତମ ହ୍ୟାଟ୍ରିକ୍

ଫକ୍ସବରୋ,୨୭।୬(ଏଜେନ୍ସି): ତାରକା ଖେଳାଳି ଓଉସମାନେ ଡେମ୍ବେଲେଙ୍କ ବିଶ୍ୱକପ୍‌ରେ ଦ୍ୱିତୀୟ ଦ୍ରୁତତମ ହ୍ୟାଟ୍ରିକ୍ ଗୋଲ ବଳରେ ଏଠାରେ ଶୁକ୍ରବାର ରାତିରେ ଖେଳାଯାଇଥିବା ଗ୍ରୁପ୍-ଆଇ'ର ଏକ ମୁକାବିଲାରେ ଫ୍ରାନ୍ସ ୪-୧ ଗୋଲରେ ନରୱେକୁ ପରାସ୍ତ କରିଛି। ଏଥିସହ ଫ୍ରାନ୍ସ ଗ୍ରୁପ୍‌ରେ ସମସ୍ତ ୩ଟି ଯାକ ମ୍ୟାଚ୍‌ରେ ବିଜୟୀ ହୋଇ ୯ ପଏଣ୍ଟ ସହ ଶୀର୍ଷ ସ୍ଥାନ ହାସଲ କରିଛି। ବାଲନ ଓ' ଡିଓର ପୁରସ୍କାର ବିଜେତା ଷ୍ଟ୍ରାଇକର ଡେମ୍ବେଲେ ଖେଳର ୭ମ, ୨୦ତମ ଓ ୨୭ତମ ମିନିଟ୍‌ରେ ଗୋଲ ସ୍କୋର କରି ହ୍ୟାଟ୍ରିକ୍ ଅର୍ଜନ କରିଥିଲେ। ତାଙ୍କ ପୂର୍ବରୁ ୧୯୫୪ ବିଶ୍ୱକପ୍‌ରେ ଅଷ୍ଟ୍ରିଆର ଏରିକ୍ ପ୍ରୋବ୍ସ୍ଟ ମାତ୍ର ୨୪ ମିନିଟ୍ ମଧ୍ୟରେ ହ୍ୟାଟ୍ରିକ୍ ଅର୍ଜନ କରି ଦ୍ରୁତତମ ହ୍ୟାଟ୍ରିକ ଅର୍ଜନ କରିଥିଲେ। ନରୱେ ପକ୍ଷରୁ ଜୋର୍ଗେନ ଷ୍ଟ୍ରାଣ୍ଡ ଗୋଟିଏ ଗୋଲ ଶୁଝାଇଥିଲେ। ଷ୍ଟପେଜ୍ ଟାଇମ୍‌ରେ ଡିଜାୟର ଡୋଉ ଫ୍ରାନ୍ସ ପକ୍ଷରୁ ଚତୁର୍ଥ ଗୋଲ ସ୍କୋର କରିଥିଲେ। ସମସ୍ତ ମ୍ୟାଚ୍ ଜିତିଥିବା ଫ୍ରାନ୍ସ ରାଉଣ୍ଡ ଅଫ୍ ୩୨ ତଥା ନକ୍‌ଆଉଟରେ ସ୍ୱିଡେନ ସହ ମୁକାବିଲା କରିବ। ସେହିପରି ଦ୍ୱିତୀୟ ସ୍ଥାନରେ ଥିବା ନରୱେ ସହ ଆଇଭରୀ କୋଷ୍ଟର ରାଉଣ୍ଡ ଅଫ୍ ୩୨ରେ ମୁକାବିଲା ହେବ।



# ଫିଡେ ୧୦ ବର୍ଷରୁ କମ୍ ବିଶ୍ୱକପ୍‌ରେ ସୌମ୍ୟଙ୍କୁ କାଂସ୍ୟ



ଭୁବନେଶ୍ୱର, ୨୭।୬ (ସମିସ): ଓଡ଼ିଆ ଶିଶୁ ଚେସ ଖେଳାଳି ସାତ୍ତ୍ୱିକ ସ୍ୱାଇଁ ପୁଣିଥରେ ଦେଶ ଏବଂ ରାଜ୍ୟ ପାଇଁ ଗୌରବ ଆଣିଛନ୍ତି। ରାଜ୍ୟଗୋଷ୍ଠୀ ପରେ ସାତ୍ତ୍ୱିକ ଏବେ ବିଶ୍ୱକପରେ ମଧ୍ୟ ପଦକ ଜିତିଛନ୍ତି। ଜର୍ଜିଆରେ ଉଦଯାପିତ ହୋଇଥିବା ଫିଡେ ୧୦ ବର୍ଷରୁ କମ୍ ଚେସ ବିଶ୍ୱକପରେ ସାତ୍ତ୍ୱିକ ଓପନ୍ ବିଭାଗରେ ଚମତ୍କାର ପ୍ରଦର୍ଶନ କରି କାଂସ୍ୟ ପଦକ ବିଜୟୀ ହୋଇଛନ୍ତି। ଶେଷ ରାଉଣ୍ଡରେ ଡ୍ର ହୋଇ ଯିବାରୁ ସାତ୍ତ୍ୱିକ ସ୍ୱର୍ଣ୍ଣ ପଦକରୁ ଅଳ୍ପକେ ବଞ୍ଚିତ ହୋଇଥିଲେ। କିନ୍ତୁ ବ୍ଲୁକୋଲୋଜରେ ସେ କାଂସ୍ୟ ପଦକ ଜିତିଥିଲେ। ସାତ୍ତ୍ୱିକ ବର୍ତ୍ତମାନ କିଙ୍ଗ ଚେସ ସେଣ୍ଟର୍‌ରେ ପ୍ରଶିକ୍ଷଣ ନେଉଛନ୍ତି। ଏହି ଅବସରରେ ବରିଷ୍ଠ ଚେସ କୋଚ୍ ବିଶ୍ୱଜିତ୍ ରାୟ, ରାଜ୍ୟ ଚେସ ସଂଘର ସମସ୍ତ କର୍ମକର୍ତ୍ତା, ଟ୍ରିପଲ ସି ଚେସ କ୍ଲବ୍‌ର ସମ୍ପାଦକ ବିରଞ୍ଚି ନାରାୟଣ ସାହୁ,ଉପସଭାପତି ଅର୍ଘ୍ୟ ଅର୍ପଣ ପରିଡ଼ା, କୋଚ୍ ପ୍ରଶାନ୍ତ ଜେନା ପ୍ରମୁଖ ସାତ୍ତ୍ୱିକଙ୍କୁ ଶୁଭେଚ୍ଛା ଜଣାଇଛନ୍ତି।

# ସିରିଜ ବଞ୍ଚାଇବା ଲକ୍ଷ୍ୟରେ ଟିମ୍ ଇଣ୍ଡିଆ

ବେଲ୍‌ଫାଷ୍ଟ, ୨୭।୬ (ଏଜେନ୍ସି): ଆୟର୍ଲାଣ୍ଡ ଗସ୍ତରେ ଥିବା ଭାରତୀୟ ପୁରୁଷ କ୍ରିକେଟ୍ ଦଳ ଏହାର ଅନ୍ତିମ ତଥା ଦ୍ୱିତୀୟ ଟି-୨୦ ମ୍ୟାଚ୍ ରବିବାର ଖେଳିବ। ସ୍ଥାନୀୟ ସିଭିଲ ସର୍ଭିସ କ୍ରିକେଟ୍ ଗ୍ରାଉଣ୍ଡରେ ସନ୍ଧ୍ୟା ୬ଟାରେ ଏହି ମ୍ୟାଚ୍ ଆରମ୍ଭ ହେବ। ଶୁକ୍ରବାର ଖେଳାଯାଇଥିବା ସିରିଜର ପ୍ରଥମ ମୁକାବିଲାରେ ଘରୋଇ ଆୟର୍ଲାଣ୍ଡ ୩୪ ରନରେ ଭାରତକୁ ହରାଇ ଐତିହାସିକ ବିଜୟ ଲାଭ କରିଥିଲା। ଟି-୨୦ ଇତିହାସରେ ଭାରତ ବିପକ୍ଷରେ ଆୟର୍ଲାଣ୍ଡର ଏହା ପ୍ରଥମ ବିଜୟ ଥିଲା। ଘରୋଇ ଦଳ ଏବେ ରବିବାର ଦ୍ୱିତୀୟ ମ୍ୟାଚରେ ମଧ୍ୟ ଆଉ ଏକ ବିପର୍ଯ୍ୟୟ ଘଟାଇବା ଲକ୍ଷ୍ୟରେ ରହିଛି। ଯଦି ଆୟର୍ଲାଣ୍ଡ ବିଜୟୀ ହୁଏ ତେବେ ସିରିଜ ମଧ୍ୟ କବଜା କରିବ। ଯାହାକି ଶ୍ରେୟସ ଆୟରଙ୍କ ନେତୃତ୍ୱାଧୀନ ଟିମ୍ ଇଣ୍ଡିଆ ପାଇଁ ଏକ ବଡ଼ ଝଟକା ହେବ। ଆୟରଙ୍କ ନେତୃତ୍ୱରେ ପ୍ରଥମଥର ଲାଗି ଟି-୨୦ ଖେଳୁଥିବା ଭାରତ ଏବେ ସମ୍ମାନ ବଞ୍ଚାଇବା ଲାଗି ଆପ୍ରାଣ ଉଦ୍ୟମ କରିବ। ପ୍ରଥମ ମ୍ୟାଚରେ ଆୟରଙ୍କ ସହ ସଞ୍ଜୁ ସାମସନ, ଇଶାନ କିଶାନ, ତିଳକ ବର୍ମା ପ୍ରମୁଖ ନିରାଶ କରିଥିଲେ। ଅଭିଷେକ ଶର୍ମା ୫୦ ରନର ଦ୍ରୁତ ପାଳି ଖେଳିଥିଲେ। ତେଣୁ ସିରିଜ ବଞ୍ଚାଇବାକୁ ହେଲେ ଏବେ ଆଗଧାଡ଼ିର ବ୍ୟାଟରଙ୍କଠୁ ବଡ଼ ଇନିଂସ ଦଳ ଆବଶ୍ୟକ କରୁଛି। ସେହିଭଳି ୧୫ ବର୍ଷୀୟ ଯୁବ ଓପନର ବୈଭବ ସୂର୍ଯ୍ୟବଂଶୀଙ୍କୁ ଏହି ମ୍ୟାଚରେ ପଦାର୍ପଣ କରିବାର ସୁଯୋଗ ମିଳିପାରେ।

**ଆଜି ଦ୍ୱିତୀୟ ଟି-୨୦**

**ଆରମ୍ଭ: ସନ୍ଧ୍ୟା ୬ଟା**

**ପ୍ରସାରଣ: ସୋନି ସ୍ପୋର୍ଟ୍ସ ନେଟ୍‌ୱର୍କ**

# ଅଞ୍ଜୁ ବବି ଜର୍ଜଙ୍କ ୨୨ ବର୍ଷର ରେକର୍ଡ ଭାଙ୍ଗିଲା



ଭୁବନେଶ୍ୱର, ୨୭।୬ (ସମିସ): ଆଇକନିକ କଳିଙ୍ଗ ଷ୍ଟାଡିୟମରେ ଚାଲିଥିବା ୬୫ତମ ଆନ୍ତଃ-ରାଜ୍ୟ ସିନିଅର ଆଥଲେଟିକ ଚାମ୍ପିଅନସିପ୍‌ର ଚତୁର୍ଥ ଦିବସ ଖେଳରେ ଶନିବାର ଏକାଧିକ ଜାତୀୟ ରେକର୍ଡ ସୃଷ୍ଟି ହୋଇଛି। ମହିଳା ଲଙ୍ଗ ଜମ୍ପରେ କେରଳର ଆନ୍ସି ସୋଜାନ ୬.୮୮ ମିଟର ଦୂରକୁ ଲମ୍ଫ ପ୍ରଦାନ କରି ନୂଆ ରେକର୍ଡ କରିବା ସହ ସ୍ୱର୍ଣ୍ଣ ପଦକ ଜିତିଥିଲେ। ଫଳରେ କିମ୍ବଦନ୍ତୀ ଅଞ୍ଜୁ ବବି ଜର୍ଜଙ୍କ ନାମରେ ରହିଥିବା ୨୨ ବର୍ଷ ତଳର ପୁରୁଣା ଜାତୀୟ ରେକର୍ଡ ଭଙ୍ଗ ହୋଇଛି। ୨୦୦୪ ଏଥେନ୍ସ ଅଲିମ୍ପିକ୍ସରେ ଅଞ୍ଜୁ ୬.୮୩ ମିଟର ଲମ୍ଫ ପ୍ରଦାନ କରିଥିଲେ। ଅଞ୍ଜୁଙ୍କ ଏହି ଜାତୀୟ ରେକର୍ଡ ୨୨ ବର୍ଷ ଧରି ବଳବତ୍ତର ରହିଥିଲା। ୨୫ ବର୍ଷୀୟା ଆନ୍ସି ଏହାକୁ ଆଜି ଭାଙ୍ଗିଛନ୍ତି। ଅପରପକ୍ଷରେ ୨୦୦ ମିଟର ପରେ ୧୦୦ ମିଟରରେ ମଧ୍ୟ ଓଡ଼ିଶାର ଅନିମେଶ କୁଜୁର ସ୍ୱର୍ଣ୍ଣିମ ସଫଳତା ପାଇଛନ୍ତି। ଶନିବାର ସେ ୧୦୦ ମିଟର ରେସ୍‌କୁ ୧୦.୨୮ ସେକେଣ୍ଡରେ ଫିନିସ୍ କରି ପ୍ରଥମ ସ୍ଥାନରେ ରହିଥିଲେ।

# ଅଷ୍ଟ୍ରେଲିଆକୁ ହରାଇ ସେମିଫାଇନାଲ ଲକ୍ଷ୍ୟରେ ଭାରତ

## ଆଇସିସି ମହିଳା ଟି-୨୦ ବିଶ୍ୱକପ୍

ଲଣ୍ଡନ, ୨୭।୬ (ଏଜେନ୍ସି):

ଇଂଲଣ୍ଡରେ ଚାଲିଥିବା ଆଇସିସି ମହିଳା ଟି-୨୦ ବିଶ୍ୱକପ୍‌ର ଗ୍ରୁପ ପର୍ଯ୍ୟାୟ ମୁକାବିଲା ଚୂଡ଼ାନ୍ତ ପର୍ଯ୍ୟାୟରେ ଉପନୀତ ହୋଇଛି। ରବିବାର ଗ୍ରୁପ୍ ପର୍ଯ୍ୟାୟ ଶେଷ ହେବ। ଅନ୍ତିମ ଦିବସରେ ଭାରତ-ଅଷ୍ଟ୍ରେଲିଆ ଏବଂ ଦକ୍ଷିଣ ଆଫ୍ରିକା-ବାଂଲାଦେଶ ମଧ୍ୟରେ ଗୁରୁତ୍ୱପୂର୍ଣ୍ଣ ମ୍ୟାଚ୍ ଖେଳାଯିବ। ଏହି ଦୁଇଟି ମ୍ୟାଚ୍ ସହ ଗ୍ରୁପ୍-ଏ'ରୁ କେଉଁ ଦୁଇଟି ଦଳ ସେମିଫାଇନାଲକୁ ଉନ୍ନୀତ ହେବ ତାହା ସ୍ପଷ୍ଟ ହେବ। ଅଷ୍ଟ୍ରେଲିଆ ମହିଳା ଦଳ ୪ଟି ମ୍ୟାଚରୁ ୪ ବିଜୟ ସହ ୮ ପଏଣ୍ଟ ପାଇ ଗ୍ରୁପ୍ ଶୀର୍ଷରେ ରହି ଏକପ୍ରକାର ସେମିରେ ସ୍ଥାନ ସୁଦୃଢ଼ କରିଛି। ସେହିଭଳି ଭାରତ ଓ ଦକ୍ଷିଣ ଆଫ୍ରିକା ୪ଟି ମ୍ୟାଚରୁ ୩ଟି ଲେଖାଏ ବିଜୟ ସହ ୬ ପଏଣ୍ଟ ପାଇଛନ୍ତି। କିନ୍ତୁ ଉନ୍ନତ ରନରେଟ୍ ଯୋଗୁ ଦକ୍ଷିଣ ଆଫ୍ରିକା (+୦.୭୩୪)କୁ ପଛରେ ପକାଇ ଭାରତ (+୨.୨୬୮) ଦ୍ୱିତୀୟ ସ୍ଥାନରେ ରହିଛି। ସେମିଫାଇନାଲରେ ପ୍ରବେଶ ଲାଗି ଉଭୟ ଭାରତ ଓ ଦକ୍ଷିଣ ଆଫ୍ରିକା ଆଶାବାଦୀ ରହିଛନ୍ତି। ଉଭୟ ନିଜ ନିଜର ଶେଷ ମ୍ୟାଚରେ ବିଜୟୀ ହୋଇ ସେମିଫାଇନାଲରେ ପ୍ରବେଶ କରିବାକୁ ଲକ୍ଷ୍ୟ ରଖିଛନ୍ତି। ଦକ୍ଷିଣ ଆଫ୍ରିକା ପାଇଁ ଶେଷ ମ୍ୟାଚରେ ବିଜୟ ସହଜ ମନେ ହେଉଛି। କିନ୍ତୁ ରେକର୍ଡ ଛଅଥରର ବିଜେତା ଅଷ୍ଟ୍ରେଲିଆକୁ ହରାଇବା ଭାରତ ପାଇଁ କଷ୍ଟସାଧ୍ୟ ହେବ। ହରମନପ୍ରୀତ୍ କୌରଙ୍କ ଦଳ ଯଦି ଏହି ମ୍ୟାଚରେ ପରାଜୟବରଣ କରେ ତେବେ ଦକ୍ଷିଣ ଆଫ୍ରିକା-ବାଂଲାଦେଶ ମ୍ୟାଚର ଫଳାଫଳ ଉପରେ ସେମିଫାଇନାଲ ଖେଳିବା ନିର୍ଭର କରିବ।

**ଆଜିର ମ୍ୟାଚ**

ଦ. ଆଫ୍ରିକା ବନାମ ବାଂଲାଦେଶ

ମ୍ୟାଚ୍ ଆରମ୍ଭ: ଅପରାହ୍ଣ ୩ଟା

ଭାରତ ବନାମ ଅଷ୍ଟ୍ରେଲିଆ

ମ୍ୟାଚ୍ ଆରମ୍ଭ: ରାତି ୭ଟା

ପ୍ରସାରଣ : ଷ୍ଟାର ସ୍ପୋର୍ଟ୍ସ, ଜିଓହଟ୍‌ଷ୍ଟାର




PRINTED & PUBLISHED BY AMIT KUMAR MALLICK FOR 'THE SAKALA' A UNIT OF NANDIGHOSHA NETWORK PRIVATE LIMITED IN ITS PRESS AT IDCO PLOT NO.90 & 91, BHAGABANPUR INDUSTRIAL ESTATE, BHUBANESWAR-751019, DIST: KHORDHA, ODISHA

କାର୍ଯ୍ୟନିର୍ବାହୀ ସମ୍ପାଦକ : ସମରେନ୍ଦୁ ଦାସ
EXECUTIVE EDITOR: SAMARENDU DAS